# ଈଶ୍ୱରଙ୍କ ପଲର ତତ୍ତ୍ୱାବଧାନ ନିମନ୍ତେ
# ପାଳକୀୟ ଆହ୍ୱାନ

**ପୋର୍ଟେବଲ୍ ସ୍କୁଲ୍ ପାଇଁ**
**ଦୁଇଶତ ପାଠ୍ୟକ୍ରମ**

ଏହି ପୁସ୍ତକ ଓଡିଶା ପୋର୍ଟେବଲ୍ ସ୍କୁଲ୍ ମୁଭ୍‌ମେଣ୍ଟ୍ ଦ୍ୱାରା ମୁଦ୍ରିତ ।

ଥେଲ୍‌ମା ବ୍ରାଉନ୍
ସମ୍ପାଦିତ

## Called to Shepherd God's People
200 Class outlines for Portable Bible Schools

PORTABLE BIBLE SCHOOL MANUAL (ODIA)
1st Print 1993  2000 copies
2nd Print 2002  2000 copies
3rd Print 2012
4th Print 2013

*To Willys,*
*who fathered Zaire's*
*Portable School Movement*
*and our three wondeful sons,*
*and who brought creativity and joy*
*to our life ministry in Africa*

Oriya Translation of :
Called to Shepherd God's People
200 Class outlines for Portable Bible Schools
Edited by : Thelma Braun

Published by : AIDA, New Delhi, India.
November 2013
Copyright © AIDA
Association for International Discipleship Advancement,
Post Box No. 7530, Vasant Kunj, New Delhi - 110 070

**NOT FOR SALE**
For Private Circulation Only.

# ସୂଚୀପତ୍ର

ମୁଖବନ୍ଧ

ପୂର୍ବାଭାଷ

ବାଇବଲର ପୁସ୍ତକ ସମୂହ

ବାଇବଲର ତତ୍ତ୍ୱ ସମୂହ

ପ୍ରଚାର ପଦ୍ଧତି

ଈଶ୍ୱରଙ୍କ ପଲର ତତ୍ତ୍ୱାବଧାନ

ପବିତ୍ର ଜୀବନ ଯାପନ

ଆନୁଷ୍ଠାନିକ ସମ୍ପର୍କ

ବିବ୍ଲିଓଗ୍ରାଫି

# ମୁଖବନ୍ଧ

ପ୍ରାୟ ——— ବର୍ଷ ତଳେ ଏହି ପୁସ୍ତକ ପ୍ରଥମ ଥର ପାଇଁ ଇଂରାଜୀ ଭାଷାରୁ ଓଡିଆ ଭାଷାରେ ଅନୁବାଦ କରାଯାଇ ରାଜ୍ୟ ବ୍ୟାପୀ ବ୍ୟବହାର କରାଯାଇଛି । "ଓଡିଶା ଯୋଜନା" ଏକ ରାଜ୍ୟ ଯୋଜନା ଯାହା ୧୯୯୨ ରୁ ୧୯୯୭ ପର୍ଯ୍ୟନ୍ତ ଏକ ପଞ୍ଚ ବାର୍ଷିକ ଯୋଜନା ଭାବେ ମଣ୍ଡଳୀଗୁଡିକୁ ଦ୍ୱିଗୁଣିତ କରିବା ଲକ୍ଷ୍ୟ ନେଇ କାର୍ଯ୍ୟ କରିଛି । ମଣ୍ଡଳୀ ଦ୍ୱିଗୁଣିତ ହୋଇ ନ ଥିଲେ ମଧ୍ୟ ସେହି ପାଞ୍ଚ ବର୍ଷ ମଧ୍ୟରେ ମଣ୍ଡଳୀ ବୃଦ୍ଧି ହୋଇଛି । ୧୯୯୭ ମସିହାରେ ଦୈନିକ ସମ୍ବାଦ ପତ୍ର 'ସମାଜ' ରେ ପ୍ରକାଶ ହୋଇଥିଲା ଯେ, ଓଡିଶାରେ ପ୍ରାୟ ୭୦,୦୦୦ ଖ୍ରୀଷ୍ଟିୟାନ ସଂଖ୍ୟା ବୃଦ୍ଧି ପାଇଛି । ଏହାର ହିସାବ ସରକାରୀ ଭାବେ ପ୍ରକାଶ କରାଯାଇଥିଲା । ସରକାରଙ୍କ ଆକଳନ ତ୍ରୁଟିପୂର୍ଣ୍ଣ ହୋଇଥାଇପାରେ, ତେବେ ଯେଉଁମାନେ ପୋର୍ଟେବଲ୍ ସ୍କୁଲ୍ ଚଳାଇଛନ୍ତି, ସେମାନେ ନିଶ୍ଚିତ ଭାବେ ଏକମତ ହେବେ ଯେ, ସେମାନଙ୍କ ମଣ୍ଡଳୀଗୁଡିକ ବୃଦ୍ଧି ହୋଇଛି । ଆଶା କରେ ଏହାର ଉପଯୁକ୍ତ ବ୍ୟବହାର ଦ୍ୱାରା ପୁଣି ଥରେ ମଣ୍ଡଳୀ ବୃଦ୍ଧିର ଢେଉ ଓଡିଶାକୁ ମାଡି ଆସିବ । ମଣ୍ଡଳୀ ବିଶ୍ୱାସୀ ବିଶ୍ୱାସିନୀମାନଙ୍କୁ ଖ୍ରୀଷ୍ଟଙ୍କ ସୁସମାଚାର କାର୍ଯ୍ୟରେ ନିଯୁକ୍ତି ଦେବା ପୂର୍ବରୁ ଏହି ବହିରେ ଉଲ୍ଲେଖ ବିଷୟମାନ ଥରେ ମଣ୍ଡଳୀକୁ ଶିକ୍ଷା ଦିଅନ୍ତୁ, ଏହା ହିଁ ମୋର ବିନମ୍ର ଅନୁରୋଧ ।

ଧନ୍ୟବାଦ ।

ବିଶପ୍ ଡି.ବି. ହୃଦୟ

# ପୂର୍ବାଭାଷ

ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ଅନୁଗମନକାରୀଗଣ, ଯେଉଁମାନେ ଗ୍ରାମ ଓ ସହରଗୁଡିକରେ ପ୍ରଭୁଙ୍କର ଆବଶ୍ୟକତା ଉପଲବ୍ଧି କରୁଥିବା ଲୋକମାନଙ୍କ ନିକଟରେ ସେବାକାର୍ଯ୍ୟ କରିବା ନିମନ୍ତେ ତାହାଙ୍କର ଆହ୍ୱାନ ପାଇଛନ୍ତି, ସେହି ବିଶେଷ ଦଳର ଲୋକମାନଙ୍କ ନିମନ୍ତେ ଏହି ପୁସ୍ତକଟି ପ୍ରସ୍ତୁତ କରାଯାଇଅଛି। ପ୍ରଭୁ ଆପଣମାନଙ୍କୁ ଯେଉଁ କାର୍ଯ୍ୟ ନିମନ୍ତେ କଢାଇ ଆଣିଛନ୍ତି, ସେଥି ନିମନ୍ତେ ବାକ୍ୟ ଅଧ୍ୟୟନ, କାର୍ଯ୍ୟ ଓ ପ୍ରାର୍ଥନାର ସହିତ ସୁସଜ୍ଜିତ ହେବା ପାଇଁ ଆଠ ସପ୍ତାହକୁ ଆପଣମାନେ ପୃଥକ୍ କରିଅଛନ୍ତି । ଆପଣମାନେ ଅତି ବିଶେଷ ଲୋକ ଅଟନ୍ତି ।

ଏହି ପୁସ୍ତକରେ ୨୦୦ଟି ପାଠ ରହିଛି । ପ୍ରତ୍ୟେକ ଦିନ ୫ ଘଣ୍ଟା ଲେଖାଏଁ ଅଧ୍ୟୟନ କରି ୪୦ ଦିନରେ ଶ୍ରେଣୀରେ ସେଗୁଡିକୁ ସମାପ୍ତ କରାଯିବ । ଏହି ଆଠ ସପ୍ତାହ ପାଇଁ ଆମେ ତଳ ଲିଖିତ କାର୍ଯ୍ୟସୂଚୀ ପରାମର୍ଶ କରୁଅଛୁ ।

| | |
|---|---|
| ୦୮.୦୦ - ୦୮.୫୦ | ବାଇବଲର ପୁସ୍ତକସମୂହ |
| ୦୮.୫୦ - ୦୯.୪୦ | ବାଇବଲର ମୌଳିକ ଶିକ୍ଷା |
| ୦୯.୪୦ - ୧୦.୩୦ | ପ୍ରଚାର ପଦ୍ଧତି |
| ୧୦.୩୦ - ୧୦.୫୦ | ବିରତି |
| ୧୦.୫୦ - ୧୧.୪୦ | ପାଳକୀୟ ଦାୟିତ୍ୱ |
| ୧୧.୪୦ - ୧୨.୩୦ | ପବିତ୍ର ଜୀବନଯାପନ, ପ୍ରଥମ ୪ ସପ୍ତାହ,<br>ଦ୍ୱିତୀୟ ୪ ସପ୍ତାହ "ବ୍ୟକ୍ତିଗତ ସୁସମାଚାର ପ୍ରଚାର" |

ଅପରାହ୍ନ ଓ ସଂନ୍ଧ୍ୟା ସମୟରେ ପାଠ ଅଧ୍ୟୟନ ଓ ଶ୍ରେଣୀ ପ୍ରସଙ୍ଗ ଆଲୋଚନା କରାଯିବ ଏବଂ ଅଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ ଏହି ଯେ, ପାଠଗୁଡିକୁ ବ୍ୟବହାରିକ କ୍ଷେତ୍ରରେ ପ୍ରୟୋଗ କରି ସ୍କୁଲ୍‌ର ଆଖପାଖ ଅଞ୍ଚଳରେ ଥିବା ହଜାଆତ୍ମାଗଣଙ୍କୁ ଲାଭ କରିବା ସକାଶେ ବ୍ୟବହାର କରାଯିବ । ଏହା ଦିନର ଅତି ମହତ୍ୱପୂର୍ଣ୍ଣ ସମୟ ହୋଇପାରିବ ।

ଆମେ ଏଠାରେ ଏକ ସତର୍କବାଣୀ ଦେଉଅଛୁ । କେତେକ ପାଠ ଅତି ଦୀର୍ଘ କିମ୍ବା ଅତି କଷ୍ଟ ମନେ ହୋଇପାରେ । ସେଗୁଡିକ ଗୋଟିଏ ଘଣ୍ଟାର ଅଧ୍ୟୟନ ସମୟ ମଧ୍ୟରେ ପ୍ରତ୍ୟେକ ଯତଃର ସହିତ ବୁଝିବାକୁ ହେବ । ସେହି ପାଠକୁ ପରବର୍ତ୍ତୀ ଦିନର ଶ୍ରେଣୀକୁ ନେଇ ଯିବା ପାଇଁ ପ୍ରଲୋଭନ ଆସିବ । କିନ୍ତୁ ଯେହେତୁ ୨୦୦ ଘଣ୍ଟା ନିମନ୍ତେ ପାଠଗୁଡିକ ଯଥୋଚିତ ଭାବରେ କରାଯାଇଅଛି ଏବଂ ଏହି ୨୦୦ ଘଣ୍ଟାର ପ୍ରତ୍ୟେକ ଘଣ୍ଟା ଅତି ଗୁରୁତ୍ୱପୂର୍ଣ୍ଣ, ତେଣୁ ଏପରି କରିବା ସମ୍ଭବ ହେବ ନାହିଁ । ଯଦି କୌଣସି ପାଠ ଅସମାପ୍ତ ରହିଯାଏ, ଅପରାହ୍ନ ସମୟରେ ତାହା ସମାପ୍ତ କରି ଦିଅନ୍ତୁ ଏବଂ ପରବର୍ତ୍ତୀ ଦିନ ନୂଆ ପାଠ ପାଇଁ ସମସ୍ତେ ପ୍ରସ୍ତୁତ ହୁଅନ୍ତୁ । ପରମେଶ୍ୱରଙ୍କର ଆଶ୍ଚର୍ଯ୍ୟ ବାକ୍ୟ ଅଧ୍ୟୟନ ଓ ତାହାଙ୍କ ରାଜକୀୟ ସେବା ନିମନ୍ତେ ନିଜକୁ ପ୍ରସ୍ତୁତ କରିବା ପାଇଁ ଏହି ପୃଥକୀକୃତ ୪୦ ଦିନ ଆପଣମାନଙ୍କ ଜୀବନର ଏକ ଅତି ଉତ୍ତମ ଦିନ ସମୂହ ହୋଇପାରେ । ଆମର ପ୍ରାର୍ଥନା ଯେ, ଏହା ସତ୍ୟରେ ପରିଣତ ହେବ ଏବଂ ସାର୍ଟିଫିକେଟ୍ ଗ୍ରହଣ ପରେ ଆପଣମାନେ ଶିକ୍ଷା କରିଥିବା ସମସ୍ତ ବିଷୟ ବ୍ୟବହାରିକ କ୍ଷେତ୍ରରେ ପ୍ରୟୋଗ କରି ପ୍ରଭୁଙ୍କର ସେବାକାର୍ଯ୍ୟ କରିବେ । ପୁଣି କେତେକଙ୍କୁ ପରିତ୍ରାଣ ନିମନ୍ତେ ଏବଂ ଅନ୍ୟମାନଙ୍କୁ ମଣ୍ଡଳୀ ଅଭିବୃଦ୍ଧି ତଥା ପ୍ରଭୁଙ୍କ ସହିତ ସହଭାଗିତା ନିମନ୍ତେ କଢାଇ ନେବେ ।

# 1

# ବାଇବଲର ପୁସ୍ତକ ସମୂହ

## ଭୂମିକା

ବାଇବଲର ୬୬ଟି ପୁସ୍ତକ ଆଠ ସପ୍ତାହ ମଧ୍ୟରେ ଅଧ୍ୟୟନ କରି ତା' ଉପରେ ଦକ୍ଷତା ଅର୍ଜନ କରିବା ନିମନ୍ତେ ଏହା ଅତି ସଂକ୍ଷିପ୍ତ ସମୟ, ଏପିରିକି ପୃଥିବୀର ସବୁଠାରୁ ଅଧିକ ବୟସ୍କ ବ୍ୟକ୍ତିର ସୁଦୀର୍ଘ ଜୀବନ ମଧ୍ୟ ଏହି ଉଦ୍ଦେଶ୍ୟରେ ସମ୍ପୂର୍ଣ୍ଣ ସଂକ୍ଷିପ୍ତ । କିନ୍ତୁ ଏହାର ପ୍ରତିଟି ପୃଷ୍ଠାରେ ଭରି ରହିଥିବା ଧନର ଆସ୍ୱାଦ କରିବା ଏବଂ ପ୍ରତିଦିନ ଅଧିକ ଅନ୍ୱେଷଣ କରିବା ନିମନ୍ତେ ଅଭ୍ୟାସ ଆରମ୍ଭ କରିବା ଏହି ପାଠ୍ୟକ୍ରମ ମାଧ୍ୟମରେ ସମ୍ଭବ ଅଟେ । ଈଶ୍ୱରଙ୍କ ବାକ୍ୟରେ ଲେଖାଯାଏ, "ସତ୍ୟ ବାକ୍ୟ ବ୍ୟବହାର କରି ଈଶ୍ୱରଙ୍କ ନିକଟରେ ଆପଣାକୁ ପରୀକ୍ଷାସିଦ୍ଧ ଦେଖାଇବାକୁ ଯତ୍ନ କର" (୨ତିମଥି ୨:୧୫) । ଆପଣ ଯେତେ ଅଧିକ ରୂପେ ଏହି ପୁସ୍ତକ ସହିତ ପରିଚିତ ହେବେ, ସେତେ ରୂପେ ଆପଣ ଏହି ପୁସ୍ତକ ଓ ତା'ର ଲେଖକଙ୍କୁ ପ୍ରେମ କରିବେ ଏବଂ ତାହା ଆପଣଙ୍କ ଜୀବନ ଓ ସେବାକାର୍ଯ୍ୟକୁ ଅକଥନୀୟ ପ୍ରେମରେ ପରିପୂର୍ଣ୍ଣ କରିଦେବ ।

ଏହି ବିଷୟବସ୍ତୁ ପ୍ରସ୍ତୁତ କରିବା ନିମନ୍ତେ ତିନୋଟି ପୁସ୍ତକର ସାହାଯ୍ୟ ନିଆଯାଇଛି । ସେଗୁଡିକ ହେଲା Henrietta C. Mears ଙ୍କ What the Bible is all about, J.Verron MCGeeଙ୍କ Briefing the Bible ଏବଂ John Bal chinଙ୍କର The Compact Survey of the Bible; ଏ ପୁସ୍ତକଗୁଡିକର ସ୍ୱତନ୍ତ୍ର ଭାବେ ଅଧ୍ୟୟନ କଲେ ସେବାକାର୍ଯ୍ୟର ପ୍ରସ୍ତୁତିରେ ବିଶେଷ ସହାୟକ ହୋଇପାରିବ ।

# ପ୍ରଥମ ଭାଗ : ପୁରାତନ ନିୟମର ପୁସ୍ତକ
## ପାଠ ୧ - ପରିଚୟ

ବାଇବଲ ମନୁଷ୍ୟମାନଙ୍କ ନିମନ୍ତେ ଈଶ୍ୱରଙ୍କ ଇଚ୍ଛାର ଲିଖିତ ପରିପ୍ରକାଶ ଅଟେ । ଏହାର ମୁଖ୍ୟ ବିଷୟବସ୍ତୁ ହେଉଛି ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ପରିତ୍ରାଣ । ବାଇବଲରେ ୬୬ଟି ପୁସ୍ତକ ଅଛି । ଏହା ୪୦ ଜଣ ଲେଖକଙ୍କ ଦ୍ୱାରା ୧୬୦୦ ବର୍ଷ ମଧ୍ୟରେ ରଚନା କରାଯାଇଛି । ପୁରାତନ ନିୟମଟି ମୁଖ୍ୟତଃ ଏବ୍ରୀ ଭାଷାରେ ଓ ନୂତନ ନିୟମ ଗ୍ରୀକ୍ ଭାଷାରେ ରଚନା କରାଯାଇଥିଲା । ଏହି ଲେଖକମାନେ ବିଭିନ୍ନ ପ୍ରକାର ଅର୍ଥାତ୍ କେହି କେହି ରାଜା ଓ ରାଜପୁତ୍ର, କେହି କେହି କବି ଓ ଦାର୍ଶନିକ, ପୁଣି କେହି କେହି ଭାବବାଦୀ ଓ ରାଜଦୂତ ଥିଲେ । କେତେକ ଲୋକ ଉଚ୍ଚ ଶିକ୍ଷିତ ବ୍ୟକ୍ତି ଥିଲାବେଳେ ଅନ୍ୟ କେତେଜଣ ଅପାଠୁଆ ମାଛ ଧରାଳୀ ଥିଲେ ।

ଆମ ବିଦ୍ୟାଳୟର ଏହି ପ୍ରଥମ ମାସରେ ଆମେ ପୁରାତନ ନିୟମକୁ ନେଇ ଅଧ୍ୟୟନ କରିବା । ଏହି ପୁରାତନ ନିୟମ ୩୯ ଟି ପୁସ୍ତକକୁ ନେଇ ଗଠିତ । ପୁଣି ନିମ୍ନ ଲିଖିତ ବିଷୟଗୁଡିକ ଉପରେ ଆଧାରିତ ।

ବ୍ୟବସ୍ଥା – ୫ଟି ପୁସ୍ତକ
ଐତିହାସିକ – ୧୨ ଟି ପୁସ୍ତକ
କାବ୍ୟ – ୫ଟି ପୁସ୍ତକ
ଭାବବାଣୀ – ୧୭ ଟି ପୁସ୍ତକ (୫ଟି ମୁଖ୍ୟ ଓ ୧୨ଟି କ୍ଷୁଦ୍ର)
ବାଇବଲ ମନୁଷ୍ୟଜାତି ନିମନ୍ତେ ସବୁଠାରୁ ବଡ ତଥ୍ୟମୂଳକ ପୁସ୍ତକ ଅଟେ । ଏହା ପଢିବା, ଅଧ୍ୟୟନ କରିବା, ବିଶ୍ୱାସ କରିବା ଏବଂ ଏହି ପୁସ୍ତକର ବାଧ୍ୟ ହେବା ଆବଶ୍ୟକ ଅଟେ ।

## ପାଠ ୨ - ଆଦି ପୁସ୍ତକ

ବାଇବଲର ପ୍ରଥମ ୫ଟି ପୁସ୍ତକ ମୋଶାଙ୍କ ଦ୍ୱାରା ଲିଖିତ ଏବଂ ଏହାକୁ ବ୍ୟବସ୍ଥା ପୁସ୍ତକ କୁହାଯାଏ । ଆଦି ଶବ୍ଦର ଅର୍ଥ ଉତ୍ପତ୍ତି ବା ଜନ୍ମ । ଆଦି ପୁସ୍ତକ ବିଭିନ୍ନ ବିଷୟର ଉତ୍ପତ୍ତି ପୁସ୍ତକ ଅଟେ, ଅର୍ଥାତ୍ ପୃଥିବୀର ଉତ୍ପତ୍ତି (୧:୧-୨୫), ମନୁଷ୍ୟ ଜାତିର ଉତ୍ପତ୍ତି (୧:୨୬-୨୭), ଜଗତରେ ପାପର ଉତ୍ପତ୍ତି (୩:୧-୭), ଉଦ୍ଧାର –ଯୋଜନାର ଉତ୍ପତ୍ତି (୩:୮-୨୪) ପାରିବାରିକ ଜୀବନର ଉତ୍ପତ୍ତି (୪:୧-୧୫), ମନୁଷ୍ୟକୃତ ସଭ୍ୟତାର ଉତ୍ପତ୍ତି (୪:୧୬-୯-୨୯), ଜାତି ସମୂହର ଉତ୍ପତ୍ତି (୧୦,୧୧) ଏବଂ ଏବ୍ରୀ ଜାତିର

ଉତ୍ପତ୍ତି ( ୧ ୨-୫୦) ।ଆଦି ପୁସ୍ତକ ମନୁଷ୍ୟର ବିଫଳତାର ଏକ ଇତିହାସ ।ଏହା ଈଶ୍ୱରଙ୍କ ସହ ଆରମ୍ଭ ହୁଏ ଏବଂ କବର ସହିତ ଶେଷ ହୁଏ । ନିମ୍ନରେ ଏହି ପୁସ୍ତକକୁ ମୁଖ୍ୟତଃ ୨ ଭାଗରେ ବିଭକ୍ତ କରାଯାଇଛି ।

୧ **ପୃଥିବୀରେ ପାପର ପ୍ରବେଶ ୧-୧୧ ଅଧ୍ୟାୟ**

(କ) ସୃଷ୍ଟି – ୧,୨ ଅଧ୍ୟାୟ
(ଖ) ପତନ - ୩,୪ ଅଧ୍ୟାୟ
(ଗ) ଜଳ ପ୍ଳାବନ - ୫-୯ ଅଧ୍ୟାୟ
(ଘ) ବାବିଲ ଗଡ ଏବଂ ଭାଷାର ଭେଦ - ୧୦,୧୧

୨ **ମୁକ୍ତିକର୍ତ୍ତାଙ୍କ ଅଧ୍ୟାୟ ଆଗମନର ପ୍ରସ୍ତୁତି ୧୨-୫୦**

(କ) ଅବ୍ରହାମ, ବିଶ୍ୱାସର ମାନବ ୧୨-୧୩ ଅଧ୍ୟାୟ
(ଖ) ଇସ୍‌ହାକ୍, ପ୍ରିୟ ପୁତ୍ର ୨୪-୨୬ ଅଧ୍ୟାୟ
(ଗ) ଯାକୁବ, ସଦାପ୍ରଭୁଙ୍କ ଦ୍ୱାରା ସ୍ନେହଁ ଓ ଶିକ୍ଷାପ୍ରାପ୍ତ ୨୭-୩୬ ଅଧ୍ୟାୟ
(ଘ) ଯୋଷେଫ, କଷ୍ଟ ସହ୍ୟ କରି ସୁଦ୍ଧା ଈଶ୍ୱରଙ୍କ ପ୍ରତି ବିଶ୍ୱସ୍ତ ୩୭-୫୦

## ପାଠ ୩ - ଯାତ୍ରା ପୁସ୍ତକ

'ଯାତ୍ରା' ପୁସ୍ତକର ଅର୍ଥ ବହିର୍ଗମନ
କେବଳ ସତୁରି ଜଣ ବ୍ୟକ୍ତି ମିଶର ଦେଶକୁ ଯାଇଥିଲେ । କିନ୍ତୁ ଯେତେବେଳେ ସେମାନେ ମିଶର ପରିତ୍ୟାଗ କଲେ, ସେତେବେଳେ ସେମାନେ ନିୟୁତ ସଂଖ୍ୟା ବିଶିଷ୍ଟ ଏକ ଜାତିରେ ପରିଣତ ହୋଇଥିଲେ । ଆଦି ପୁସ୍ତକ ମନୁଷ୍ୟର ବିଫଳତା ବର୍ଣ୍ଣନା କରେ । ଯାତ୍ରା ପୁସ୍ତକ ସାର୍ବଭୌମ ଈଶ୍ୱରଙ୍କର ଉଦ୍ଧାର କାର୍ଯ୍ୟ ବିଷୟରେ ସୂଚନା ଦିଏ । ଏହା ଅନ୍ଧକାର ଓ ନୈରାଶ୍ୟତା ସହ ଆରମ୍ଭ ହୋଇ ଗୌରବ ମଧ୍ୟରେ ଶେଷ ହୁଏ । ଯାତ୍ରା ୧୨ ଅଧ୍ୟାୟରେ ଆମେ ନିସ୍ତାରପର୍ବର ଏକ ଉତ୍ତେଜନାମୂଳକ ରୋମାଞ୍ଚକର ବିବରଣୀ ପାଉ, ଯାହାକି ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ପାତିତ ରକ୍ତରେ ବିଶ୍ୱାସ ଦ୍ୱାରା ଆତ୍ମମାନଙ୍କର ବ୍ୟକ୍ତିଗତ ପରିତ୍ରାଣର ପୁରାତନ ନିୟମରେ ଦତ୍ତ ସବୁଠାରୁ ସ୍ପଷ୍ଟ ଚିତ୍ର ।
ଯାତ୍ରା ପୁସ୍ତକର ଭାଗ ବିଭାଗ ନିମ୍ନ ପ୍ରକାରେ କରାଯାଏ –

୧) ଈଶ୍ୱର ଜଣେ ମୁକ୍ତିକର୍ତ୍ତା ମୋଶାଙ୍କୁ ପ୍ରସ୍ତୁତ କରନ୍ତି । ୧-୧୧ ଅଧ୍ୟାୟ
୨) ରକ୍ତ ଏବଂ ଶକ୍ତି ଦ୍ୱାରା ଉଦ୍ଧାର ୧୨-୧୪ ଅଧ୍ୟାୟ
୩) ସୀନୟ ପର୍ବତକୁ ଯାତ୍ରା, ଲୋକମାନଙ୍କୁ ଆତ୍ମିକ ଶିକ୍ଷା ପ୍ରଦାନ ୧୫-୧୮ ଅଧ୍ୟାୟ

୪) ବ୍ୟବସ୍ଥା ଯାହାକି ଈଶ୍ୱରଙ୍କ ଦର୍ପଣ ପ୍ରଦାନ ଏହା ଆମର ଅତ୍ୟଧିକ ପାପ ପୂର୍ଣ୍ଣତାକୁ ଦେଖାଏ ୧୯-୨୪ ଅଧ୍ୟାୟ

୫) ସମାଗମ ତମ୍ବୁର ନକ୍ସା ଓ ନିର୍ମାଣ, ତାଙ୍କ ଲୋକମାନଙ୍କ ନିକଟରେ ଈଶ୍ୱରଙ୍କ ଉପସ୍ଥିତିର ନିଦର୍ଶନ ୨୫-୪୦ ଅଧ୍ୟାୟ

## ପାଠ ୪ – ଲେବୀୟ ପୁସ୍ତକ, ଗଣନା ପୁସ୍ତକ ଏବଂ ଦ୍ୱିତୀୟ ବିବରଣ

ଲେବୀୟ ପୁସ୍ତକ - ଏହା ଏକ ଚିତ୍ର ପୁସ୍ତକ ଭାବେ ଇଶ୍ରାୟେଲୀୟ ସନ୍ତାନଗଣର ଧର୍ମନୈତିକ ତାଲିମରେ ସାହାଯ୍ୟ କରେ, ଏହି ପୁସ୍ତକର ପ୍ରତ୍ୟେକଟି ଚିତ୍ର ଯୀଶୁ ଖ୍ରୀଷ୍ଟଙ୍କର କାର୍ଯ୍ୟ ପ୍ରତି ଲକ୍ଷ୍ୟମୂଳକ ; ଏହାକୁ ପ୍ରାୟଶ୍ଚିତ୍ତର ପୁସ୍ତକ ମଧ୍ୟ କୁହାଯାଏ ।'ସଠିକ୍ ଅବସ୍ଥାକୁ ଫେରିଯାଅ' - ବଳିଦାନଗୁଡିକର ଏହି ଲକ୍ଷ୍ୟଗୁଡିକ ଆମେ ଦେଖିପାରୁ, ପ୍ରାୟ ପାଞ୍ଚ ପ୍ରକାରର ବଳିଦାନ ପରିଲକ୍ଷିତ ହୁଏ ।ସେ ଗୁଡିକ ହେଲା – ହୋମ ବଳି, ଭକ୍ଷ ନୈବେଦ୍ୟ, ମଙ୍ଗଳାର୍ଥକ ବଳି, ପାପାର୍ଥକ ବଳି ଏବଂ ଦୋଷାର୍ଥକ ବଳି । 'ସଠିକ୍ ଅବସ୍ଥାରେ ରୁହ' - ପର୍ବ ଗୁଡିକରେ ଏହି ଲକ୍ଷ୍ୟ ଆମେ ଦେଖିପାରୁଛୁ ।

ପ୍ରାୟ ୮ ପ୍ରକାରର ପର୍ବ ପାଳନ କରାଯାଏ । ଯଥା – ବିଶ୍ରାମବାର, ନିସ୍ତାରପର୍ବ, ପେଣ୍ଟିକଷ୍ଟ, ତୂରୀବାଦନ, ପ୍ରାୟଶ୍ଚିତ, ପତ୍ରକୁଟୀର, ପବିତ୍ର ସଭାର ବର୍ଷ, ଜୁବୁଲି ବର୍ଷ ଇତ୍ୟାଦି । ଏହି ବଳିଦାନ ସମୂହରେ ରକ୍ତ ଦ୍ୱାରା ପରିତ୍ରାଣ ପ୍ରାପ୍ତି ଓ ଏହି ପର୍ବଗୁଡିକରେ ଖାଦ୍ୟ ଦ୍ୱାରା ଶକ୍ତି ଆହରଣ ପରିଲକ୍ଷିତ ହୁଏ ।

**ଗଣନା ପୁସ୍ତକ** – ସୀନୟଠାରୁ କିଣାନର ଅର୍ଥାତ୍ ପ୍ରତିଜ୍ଞାତ ଦେଶର ପ୍ରାନ୍ତରରେ ଭ୍ରମଣର ଏକ ବିବରଣୀ । ଏହାକୁ ମଧ୍ୟ ବଚସାର ପୁସ୍ତକ କୁହାଯାଏ । ଏହାର ମୁଖ୍ୟ ବିକେନ୍ଦ୍ରୀକରଣର ଚିନ୍ତାଧାରା ଶୃଙ୍ଖଳା ଅଟେ ।ଗଣନା ପୁସ୍ତକରେ ବିଶ୍ୱାସୀର ଯାତ୍ରା ବିଷୟ ବର୍ଣ୍ଣନା କରାଯାଏ । ୧-୧୦ ଅଧ୍ୟାୟ ଐଶରୀୟ ବ୍ୟବସ୍ଥା ପ୍ରଦାନ କରେ । ୧୧-୨୦ ଅଧ୍ୟାୟ ଏହି ଜାତିର ପତନର କାହାଣୀ ବର୍ଣ୍ଣନା କରେ । ୨୧-୩୬ ଅଧ୍ୟାୟରେ ପୁନର୍ବାର ସଦାପ୍ରଭୁଙ୍କ ଅନୁଗ୍ରହ ନିକଟକୁ ଇଶ୍ରାୟେଲ ଜାତିର ପ୍ରତ୍ୟାବର୍ତ୍ତନ ଓ ପ୍ରାନ୍ତରରେ ଶେଷ ବିଜୟ ବର୍ଣ୍ଣନା କରାଯାଏ । ଏହି ପୁସ୍ତକରେ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିମାନଙ୍କର ନାମ – ମୋଶା, ହାରୋଣ, ମରିୟମ, ଯିହୋଶୂୟ ଏବଂ କାଲେବ ।

**ଦ୍ୱିତୀୟ ବିବରଣ** – ଏହ ସ୍ମରଣିକା ପୁସ୍ତକ ।ଇଶ୍ରାୟେଲ ସନ୍ତାନଗଣ ନିମନ୍ତେ ମୋଶାଙ୍କର ବିଦାୟକାଳୀନ ବକ୍ତବ୍ୟ ଏବଂ ଗୀତସମୂହ ଏଥିରେ ସଂଗୃହୀତ । ଏହି ପୁସ୍ତକରେ ଉଭୟ ବାଧ୍ୟତାର ଆଶୀର୍ବାଦ ଏବଂ ଅବାଧ୍ୟତାର ଅଭିଶାପ ଦର୍ଶାଯାଏ । ଏହି ପୁସ୍ତକର ଘଟନାବଳୀ କେବଳ ଦୁଇ ମାସର ସମୟସୀମା ମଧ୍ୟରେ ସୀମିତ ଏବଂ ମୋଶାଙ୍କ ନିମନ୍ତେ ତିରିଶି ଦିନର ଶୋକ ଏହି ଦୁଇ ମାସରେ ଅନ୍ତର୍ଭୁକ୍ତ ।ଯୀଶୁ ଅନେକ ସମୟରେ ଦ୍ୱିତୀୟ

ବିବରଣର ବିଭିନ୍ନ ଅଂଶ ଉଦ୍ଧୃତ କରିଥିଲେ । ଶୟତାନକୁ ଉତ୍ତର ଦେବା ନିମନ୍ତେ ଯୀଶୁ ଦ୍ୱିତୀୟ ବିବରଣର ବାକ୍ୟ ବ୍ୟବହାର କରିଥିଲେ । ଏହି ପୁସ୍ତକ ଜଗତରେ ସ୍ୱର୍ଗର ସ୍ୱାଦ ଅନୁଭବ କରିବା ପାଇଁ ସାହାଯ୍ୟ କରେ ।

**ସମୀକ୍ଷା** - ଆଦି ପୁସ୍ତକରେ ଆମେ ମନୁଷ୍ୟ ବିନଷ୍ଟ ହେବାର ଦେଖୁ ; ଯାତ୍ରା ପୁସ୍ତକରେ ମନୁଷ୍ୟ ଉଦ୍ଧାର ପାଇବା, ଲେବୀୟ ପୁସ୍ତକରେ ମନୁଷ୍ୟ ଉପାସନା କରିବା, ଗଣନା ପୁସ୍ତକରେ ମନୁଷ୍ୟ ସେବା କରିବା ଓ ଦ୍ୱିତୀୟ ବିବରଣରେ ମନୁଷ୍ୟ ବାଧ୍ୟ ହେବା ନିମନ୍ତେ ଶିଖିବା ଦେଖିପାରୁ ।

## ପାଠ ୫ - ଯିହୋଶୂୟ, ବିଚାରକର୍ତ୍ତା ଏବଂ ରୂତ

ଯିହୋଶୂୟ ପୁସ୍ତକ – ଐତିହାସିକ ପୁସ୍ତକଗୁଡିକର ଆରମ୍ଭ କରେ । ଏହା ଆତ୍ମିକ ସତ୍ୟ, ପ୍ରେରଣା ଓ ଜ୍ଞାନରେ ପରିପୂର୍ଣ୍ଣ । ମୋଶାଙ୍କର ମୃତ୍ୟୁ ହୋଇଯାଇଥିଲା, ସତ, କିନ୍ତୁ ଇଶ୍ରାୟେଲ ଜାତି ଆଗେଇ ଯାଇଥିଲେ । ମୋଶା ଯାହା ଆରମ୍ଭ କରିଥିଲେ, ଯିହୋଶୂୟ ତାହା ଶେଷ କରିଥିଲେ । ଏହି ମହାନ୍ ନେତାଙ୍କର ପୁସ୍ତକକୁ ଦୁଇ ଭାଗରେ ବିଭକ୍ତ କରାଯାଏ ।

୧) ପ୍ରତିଜ୍ଞାତ ଦେଶର ଅଧିକାର ୧-୧୨ ଅଧ୍ୟାୟ

୨) ପ୍ରତିଜ୍ଞାତ ଦେଶର ବସତି ସ୍ଥାପନ ୧୩-୨୪ ଅଧ୍ୟାୟ

**ବିଚାରକର୍ତ୍ତା ପୁସ୍ତକ** - ଇଶ୍ରାୟେଲ ଜାତିର ଏକ ଅନ୍ଧକାର ଯୁଗର ବିବରଣୀ । ସେମାନେ ଈଶ୍ୱରଙ୍କୁ ପରିତ୍ୟାଗ କଲେ (୨ : ୨୩), ବିଚାରକର୍ତ୍ତା ପୁସ୍ତକ ଇଶ୍ରାୟେଲ ଜାତିର ମହାନ୍ ନେତା ଯିହୋଶୂୟଙ୍କ ମୃତ୍ୟୁଠାରୁ ଆରମ୍ଭ କରି ଶାଉଲଙ୍କ ସିଂହାସନ ଆରୋହଣ ସମୟର ଘଟନାବଳୀ ବର୍ଣ୍ଣନା କରେ । ଏହି ପ୍ରତିଜ୍ଞାତ ଦେଶରେ ପ୍ରଥମ ୩୫୦ ବର୍ଷ ପର୍ଯ୍ୟନ୍ତ କୌଣସି ରାଜା ନ ଥିଲେ । ପ୍ରତ୍ୟେକ ମନୁଷ୍ୟ ନିଜ ଦୃଷ୍ଟିରେ ଯାହା ଯଥାର୍ଥ ଦେଖାଗଲା, ତାହା କଲା ! ଏହି ଚିନ୍ତାଧାରା ସମଗ୍ର ପୁସ୍ତକ ମଧ୍ୟରେ ଆମେ ଦେଖିପାରୁଛୁ । ଏହି ପୁସ୍ତକ ମନୁଷ୍ୟର ନିରନ୍ତର ବିଫଳତା ଏବଂ ଈଶ୍ୱରଙ୍କ ନିରନ୍ତର ଦୟା ବର୍ଣ୍ଣନା କରେ । ଏହି ପୁସ୍ତକର ଭାଗ ବିଭାଗ ଏପ୍ରକାର ଭାବେ କରାଯାଇଥାଏ । ସପ୍ତସ୍ୱଧର୍ମ ତ୍ୟାଗ, ସପ୍ତ ବିଜାତୀୟ ଜାତି ନିକଟରେ ସପ୍ତ ଦାସତ୍ୱ ଏବଂ ସପ୍ତ ଉଦ୍ଧାର ।

**ରୂତ ପୁସ୍ତକ** - ଆମକୁ ଆମର ବନ୍ଧୁ – ଉଦ୍ଧାରକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ବିଷୟରେ ଆଭାସ ଦିଏ । ବିଚାରକର୍ତ୍ତା - ପୁସ୍ତକର ଗାଢ଼ କୃଷ୍ଣବର୍ଣ୍ଣ ପରିବେଶ ଉପରେ ଏହା ଏକ ଉଜ୍ଜଳ ଚିତ୍ର ଓ ଖ୍ରୀଷ୍ଟ ଏବଂ ତାହାଙ୍କ ମଣ୍ଡଳୀର ଏକ ସୁନ୍ଦର ଚିତ୍ର ପ୍ରଦାନ କରେ । ଏହା ଗିଦିୟୋନ୍ କିମ୍ବା ଯିପ୍ତହଙ୍କ ଶାସନ ସମୟର ଘଟନାବଳୀ ବର୍ଣ୍ଣନା କରେ । ରୂତ ଦାଉଦଙ୍କର ମାତାମହୀ

ଖ୍ରୀଷ୍ଟଙ୍କର ପୂର୍ବପୁରୁଷ ଥିଲେ । ଏହି ପୁସ୍ତକ ମଶୀହ ପରିବାରର ଆରମ୍ଭ ଏବଂ ଜାତି ବିଷୟରେ ଆଭାସ ଦିଏ । ରୂତ ମୋୟାବ ଦେଶ ପ୍ରବାସୀ ଥିଲେ ଯେଉଁମାନେ କି ଲୋଟଙ୍କର ଏକ ବଂଶଧର ଏକ ଦେବପୂଜକ ଜାତି ଥିଲେ । ଖ୍ରୀଷ୍ଟଙ୍କ ପରିବାର ମଧ୍ୟରେ ବିଜାତୀୟମାନଙ୍କୁ ଗ୍ରହଣ କରିବା ନିମନ୍ତେ ଏହା ଈଶ୍ୱରଙ୍କ ଅନୁଗ୍ରହର ସ୍ୱଷ୍ଟ ଚିତ୍ର ।

## ପାଠ ୬ - ପ୍ରଥମ ଓ ଦ୍ୱିତୀୟ ଶାମୁୟେଲ

**ପ୍ରଥମ ଶାମୁୟେଲ –** ୬ଟି ରାଜକୀୟ ପୁସ୍ତକ ମଧ୍ୟରୁ ପ୍ରଥମ ଶାମୁୟେଲ ପ୍ରଥମ । ଶାମୁୟେଲର, ରାଜାବଳୀର ଏବଂ ବଂଶାବଳୀର ଦୁଇଟି ଲେଖାଏଁ ପୁସ୍ତକ ଅଛି । ପ୍ରଥମ ଶାମୁୟେଲ ପୁସ୍ତକରେ ବର୍ଣ୍ଣିତ ଘଟନାଗୁଡିକ ଶାମୁୟେଲଙ୍କ ଠାରୁ ଆରମ୍ଭ କରି ଶାଉଲଙ୍କ ସମୟର ସମାସ୍ୟାପୂର୍ଣ୍ଣ ଅବସ୍ଥା ଦେଇ ଦାଉଦଙ୍କ ରାଜତ୍ୱର ଆରମ୍ଭ ପର୍ଯ୍ୟନ୍ତ ପ୍ରାୟ ୧୧୫ ବର୍ଷର ଘଟନାବଳୀ । ଏହି ପୁସ୍ତକକୁ ଏଥିରେ ଥିବା ତିନୋଟି ମୁଖ୍ୟ ଚରିତ୍ରଙ୍କ ଅନୁଯାୟୀ ଭାଗ ବିଭାଗ କରାଯାଇଥାଏ ।

୧) ଈଶ୍ୱରଙ୍କର ଭବିଷ୍ୟତ ବକ୍ତା ଶାମୁୟେଲ ୧-୭ ଅଧ୍ୟାୟ
୨) ଈଶ୍ୱରଙ୍କର ଅବାଧ୍ୟ ରାଜା ଶାଉଲ ଓ ବିଫଳତା ୮-୧୫ ଅଧ୍ୟାୟ
୩) ଈଶ୍ୱରଙ୍କ ବ୍ୟକ୍ତି ଦାଉଦ ୧୬-୩୧ ଅଧ୍ୟାୟ

**ଦ୍ୱିତୀୟ ଶାମୁୟେଲ** - ପ୍ରଥମ ଶାମୁୟେଲରେ ମନୁଷ୍ୟମାନଙ୍କର ରାଜା ଶାଉଲଙ୍କର ବିଫଳତାର ବର୍ଣ୍ଣନା କରାଯାଏ । ଦ୍ୱିତୀୟ ଶାମୁୟେଲରେ ଈଶ୍ୱରଙ୍କର ମନୋନୀତ ବ୍ୟକ୍ତି ଦାଉଦଙ୍କର ସିଂହାସନ ଆରୋହଣ ଏବଂ ପରବର୍ତ୍ତୀ କାଳରେ ମଶୀହ ଜନ୍ମ ନେବାକୁ ଥିବା ଦାଉଦଙ୍କ ଗୃହର ପ୍ରତିଷ୍ଠା ବର୍ଣ୍ଣନା କରାଯାଏ । ଦାଉଦ ଈଶ୍ୱରଙ୍କର ଜଣେ ମନର ମତ ବ୍ୟକ୍ତି ଥିଲେ । ସେ ସିଦ୍ଧ ନ ଥିଲେ, କିନ୍ତୁ ଯେତେବେଳେ ଭୁଲ୍ କରିଥିଲେ, ସେତେବେଳେ ଅନୁତାପ କରୁଥିଲେ । ସେ ଏକାଧାରରେ ମେଷପାଳକ, ଦରବାର ସଙ୍ଗୀତଜ୍ଞ, ସୈନ୍ୟ, ଉତ୍ତମ ବନ୍ଧୁ, ବିତାଡିତ ଦଳପତି, ରାଜା, ସୈନ୍ୟ ବିଭାଗର ମୁଖ୍ୟ, ସ୍ନେହୀ ପିତା, କବି, ପାପୀ ଓ ଭଗ୍ନ ହୃଦୟଧାରୀ ବୃଦ୍ଧ ବ୍ୟକ୍ତି, କିନ୍ତୁ ସବୁ ଅବସ୍ଥାରେ ଈଶ୍ୱରପ୍ରେମୀ ଥିଲେ । ଏହି ପୁସ୍ତକକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ ।

୧) ଦାଉଦଙ୍କର ବିଜୟ ୧-୧୦ ଅଧ୍ୟାୟ
୨) ଦାଉଦଙ୍କର ସମାସ୍ୟା ୧୧-୨୪ ଅଧ୍ୟାୟ

## ପାଠ ୭ - ପ୍ରଥମ ଓ ଦ୍ୱିତୀୟ ରାଜାବଳୀ

ଏହି ପୁସ୍ତକଗୁଡିକ ଶାମୁୟେଲଙ୍କ ପୁସ୍ତକଦ୍ୱୟର କ୍ରମାନୁବର୍ତ୍ତୀ ପୁସ୍ତକ । ଏହି ପୁସ୍ତକଗୁଡିକରେ ଇଶ୍ରାୟେଲ ରାଜ୍ୟର ଉତ୍ଥାନ, ପତନ ଏବଂ ବିଭାଜନ - ଏହିପରି ପ୍ରାୟ ୪୦୦ ବର୍ଷର

ଇତିହାସ ବର୍ଣ୍ଣନା କରାଯାଏ । ଦକ୍ଷିଣ ରାଜ୍ୟ ଅର୍ଥାତ୍ ଯିହୂଦା ରାଜ୍ୟର ପ୍ରାୟ ୨୦ ଜଣ ରାଜା ଏବଂ ଉତ୍ତର ରାଜ୍ୟ ଅର୍ଥାତ୍ ଇଶ୍ରାୟେଲ ରାଜ୍ୟରେ ପ୍ରାୟ ୧୯ ଜଣ ରାଜା ଶାସନ କରିଥିଲେ । ଉଭୟ ଯିହୂଦା ଏବଂ ଇଶ୍ରାୟେଲ ରାଜ୍ୟ ନିବାସୀମାନେ ନିର୍ବାସିତ ହୋଇଥିଲେ । ୧ମ ରାଜାବଳୀରେ ଏଲିୟ ଈଶ୍ୱରଙ୍କ ନିମନ୍ତେ ବିଚାର ଏବଂ ଉଭୟଙ୍କ ସମୟର ଭବିଷ୍ୟଦ୍‌ବକ୍ତା ରୂପେ ଦୃଢତାର ସହ ବାକ୍ୟ ପ୍ରଚାର କରିବାର ଆମେ ଦେଖିପାରୁ ଏବଂ ୨ୟ ରାଜାବଳୀରେ ଦୟା ଓ ଅନୁଗ୍ରହର ଭବିଷ୍ୟଦ୍ ବକ୍ତା ରୂପେ ଇଲୀଶାୟ ଭବିଷ୍ୟଦ୍ ବକ୍ତାଙ୍କୁ ଦେଖିପାରୁ । ଏହି ପୁସ୍ତକ ଦ୍ୱୟର ଭାଗ ବିଭାଗ ନିମ୍ନ ପ୍ରକାରେ କରାଯାଇପାରେ ।

୧) ଦାଉଦଙ୍କ ମୃତ୍ୟୁ, ୧ମ ରାଜାବଳୀ ୧-୨ ଅଧ୍ୟାୟ
୨) ଶଲୋମନଙ୍କ ରାଜତ୍ୱର ଗୌରବ ୧ମ ରାଜାବଳୀ ୩-୧୧
୩) ରାଜ୍ୟର ବିଭାଗ ୧ମ ରାଜାବଳୀ ୧୨-୨ୟ ରାଜାବଳୀ ୧୬ ଅଧ୍ୟାୟ
୪) ଅଶୂରୀୟମାନଙ୍କ ଦ୍ୱାରା ଇଶ୍ରାୟେଲ ଜାତିର ବନ୍ଦୀତ୍ୱ ୨ୟ ରାଜାବଳୀ ୧୭
୫) ବାବିଲୋନ ଦ୍ୱାରା ଯିହୂଦା ରାଜ୍ୟର ପତନ ଓ ବନ୍ଦୀତ୍ୱ ୨ୟ ରାଜାବଳୀ ୧୮-୨୫

## ପାଠ ୮ - ପ୍ରଥମ ଓ ଦ୍ୱିତୀୟ ବଂଶାବଳୀ

ରାଜାବଳୀ ପୁସ୍ତକରେ ବର୍ଣ୍ଣିତ ବିଷୟଗୁଡିକ ବଂଶାବଳୀ ପୁସ୍ତକରେ ଦେଖିବାକୁ ମିଳେ, କିନ୍ତୁ ଏକ ଭିନ୍ନ ଦୃଷ୍ଟିକୋଣରେ ରାଜାବଳୀ ପୁସ୍ତକରେ ଜାତିର ଇତିହାସ ରାଜସିଂହାସନରୁ ବର୍ଣ୍ଣିତ । କିନ୍ତୁ ବଂଶାବଳୀରେ ଏହା ବେଦୀଠାରୁ ବର୍ଣ୍ଣିତ । ରାଜାବଳୀର ବର୍ଣ୍ଣନାରୁ ମୁଖ୍ୟ ସ୍ଥାନ ରାଜ ପ୍ରାସାଦ କିନ୍ତୁ ବଂଶାବଳୀରେ ମନ୍ଦିର । ରାଜାବଳୀରେ ରାଜନୈତିକ ଦୃଷ୍ଟିକୋଣରୁ ଇତିହାସ ବର୍ଣ୍ଣିତ କିନ୍ତୁ ବଂଶାବଳୀରେ ଧର୍ମନୈତିକ ଦୃଷ୍ଟିକୋଣରୁ ଇତିହାସ ବର୍ଣ୍ଣିତ । ରାଜାବଳୀରେ ମନୁଷ୍ୟର ଦୃଷ୍ଟିକୋଣରୁ ଦେଖାଯାଏ କିନ୍ତୁ ବଂଶାବଳୀ ଈଶ୍ୱରଙ୍କ ଦୃଷ୍ଟିକୋଣରୁ ବର୍ଣ୍ଣିତ । ୨ୟ ବଂଶାବଳୀରେ ୫ଟି ବିଶେଷ ଉଦ୍ଦୀପନାର ବର୍ଣ୍ଣନା କରାଯାଏ । ଆସାଙ୍କ ରାଜତ୍ୱରେ ୧୫ ଅଧ୍ୟାୟ, ଯିହୋଶାଫଟଙ୍କ ରାଜତ୍ୱରେ ୨୦ ଅଧ୍ୟାୟ, ଯୋୟାଶଙ୍କ ରାଜତ୍ୱରେ ୨୩-୨୪ ଅଧ୍ୟାୟ, ହିଜକିୟଙ୍କ ରାଜତ୍ୱରେ ୨୯-୩୧ ଅଧ୍ୟାୟ ଏବଂ ଯୋଶିୟଙ୍କ ରାଜତ୍ୱରେ ୩୫ ଅଧ୍ୟାୟ ।

**୧ମ ବଂଶାବଳୀର ଭାଗ ବିଭାଗ**

୧) ବଂଶାବଳୀ ୧-୯ ଅଧ୍ୟାୟ
୨) ଶାଉଲଙ୍କ ରାଜତ୍ୱ ୧୦ ଅଧ୍ୟାୟ
୩) ଦାଉଦଙ୍କ ରାଜତ୍ୱ ୧୧-୨୯ ଅଧ୍ୟାୟ

**୨ୟ ବଂଶାବଳୀର ଭାଗ ବିଭାଗ**

୧) ଶଲୋମନଙ୍କ ରାଜତ୍ୱ ୧-୯ ଅଧ୍ୟାୟ

୨) ରାଜ୍ୟ ବିଭକ୍ତ ହେବା ଓ ଯିହୂଦାର ଇତିହାସ ୧୦-୩୬ ଅଧ୍ୟାୟ

## ପାଠ ୯ – ଏଜ୍ରା, ନିହିମିୟା, ଏଷ୍ଟର

ବାବିଲୋନକୁ ନିର୍ବାସନ ପରେ ଈଶ୍ୱରଙ୍କ ମନୋନୀତ ଲୋକମାନଙ୍କ ପ୍ରତ୍ୟାବର୍ତ୍ତନର ଘଟନାବଳୀ ଏଜ୍ରା ଏବଂ ନିହିମିୟା ପୁସ୍ତକରେ ବର୍ଣ୍ଣନା କରାଯାଏ । ଏଜ୍ରା ଜଣେ ଯାଜକ ଏବଂ ନିହିମିୟା ଜଣେ ସାଧାରଣ ବ୍ୟକ୍ତି ଥିଲେ । ଇଶ୍ରାୟେଲ ସନ୍ତାନଗଣର ପ୍ରଥମ ଯାତ୍ରା ମୋଶାଙ୍କ ନେତୃତ୍ୱରେ ମିଶର ଠାରୁ ହୋଇଥିଲା । ଦ୍ୱିତୀୟ ଯାତ୍ରା ବାବିଲୋନ୍‌ଠାରୁ ଏଜ୍ରାଙ୍କ ନେତୃତ୍ୱରେ ହୋଇଥିଲା । କେତେକ ଯିହୂଦୀ ପ୍ରତ୍ୟାବର୍ତ୍ତନ କରି ସାରିଥିଲେ ଏବଂ ଏଜ୍ରା ଯେତେବେଳେ ଯିରୁଶାଲମରେ ପହଞ୍ଚିଲେ, ସେ ଯିରୁଶାଲମର ଅବସ୍ଥା ତାଙ୍କ କଳ୍ପନା ଠାରୁ ମଧ୍ୟ ଅଧିକ ଶୋଚନୀୟ ବୋଲି ଦେଖିବାକୁ ପାଇଲେ । ଯିହୂଦୀମାନେ ସେଠାସ୍ଥିତ ବିଜାତୀୟ କନ୍ୟାମାନଙ୍କୁ ବିବାହ କରି ଜୀବନଯାପନ କରୁଥିଲେ ଏବଂ ବିଜାତୀୟମାନଙ୍କଠାରୁ ଶିକ୍ଷା କରିଥିବା ଅନେକ ବିଷୟ ଅନୁସରଣ କରିଥିଲେ (୯:୧-୧୪) । ଏଜ୍ରା ଦୁଃଖରେ ମ୍ରିୟମାଣ ହୋଇପଡିଥିଲେ (୯:୫-୧୫) । ପରେ ଲୋକମାନେ ତାଙ୍କ ନିକଟରେ ଏକତ୍ରିତ ହେଲେ ଏବଂ ନିଜ ନିଜ ପାପର ଭୟଙ୍କରତା ବିଷୟରେ ସଚେତନ ହେଲେ (୧୦:୧-୪୪) । ଏଜ୍ରା ସେମାନଙ୍କୁ ତତ୍‌କ୍ଷଣାତ୍ ଈଶ୍ୱରଙ୍କ ସହ ଏକ ପବିତ୍ର ସମ୍ପର୍କ ସ୍ଥାପନ କରିବା ନିମନ୍ତେ ଆଗେଇ ନେଇଯାଇଥିଲେ ।

**ନିହିମିୟା –** ଏଜ୍ରାଙ୍କ ୧୩ ବର୍ଷ ପରେ ନିହିମିୟା ଯିରୁଶାଲମରେ ପହଞ୍ଚିଥିଲେ । ପାରସ୍ୟ ରାଜାଙ୍କ ଦକ୍ଷତାର ସହ ସେ ଯିରୁଶାଲମ ପାଚେରୀ ନିର୍ମାଣ କରିବାକୁ ଆସିଥିଲେ । ସେ ପ୍ରକୃତରେ ଜଣେ କୁଶଳୀ ଯନ୍ତ୍ରୀ ଥିଲେ ଏବଂ ବିଭିନ୍ନ ବାଧାବିଘ୍ନ ସତ୍ତ୍ୱେ ୫୨ ଦିନ ମଧ୍ୟରେ ଏହି କାର୍ଯ୍ୟ ସମାପ୍ତ ହୋଇଥିଲା ।

ଏହି ଦୁଇଟି ପୁସ୍ତକର ଭାଗ ବିଭାଗ ଏପ୍ରକାର :

୧) ଯିରୁବ୍ବାବିଲଙ୍କ ନେତୃତ୍ୱରେ ବାବିଲୋନକୁ ପ୍ରତ୍ୟାବର୍ତ୍ତନ ଏଜ୍ରା ୧-୬ ଅଧ୍ୟାୟ

୨) ଏଜ୍ରାଙ୍କ ନେତୃତ୍ୱରେ ବାବିଲୋନକୁ ପ୍ରତ୍ୟାବର୍ତ୍ତନ ଏଜ୍ରା ୭-୧୦ ଅଧ୍ୟାୟ

୩) ପାଚେରୀ ପୁନଃନିର୍ମାଣ ନିହିମିୟା ୧-୭ ଅଧ୍ୟାୟ

୪) ପୁନର୍ଜାଗରଣ ଏବଂ ପୁନଃ ସଂସ୍ଥାପନ ନିହିମିୟା ୮-୧୩ ଅଧ୍ୟାୟ

ଏଷ୍ଟର – ଏଷ୍ଟର ପୁସ୍ତକରେ ଈଶ୍ୱରଙ୍କର ନାମ ଲେଖାଯାଏ ନାହିଁ । କିନ୍ତୁ ଏହାର ପ୍ରତ୍ୟେକଟି ପୃଷ୍ଠା ଈଶ୍ୱରଙ୍କ ବିଷୟରେ ପରିପୂର୍ଣ୍ଣ । ପ୍ରତ୍ୟେକଟି ଶବ୍ଦ ତାହାଙ୍କର ପରିଚୟ ଦିଏ । ଏହି

ପୁସ୍ତକ ଈଶ୍ୱରଙ୍କ ଅନୁଗ୍ରହ ବିଷୟରେ ଶିକ୍ଷା ଦିଏ, ଈଶ୍ୱର ଏହି ଜଗତର ନିୟନ୍ତ୍ରଣ କରନ୍ତି। ଏହି ପୁସ୍ତକର ସମସ୍ତ ଘଟଣାବଳୀ ତିନୋଟି ଭୋଜ ସହ ସଂପୃକ୍ତ ।

୧) ପାରସ୍ୟର ରାଜା ଅକ୍ଷଶ୍ୱେରଶଙ୍କ ଭୋଜ, ଯେତେବେଳେ ବଷ୍ଟୀ ରାଣୀ ପ୍ରତ୍ୟାଖ୍ୟାନ କଲେ ଏବଂ ଏଷ୍ଟର ନାମକ ଏକ ପିତୃମାତୃହୀନ ଯୁବତୀକୁ ଆଣି ଅକ୍ଷଶ୍ୱେରଶ୍ୱଙ୍କ ନିକଟରେ ଉପସ୍ଥିତ କରାଗଲା ଓ ସେ ରାଣୀ ହେବା ପଥ ଉନ୍ମୁକ୍ତ ହୋଇଥିଲା । ୧ ଏବଂ ୨ ଅଧ୍ୟାୟ ।

୨) ଏଷ୍ଟରଙ୍କ ଭୋଜ, ଯେଉଁ ସମୟରେ ଯିହୂଦୀମାନଙ୍କର ଶତ୍ରୁ ହାମନ୍ ଧରା ପଡିଥିଲେ ଓ ମୃତ୍ୟୁଦଣ୍ଡରେ ଦୋଷୀ ସାବ୍ୟସ୍ତ ହେଲେ, ମର୍ଦ୍ଦଖୟ ଉଚ୍ଚୀକୃତ ହୋଇଥିଲେ । ୭ ଅଧ୍ୟାୟ ।

୩) ପୂରୀମ୍ ପର୍ବର ଭୋଜ, ଯାହାକି ଯିହୂଦୀମାନେ ଏକ ଭୟଙ୍କର ବିପଦରୁ ଉଦ୍ଧାର ପାଇବା ନିମନ୍ତେ ପାଳନ କରିଥିଲେ , ୯ ଅଧ୍ୟାୟ ।

## ପାଠ ୧୦ - ଆୟୁବ

ଆୟୁବ ପୁସ୍ତକଟି ପାଞ୍ଚୋଟି କବିତା ପୁସ୍ତକଗୁଡିକ ମଧ୍ୟରୁ ପ୍ରଥମ ପୁସ୍ତକ । ଏହି ପୁସ୍ତକସବୁ ହୃଦୟର ଅନୁଭୂତିଗୁଡିକୁ ବର୍ଣ୍ଣନା କରେ । ସମ୍ଭବତଃ ଏହା ବାଇବଲର ସବୁଠାରୁ ପୁରାତନ ପୁସ୍ତକ ; ଧାର୍ମିକ ଲୋକମାନେ କାହିଁକି ଦୁଃଖକଷ୍ଟ ପାଆନ୍ତି – ଏହି ପ୍ରଶ୍ନ ନିମନ୍ତେ ଈଶ୍ୱରଙ୍କର ଉତ୍ତର ଏଠାରେ ଦିଆଯାଏ । ସ୍ୱର୍ଗରେ ଏକ ଦୃଶ୍ୟ ସହିତ ଏହି ପୁସ୍ତକର ଘଟଣାବଳୀ ଆରମ୍ଭ ହୁଏ ଏବଂ ତାପରେ ପ୍ରଚୁରତା ଠାରୁ ଦୀନତା ପର୍ଯ୍ୟନ୍ତ ଆୟୁବଙ୍କର ପତନ ବର୍ଣ୍ଣନା କରାଯାଏ । ଏହାପରେ ଆୟୁବ ଏବଂ ତାଙ୍କ ବନ୍ଧୁମାନଙ୍କର ସବିଶେଷ ଆଲୋଚନା ବର୍ଣ୍ଣନା କରାଯାଏ ।

୧) ସ୍ୱର୍ଗରେ ଏକ ଦୃଶ୍ୟ ସହିତ ଘଟଣାବଳୀର ଆରମ୍ଭ ୧ : ୧ - ୧ ; ୨ : ୧ - ୬ ଏବଂ ପରବର୍ତ୍ତୀ ଘଟଣାବଳୀ ।

୨) ଆୟୁବଙ୍କ ପତନ ପ୍ରଚୁରତାରୁ ଦୀନତା ୧ : ୧୩ - ୨୨ ; ୨ : ୭ - ୧୦

୩) ଆୟୁବ ଏବଂ ତାଙ୍କର ବନ୍ଧୁମାନଙ୍କମଧ୍ୟରେ ଅର୍ଥାତ୍ ଇଲୀଫସ୍, ବିଲ୍‌ଦଦ୍ , ସୋଫର୍ ଏବଂ ଇଲୀହୂଙ୍କର ମଧ୍ୟରେ ସବିଶେଷ ଆଲୋଚନା ୨ : ୧୧ - ୩୭ ; ୨୪

୪) ଶେଷରେ ଈଶ୍ୱର କଥା କହନ୍ତି, ୩୮ - ୪୨ ଅଧ୍ୟାୟ ଈଶ୍ୱର ଆୟୁବଙ୍କୁ ବୁଝାଇ ଦିଅନ୍ତି ଯେ, ମନୁଷ୍ୟ ଯେତେବେଳେ ଈଶ୍ୱରଙ୍କ ପ୍ରତି ଦୃଷ୍ଟିପାତ କରେ, ସେତେବେଳେ କୌଣସି ଏକ ଘଟଣା ଘଟିଥାଏ । ଈଶ୍ୱରଙ୍କର ଲୋକମାନେ ଦୁଃଖ କଷ୍ଟ ପାଆନ୍ତି, କାରଣ ତଦ୍ଦ୍ୱାରା ସେମାନେ ଆତ୍ମସମୀକ୍ଷା କରି ପାରିବେ ଏବଂ ଈଶ୍ୱର ସେମାନଙ୍କୁ ଉଦ୍ଧାର କରିବେ । ଏହି ସମସ୍ତ କଷ୍ଟଭୋଗ ମଧ୍ୟରେ ତାହାଙ୍କର ଏକ ବିଶେଷ ଉଦ୍ଦେଶ୍ୟ ଥାଏ । ସେ ସୁବର୍ଣ୍ଣକୁ ଅଗ୍ନି ଦ୍ୱାରା ବିଶୁଦ୍ଧ କରିବାକୁ ଚାହାନ୍ତି ।

## ପାଠ ୧୧ – ଗୀତସଂହିତା

ଗୀତସଂହିତା ପ୍ରଶଂସା, ପ୍ରାର୍ଥନା ଏବଂ ଉପାସନାର ଏକ ପୁସ୍ତକ । ଗୀତସଂହିତାରେ ଈଶ୍ୱରଙ୍କୁ ଗୌରବାନ୍ୱିତ କରାଯାଏ । ମନୁଷ୍ୟର ପ୍ରତ୍ୟେକଟି ଅନୁଭୂତି ଈଶ୍ୱରଙ୍କ ସହିତ ସଂପୃକ୍ତ । ବିଶ୍ୱାସୀର ଜୀବନ ତା'ର ସମସ୍ତ ପ୍ରକାର ଅନୁଭୂତି, ଅର୍ଥାତ୍ ଆନନ୍ଦ, ଦୁଃଖ, ସଫଳତା ଓ ବିଫଳତା ଦ୍ୱାରା ପ୍ରତିଫଳିତ ହୋଇଥାଏ । ଏହି ଗୀତ ଦ୍ୱାରା ଖ୍ରୀଷ୍ଟଙ୍କ ବିଷୟରେ ପରିପୂର୍ଣ୍ଣ ତାହାଙ୍କର ଦୁଃଖଭୋଗ ଏବଂ ମୃତ୍ୟୁ ବିଷୟ ବର୍ଣ୍ଣନା କରାଯାଏ । କେହି ଜଣେ ବ୍ୟକ୍ତି ବ୍ୟବସ୍ଥା ପୁସ୍ତକ ଅନୁଯାୟୀ ଗୀତସଂହିତାକୁ ଭାଗ ବିଭାଗ କରନ୍ତି ।

୧ - ଆଦି ପୁସ୍ତକ ବିଭାଗ, ଗୀତ ୧-୪୧ ମନୁଷ୍ୟର ଆଶୀର୍ବାଦପ୍ରାପ୍ତ ଅବସ୍ଥାର ଚିତ୍ର ଦିଏ । ପରେ ତା'ର ପତନ ଓ ଉଦ୍ଧାର ବର୍ଣ୍ଣନା କରାଯାଏ ।
୨ - ଯାତ୍ରା ପୁସ୍ତକ ବିଭାଗ, ଗୀତ ୪୨-୭୨, ଇଶ୍ରାୟେଲ ଜାତିର ପତନ ଓ ଉଦ୍ଧାରର ଚିତ୍ର ପ୍ରଦାନ କରେ ।
୩ – ଲେବୀୟ ପୁସ୍ତକ ବିଭାଗ, ଗୀତ ୭୩-୮୯ ଉଭୟ ଅନ୍ଧକାର ଓ ଆଲୋକରେ ଈଶ୍ୱର ଆମର ଆଶ୍ରୟ ଓ ଗଡ ଏହା ଦର୍ଶାଏ ।
୪ – ଗଣନା ପୁସ୍ତକ ବିଭାଗ, ଗୀତ ୯୦-୧୦୬ ଏହି ଅଂଶ ପୃଥିବୀର ବିପଦ ଏବଂ ସୁରକ୍ଷା ବିଷୟରେ ଆଲୋକପାତ କରେ ।
୫ - ଦ୍ୱିତୀୟ ବିବରଣ ବିଭାଗ, ଗୀତ ୧୦୭-୧୫୦ ଏହି ଗୀତଗୁଡିକ ବାକ୍ୟରୂପୀ ଈଶ୍ୱରଙ୍କର ସିଦ୍ଧତା ଓ ପ୍ରଶଂସା ପ୍ରଦର୍ଶନ କରେ ।

## ପାଠ ୧୨ - ହିତୋପଦେଶ, ଉପଦେଶକ ଏବଂ ପରମଗୀତ

ଶଲୋମନ ଜଣେ ମହାନ୍ ରାଜା ଏବଂ ତାଙ୍କର ଜ୍ଞାନ ଓ ଧନ ନିମନ୍ତେ ବିଖ୍ୟାତ ଥିଲେ । ସେ ୩୦୦୦ ହିତୋପଦେଶ ଏବଂ ୧୦୦୫ ଗୀତ ରଚନା କରିଥିଲେ ( ୧ମ ରାଜାବଳୀ ୪ :୩୧ ,୩୨ ) । ଶଲୋମନ ଏକାଧାରରେ ଜଣେ ଦାର୍ଶନିକ, ବୈଜ୍ଞାନିକ, ଏପରି ଏକ ମନ୍ଦିରର ନକ୍ସା ଅଙ୍କନକାରୀ ଯାହାକି ପୃଥିବୀର ଆଶ୍ଚର୍ଯ୍ୟ ବିଷୟମାନ ମଧ୍ୟରୁ ଗୋଟିଏ ଏବଂ ଜଣେ ରାଜା ଥିଲେ । ଏହି ହିତୋପଦେଶ ଜ୍ଞାନମୂଳକ କଥାଗୁଡିକରେ ପରିପୂର୍ଣ୍ଣ । ଏହାର ଭାଗ ବିଭାଗ ନିମ୍ନ ପ୍ରକାରେ କରାଯାଇପାରେ :-

୧ - ଯୁବାମାନଙ୍କ ନିମନ୍ତେ ଉପଦେଶ, ୧-୧୦ ଅଧ୍ୟାୟ

୨ – ସମସ୍ତଙ୍କ ନିମନ୍ତେ ଉପଦେଶ ୧୧-୨୦ ଅଧ୍ୟାୟ

୩ – ରାଜା ଓ ଶାସକମାନଙ୍କ ନିମନ୍ତେ ଉପଦେଶ ୨୧-୩୧ ଅଧ୍ୟାୟ

**ଉପଦେଶକ** – ମନୁଷ୍ୟର ଚିନ୍ତାଧାରା ଏବଂ ପ୍ରାକୃତିକ ଧର୍ମ ଜୀବନର ଲକ୍ଷ୍ୟ ଓ ଅର୍ଥ ବିଷୟରେ ଯେତେ ଦୂର ଆବିଷ୍କାର କରାଯାଇଛି, ତା'ର ଇତିହାସ । ଏହି ପୁସ୍ତକରେ ଦିଆଯାଇଥିବା ଯୁକ୍ତିଗୁଡିକ ଈଶ୍ୱରଙ୍କର ଯୁକ୍ତି ନୁହେଁ , କିନ୍ତୁ ଈଶ୍ୱରଙ୍କ ଦ୍ୱାରା ରଖାଯାଇଥିବା ମନୁଷ୍ୟର ଇତିହାସ । ଏହି ପୁସ୍ତକର ଲେଖକ ଶଲୋମନ ଏବଂ ଈଶ୍ୱରଙ୍କର ସହଭାଗୀତା ବିହୁନେ ତାଙ୍କର ଅନୁଭୂତି ଓ ଚିନ୍ତାଧାରାର ଏକ ନାଟକୀୟ ଆତ୍ମଜୀବନୀ ଏଠାରେ ଲେଖାଯାଇଛି – ଶଲୋମନ ଜ୍ଞାନୀ ହୋଇ ଥାଇପାରନ୍ତି, କିନ୍ତୁ ସେ ନିଜର ବୁଦ୍ଧି ଅନୁସାରେ କାର୍ଯ୍ୟ କଲେ ନାହିଁ । ଏହି ପୁସ୍ତକରେ ସବୁଠାରୁ ଅଧିକ ବ୍ୟବହୃତ ଶବ୍ଦ 'ଅସାର' ଏବଂ 'ସୂର୍ଯ୍ୟ' ଅଟେ ।

**ପରମଗୀତ** - ପରମଗୀତକୁ ଖ୍ରୀଷ୍ଟିୟାନର ପ୍ରେମର ସଙ୍ଗୀତ ମଧ୍ୟ କୁହାଯାଏ । ଏହି ପୁସ୍ତକରେ ଚାରୋଟି ଗୁରୁତ୍ୱପୂର୍ଣ୍ଣ ବିଷୟ ଆମେ ଦେଖିପାରୁ ।

୧) ବୈବାହିକ ପ୍ରେମର ଗୌରବ ଏଥିରେ ପ୍ରକାଶ ପାଏ ।

୨) ଇଶ୍ରାୟେଲ ଜାତି ପ୍ରତି ସଦାପ୍ରଭୁଙ୍କ ପ୍ରେମ ଏଥିରେ ପ୍ରକାଶ ପାଏ ।

୩) ଏହା ଖ୍ରୀଷ୍ଟଙ୍କର ଏବଂ ମଣ୍ଡଳୀର ଏକ ଚିତ୍ର ।

୪) ଏହା ଖ୍ରୀଷ୍ଟ ଏବଂ ବ୍ୟକ୍ତିଗତ ବିଶ୍ୱାସୀ/ବିଶ୍ୱାସିନୀ ମଧ୍ୟରେ ଥିବା ସହଭାଗୀତା ଦର୍ଶାଏ ।

ଖ୍ରୀଷ୍ଟଙ୍କୁ ବ୍ୟକ୍ତିଗତ ଭାବେ ପ୍ରେମ କରିବା ଆଜି ମଣ୍ଡଳୀର ସବୁଠାରୁ ବଡ ଆବଶ୍ୟକତା ।

## ପାଠ ୧୩ - ଯିଶାଇୟ

୧୭ ଟି ଭାବବାଦୀ ପୁସ୍ତିକଗୁଡିକ ମଧ୍ୟରୁ ଏହା ପ୍ରଥମ ପୁସ୍ତକ । ଏହି ଭବିଷ୍ୟଦ୍‌ବକ୍ତାମାନଙ୍କୁ ଈଶ୍ୱର ଇଶ୍ରାୟେଲ ଜାତିର ଇତିହାସର ଅନ୍ଧକାର ଯୁଗରେ ଉତ୍ପନ୍ନ କରିଥିଲେ । ଭବିଷ୍ୟଦ୍‌ବକ୍ତାମାନଙ୍କର ସମୟ ଖ୍ରୀ.ପୂ. ନବମ ଶତାବ୍ଦୀଠାରୁ ଚତୁର୍ଥ ଶତାବ୍ଦୀ ପର୍ଯ୍ୟନ୍ତ, ଅର୍ଥାତ୍ ପ୍ରାୟ ୫୦୦ ବର୍ଷ ବ୍ୟାପୀ ଏହି ଭବିଷ୍ୟଦ୍‌ବକ୍ତାମାନେ ନିର୍ଭୀକ ଭାବେ ଉଭୟ ରାଜାମାନଙ୍କ ଓ ଜନତା ସମ୍ମୁଖାରେ ସେମାନଙ୍କର ପାପ ଓ ବିଫଳତା ବିଷୟରେ କହୁଥିଲେ । ଯିଶାଇୟ ପୁସ୍ତକରେ ଆମେ ଦୁଇଟି ସ୍ୱଷ୍ଟ ଅଂଶ ଦେଖିପାରୁ । ପୁସ୍ତକର ପ୍ରଥମ ଭାଗରେ ଭବିଷ୍ୟଦ୍ ବକ୍ତା ଇଶ୍ରାୟେଲ ଜାତିର ଏକ ଚିତ୍ର ପ୍ରଦାନ କରିଛନ୍ତି । ପୁସ୍ତକର ଶେଷ ଭାଗରେ ସେ ଯୀଶୁଙ୍କୁ ଆମର ପାପର ଭାର ବହନକାରୀ ଏବଂ ତା'ପରେ ଖ୍ରୀଷ୍ଟଙ୍କୁ ମହିମାନ୍ୱିତ ଓ ଗୌରବାନ୍ୱିତ କରି ଉପସ୍ଥାପିତ କରନ୍ତି ।

ଯିଶାଇୟ ପୁସ୍ତକକୁ ଏକ କ୍ଷୁଦ୍ର ବାଇବଲ ମଧ୍ୟ କୁହାଯାଏ । ବାଇବଲର ୬୬ଟି ପୁସ୍ତକ ପରି ଏହାର ୬୬ ଟି ପୁସ୍ତକ ଅଛି । ବାଇବଲ ପରି ଏହାର ଦୁଇଟି ମୁଖ୍ୟ ଭାଗ ଅଛି । ପ୍ରଥମ ଭାଗ ପୁରାତନ ନିୟମ ପରି ୩୯ଟି ଅଧ୍ୟାୟକୁ ନେଇ ଗଠିତ ଏବଂ ଦ୍ୱିତୀୟ ଭାଗ ନୂତନ ନିୟମ ପରି ୨୭ଟି ଅଧ୍ୟାୟକୁ ନେଇ ଗଠିତ । ଏହି ପୁସ୍ତକକୁ ଯିଶାଇୟ ଲିଖିତ ସୁସମାଚାର ମଧ୍ୟ କୁହାଯାଏ । ଖ୍ରୀଷ୍ଟଙ୍କର କୁମାରୀ ଗର୍ଭରୁ ଜନ୍ମ, ତାହାଙ୍କର ଚରିତ୍ର, ତାହାଙ୍କର ଜୀବନ, ତାହାଙ୍କର ମୃତ୍ୟୁ, ତାହାଙ୍କର ପୁନରୁତ୍ଥାନ ଏବଂ ତାହାଙ୍କର ଦ୍ୱିତୀୟ ଆଗମନ - ଏସମସ୍ତ ଏଠାରେ ସ୍ପଷ୍ଟ ଓ ନିର୍ଦ୍ଦିଷ୍ଟ ଭାବେ ଉପସ୍ଥାପିତ କରାଯାଇଛି ।

## ପାଠ ୧୪ - ଯିରିମିୟ ଓ ବିଳାପ

ଯିରିମିୟଙ୍କୁ 'ବିଳାପକାରୀ ଭବିଷ୍ୟଦ୍ ବକ୍ତା' କୁହାଯାଏ । ଯେଉଁ ସମ୍ବାଦ ଦେବାକୁ ତାଙ୍କୁ ଆହ୍ୱାନ କରାଯାଇଥିଲା, ତାହା ତାଙ୍କ ହୃଦୟ ମଧ୍ୟ ଭାଙ୍ଗି ପକାଉଥିଲା । ଏହା ସବୁଠାରୁ ଅସ୍ୱାଗତଯୋଗ୍ୟ ସମ୍ବାଦ ଥିଲା । ତାଙ୍କୁ ଜଣେ ବିଶ୍ୱାସଘାତକତା କୁହାଯାଉଥିଲା । କାରଣ ସେ ବାବିଲୋନ ନିକଟରେ ନତ ହେବା ପାଇଁ ଆହ୍ୱାନ ଦେଇଥିଲେ (୩୮:୧୭,୨୩) ] ଇଶ୍ରାୟେଲ ଜାତି ନିମନ୍ତେ କେବଳ ଏକମାତ୍ର ପଥ ଉନ୍ମୁକ୍ତ ଥିଲା - ଆତ୍ମ ସମର୍ପଣ 'ବିଜାତୀୟମାନଙ୍କର ସମୟ' ବାବିଲୋନ ସହ ଆରମ୍ଭ ହୋଇଯାଇଥିଲା ଦାନିୟେଲଙ୍କର ସୁବର୍ଣ୍ଣ ସ୍ୱପ୍ନର ପରିପୂରକ ଭାବେ । ବାବିଲୋନରେ ୭୦ ବର୍ଷର ବନ୍ଦିତ୍ୱ (୨୫:୯-୧୨) ବିଷୟରେ ଯିରିମିୟ ଭାବବାଣୀ ପ୍ରକାଶ କରିଥିଲେ । ଅବଶ୍ୟ ଅନ୍ଧକାରର ପରବର୍ତ୍ତୀ ଅବସ୍ଥାରେ ସେ ଆଲୋକର ସୂଚନା ଦେଖିଥିଲେ ଏବଂ ଅନ୍ୟ କୌଣସି ଭବିଷ୍ୟଦ୍‌ବକ୍ତା ତାଙ୍କ ପରି ଭବିଷ୍ୟଦ୍‌ର ଏତେ ଉଜ୍ଜ୍ୱଳ ଚିତ୍ର ପ୍ରଦାନ କରି ନ ଥିଲେ (୨୩:୩-୮; ୩୦:୩୧; ୩୩:୧୫-୨୨) । ତାଙ୍କର ଲୋକମାନଙ୍କୁ ଈଶ୍ୱର ଦତ୍ତ ଶିକ୍ଷା ଦେବା ସମୟରେ ସେ ଅନେକ ବସ୍ତୁର ଉଦାହରଣ ବ୍ୟବହାର କରିଥିଲେ ଏବଂ ଏପରିକି ତାଙ୍କର ଶତ୍ରୁମାନେ ତାଙ୍କର ମୃତ୍ୟୁ ଦାବି କରିଥିଲେ । ବିଳାପ ପୁସ୍ତକ ମଧ୍ୟ ଯିରିମିୟ ରଚନା କରିଥିଲେ ବୋଲି ଅନୁମାନ କରାଯାଏ । ଏହା ପାଞ୍ଚଟି କବିତା ସମ୍ବଳିତ ଏକ ଅତ୍ୟୁତ୍କୃଷ୍ଟ କବିତା ପୁସ୍ତକ । ଏହା କେବଳ ଦୁଃଖ ନୁହେଁ । ଲୋକମାନଙ୍କର ପାପ ହେତୁ କବିଙ୍କର କ୍ରନ୍ଦନର ବାଦଲ ଉପରେ ଈଶ୍ୱରଙ୍କ ଅନୁଗ୍ରହ ସୂର୍ଯ୍ୟ ଉଜ୍ଜ୍ୱଳମୟ ଅଟେ (୩:୨୨-୨୭ ପଢନ୍ତୁ) ।

## ପାଠ ୧୫ - ଯିହିଜିକଲ

ଇଶ୍ରାୟେଲ ଜାତି ବାବିଲୋନରେ ବନ୍ଦିତ୍ୱ ଅବସ୍ଥାରେ ଥିବା ସମୟରେ ଯିହିଜିକଲ ଭବିଷ୍ୟଦ୍‌ବକ୍ତା ଥିଲେ । ସେ ଇଶ୍ରାୟେଲ ଜାତି ପାଲେଷ୍ଟାଇନ୍‌କୁ ଅତିଶୀଘ୍ର ପ୍ରତ୍ୟାବର୍ତ୍ତନ

କରିଥିଲେ ଏବଂ ସେମାନଙ୍କ ପ୍ରିୟ ଯିରୁଶାଲମ ଦୟନୀୟ ଭାବେ ଧ୍ୱଂସ କରାଯିବା ସମ୍ବାଦ ଗ୍ରହଣ ନିମନ୍ତେ ସେମାନଙ୍କୁ ପ୍ରସ୍ତୁତ କରିଥିଲେ ।

ତାଙ୍କର ସମ୍ବାଦ ସମସ୍ତ ଭବିଷ୍ୟଦ୍‌ବକ୍ତାମାନଙ୍କ ଅପେକ୍ଷା ଅଧିକ ଆତ୍ମିକ ଭାବପୂର୍ଣ୍ଣ ଥିଲା । କାରଣ ସେ ଈଶ୍ୱରଙ୍କ ବ୍ୟକ୍ତିତ୍ୱ ବିଷୟରେ ଅଧିକ ପ୍ରକାଶ କରିଥିଲେ । ଜାତିର ସବୁଠାରୁ ଅନ୍ଧକାରପୂର୍ଣ୍ଣ ସମୟ ବିଷୟରେ ସେ ବର୍ଣ୍ଣନା କରିଥିଲେ । ଯେହେତୁ ଲୋକମାନେ ତାଙ୍କର ସମ୍ବାଦରେ କର୍ଣ୍ଣପାତ କଲେ ନାହିଁ, ତେଣୁ ସେ ଏକ ନୂତନ ପ୍ରଣାଳୀ ପ୍ରଣୟନ କଲେ । ଦୃଷ୍ଟାନ୍ତ ଦ୍ୱାରା କଥା କହିବା ପରିବର୍ତ୍ତେ ସେ ସେଗୁଡିକର ଅଭିନୀତ କରାଇଥିଲେ । ଯିହିଜିକଲ ଈଶ୍ୱରଙ୍କର ଗୌରବର ଭବିଷ୍ୟଦ୍‌ବକ୍ତା । ନିମ୍ନରେ ସଂକ୍ଷେପରେ ଆମେ ଏହାର ଏକ ଭାଗ ବିଭାଗ ଦେଖିପାରୁ । ଏହା ଯିରୁଶାଲମର ଧ୍ୱଂସ ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରେ ।

୧) ଅବରୋଧର ପୂର୍ବ ସମୟ ୧-୨୪ ଅଧ୍ୟାୟ, ଯିହିଜିକଲ ତାଙ୍କର ଭବିଷ୍ୟଦ୍‌ବାଣୀ, ପ୍ରଚାର ଯିରୁଶାଲମ ଧ୍ୱଂସ ହେବାର ଛଅ ବର୍ଷ ପୂର୍ବରୁ ପ୍ରକାଶ କରିଥିଲେ ଏବଂ ଏହି ଘଟନା ଘଟିବା ପର୍ଯ୍ୟନ୍ତ ପ୍ରଚାର କରିଥିଲେ ।
୨) ଅବରୋଧ, ୨୫-୩୨ ଅଧ୍ୟାୟ, ତାଙ୍କର ଭାବବାଣୀ ଗୁଡିକରେ ଯିହୂଦାର ଶତ୍ରୁମାନଙ୍କ ବିଷୟ ଏବଂ ଏହି ଦେବପୂଜକ ଜାତିମାନଙ୍କର ଧ୍ୱଂସ ବିଷୟ ପରିଲକ୍ଷିତ ହୁଏ ।
୩) ଅବରୋଧର ପରବର୍ତ୍ତୀ ସମୟ ୩୩-୪୮ ଅଧ୍ୟାୟ ଶେଷରେ ଯିହୂଦାର ଉଦ୍ଧାର ଏବଂ ପୁନଃସ୍ଥାପନାର ଏକ ଚିତ୍ର ଦିଆଯାଏ ।

## ପାଠ ୧୬ - ଦାନିୟେଲ

ଦାନିୟେଲଙ୍କୁ ସ୍ୱପ୍ନର ଭବିଷ୍ୟଦ୍‌ବକ୍ତା କୁହାଯାଏ, କାରଣ ଈଶ୍ୱର ସ୍ୱପ୍ନ ମାଧ୍ୟମରେ ଗୁପ୍ତ ବିଷୟଗୁଡିକ ତାଙ୍କ ନିକଟରେ ପ୍ରକାଶ କରୁଥିଲେ । ସେ ସୁଦୂର ଭବିଷ୍ୟତକୁ ଦୃଷ୍ଟି ସମ୍ମୁଖରେ ରଖି ତାହା ପ୍ରକାଶିତ ବାକ୍ୟ ଭାବେ ଉଦ୍ଧୃତ କରୁଥିଲେ । ତାଙ୍କର ଜୀବନୀ ଓ ସେବାକାର୍ଯ୍ୟର ଅବଧି ପ୍ରାୟ ୭୦ ବର୍ଷ ଥିଲା । ୧୬ ବର୍ଷ ବୟସରେ ସେ ବନ୍ଦୀ ରୂପେ ନିଆଯାଇଥିଲେ ଏବଂ ୯୦ ବର୍ଷରୁ ଉର୍ଦ୍ଧ୍ୱ ବର୍ଷ ବୟସ ପର୍ଯ୍ୟନ୍ତ ବଞ୍ଚି ରହିଥିଲେ । ଯଦିଓ ସେ ଜଣେ ବନ୍ଦୀ ଥିଲେ, ତଥାପି ସେ ବାବିଲୋନର ପ୍ରଧାନ ମନ୍ତ୍ରୀ ପଦବୀରେ ପହଞ୍ଚି ପାରିଥିଲେ । ସବୁଠାରୁ ଆଶ୍ଚର୍ଯ୍ୟ ବିଷୟ ଯେ, ସେ ସଦାସର୍ବଦା ସଦାପ୍ରଭୁ ପରମେଶ୍ୱରଙ୍କ ପ୍ରତି ବିଶ୍ୱସ୍ତ ଥିଲେ ।

ଏହି ପୁସ୍ତକର ଭାଗ ବିଭାଗ

୧) ଦାନିୟେଲଙ୍କର ବ୍ୟକ୍ତିଗତ ଜୀବନ, ୧:୧-୨:୩

୨) ଦାନିୟେଲଙ୍କର ସାମାଜିକ ଜୀବନ - ବିଜାତୀୟମାନଙ୍କ ସମୟର ଏକ ଚିତ୍ର ୨:୪-୭:୨୮

୩) ଦାନିୟେଲଙ୍କର ଭାବବାଣୀସୂଚକ ଦର୍ଶନ ଜାତିର ଭାବବାଣୀ ସୂଚକ ଇତିହାସ ୮-୧୨

## ପାଠ ୧୭ – ହୋଶେୟ, ଯୋୟେଲ ଏବଂ ଆମୋଷ

ହୋଶେୟ – କ୍ଷୁଦ୍ର ଭବିଷ୍ୟଦ୍‌ବକ୍ତାମାନଙ୍କର ପୁସ୍ତକ ରୂପେ ପରିଚିତ ୧୨ଟି ପୁସ୍ତକ ମଧ୍ୟରୁ ହୋଶେୟ ପ୍ରଥମ ପୁସ୍ତକ ଅଟେ । ବିଷୟବସ୍ତୁ ପରିମାଣ ଅନୁଯାୟୀ ଏହା କ୍ଷୁଦ୍ର ଭାବବାଣୀ ପୁସ୍ତକ । ହୋଶେୟ ନାମର ଅର୍ଥ 'ପରିତ୍ରାଣ' ଏବଂ ତାଙ୍କୁ 'ଉତ୍ତର ରାଜ୍ୟର ଯିରିମିୟ' ବୋଲି କୁହାଯାଉଥିଲା । ଜଣେ ସାଧାରଣ ମନୁଷ୍ୟ ହେଲେ ସୁଦ୍ଧା ପଥଭ୍ରାନ୍ତ ଇଶ୍ରାୟେଲ ଜାତିକୁ ଯେ ଈଶ୍ୱର ପ୍ରେମ କରନ୍ତି, ଏ ବିଷୟ ସ୍ପଷ୍ଟ ରୂପେ ପ୍ରକାଶ କରିବା ନିମନ୍ତେ ଈଶ୍ୱର ତାଙ୍କୁ ଆହ୍ୱାନ କରିଥିଲେ ।

ହୋଶେୟ ଜଣେ ବେଶ୍ୟାଙ୍କୁ ବିବାହ କରିବା ନିମନ୍ତେ ଆଦେଶ ପାଇଥିଲେ, ଯେ କି ହୋଶେୟଙ୍କ ନିମନ୍ତେ ଦୁଇଟି ପୁତ୍ର ଓ ୧ଟି କନ୍ୟା ଜନ୍ମ କରିଥିଲେ । ସେ ପୁନର୍ବାର ବେଶ୍ୟାବୃତ୍ତି ଅବଲମ୍ବନ କରିବା ହେତୁ ହୋଶେୟ ତାଙ୍କୁ ପରିତ୍ୟାଗ କରିଥିଲେ । କିନ୍ତୁ ଈଶ୍ୱର ତାଙ୍କୁ ପୁନର୍ବାର ଗ୍ରହଣ କରିବା ନିମନ୍ତେ ଏବଂ ତାଙ୍କୁ ପ୍ରେମ କରିବା ନିମନ୍ତେ ଆଦେଶ ଦେଇଥିଲେ ।

ଏହାର ଅନ୍ତର୍ନିହିତ ସମ୍ବାଦ ଏହା ଯେ, ଇଶ୍ରାୟେଲ ଜାତି ଅବିଶ୍ୱସ୍ତ ହେଲେ ସୁଦ୍ଧା ଈଶ୍ୱର ସେମାନଙ୍କୁ ପ୍ରେମ କରୁଥିଲେ ଏବଂ ଉପଯୁକ୍ତ ସମୟରେ ସେ ସେମାନଙ୍କୁ ନିଜ ଦେଶକୁ ଫେରାଇ ଆଣିବେ ।

ହୋଶେୟ ପୁସ୍ତକର ଭାଗ ବିଭାଗ –

୧) ଭାବବାଦୀ ଓ ତାଙ୍କର ଅବିଶ୍ୱାସୀ ସ୍ତ୍ରୀ ଗୋମର ୧-୩ ଅଧ୍ୟାୟ

୨) ସଦାପ୍ରଭୁ ଏବଂ ତାହାଙ୍କର ଅବିଶ୍ୱସ୍ତ ଜାତି ଇଶ୍ରାୟେଲ ୪-୧୪ ଅଧ୍ୟାୟ

**ଯୋୟେଲ** – ଯୋୟେଲ ଯିହୂଦାର ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ , ଯେ କି ଭୀଷଣ ପଙ୍ଗପାଳ ଉପଦ୍ରବ ସମୟରେ ଭବିଷ୍ୟଦ୍‌ବାଣୀ ପ୍ରଚାର କରିଥିଲେ । ସେ ଏହି ବିଷୟକୁ ଭବିଷ୍ୟଦ୍‌ର ବିଚାର ସହିତ ତୁଳନା କରିଥିଲେ । ବିଚାରକୁ ଦୃଷ୍ଟି ସମ୍ମୁଖରେ ରଖି ସେ ପାଞ୍ଚ ଥର 'ସଦାପ୍ରଭୁଙ୍କ ଦିନ' ବିଷୟରେ ପ୍ରଚାର କରିଥିଲେ । 'ଆତ୍ମିକ ଉଦ୍ଧାର' ଯୋୟେଲ

ପୁସ୍ତକର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରୀୟ ଚିନ୍ତାଧାରା । ଈଶ୍ୱର ଯେ ସମସ୍ତ ମାନବଜାତି ଉପରେ ତାହାଙ୍କର ଆତ୍ମା ଢାଳି ଦେବେ – ଯୋୟେଲ ଏହା ପ୍ରକାଶ କରିବାର ସୁଯୋଗ ପାଇଥିଲେ ( ୨ :୩୨ ; ୩ :୧୮ ) । ପେଣ୍ଟିକଷ୍ଟ ଦିବସରେ ଏହା ସଫଳ ହୋଇଥିଲା (ପ୍ରେରିତ ୨ :୧୬) ।

ଆମୋଷ ଜଣେ ଗୋପାଳକ ଥିଲେ ଏବଂ ମୁଖ୍ୟତଃ ଉତ୍ତର ରାଜ୍ୟ ନିମନ୍ତେ ତାଙ୍କର ଭବିଷ୍ୟଦ୍‌ବାଣୀ ପ୍ରଚାର କରିଥିଲେ । ସେ ଈଶ୍ୱରଙ୍କୁ ଏତେ ଭୟ କରୁଥିଲେ ଯେ, ସେ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଭୟ କରୁ ନ ଥିଲେ । ଛଅଟି ପ୍ରତିବାସୀ ଜାତି ବିରୁଦ୍ଧରେ ଈଶ୍ୱର ବିଚାର ଘୋଷଣା କରି ତାଙ୍କର ପ୍ରଚାର ଆରମ୍ଭ କରିଥିଲେ, ତତ୍ପରେ ସେ ସମଗ୍ର ଯିହୂଦା ଓ ଇଶ୍ରାୟେଲ ବିଷୟରେ ପ୍ରଚାର କରିଥିଲେ ।

## ପାଠ ୧୮ – ଓବଦିୟ, ଯୂନସ ଓ ମୀଖା

**ଓବଦିୟ –** ଓବଦିୟ ପୁସ୍ତକ ପୁରାତନ ନିୟମର ସବୁଠାରୁ କ୍ଷୁଦ୍ର ପୁସ୍ତକ – କେବଳ ଗୋଟିଏ ପୃଷ୍ଠା, ୨୧ ପଦ - ତଥାପି ଆଜି ପର୍ଯ୍ୟନ୍ତ ଆମ ନିମନ୍ତେ ତାତ୍ପର୍ଯ୍ୟପୂର୍ଣ୍ଣ । ଏହା ଇଦୋମୀୟ ମାନଙ୍କ ବିରୁଦ୍ଧରେ ବିଚାରର ଭବିଷ୍ୟଦ୍‌ବାଣୀ । ଆମେ ଏଠାରେ ଦୁଇଟି ମୁଖ୍ୟ ପ୍ରସଙ୍ଗ ଦେଖିପାରୁ – ଗର୍ବୀ ଓ ବିଦ୍ରୋହୀମାନଙ୍କର ବିନାଶ ଏବଂ ନମ୍ର ଓ ମୃଦୁ ବ୍ୟକ୍ତିମାନଙ୍କର ଉଦ୍ଧାର । ଇଦୋମୀୟମାନେ ଏଷୌଙ୍କର ବଂଶଧର । ଏଷୌ ତାଙ୍କର ଜନ୍ମଗତ ଅଧିକାର ପରିତ୍ୟାଗ କରିଥିଲେ ଏବଂ ଇଦୋମୀୟମାନେ ଇଶ୍ରାୟେଲର ଶତ୍ରୁ ସ୍ୱରୂପ ଥିଲେ । ଓବଦିୟଙ୍କ ପୂର୍ବାଭାଷ ଅନୁଯାୟୀ ସେମାନେ ବିନଷ୍ଟ ହୋଇଥିଲେ ।

ଅନ୍ୟ ଭବିଷ୍ୟଦ୍‌ବକ୍ତାମାନଙ୍କ ପରି ସଦାପ୍ରଭୁଙ୍କ ଦିନର ଆଗମନ ଓ ମଶୀହଙ୍କ ରାଜ୍ୟର ପ୍ରତିଷ୍ଠା ବିଷୟରେ ସେ ଭାବବାଣୀ ପ୍ରଚାର କରିଥିଲେ ।

**ଯୂନସ** - ଯଦିଓ ଯୂନସ ଜଣେ ଭବିଷ୍ୟଦ୍‌ବକ୍ତା, ଯୂନସ ପୁସ୍ତକକରେ କୌଣସି ଭାବବାଣୀ ନାହିଁ । ଏହା ଯୂନସଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଘଟନାର ବ୍ୟକ୍ତିଗତ ବିବରଣୀ, ଯାହାକି ପୃଥିବୀର ଇତିହାସରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟନାର ଏକ ପ୍ରତୀକ ଏବଂ ତାହା ଯୀଶୁ ଖ୍ରୀଷ୍ଟଙ୍କର ପୁନରୁତ୍ଥାନ । ଏହି ପୁସ୍ତକରେ ଈଶ୍ୱର ଚାରୋଟି ବିଷୟ ପ୍ରସ୍ତୁତ କରିଥିଲେ ; ଏକ ବୃହତ୍ ମତ୍ସ୍ୟ ( ୧ :୧୭), ଏକ କଖାରୁ ଲତା (୪ :୬), ଏକ କୀଟ (୪ :୭) ଏବଂ ଏକ ପୂର୍ବୀୟ ବାୟୁ (୪ :୮ ) । ଈଶ୍ୱର ତାହାଙ୍କ ଭବିଷ୍ୟଦ୍‌ବକ୍ତାମାନଙ୍କର ଯତ୍ନ ନିଅନ୍ତି ।

ଏହି ପୁସ୍ତକରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଘଟନା ଉଲ୍ଲେଖ କରାଯାଇଛି ; ବୃହତ୍ ମତ୍ସ୍ୟ ଯୂନସଙ୍କୁ ଗିଳି ପକାଇବା ଏବଂ ବିରାଟକାୟ ଦେବ ପୂଜକ ନୀନିବୀ ନଗର ଜଣେ ସାଧାରଣ ବିଦେଶୀ ପ୍ରଚାରକଙ୍କ ପ୍ରଚାରରେ କେବଳ ଅଳ୍ପ ଦିନ ମଧ୍ୟରେ ପରିବର୍ତ୍ତିତ ହେବା । ଏହି ପୁସ୍ତକରେ ଆମେ ଦୁଇଟି ବିଷୟ ଲକ୍ଷ୍ୟ କରିବା । ପ୍ରଥମତଃ, ଖ୍ରୀଷ୍ଟଙ୍କର ମୃତ୍ୟୁ, କବରପ୍ରାପ୍ତି ଏବଂ ପୁନରୁତ୍ଥାନର ଯୂନସ ଏକ ପ୍ରତୀକ । ଦ୍ୱିତୀୟତଃ, ଯୂନସ ଇଶ୍ରାୟେଲ ଜାତିର ମଧ୍ୟ ଏକ ପ୍ରତୀକ – ଯେ କି ଈଶ୍ୱରଙ୍କର ଅବାଧ୍ୟ ପୃଥିବୀର ଅନ୍ୟ ଜାତିମାନଙ୍କ ଦ୍ୱାରା ଦଳିତ, ଯେଉଁମାନେ କି ଖ୍ରୀଷ୍ଟଙ୍କର ଆଗମନ ସମୟରେ ତାହାକୁ ତ୍ୟାଗ କରିବେ । ଶେଷରେ ଇଶ୍ରାୟେଲ ଜାତି ସବୁ ସ୍ଥାନରେ ଈଶ୍ୱରଙ୍କର ସାକ୍ଷୀ ହେବ ।

**ମୀଖା** – ମୀଖା ଯିରୁଶାଲମ ଏବଂ ଇଶ୍ରାୟେଲ ନଗରୀଗୁଡିକ ଉପରେ ବିଚାର ଘୋଷଣା କରିଥିଲେ । କିନ୍ତୁ ସେ ଆଶାର ସମ୍ବାଦ ପ୍ରଚାର କରିଥିଲେ । ସେ ଦୁଃଖ ଓ ଦଣ୍ଡର ପରବର୍ତ୍ତୀ ସମୟ, ଅର୍ଥାତ୍ ଖ୍ରୀଷ୍ଟଙ୍କ ରାଜତ୍ୱର ଗୌରବର ଦିନ ପ୍ରତି ଦୃଷ୍ଟିପାତ କରିଥିଲେ । ମଶୀହ ଆସିବେ (୪:୮) ; ସେ ବେଥଲିହିମରେ ଜନ୍ମ ହେବେ (୫:୨-୪) ।

ମୀଖାଙ୍କ ତିନୋଟି ଶିକ୍ଷାରୁ ଏକ ସ୍ୱାଭାବିକ ଚେତାବନୀ ଆମେ ଦେଖିବାକୁ ପାଉ । ଏଗୁଡିକ 'ଶୁଣ' ସହିତ ଆରମ୍ଭ ହୁଏ ।

୧) (୧:୨) ପ୍ରଥମ – ଏହା ସମସ୍ତ ଲୋକଙ୍କ ଉଦ୍ଦେଶ୍ୟରେ
୨) (୩:୧) ଦ୍ୱିତୀୟ – ଏହା ଇଶ୍ରାୟେଲ ନେତାମାନଙ୍କ ଉଦ୍ଦେଶ୍ୟରେ ।
୩) (୬:୧) ତୃତୀୟ – ଇଶ୍ରାୟେଲ ନିମନ୍ତେ ଏହା ଏକ ବ୍ୟକ୍ତିଗତ ଆହ୍ୱାନ, ମନଫେରଣ ଓ ଈଶ୍ୱରଙ୍କ ନିକଟକୁ ଫେରିବା ନିମନ୍ତେ ।

## ପାଠ ୧୯ - ନାହୂମ, ହବକ୍କୂକ୍ ଓ ସିଫନିୟ

ନୀନିବୀ ନଗରୀ ଅର୍ଥାତ୍ ଯେଉଁ ନଗରୀକୁ ଯୂନସ ଚେତାବନୀ ଦେଇଥିଲେ, ସେହି ନଗରୀର ଧ୍ୱଂସ ନାହୂମ ପୁସ୍ତକର ମୁଖ୍ୟ ପ୍ରସଙ୍ଗ । ନାହୂମ ପୁସ୍ତକ ଯୂନସଙ୍କ ସମୟର ପ୍ରାୟ ୧୫୦ ବର୍ଷ ପରେ ଲେଖାଯାଇଥିଲା । ଏହି ମନଫେରଣ ଦୀର୍ଘସ୍ଥାୟୀ ହୋଇ ନ ଥିଲା ଏବଂ ନୀନିବୀ ତାହାର ପାପ ଯୋଗୁଁ ବିନଷ୍ଟ ହୋଇଥିଲା (୩:୧-୭) ।

ଯେଉଁ ଦେଶ ସମୂହ ସଦାପ୍ରଭୁଙ୍କ ଠାରୁ ଦୂରକୁ ଯାଆନ୍ତି, ନୀନିବୀ ସେମାନଙ୍କର ଏକ ଦୃଷ୍ଟାନ୍ତ। ଯେଉଁ ବ୍ୟକ୍ତି ବା ଦେଶ ଇଛାକୃତ ଭାବେ ଈଶ୍ୱରଙ୍କୁ ପ୍ରତ୍ୟାଖ୍ୟାନ କରେ, ସେ ନିଜ ନିମନ୍ତେ ଧ୍ୱଂସ ମନୋନୟନ କରେ ।

**ହବକ୍‌କୂକ୍** – ହବକ୍‌କୂକ୍ ଅନେକ ପ୍ରଶ୍ନ ପଚାରି ଥିଲେ ଓ ଉତ୍ତର ପାଇଥିଲେ । 'ମନ୍ଦ ବ୍ୟକ୍ତିର କାହିଁକି ଉନ୍ନତି ହୁଏ ?" ଏହି ପ୍ରଶ୍ନ ଏଠାରେ ଆଲୋଚନା କରାଯାଇଛି । ତାଙ୍କର ସମସ୍ତ ସମାସ୍ୟାରେ ସେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରି ଧୈର୍ଯ୍ୟର ସହ ତାହାଙ୍କର ଉତ୍ତର ଅପେକ୍ଷା କରୁଥିଲେ ( ୨ : ୧ ) । ବିଶ୍ୱାସର ସହ ପ୍ରାର୍ଥନା ପରେ (୩ : ୧ - ୧୬ ) ଈଶ୍ୱରଙ୍କର ଗୌରବ ଉପସ୍ଥିତ ହୋଇଥିଲା ।

"ଧାର୍ମିକ ତାହାର ବିଶ୍ୱାସ ଦ୍ୱାରା ବଞ୍ଚିବ" ( ୨ :୪ ) – ଏହି କଥାଟି ପୁନଃସଂସ୍କରଣ ସମୟରେ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ଥିଲା । ନୂତନ ନିୟମରେ ଏହି ପଦଗୁଡିକ ଉଦ୍ଧୃତ କରାଯାଇଛି (ରୋମୀୟ ୧ : ୧୭ ; ଗାଲାତୀୟ ୩ : ୧୧ ଏବଂ ଏବ୍ରୀ ୧୦:୩୮ ) ।

**ସିଫନିୟ** – ସିଫନିୟ ପୁସ୍ତକ ଈଶ୍ୱରଙ୍କର କ୍ରୋଧ ଓ ବିଚାରରେ ପରିପୂର୍ଣ୍ଣ ( ୧ : ୧୫ ; ୩:୮ ), କିନ୍ତୁ ଏହାର ପ୍ରଚ୍ଛଦପଟରେ ଈଶ୍ୱରଙ୍କର ପ୍ରେମ ସୁସ୍ପଷ୍ଟ ((୩ : ୧୭ ) । ସିଫନିୟ ବିଭିନ୍ନ ପ୍ରକାର ପ୍ରତିମା ପୂଜାକୁ ପ୍ରକାଶ୍ୟ ଭାବେ ନିନ୍ଦା କରିଥିଲେ । ଯୋଶିୟଙ୍କ ସମୟରେ ଦେଖାଯାଇଥିବା ଉଦ୍ଦୀପନା ନିମନ୍ତେ ତାଙ୍କୁ ଦାୟୀ କରାଯାଇପାରେ । ଏହି ପୁସ୍ତକ ଦୁଃଖର ସହ ଆରମ୍ଭ ହୋଇ ସଙ୍ଗୀତ ସହ ଶେଷ ହୁଏ ।

## ପାଠ ୨୦ – ହାଗୟ, ଯିଖରିୟ ଏବଂ ମଲାଖି

ଅଧିକାଂଶ ପୁରାତନ ନିୟମର ଭବିଷ୍ୟଦ୍‌ବକ୍ତାମାନେ ନିର୍ବାସନ ପୂର୍ବରୁ ପ୍ରଚାର କରିଥିଲେ । କେବଳ ଦୁଇ ଜଣ ଅର୍ଥାତ୍ ଯିହିଜିକଲ ଏବଂ ଦାନିୟେଲ ନିର୍ବାସନ ସମୟରେ ପ୍ରଚାର କରିଥିଲେ । ଏହି ତିନି ଜଣ ଅର୍ଥାତ୍ ହାଗୟ, ଯିଖରିୟ ଏବଂ ମଲାଖି ନିର୍ବାସନରୁ ପ୍ରତ୍ୟାବର୍ତ୍ତନ ପରେ ଭାବବାଣୀ ପ୍ରଚାର କରିଥିଲେ ।

**ହାଗୟ** – ମନ୍ଦିରର ପୁନଃନବୀକରଣ ନିମନ୍ତେ ହାଗୟଙ୍କ ପ୍ରବଳ ଅକାଂକ୍ଷା ଥିଲା । ଏହି ପୁନଃନିର୍ମାଣ କାର୍ଯ୍ୟରେ ବିଳମ୍ବ ନିମନ୍ତେ ସେ ଲୋକମାନଙ୍କ ଉପରେ କ୍ଷୁବ୍‌ଧ ହୋଇଥିଲେ ଏବଂ ନିର୍ମାଣ କାର୍ଯ୍ୟ ନିମନ୍ତେ ସେମାନଙ୍କୁ ସାହାଯ୍ୟ ଓ ଉତ୍ସାହ ପ୍ରଦାନ କରିଥିଲେ । ତାଙ୍କ ପୁସ୍ତକ ପ୍ରାୟ ୪ ମାସ ମଧ୍ୟରେ ଲିଖିତ ଚାରୋଟି କ୍ରମାଗତ ସଂକ୍ଷିପ୍ତ ସମ୍ବାଦର ସମଷ୍ଟି । ତାଙ୍କର କାର୍ଯ୍ୟ ନିମନ୍ତେ କଠୋର ଆହ୍ୱାନ ଏକ ଶକ୍ତିକାରକ ଔଷଧ ରୂପେ କାର୍ଯ୍ୟ କରିଥିଲା । ଲୋକମାନେ ସୁପ୍ତ ଅବସ୍ଥାରୁ ଜାଗ୍ରତ ହୋଇ ମନ୍ଦିର ନିର୍ମାଣ ଆରମ୍ଭ କରିଥିଲେ ( ୧ : ୧୨ - ୧୫ ) ।

**ଯିଖରିୟ** - ଯିଖରିୟ ଜଣେ ଯୁବା ଭବିଷ୍ୟଦ୍‌ବକ୍ତା, ବୟୋବୃଦ୍ଧ ହାଗୟଙ୍କ ନିକଟରେ ଥାଇ ଇଶ୍ରାୟେଲ ସନ୍ତାନଗଣଙ୍କୁ ମନ୍ଦିର ନିର୍ମାଣ କରିବା ସମୟରେ ଉତ୍ସାହିତ କରିଥିଲେ ଏବଂ

ସେମାନଙ୍କ ପିତୃଗଣ ତୁଲ୍ୟ ଈଶ୍ୱରଙ୍କୁ ଦୁଃଖ ନ ଦେବା ନିମନ୍ତେ ସେମାନଙ୍କୁ ଚେତାବନୀ ଦେଇଥିଲେ । ଇଶ୍ରାୟେଲ ଲୋକମାନଙ୍କ ନିମନ୍ତେ ଆଗାମୀ ଦିନମାନଙ୍କରେ ଉଦ୍ଦିଷ୍ଟ ଆଶୀର୍ବାଦକୁ ସେ ଅତି ଉଜ୍ଜଳ ସହ ବର୍ଣ୍ଣନା କରିଥିଲେ ।
ଯିଶାଇୟ ବ୍ୟତୀତ ଅନ୍ୟ ଭବିଷ୍ୟଦ୍‌ବକ୍ତାମାନଙ୍କ ତୁଳନାରେ ଯିଖରିୟ ତ୍ରାଣକର୍ତ୍ତାଙ୍କ ବିଷୟରେ ଅଧିକ ପ୍ରଚାର କରିଥିଲେ । ସୁଦୂର ଆଗାମୀ ଭବିଷ୍ୟଦକୁ ଦୃଷ୍ଟିପାତ କରି ସେ ପ୍ରଥମେ ତ୍ରାଣକର୍ତ୍ତାଙ୍କୁ କ୍ଲେଶ ନିର୍ଯ୍ୟାତିତ ଅବସ୍ଥାରେ ଏବଂ ପୁନର୍ବାର ରାଜକୀୟ ଓ ମହାନ୍ ଗୌରବର ସହ ଦେଖି ପାରିଥିଲେ ।

**ମଲାଖି** – ମଲାଖି ପୁସ୍ତକ ପୁରାତନ ଓ ନୂତନ ନିୟମ ମଧ୍ୟରେ ସଂଯୁକ୍ତ କରୁଥିବା ସେତୁ । ମଲାଖିଙ୍କର ସମୟ ଓ ବାପ୍ତିଜକ ଯୋହନଙ୍କର ସ୍ୱର 'ସଦାପ୍ରଭୁଙ୍କର ପଥ ପ୍ରସ୍ତୁତ କର' ମଧ୍ୟରେ ୪୦୦ ବର୍ଷର ନିରବତା ଦେଖାଯାଇଥିଲା ।

ପୁରାତନ ନିୟମ 'ଅଭିଶାପ' ଶବ୍ଦ ସହିତ ଶେଷ ହୁଏ, କିନ୍ତୁ ନୂତନ ନିୟମ ଏକ ଆଶୀର୍ବାଦ ସହ ଶେଷ ହୁଏ । ଏକ ଜାଗରଣ ସମୟ ପରେ (ନିହିମିୟା ୧୦:୨୮-୩୯) ଲୋକମାନେ ଆତ୍ମିକ ଭାବେ ଶୀତଳ ଏବଂ ନୈତିକଭାବେ ଶିଥିଳ ହୋଇ ପଡିଥିଲେ । ମଲାଖି ଜଣେ ସଂସ୍କାରକ ଭାବେ କାର୍ଯ୍ୟ କରିଥିଲେ ଏବଂ ଅନୁଯୋଗ କରିବା ସହ ଉତ୍ସାହ ପ୍ରଦାନ କରିଥିଲେ ।

ଖ୍ରୀଷ୍ଟଙ୍କର ଦ୍ୱିତୀୟ ଆଗମନ ସମ୍ପର୍କରେ ମଲାଖୀଙ୍କର ସୂଚନା ପଢନ୍ତୁ, ଯାହାକି ମଲାଖୀ ୩:୧୬ ରୁ ୪:୩ ମଧ୍ୟରେ ଦିଆଯାଏ । ଆମେ ତହିଁ ନିମନ୍ତେ ଅପେକ୍ଷା କରୁଅଛୁ ।

# ଦ୍ୱିତୀୟ ଭାଗ : ନୂତନ ନିୟମର ପୁସ୍ତକସମୂହ

## ପାଠ ୨୧ – ସୁସମାଚାର ସମୂହର ଭୂମିକା

"ସୁସମାଚାର" ଅର୍ଥାତ୍ 'ସୁସମ୍ବାଦ' । ଏହି ଚାରି ଲେଖକଙ୍କୁ ସୁସମାଚାର ପ୍ରଚାରକ ଅର୍ଥାତ୍, ଉତ୍ତମ ସମ୍ବାଦ ବହନକାରୀ କୁହାଯାଏ । ମାଥିଉ, ମାର୍କ ଏବଂ ଲୂକ ଲିଖିତ ସୁସମାଚାରଗୁଡିକୁ ଏକ ସାରାଂଶ ବିଶିଷ୍ଟ ସୁସମାଚାର କୁହାଯାଏ । କାରଣ ଯୋହନଙ୍କ ଠାରୁ ଭିନ୍ନ ଭାବେ ସେମାନେ ଏକ ସାମୂହିକ ଦୃଷ୍ଟିକୋଣରୁ – ଖ୍ରୀଷ୍ଟଙ୍କ ଜୀବନର ସାରାଂଶ ପ୍ରଦାନ କରନ୍ତି ।

ଏକ ସାରାଂଶବିଶିଷ୍ଟ ସୁସମାଚାରଗୁଡିକ ମୁଖ୍ୟତଃ ଗାଲିଲୀରେ ଖ୍ରୀଷ୍ଟଙ୍କ କାର୍ଯ୍ୟର ବିବରଣୀ ପ୍ରଦାନ କରନ୍ତି । ଏକ ସାରାଂଶବିଶିଷ୍ଟ ସୁସମାଚାରଗୁଡିକରେ ତାହାଙ୍କର ଆଶ୍ଚର୍ଯ୍ୟକର୍ମ

ଦୃଷ୍ଟାନ୍ତସମୂହ ଏବଂ ସମୂହ ଜନତା ନିମନ୍ତେ ଶିକ୍ଷା ବର୍ଣ୍ଣନା କରାଯାଏ । କିନ୍ତୁ ଯୋହନ ତାହାଙ୍କର ଗଭୀର ଶିକ୍ଷା, ତାହାଙ୍କର ପ୍ରାର୍ଥନା ଓ ତାହାଙ୍କର ବାକ୍ୟାଳାପ ଉପସ୍ଥାପିତ କରନ୍ତି । ପୁନର୍ବାର ଏକ ସାରାଂଶବିଶିଷ୍ଟ ସୁସମାଚାର ସମୂହରେ ଖ୍ରୀଷ୍ଟଙ୍କର କାର୍ଯ୍ୟକୁ ପ୍ରାଧାନ୍ୟ ଦିଆଯାଇଥିବା ସ୍ଥଳେ ଯୋହନ ତାହାଙ୍କର ଧ୍ୟାନ ଏବଂ ପିତାଙ୍କ ସହ ତାହାଙ୍କ ସହଭାଗୀତାର ଏକ ଚିତ୍ର ପ୍ରଦାନ କରନ୍ତି । ଭବିଷ୍ୟଦ୍‌ବକ୍ତାମାନଙ୍କର ବକ୍ତବ୍ୟ ସମୂହ ଆମର ପ୍ରଭୁ ଜଗତରେ ଥିବା ସମୟରେ ଜୀବନ ଏବଂ କାର୍ଯ୍ୟକୁ ଆଗେଇ ନିଏ ଏବଂ ପତ୍ରଗୁଡିକରେ ସେସବୁ ପ୍ରତିଫଳିତ ହୁଏ । ଅତଏବ, ସୁସମାଚାରଗୁଡିକୁ ଉତ୍ପତ୍ତିସ୍ଥଳ କହିଲେ ଅତ୍ୟୁକ୍ତି ହେବ ନାହିଁ।

ସୁସମାଚାରଗୁଡିକ କେତେବେଳେ ଓ କିପରି ଖ୍ରୀଷ୍ଟ ଆସିଲେ – ସେ ବିଷୟରେ ବର୍ଣ୍ଣନା କରେ । ପତ୍ରଗୁଡିକ କାହିଁକି ଓ କ'ଣ ପାଇଁ ଖ୍ରୀଷ୍ଟ ଆସିଲେ ତାହା ବର୍ଣ୍ଣନା କରେ ।

## ପାଠ ୨୨ – ମାଥିଉ

ମାଥିଉ ଯୀଶୁଙ୍କୁ ଜଣେ ରାଜାରୂପେ ଉପସ୍ଥାପିତ କରନ୍ତି, ଯେହେତୁ ମୌଳିକଭାବେ ଯିହୂଦୀମାନଙ୍କ ନିମନ୍ତେ ଏ ସୁସମାଚାର ଲିଖିତ, ତେଣୁ ତାଙ୍କୁ ଦାଉଦଙ୍କ ସନ୍ତାନ ଭାବେ ଏଠାରେ ଉପସ୍ଥାପିତ କରାଯାଇଛି । ତାହାଙ୍କର ରାଜକୀୟ ବଂଶାବଳୀ ୧ମ ଅଧ୍ୟାୟରେ ଦିଆଯାଇଛି ଏବଂ ତାହା ଅବ୍ରହାମଙ୍କ ଠାରୁ ଆରମ୍ଭ ହୋଇଛି । ଖ୍ରୀଷ୍ଟ ଯେ ମସୀହ, ଏ ବିଷୟରେ ଦିଆଯାଇଥିବା ଭାବବାଣୀସମୂହର ପରିପୂର୍ଣ୍ଣତା ଦର୍ଶାଇବା ନିମନ୍ତେ ଅନ୍ୟ ସୁସମାଚାରଗୁଡିକ ଅପେକ୍ଷା ଏଠାରେ ଅଧିକ ସଂଖ୍ୟକ ଅର୍ଥାତ୍, ୨୯ଟି ପୁରାତନ ନିୟମର ଅଂଶ ଉଦ୍ଧୃତ କରାଯାଇଛି । ଯେତେବେଳେ ଯୀଶୁ ମାଥିଉଙ୍କୁ ଆହ୍ୱାନ କଲେ, ସେତେବେଳେ ସେ କଫର୍ନାହୂମରେ ରୋମୀୟ ସରକାରଙ୍କର ଜଣେ କରଆଦାୟକାରୀ ଥିଲେ (ମାଥିଉ ୯:୯; ୧୦:୩୦) । ସେ ଯୀଶୁଙ୍କ ଉଦ୍ଦେଶ୍ୟରେ ମହାଭୋଜ ଦେଇଥିଲେ ଏବଂ ତାହାଙ୍କର ଅନୁସରଣ କରିବା ନିମନ୍ତେ ସବୁକିଛି ପରିତ୍ୟାଗ କରିଥିଲେ ବୋଲି ଅନ୍ୟ ସୁସମାଚାର ପ୍ରଚାରକମାନେ ବର୍ଣ୍ଣନା କରନ୍ତି । ନିଃସନ୍ଦେହରେ ସେ ଜଣେ ପ୍ରଭାବଶାଳୀ ବ୍ୟକ୍ତି ଥିଲେ ।

କେବଳ ମାଥିଉ ପୂର୍ବ ଦେଶରୁ ପଣ୍ଡିତମାନଙ୍କର ଆଗମନ ସମ୍ପର୍କରେ ବର୍ଣ୍ଣନା କରନ୍ତି । ପର୍ବତ ଉପରୁ ଉପଦେଶ ଈଶ୍ୱରଙ୍କ ରାଜ୍ୟର ସମ୍ବିଧାନ । ରାଜ୍ୟ ଶବ୍ଦ ମାଥିଉ ଲିଖିତ ସୁସମାଚାରରେ ୫୫ ଥର ବ୍ୟବହାର କରାଯାଇଛି । କାରଣ ତାହା ରାଜାଙ୍କର ସୁସମାଚାର । ମାଥିଉ ୨୪ ଓ ୨୫ ଅଧ୍ୟାୟରେ ବର୍ଣ୍ଣିତ ଶିକ୍ଷାର ଅଧିକାଂଶ ଅଂଶ ଯୀଶୁଙ୍କର ଦ୍ୱିତୀୟ ଆଗମନ ବିଷୟ ।

ଯୀଶୁଙ୍କର ସ୍ୱର୍ଗାରୋହଣ ମାଥିଉ ଲିଖିତ ସୁସମାଚାରରେ ଲିପିବଦ୍ଧ କରାଯାଇନାହିଁ । ମଶୀହ ଜଗତରେ ଥିବା ସମୟ ପର୍ଯ୍ୟନ୍ତ ଘଟିଥିବା ବିଷୟ ସହ ପୁସ୍ତକର ଯବନିକା ପତନ ହୋଇଛି । କାରଣ ଏହି ଜଗତରେ ଦାଉଦ ସନ୍ତାନ ଗୌରବର ସହିତ ରାଜତ୍ୱ କରିବେ ।

## ପାଠ ୨୩ - ମାର୍କ

ମାର୍କ ଯୀଶୁଙ୍କୁ ଜଣେ ଦାସ ଭାବେ ଉପସ୍ଥାପିତ କରନ୍ତି । ଏହା ରୋମୀୟମାନଙ୍କର ଉଦ୍ଦେଶ୍ୟରେ ରଚିତ । ଏଠାରେ କୌଣସି ବଂଶାବଳୀ ଦିଆଯାଇ ନାହିଁ । କାହିଁକି ? କାରଣ ଲୋକେ କୌଣସି ଦାସର ବଂଶାବଳୀରେ ଆଗ୍ରହୀ ନୁହଁନ୍ତି ।

ଏହି ପୁସ୍ତକର ଲେଖକ ଯୋହନ ମାର୍କ । ସେ ମରିୟମଙ୍କର ପୁତ୍ର ଏବଂ ବର୍ଣ୍ଣବ୍‌ବାଙ୍କର ଖୁଡୁତା ଭାଇ । ସେ ପାଉଲ ଓ ବର୍ଣ୍ଣବ୍‌ବାଙ୍କ ସହିତ ଆନ୍ତିୟଖିଆକୁ ଯାଇଥିଲେ ଏବଂ ତାଙ୍କ ହେତୁ ଏ ଦୁଇଜଣଙ୍କ ମଧ୍ୟରେ କିଛି ସମାସ୍ୟା ଦେଖାଯାଇଥିଲା (ପ୍ରେରିତ ୧୨:୨୫; ୧୩:୫) । ପରେ ବୋଧହୁଏ କଠିନ ପରିଶ୍ରମ ହେତୁ ସେ ସେମାନଙ୍କୁ ପରିତ୍ୟାଗ କରିଥିଲେ (ପ୍ରେରିତ ୧୩:୧୩) । ଶେଷରେ ସେ ପାଉଲଙ୍କ ବିଶେଷ ସହାୟକ ହୋଇଥିଲେ (କଲସୀୟ ୪:୧୦, ୧୧ ଓ ୨ତିମଥି ୪:୧) । ପିତରଙ୍କ ହେତୁ ସେ ପରିବର୍ତ୍ତିତ ହୋଇଥିଲେ ଏବଂ ପିତର ତାଙ୍କୁ 'ମୋହର ପୁତ୍ର' ବୋଲି ସମ୍ବୋଧନ କରିଥିଲେ (୧ ପିତର ୫:୧୩) । ପିତରଙ୍କ ପ୍ରଭାବ ଏହି ସୁସମାଚାରରେ ଆମେ ଲକ୍ଷ୍ୟ କରିପାରୁ ।

ଏହା ସବୁଠାରୁ ସଂକ୍ଷିପ୍ତ ସୁସମାଚାର, କିନ୍ତୁ କାର୍ଯ୍ୟ ସମ୍ପାଦନ ଓ ଲକ୍ଷ୍ୟ ପୂରଣରେ ପରିପୂର୍ଣ୍ଣ । ମାର୍କ ଏହି ସୁସମାଚାର ରୋମ୍ ଠାରେ ନିର୍ଦ୍ଦିଷ୍ଟ ଭାବେ ରୋମୀୟମାନଙ୍କ ନିମନ୍ତେ ରଚନା କରିଥିଲେ । ସେମାନେ କାର୍ଯ୍ୟବ୍ୟସ୍ତ ଜାତି ଥିଲେ ଏବଂ ଶକ୍ତି ଓ କାର୍ଯ୍ୟକ୍ରମ ସମ୍ପାଦନରେ ବିଶ୍ୱାସ କରୁଥିଲେ । ବାକ୍ୟ ବୀର ହେବା ଅପେକ୍ଷା କର୍ମବୀର ହେବା ସେମାନେ ପସନ୍ଦ କରୁଥିଲେ । ଏଠାରେ ପୁରାତନ ନିୟମର ଖୁବ୍ କମ୍ ଅଂଶ ଉଦ୍ଧୃତ କରାଯାଇଛି । କେବଳ ଚାରୋଟି ଦୃଷ୍ଟାନ୍ତ ବର୍ଣ୍ଣନା କରାଯାଇଛି । କୌଣସି ଦୀର୍ଘ ଭୂମିକା ଏ ପୁସ୍ତକରେ ଲକ୍ଷ୍ୟ କରାଯାଏ ନାହିଁ । 'ସିଧା ସଳଖ', 'ସେହିକ୍ଷଣି' ଏବଂ 'ତତ୍‌କ୍ଷଣାତ୍' – ଏହିପରି ବେଗଗାମୀ ସୂଚକ ଶବ୍ଦଗୁଡିକ ଏଠାରେ ପ୍ରାୟ ୪୦ ଥର ବ୍ୟବହାର କରାଯାଇଛି ।

ସର୍ବାଧିକ ଆଶ୍ଚର୍ଯ୍ୟକର୍ମ ମାର୍କ ଲିଖିତ ସୁସମାଚାରରେ ଲିପିବଦ୍ଧ କରାଯାଇଛି – ୨୦ ଟି ଆଶ୍ଚର୍ଯ୍ୟକର୍ମ ।

## ପାଠ ୨୪ - ଲୂକ

ଲୂକ ଯୀଶୁଙ୍କୁ ଜଣେ ସମ୍ପୂର୍ଣ୍ଣ ମନୁଷ୍ୟ ଭାବେ ଉପସ୍ଥାପିତ କରନ୍ତି । ଗ୍ରୀକ୍ ମାନଙ୍କ ନିକଟଙ୍କୁ ଏହି ସୁସମାଚାର ଲେଖାଯାଏ । ଏଠାରେ ଅବ୍ରହାମଙ୍କ ପରିବର୍ତ୍ତେ ପ୍ରଥମ ମନୁଷ୍ୟ ଆଦମଙ୍କଠାରୁ ବଂଶାବଳୀ ଦର୍ଶାଯାଇଛି । ଜଣେ ସମ୍ପୂର୍ଣ୍ଣ ମନୁଷ୍ୟ ଭାବେ ଯୀଶୁଙ୍କୁ ଅଧିକାଂଶଭାବେ ପ୍ରାର୍ଥନା ସହିତ ଏବଂ ଦୂତମାନଙ୍କର ସେବା ସହ ସଂଯୁକ୍ତ ଥିବା ବର୍ଣ୍ଣନା କରାଯାଇଛି । ଲୂକ ଜଣେ ଚିକିତ୍ସକ ଏବଂ ପାଉଲଙ୍କ ସାଥି ଥିଲେ । ନୂତନ ନିୟମରେ ସେ ଏକମାତ୍ର ବିଜାତୀୟ ଲେଖକ । ସେ ଜଣେ ଶିକ୍ଷିତ ବ୍ୟକ୍ତି ଏବଂ ସୂକ୍ଷ୍ମ ନିରୀକ୍ଷକ ଥିଲେ । ସେ ପ୍ରେରିତ ପୁସ୍ତକ ମଧ୍ୟ ରଚନା କରିଛନ୍ତି । ସେ ଯୀଶୁଙ୍କୁ ସମ୍ପୂର୍ଣ୍ଣ ମନୁଷ୍ୟର ଆଦର୍ଶ ସ୍ୱରୂପେ ଉପସ୍ଥାପିତ କରନ୍ତି ।

ଏହି ସୁସମାଚାର ପାପୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ । ଏହା ମନୁଷ୍ୟକୁ ରକ୍ଷା କରିବା ନିମନ୍ତେ ମନୁଷ୍ୟରୂପୀ ହେବା ଦ୍ୱାରା ଖ୍ରୀଷ୍ଟଙ୍କର ଅସୀମ ପ୍ରେମର ପରିଚୟ ଦିଏ । ଯୀଶୁଙ୍କର ଅଲୌକିକ ଜନ୍ମ ବିଷୟରେ ଡାକ୍ତର ଲୂକ ଆମକୁ ସମ୍ପୂର୍ଣ୍ଣ ବିବରଣୀ ଦିଅନ୍ତି । ସେ କେବଳ ମେଷପାଳକମାନଙ୍କର ଦର୍ଶନ ବିଷୟରେ ବର୍ଣ୍ଣନା କରନ୍ତି । କେବଳ ଲୂକ ୧୨ ବର୍ଷ ବୟସରେ ଯୀଶୁଙ୍କର ମନ୍ଦିର ପରିଦର୍ଶନ ସମ୍ପର୍କରେ ବର୍ଣ୍ଣନା କରନ୍ତି । ଏହି ସୁସମାଚାରରେ ଛଅଟି ଆଶ୍ଚର୍ଯ୍ୟକର୍ମ ମଧ୍ୟରୁ ପାଞ୍ଚଟି ସୁସ୍ଥତା ବିଷୟରେ ବର୍ଣ୍ଣିତ । ମାଲଖ୍‌ଙ୍କର କର୍ଣ୍ଣର ସୁସ୍ଥତା (୨୨:୫୧) ସମ୍ପର୍କରେ କେବଳ ଲୂକ ବର୍ଣ୍ଣନା କରନ୍ତି ।

ଜଗତରେ ପତିତମାନଙ୍କ ନିମନ୍ତେ ଲୂକଲିଖିତ ସୁସମାଚାର ଉଦ୍ଦିଷ୍ଟ । ସ୍ତ୍ରୀମାନଙ୍କ ସମ୍ପର୍କରେ ସେ ଅଧିକ ବର୍ଣ୍ଣନା କରନ୍ତି । ଏହି ସୁସମାଚାର ସୁନ୍ଦର ପଦ୍ୟରେ ପରିପୂର୍ଣ୍ଣ ଏକ କାବ୍ୟ ପୁସ୍ତକ । ଅନ୍ୟ ଲେଖକମାନଙ୍କ ତୁଳନାରେ ସେ ଯୀଶୁଙ୍କର ପ୍ରାର୍ଥନା ସମ୍ପର୍କରେ ଅଧିକ ବର୍ଣ୍ଣନା କରନ୍ତି ।

## ପାଠ ୨୫ – ଯୋହନ

ଯୋହନ ଯୀଶୁଙ୍କୁ ଈଶ୍ୱରଙ୍କ ପୁତ୍ର ଭାବେ ଚିତ୍ରଣ କରନ୍ତି । ଏହି ସୁସମାଚାରେ ପ୍ରତ୍ୟେକଟି ବିଷୟ ତାହାଙ୍କର ଐଶରୀକ ସମ୍ପର୍କ ଚିତ୍ରିତ ଓ ପ୍ରଦର୍ଶିତ କରେ ।

ଏହି ପୁସ୍ତକର ଲେଖକ ଯୋହନଙ୍କୁ 'ମେଘନାଦର ପୁତ୍ର' କୁହାଯାଏ, "ଯେଉଁ ଶିଷ୍ୟଙ୍କୁ ଯୀଶୁ ପ୍ରେମ କରୁଥିଲେ" । ତାଙ୍କର ପିତାଙ୍କ ନାମ ଜେବଦି ଯେ କି ଜଣେ ସମୃଦ୍ଧିଶାଳୀ ମତ୍ସ୍ୟ ବ୍ୟବସାୟୀ ଥିଲେ ଓ ତାଙ୍କର ମାତାଙ୍କ ନାମ ସଲୋମୀ ଯେ କି ପ୍ରଭୁଙ୍କର ଜଣେ ବିଶ୍ୱାସ୍ତ ଅନୁସରଣକାରିଣୀ ଥିଲେ । ତାଙ୍କ ଭ୍ରାତାଙ୍କର ନାମ ଯାକୁବ ।

ଅନ୍ୟ ସୁସମାଚାର ଲେଖକମାନଙ୍କ ପ୍ରାୟ ଗୋଟିଏ ପୁରୁଷ ପରେ ସେ ଏହା ରଚନା କରିଥିଲେ । ଯୀଶୁ ତାଙ୍କୁ ଆହ୍ୱାନ କରିବା ସମୟରେ ସମ୍ଭବତଃ ତାଙ୍କୁ ୨୫ ବର୍ଷ ହୋଇଥିଲା । ସେ ବାପ୍ତିଜକ ଯୋହନଙ୍କର ଜଣେ ଶିଷ୍ୟ ଥିଲେ । ତାଙ୍କର ପରବର୍ତ୍ତୀ ଜୀବନରେ ଅର୍ଥାତ୍, ୮୦ ରୁ ୧୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ତାଙ୍କୁ ନିର୍ବାସନରେ ପାଟ୍ମକୁ ପ୍ରେରଣ କରାଯାଇଥିଲା । ଏହି ସମୟରେ ଯୋହନଙ୍କର ପୁସ୍ତକଗୁଡିକ ବ୍ୟତୀତ ନୂତନ ନିୟମର ଅନ୍ୟ ସମସ୍ତ ପୁସ୍ତକ ରଚିତ ହୋଇ ସାରିଥିଲା ।

ଅନ୍ୟ ସୁସମାଚାର ଗୁଡିକ ତୁଳନାରେ ଯୋହନ ଲିଖିତ ସୁସମାଚାର ଉଚ୍ଚ ସ୍ତରରେ ଆଭାସ ପ୍ରଦାନ କରେ । ଏହି ପୁସ୍ତକରେ ଯୀଶୁ ୩୫ ଥର ଈଶ୍ୱରଙ୍କୁ 'ମୋହର ପିତା' ଭାବେ ବର୍ଣ୍ଣନା କରନ୍ତି । 'ସତ୍ୟ ସତ୍ୟ' ଶବ୍ଦଟି ଗୁରୁତ୍ୱର ସହ ଯୀଶୁ ପ୍ରାୟ ୨୫ ଥର ଏହି ସୁସମାଚାରରେ ବ୍ୟବହାର କରିଛନ୍ତି ।

ଯୋହନ କୁହନ୍ତି, ସେ ଏହି ପୁସ୍ତକ ରଚନା କରିଛନ୍ତି – ଯେପରି ଏହି ପୁସ୍ତକ ମାଧ୍ୟମରେ ଯୀଶୁ ଯେ ଖ୍ରୀଷ୍ଟ – ଏହା ସମସ୍ତେ ବିଶ୍ୱାସ କରିବେ । ଏ ବିଷୟରେ ଯୋହନ ସାତୋଟି ସାକ୍ଷ୍ୟ ଦିଅନ୍ତି । ୧:୩୪; ୧:୪୯; ୬:୨୭; ୨୦:୨୮; ୨୦:୩୧ ଓ ୧୦:୩୬ । ସେ ୭ଟି ଆଶ୍ଚର୍ଯ୍ୟକର୍ମ ମଧ୍ୟ ଲିପିବଦ୍ଧ କରିନ୍ତି – ୨:୧-୧୧; ୪:୪୬; ୫୪; ୫:୧-୪୭; ୬:୧-୧୪; ୬:୧୫-୨୧; ୯:୧-୧୪ ଏବଂ ୧୧:୧-୫୭ ; ଖ୍ରୀଷ୍ଟଙ୍କର ଐଶରୀକ ପ୍ରକୃତି ମଧ୍ୟ ସାତୋଟି 'ମୁଁ ଅଟେ' ଦ୍ୱାରା ଏହି ପୁସ୍ତକରେ ପ୍ରକାଶ ପାଇଛି ।

## ପାଠ ୨୬ – ପ୍ରେରିତ

ଖ୍ରୀଷ୍ଟ ଜଗତରେ 'କେଉଁ ବିଷୟ ଆରମ୍ଭ କଲେ' ଲୂକ ଲିଖିତ ସୁସମାଚାରରେ ତାହା ବର୍ଣ୍ଣନା କରାଯାଏ । ପରବର୍ତ୍ତୀ ଅବସ୍ଥାରେ ପବିତ୍ରଆତ୍ମାଙ୍କ ଦ୍ୱାରା ସେ ଯେଉଁ କାର୍ଯ୍ୟ କ୍ରମାଗତ ଭାବରେ କଲେ, ତାହା ପ୍ରେରିତ ପୁସ୍ତକରେ ବର୍ଣ୍ଣନା କାରାଯାଏ । ଆମ୍ଭମାନଙ୍କ ପ୍ରଭୁ ଯୀଶୁଙ୍କର ସ୍ୱର୍ଗାରୋହଣ ଲୂକ ଲିଖିତ ସୁସମାଚାରର ଶେଷ ଦୃଶ୍ୟ । ଏହା ପ୍ରେରିତ ପୁସ୍ତକର ଆରମ୍ଭ ବିଷୟ ।

ପ୍ରେରିତ ମାନଙ୍କ ମାଧ୍ୟମରେ ହୋଇଥିବା ପବିତ୍ରଆତ୍ମାଙ୍କ କାର୍ଯ୍ୟଗୁଡିକ ପ୍ରେରିତ ପୁସ୍ତକରେ ଲିପିବଦ୍ଧ କରାଯାଇଛି । ପବିତ୍ରଆତ୍ମାଙ୍କ ନାମ ଏହି ପୁସ୍ତକରେ ପ୍ରାୟ ୭୦ ଥର ଉଲ୍ଲେଖ କରାଯାଇଛି । 'ସାକ୍ଷୀ' ଶବ୍ଦଟି ପ୍ରାୟ ୩୦ ଥର ବ୍ୟବହାର କରାଯାଇଛି ।

ଯିହୂଦୀ ଦେଶର ରାଜଧାନୀ ନଗରୀ ଯିରୁଶାଲମଠାରେ ହୋଇଥିବା ପ୍ରଚାର ସହିତ ଏହି ପୁସ୍ତକ ଆରମ୍ଭ ହୋଇଛି । ପୁଣି ପୃଥିବୀର ଶକ୍ତି କେନ୍ଦ୍ର ମହାନଗରୀ ରୋମ୍‌ଠାରେ ହୋଇଥିବା ସୁସମାଚାର ପ୍ରଚାର ସହ ଶେଷ ହୋଇଛି । ଏକ ସମୟରେ ପ୍ରେରିତମାନେ ପ୍ରତ୍ୟେକ ଦିଗକୁ ଯାଇ ସେ ସମୟର ଜଗତର ପ୍ରତ୍ୟେକ ଜାତି/ଦେଶ ନିକଟରେ ସୁସମାଚାର ପ୍ରଚାର କରିଥିଲେ (କଲସୀୟ ୧ : ୨୩) ।

ପ୍ରେରିତ ୧ ଅଧ୍ୟାୟରୁ ୧୨ ଅଧ୍ୟାୟ ମଧ୍ୟରେ ଆମେ ପିତରଙ୍କୁ ଯିହୂଦୀମାନଙ୍କ ନିକଟରେ ସାକ୍ଷ୍ୟ ପ୍ରଦାନ କରିବାର ଦେଖୁ ; ମନ ଫେରଣ ତାଙ୍କ ପ୍ରଚାର ସମ୍ବାଦ ଥିଲା । ପ୍ରେରିତ ୧୩ ଅଧ୍ୟାୟରୁ ୨୮ ଅଧ୍ୟାୟ ମଧ୍ୟରେ ଆମେ ପାଉଲଙ୍କୁ ବିଜାତୀୟମାନଙ୍କ ନିକଟରେ ସାକ୍ଷ୍ୟ ପ୍ରଦାନ କରିବାର ଦେଖୁ । ସେ କହନ୍ତି , "ବିଶ୍ୱାସ କର ।"

ପ୍ରେରିତ ପୁସ୍ତକ ପ୍ରଚାରମୂଳକ ସଂସ୍ଥା ନିମନ୍ତେ ଏକ ଉତ୍ତମ ସହାୟକ ପୁସ୍ତକ । ପ୍ରଚାରର ମୂଳ ଉଦ୍ଦେଶ୍ୟ ଅର୍ଥାତ୍ ପାପୀ ମନୁଷ୍ୟକୁ ଯୀଶୁଖ୍ରୀଷ୍ଟଙ୍କର ପରିତ୍ରାଣ ଜ୍ଞାନର ନିକଟବର୍ତ୍ତୀ କରାଇବା ଏହି ପୁସ୍ତକ ଦର୍ଶାଏ । ପ୍ରଥମ ମଣ୍ଡଳୀ ତାହାର ଯୋଜନାସମୂହ କାର୍ଯ୍ୟକାରୀ କରିବା ନିମନ୍ତେ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଅବଲମ୍ବନ କରିଥିଲେ । ସେମାନେ କେନ୍ଦ୍ରଭାବେ ଏକ ଜନାକୀର୍ଣ୍ଣ ସ୍ଥାନ ମନୋନୟନ କରିଥିଲେ । ପବିତ୍ରଆତ୍ମାଙ୍କ ଉପରେ ସେମାନେ ନିର୍ଭରୁ କରୁଥିଲେ । ସେମାନଙ୍କର ଅଦମ୍ୟ ଉତ୍ସାହ ଥିଲା । ପାଉଲଙ୍କର ତିନୋଟି ପ୍ରଚାର ଯାତ୍ରା ତାଙ୍କ ସଫଳ ସୁସମାଚାର କାର୍ଯ୍ୟର ସର୍ବୋତ୍କୃଷ୍ଟ ଦୃଷ୍ଟାନ୍ତ ।

## ପାଠ ୨୭ – ରୋମୀୟ

ଏହା ପତ୍ରମାନଙ୍କ ମଧ୍ୟରେ ପ୍ରଥମ । ୧୩ଗୋଟି ପତ୍ର ପାଉଲଙ୍କ ଦ୍ୱାରା ଲିଖିତ । ଅତଏବ ପାଉଲଙ୍କ ପତ୍ର ଭାବେ ପରିଚିତ (ଏହି ତାଲିକାରେ ଏବ୍ରୀ ଅନ୍ତର୍ଭୁକ୍ତ ଯଦିଓ ପାଉଲ ଏହାର ଲେଖକ ବୋଲି ଆମେ ନିଶ୍ଚିତ ନୋହୁଁ) ପାଉଲ ନୈଷ୍ଠିକ ଯିହୂଦୀ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ରୋମୀୟ ନାଗରିକତା, ଗ୍ରୀକ୍ ଶିକ୍ଷା ଏବଂ ଏବ୍ରୀ ଧର୍ମର ସମ୍ମିଳନୀ ତାଙ୍କୁ ସୁନ୍ଦର ଭାବେ ତାଙ୍କ ମହାନ୍ କାର୍ଯ୍ୟ ନିମନ୍ତେ ପ୍ରସ୍ତୁତ କରିବାରେ ସାହାଯ୍ୟ କରିଥିଲା ।

ଯିରୁଶାଲମରେ ନିସ୍ତାର ପର୍ବ ପାଳନ କରିବା ନିମନ୍ତେ ଅସିଥିବା ରୋମ୍‌ର ପରିଦର୍ଶକମାନେ ପେଣ୍ଟିକଷ୍ଟ ପର୍ବ ସମୟରେ ପରିବର୍ତ୍ତିତ ହୋଇଥିଲେ ଏବଂ ସୁସମାଚାରର ବୀଜ ବପନ କରି ପ୍ରତ୍ୟାବର୍ତ୍ତନ ପରେ ସେଠାରେ ମଣ୍ଡଳୀ ସ୍ଥାପନ କରିଥିଲେ । ୨୮ ବର୍ଷ ପରେ ପାଉଲ ଏହି ମଣ୍ଡଳୀ ପରିଦର୍ଶନ କରିବା ନିମନ୍ତେ ଆଗ୍ରହୀ ହୋଇଥିଲେ ଏବଂ ଏହି ପତ୍ର କରିନ୍ଥରେ ସେ ତାଙ୍କର ତୃତୀୟ ସୁସମାଚାର ଯାତ୍ରାର ୩ ମାସ କ୍ଷେପଣ କରିବା ସମୟରେ ପ୍ରେରଣ କରିଥିଲେ । ଦୋଷୀ ମନୁଷ୍ୟକୁ ଉତ୍ତମ ବ୍ୟକ୍ତିରେ ପରିଣତ କରିବା ପାଇଁ ଈଶ୍ୱରଙ୍କର ପ୍ରଣାଳୀ ରୋମୀୟ

ପୁସ୍ତକରେ ବର୍ଣ୍ଣନା କରାଯାଏ । ଏହା ଆମର ପରିତ୍ରାଣ ବିଷୟ ଉପରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଲିଖିତ ବିବରଣୀ ।

**ଭାଗ ବିଭାଗ** – ୧-୮ ଅଧ୍ୟାୟ ତତ୍ତ୍ୱ ସମ୍ବନ୍ଧୀୟ ପ୍ରଥମ ତିନି ଅଧ୍ୟାୟ (ବିଶେଷତଃ ୧:୧୮ ଓ ୩:୨୦) ମନୁଷ୍ୟର ଭୟଙ୍କର ପାପପୂର୍ଣ୍ଣ ଅବସ୍ଥା ଦର୍ଶାଏ । ଧାର୍ମିକ ଗଣନା ଦ୍ୱାରା ଈଶ୍ୱରଙ୍କର ଧାର୍ମିକତା ବିଷୟରେ ପରେ (୩:୨୧ – ୫:୧୧) ବର୍ଣ୍ଣନା କରାଯାଏ । ଏହାପରେ ସାଧୁମାନଙ୍କ ପବିତ୍ରୀକରଣ ସମ୍ବାଦ (୫:୧୨-୮:୩୯) ବିଷୟରେ ଲେଖାଯାଇଛି । ୯-୧୧ ଅଧ୍ୟାୟ ବିଧିବିଧାନ ସମ୍ବନ୍ଧୀୟ । ଏ ଅଂଶରେ ଇତିହାସ ମାଧ୍ୟମରେ ଇଶ୍ରାୟେଲ ନିକଟରେ ଈଶ୍ୱରଙ୍କର ଉଦ୍ଦେଶ୍ୟ ବର୍ଣ୍ଣନା କରାଯାଇଛି । ଶେଷ ୫ ଟି ଅଧ୍ୟାୟ ବ୍ୟବହାରିକ ଅର୍ଥାତ୍ ୧୨ -୧୬ ଅଧ୍ୟାୟରେ ଖ୍ରୀଷ୍ଟିୟାନର କର୍ତ୍ତବ୍ୟ ବିଷୟରେ ବର୍ଣ୍ଣନା କରାଯାଏ ।

## ପାଠ ୨୮ - ପ୍ରଥମ ଓ ଦ୍ୱିତୀୟ କରିନ୍ଥୀୟ ପୁସ୍ତକ

ପାଉଲଙ୍କ ସମୟରେ କାମାସକ୍ତ କରିନ୍ଥ ରୋମୀୟ ସାମ୍ରାଜ୍ୟର ପାପର କେନ୍ଦ୍ର ଥିଲା । ସମଗ୍ର ଗ୍ରୀସ୍‌ର ଏହା ଏକ ଗୁରୁତ୍ୱପୂର୍ଣ୍ଣ ସହର ଥିଲା । ଏହା ଅତିରିକ୍ତ ଧନଶାଳୀ ଏବଂ ଅତିଶୟ ମନ୍ଦ ଥିଲା ।

ଏହିପରି ଏକ କଳୁଷିତ ପରିସ୍ଥିତିରେ ପାଉଲ କରିନ୍ଥରେ ସୁସମାଚାର ପ୍ରଚାର କରିଥିଲେ, ମଣ୍ଡଳୀ ସ୍ଥାପନ କରିଥିଲେ ଏବଂ ଏହି ଦୁଇଟି ପତ୍ର ଲେଖିଥିଲେ ।

କରିନ୍ଥ ନିବାସୀମାନେ ଏକ ପ୍ରତିନିଧି ଦଳକୁ ଏକ ପତ୍ର ସହ ପାଉଲଙ୍କ ନିକଟକୁ ପଠାଇଥିଲେ (୭:୧; ୧୬:୧୭) ଏବଂ ୧କରିନ୍ଥୀୟ ପୁସ୍ତକ ସେହି ମଣ୍ଡଳୀର ଅବସ୍ଥା ସମ୍ପର୍କରେ ପାଉଲଙ୍କ ଉତ୍ତରର ଏକ ପତ୍ର । କାମୁକତାର ପ୍ରବେଶ ହେତୁ ଖ୍ରୀଷ୍ଟିୟାନମାନେ ବିଭକ୍ତ ହୋଇଯାଇଥିଲେ । ଖ୍ରୀଷ୍ଟିୟାନମାନେ ଅନ୍ୟ ଖ୍ରୀଷ୍ଟିୟାନମାନଙ୍କ ବିରୁଦ୍ଧରେ ନ୍ୟାୟାଳୟକୁ ଯିବା ଏବଂ ପ୍ରଭୁଭୋଜ ମେଜ ନିକଟରେ ଭିନ୍ନ ଆଚରଣ କରିବା ଅତି ଲଜ୍ଜାକର ବିଷୟ ଥିଲା । ସ୍ତ୍ରୀମାନେ ଲଜ୍ଜାଶୀଳା ନ ଥିଲେ ଏବଂ ମଣ୍ଡଳୀର ସଭ୍ୟମାନେ ବିବାହ ଓ ଆତ୍ମିକ ଦାନ ବିଷୟରେ ତର୍କ ବିତର୍କ କରୁଥିଲେ ।

ପାଉଲ ୧୫ ଅଧ୍ୟାୟରେ ଖ୍ରୀଷ୍ଟଙ୍କର ପୁନରୁତ୍ଥାନର ଅନେକ ପ୍ରମାଣ ଦିଅନ୍ତି । ପାଉଲଙ୍କର ପ୍ରଥମ ପତ୍ର କିପରି ଭାବରେ ଗ୍ରହଣ କରାଯାଇଥିଲା, ସେ ବିଷୟରେ ଉତ୍ସାହଜନକ ସମ୍ବାଦ ହେତୁ ତାଙ୍କ ଆନନ୍ଦ ପ୍ରକାଶ କରି ଓ ତାଙ୍କ ପରିଦର୍ଶନକୁ ବଜାୟ ରଖିବା ନିମନ୍ତେ ୨କରିନ୍ଥୀୟ ପୁସ୍ତକ ଲେଖିଥିଲେ । ଅନ୍ୟ ପତ୍ରଗୁଡିକ ତୁଳନାରେ ଏହି ପତ୍ରରେ ସେ ତାଙ୍କର

ବ୍ୟକ୍ତିଗତ ଘଟନାବଳୀ ଅଧିକଭାବେ ବର୍ଣ୍ଣନା କରନ୍ତି । ଏହି ପତ୍ର 'ସାନ୍ତ୍ୱନା' (୧:୩) ସହିତ ଆରମ୍ଭ ହୋଇ 'ସାନ୍ତ୍ୱନା' ସହିତ ଶେଷ ହୋଇଛି (୧୩:୧୧)।

## ପାଠ ୨୯ – ଗାଲାତୀୟ ପୁସ୍ତକ

ପାଉଲଙ୍କ ଦ୍ୱିତୀୟ ସୁସମାଚାର ଯାତ୍ରା ସମୟରେ ସେ ଗାଲାତୀ ନାମକ ଏକ ଗ୍ରାମ୍ୟ ଅଞ୍ଚଳରେ ମଣ୍ଡଳୀଗୁଡିକ ସ୍ଥାପନ କରିଥିଲେ । କର୍ମ ଦ୍ୱାରା ପରିତ୍ରାଣ ବିଷୟରେ ଶିକ୍ଷା ଦେଇ ବ୍ୟବସ୍ଥା ଶିକ୍ଷକମାନେ ପାଉଲଙ୍କର ଅନୁକରଣ କରୁଥିଲେ । ଭ୍ରାନ୍ତ ଶିକ୍ଷକମାନେ ଲୋକମାନଙ୍କୁ ସମସ୍ତ ପ୍ରକାର ଉତ୍ସବ, ପର୍ବପାଳନ କରିବା ନିମନ୍ତେ ଶିକ୍ଷା ଦେଇ 'ସମ୍ମୋହିତ' କରିବାକୁ ଆରମ୍ଭ କରିଥିଲେ । ପାଉଲ ସେମାନଙ୍କୁ ଜଣାଇବା ପାଇଁ ଚାହୁଁଥିଲେ ଯେ, କୌଣସି ବିଷୟ ବା କୌଣସି କର୍ମ ସେମାନଙ୍କୁ ଖ୍ରୀଷ୍ଟଙ୍କର ନିକଟବର୍ତ୍ତୀ କରିପାରିବ ନାହିଁ, କିନ୍ତୁ କେବଳ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବା ଦ୍ୱାରା ପରିତ୍ରାଣ ଆସେ । ଯେତେବେଳେ ପାଉଲ ଶୁଣିଲେ ଯେ, ଗାଲାତୀୟମାନେ ଭ୍ରାନ୍ତ ଶିକ୍ଷକମାନଙ୍କ ଶିକ୍ଷା ଗ୍ରହଣ କରିବାକୁ ଆରମ୍ଭ କରୁଛନ୍ତି, ସେ ଅତି ଜରୁରୀ ମନେକରି ଏହି ପତ୍ର ନିଜେ ଲେଖିଥିଲେ (୬:୧୧) ।

ଏହି ପତ୍ରକୁ ଖ୍ରୀଷ୍ଟିୟାନର ସ୍ୱାଧିନର ଏକ ସ୍ୱୀକାରୋକ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । ବ୍ୟବସ୍ଥା ଏବଂ ଅନୁଗ୍ରହ ମଧ୍ୟରେ ପାର୍ଥକ୍ୟ ଏଠାରେ ଦର୍ଶାଯାଇଛି । ଏହା ଏକ ଦୃଢ, କଠୋର ଏବଂ ଗମ୍ଭୀର ସମ୍ବାଦ; ଏଠାରେ କୌଣସି ପ୍ରଶଂସା, ଧନ୍ୟବାଦ ବା ପ୍ରୋତ୍ସାହନ ବିଷୟ ନାହିଁ । ଏଥିରେ କୌଣସି ବ୍ୟକ୍ତିଙ୍କର ନାମକରଣ କରାଯାଇନାହିଁ ବରଂ ଭାବପ୍ରବଣତା ଏବଂ ଦୃଢ ଅନୁଭବ ଏଠାରେ ଲକ୍ଷ୍ୟ କରାଯାଏ । ଏହା ମାର୍ଟିନ୍ ଲୁଥରଙ୍କ ପ୍ରିୟ ପାତ୍ର ଥିଲା । 'ବିଶ୍ୱାସ ଦ୍ୱାରା ଧାର୍ମିକତା' ବିଷୟରେ ଶିକ୍ଷା ସମଗ୍ର ଶାସ୍ତ୍ର ଅପେକ୍ଷା ଏହି ଅଂଶରେ ସବୁଠାରୁ ସ୍ପଷ୍ଟ ଭାବେ ଘୋଷଣା କରାଯାଇଛି ଏବଂ ଏହି ତତ୍ତ୍ୱ ସପକ୍ଷରେ ଯୁକ୍ତିଯୁକ୍ତ କାରଣ ଦର୍ଶାଯାଇଛି ।

## ପାଠ ୩୦ – ଏଫିସୀୟ ପୁସ୍ତକ

ଚାରୋଟି କାରାଗାର ପତ୍ରଗୁଡିକ ମଧ୍ୟରେ ଏଫିସୀୟ ପୁସ୍ତକ ଗୋଟିଏ (ଫିଲିପ୍ପୀୟ କଲସୀୟ ଓ ଫିଲିମୋନ ଅନ୍ୟଗୁଡିକ ଅଟନ୍ତି) । ଏହା ମଣ୍ଡଳୀର ମହାନ୍ ରହସ୍ୟ ବିଷୟ ପ୍ରକାଶ କରେ । କେହି କେହି ଏହାକୁ ପାଉଲଙ୍କର 'ତୃତୀୟ ସ୍ୱର୍ଗର ପତ୍ର' ବା 'ପାଉଲଙ୍କର ମହା ପବିତ୍ର ପତ୍ର' ନାମ ଦେଇଥାନ୍ତି ।

ପାଉଲ ତାଙ୍କର ଦ୍ୱିତୀୟ ପ୍ରଚାର ଯାତ୍ରା ସମୟରେ ପବିତ୍ରଆତ୍ମାଙ୍କ ଦ୍ୱାରା ଆସିଆ, ଅର୍ଥାତ୍,

ଯେଉଁଠାରେ ଏଫିସୀ ଏକ ସମ୍ମୁନ୍ନତ କେନ୍ଦ୍ର ଥିଲା, ସେଠାରେ ପ୍ରବେଶ କରିବାକୁ ବାରଣ କରାଯାଇଥିଲେ । ତେଣୁ ସେ ଇମରୋପର କରିନ୍ଥକୁ ଯାଇ ପ୍ରତ୍ୟାବର୍ତ୍ତନ କରିବା ସମୟରେ ଏଫିସୀ ପଥ ଦେଇ ଆସିଥିଲେ । ତୃତୀୟ ପ୍ରଚାର ଯାତ୍ରାରେ ସେ ସେଠାକୁ ପୁନର୍ବାର ଯାଇଥିଲେ ଏବଂ ସେଠାରେ ଦୁଇବର୍ଷ ରହି କାର୍ଯ୍ୟ କରିଥିଲେ (ପ୍ରେରିତ ୧୮:୧୯ ଏବଂ ୧୯:୮-୧୦) । ଅନ୍ୟ ଲୋକମାନଙ୍କ ତୁଳନାରେ ଏଫିସୀର ଲୋକମାନେ ପାଉଲଙ୍କଠାରୁ ଅଧିକ ରୂପେ ବାଇବଲ ଶିକ୍ଷା ପାଇଥିଲେ । ଏଠାରେ ସେ ପ୍ରତିରୋଧର ସମ୍ମୁଖୀନ ହୋଇଥିଲେ ସୁଦ୍ଧା ଈଶ୍ୱର ତାଙ୍କୁ ସୁରକ୍ଷା କରିଥିଲେ । ସେ ଏଫିସୀୟରେ ଥିବା ମଣ୍ଡଳୀକୁ ପ୍ରେମ କରୁଥିଲେ ।

ଏହି ଗଭୀର ଆତ୍ମିକ ପୁସ୍ତକର ଭାଗ ବିଭାଗ :-

୧) 'ଖ୍ରୀଷ୍ଟଙ୍କ ଠାରେ' ବା 'ସ୍ୱର୍ଗରେ' ବିଶ୍ୱାସୀର ସ୍ଥାନ (୧-୩ ଅଧ୍ୟାୟ)

୨) ବିଶ୍ୱାସୀର ଆଚରଣ (୪-୬ ଅଧ୍ୟାୟ)
- ମାଣ୍ଡଳୀକ ଭାବେ ୪ ଅଧ୍ୟାୟ
- ନୈତିକ ଭାବେ ୫ ଅଧ୍ୟାୟ
- ସାମାଜିକ ଭାବେ ୫:୨୧-୬:୯
- ସାମରିକ ଭାବେ ୬:୧୦-୨୪

## ପାଠ ୩୧ - ଫିଲିପ୍ପୀୟ ଓ କଲସୀୟ ପୁସ୍ତକ

ଏଫିସୀୟ ଓ ଫିଲିମୋନ୍ ପରି ଏହି ପତ୍ର ମଧ୍ୟ କାରାଗାରରୁ ଲେଖାଯାଇଥିଲା । ପାଉଲ ଏବଂ ତିମଥି ଯେଉଁ ଦାନ ନିମନ୍ତେ କୃତଜ୍ଞତା ପ୍ରକାଶ କରି ଏପାଫ୍ରଦିତଙ୍କ ଦ୍ୱାରା ଫିଲିପ୍ପୀୟ ମଣ୍ଡଳୀକୁ ଯେଉଁ ପତ୍ର ପ୍ରେରଣ କରିଥିଲେ, ସେହି ଫିଲିପ୍ପୀୟ ପତ୍ର ମୌଳିକଭାବେ ଏକ 'ଧନ୍ୟବାଦର ପତ୍ର' ।

ଫିଲିପ୍ପୀଠାରେ ଥିବା ମଣ୍ଡଳୀ ପ୍ରତି ପାଉଲଙ୍କର ଏକ ଅନାବିଳ ପ୍ରେମ ଥିଲା । ନଦୀକୂଳରେ ଦଳେ ସ୍ତ୍ରୀମାନଙ୍କ ସହ ସାକ୍ଷାତ ହେବା ସମୟରେ ଲୂଦିଆ ପରିତ୍ରାଣ ପାଇଥିଲେ । ପରେ ପାଉଲ ଓ ଶୀଲାଙ୍କୁ କାରାରୁଦ୍ଧ କରି ସେମାନଙ୍କୁ ବେତ୍ରାଘାତ କରାଯାଇଥିଲା । ମଧ୍ୟ ରାତ୍ରିରେ ସେମାନେ ଯେତେବେଳେ ପ୍ରାର୍ଥନା କରୁଥିଲେ ଏବଂ ଈଶ୍ୱରଙ୍କ ପ୍ରଂଶସା କରୁଥିଲେ, ସେ ସମୟରେ ଏକ ବିରାଟ ଭୂମିକମ୍ପରେ କାରାଗାର ଦୋହଲି ଗଲା । ସେଠାରେ କାରାଗାରର ଅଧ୍ୟକ୍ଷ୍ୟ ଏବଂ ତାଙ୍କର ପରିବାର ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କଲେ ଏବଂ ବାପ୍ତିଜିତ ହେଲେ (ପ୍ରେରିତ ୧୬) ।

ଆନନ୍ଦ ଏହି ପୁସ୍ତକର ଅନ୍ତର୍ନିହିତ ବିଷୟବସ୍ତୁ ।

କଷ୍ଟ ଭୋଗରେ ଆନନ୍ଦ ୧ ଅଧ୍ୟାୟ

ସେବାରେ ଆନନ୍ଦ ୨ ଅଧ୍ୟାୟ
ଖ୍ରୀଷ୍ଟଙ୍କ ଠାରେ ଆନନ୍ଦ ୩ ଅଧ୍ୟାୟ
ସନ୍ତୁଷ୍ଟତାରେ ଆନନ୍ଦ ୪ ଅଧ୍ୟାୟ

ପାଉଲ କଲସୀୟମାନଙ୍କୁ ପତ୍ର ଲେଖିଥିଲେ, କାରଣ ଭ୍ରାନ୍ତ ଶିକ୍ଷା ସେ ସମୟରେ ଦିଆଯାଉଥିଲା ଏବଂ ତାହା ସଂଶୋଧନ କରିବାର ଆବଶ୍ୟକତା ଥିଲା । ଖ୍ରୀଷ୍ଟିୟାନମାନେ ଭାବୁଥିଲେ ଯେ, ସେମାନେ ସୁନ୍ନତ ବିଧି, ବିଭିନ୍ନ ଖାଦ୍ୟ ବିଷୟକ ବ୍ୟବସ୍ଥା, ପର୍ବ ସମୂହ ଏବଂ ଦୂତମାନଙ୍କର ମଧ୍ୟସ୍ଥତା ଇତ୍ୟାଦି – ଏ ସମସ୍ତ ବିଷୟ ପାଳନ କରିବା ଆବଶ୍ୟକ । ସେମାନେ ଖ୍ରୀଷ୍ଟଙ୍କର ଈଶ୍ୱରତ୍ୱ ବିଷୟ ସ୍ୱଷ୍ଟ ରୂପେ ବୁଝି ନ ଥିଲେ । ତେଣୁ ସେମାନଙ୍କ ସମସ୍ତ ଆବଶ୍ୟକୀୟ ବିଷୟ ଯେ ଯୀଶୁଙ୍କଠାରେ ଅଛି, ଏହା ସେମାନେ ବୁଝି ପାରି ନ ଥିଲେ । ପାଉଲ ସେମାନଙ୍କୁ ସଂଶୋଧନ :

୧) ତାତ୍ତ୍ୱିକଭାବେ ୧ ଓ ୨ ଅଧ୍ୟାୟ
୨) ବ୍ୟବହାରିକଭାବେ ୩ ଓ ୪ ଅଧ୍ୟାୟ

## ପାଠ ୩୨ – ୧ମ ୨ୟ ଥେସଲନୀକୀୟ ପୁସ୍ତକ

ପାଉଲ ଏବଂ ଶୀଲା ପାଉଲଙ୍କର ଦ୍ୱିତୀୟ ପ୍ରଘ୍ର ଯାତ୍ରା ସମୟରେ ଥେସଲନିକୀଠାରେ ମଣ୍ଡଳୀ ସ୍ଥାପନ କରିଥିଲେ (ପ୍ରେରିତ ୧୭:୧-୧୦) । ଯିହୂଦୀମାନଙ୍କ ଦ୍ୱାରା ପ୍ରଭାବିତ ଉତ୍ତ୍ୟକ୍ତ ଲୋକେ ଜନତା ହେତୁ ସେମାନେ ଏକ ମାସରୁ କମ୍ ସମୟ ସେଠାରେ ରହିଥିଲେ । ଏହି ନୂତନ ମଣ୍ଡଳୀ ଉଲ୍ଲେଖନୀୟ ଶକ୍ତି ପ୍ରଦର୍ଶନ କରି ପାରିଥିଲା । ଏହାର ସଭ୍ୟମାନେ ମୁଖ୍ୟତଃ ଦେବପୂଜକମାନଙ୍କ ମଧ୍ୟରୁ ପରିବର୍ତ୍ତିତ ଲୋକମାନେ ଥିଲେ ଏବଂ ସେମାନେ ଏକ ଉତ୍ତ୍ୟକ୍ତ ଏବଂ ପୌତ୍ତଳିକ ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ ।

ସେମାନେ କିପରି ଭାବରେ ଉନ୍ନତି ପଥରେ ଅଗ୍ରସର ହେଉଥିଲେ, ତାହା ପାଉଲ ଜାଣିବା ପାଇଁ ଆଗ୍ରହୀ ଥିଲେ । ତୀମଥି ତାଙ୍କ ନିକଟକୁ ଏହି ସମ୍ବାଦ ଆଣିଥିଲେ ଏବଂ ବିଶ୍ୱାସ ଧରି ରଖିବା ନିମନ୍ତେ ଉତ୍ସାହିତ କରିଥିଲେ । ୧ମ ଥେସଲନିକୀରେ ଆମେ ତତ୍ତ୍ୱ ଅପେକ୍ଷା ଉତ୍ସାହର ବିଷୟ ଅଧିକ ପରିମାଣରେ ଦେଖିବାକୁ ପାଉ । ଖ୍ରୀଷ୍ଟିୟ ଜୀବନଯାପନ ଓ ସେବାକାର୍ଯ୍ୟକୁ ଉତ୍ସାହିତ କରିବା ନିମନ୍ତେ ପାଉଲ ଏଠାରେ ବିଶେଷଭାବେ ଯୀଶୁଙ୍କ ଦ୍ୱିତୀୟ ଆଗମନ ବିଷୟରେ କୁହନ୍ତି (୧:୧୦; ୨:୧୯; ୩:୧୩; ୪-୧୬ ରୁ ୧୮ ଏବଂ ୫:୨୩) ।

୨ଥେସଲନିକୀୟ ପୁସ୍ତକ ପ୍ରଥମ ପତ୍ର ଲେଖାଯିବାର ଅଳ୍ପ ସମୟ ପରେ ଲେଖାଯାଇଥିଲା । ଖ୍ରୀଷ୍ଟଙ୍କର ଦ୍ୱିତୀୟ ଆଗମନ ଏହାର ମୁଖ୍ୟ ପ୍ରସଙ୍ଗ । ତାଙ୍କର ପ୍ରଥମ ପତ୍ରରେ ଏହି ଦ୍ୱିତୀୟ ଆଗମନ ବିଷୟ ପାଠ କରି କେହି କେହି ଦ୍ୱନ୍ଦର ସମ୍ମୁଖୀନ ହୋଇଥିଲେ । ଖ୍ରୀଷ୍ଟଙ୍କର ଆଗମନ ପୂର୍ବର ଘଟଣାଗୁଡିକ ଏହି ପତ୍ରରେ ଘୋଷଣା କରାଯାଇ ତଦ୍ୱାରା ଖ୍ରୀଷ୍ଟିୟାନମାନଙ୍କୁ ତାଡନା ସହ୍ୟ କରିବା ନିମନ୍ତେ ପୁଣି ଧୈର୍ଯ୍ୟର ସହ ଖ୍ରୀଷ୍ଟଙ୍କର ପୁନରାଗମନ ନିମନ୍ତେ ଅପେକ୍ଷା କରିବାକୁ ଉତ୍ସାହିତ କରାଯାଇଛି ।

## ପାଠ ୩୩ – ୧ମ ଓ ୨ୟ ତୀମଥି

**୧ ଓ ୨ ତୀମଥି ଏବଂ ତିତସ ;** ଏହି ତିନୋଟି ପତ୍ରକୁ ପାଳକୀୟ ପତ୍ର କୁହାଯାଏ । କାରଣ ଏହି ପତ୍ରଗୁଡିକରେ ଜଣେ ଅଭିଜ୍ଞ ପାଳକଙ୍କ ଦ୍ୱାରା ଯୁବାମାନଙ୍କୁ ଉପଦେଶ ଦିଆଯାଇଛି, ଯେଉଁମାନେ ପୁଣି ଅନ୍ୟମାନଙ୍କୁ ଏହି ପାଳକୀୟ ସେବାକାର୍ଯ୍ୟ ନିମନ୍ତେ ପ୍ରସ୍ତୁତ କରିବେ ।

ତୀମଥିଙ୍କର ପିତା ଗ୍ରୀକ୍ ଏବଂ ମାତା ଯିହୂଦୀ ଥିଲେ । ସମ୍ଭବତଃ ତାଙ୍କୁ ପନ୍ଦର ବର୍ଷ ହୋଇଥିବା ସମୟରେ ଯେତେବେଳେ ପାଉଲ ତାଙ୍କର ନିଜ ସହର ଲୁସ୍ତ୍ରା ପରିଦର୍ଶନ କରିଥିଲେ (ପ୍ରେରିତ ୧୬:୧-୩; ୧ତୀମଥି ୧:୨) । ସେ ପରିବର୍ତ୍ତିତ ହୋଇଥିଲେ । ସାତ ବର୍ଷ ପରେ ସେ ପାଉଲଙ୍କର ସୁସମାଚାର ସହକର୍ମୀ ହୋଇ ପାରିଥିଲେ ।

**୧ ତୀମଥି** - ପ୍ରଥମ କାରାବରଣ ପରେ ପାଉଲ ଏଫିସୀ ପରିଦର୍ଶନ କରିଥିଲେ । ଯେତେବେଳେ ତାଙ୍କୁ ବିଦାୟ ନେବାକୁ ପଡିଲା, ସେ ତୀମଥିଙ୍କୁ ସେହି ସ୍ଥାନରେ କାର୍ଯ୍ୟର ଦାୟିତ୍ୱ ଦେଇଗଲେ । ଜଣେ ସଂକୋଚନଶୀଳ ଏବଂ ସମ୍ବେଦନଶୀଳ ବ୍ୟକ୍ତି ଭାବରେ ତୀମଥି ନିଜକୁ ଏକ କଠିନ ପରୀକ୍ଷାର ସମ୍ମୁଖୀନ ହେବା ଭଳି ଅନୁଭବ କଲେ । ତେଣୁ ପାଉଲ କରିନ୍ଥରୁ ପତ୍ର ଦେଇ ତାଙ୍କୁ ଉତ୍ସାହିତ କରିଥିଲେ ଏବଂ କାର୍ଯ୍ୟ ସମ୍ବନ୍ଧୀୟ ଉପଦେଶ ଦେଇଥିଲେ ।

ଏହି ପତ୍ରର କେନ୍ଦ୍ରୀୟ ଚିନ୍ତାଧାରା ଆମେ ୩:୧୫ରେ ଦେଖିପାରୁ । ଭ୍ରାନ୍ତ ଶିକ୍ଷା ନିମନ୍ତେ ସାବଧାନ ହେବା ପାଇଁ ଚେତାବନୀ ଦେବାକୁ ଏବଂ ପ୍ରାର୍ଥନାର ପ୍ରାଧାନ୍ୟ ଉପରେ ଗୁରୁତ୍ୱ ଦେବା ପାଇଁ ତୀମଥିଙ୍କୁ ଉପଦେଶ ଦିଆଯାଇଛି । ମଣ୍ଡଳୀର କର୍ମକର୍ତ୍ତାମାନଙ୍କ ନିମନ୍ତେ ସ୍ପଷ୍ଟ ନିର୍ଦ୍ଦେଶ ଏବଂ ଜଣେ ଉତ୍ତମ ପାଳକଙ୍କର ଗୁଣାବଳୀ ଏହି ପତ୍ରରେ ଦିଆଯାଇଛି ।

**୨ ତୀମଥି ପାଉଲଙ୍କର ଶେଷ ପତ୍ର ;** ସେ ରୋମୀୟମାନଙ୍କ ଦ୍ୱାରା ବନ୍ଦୀ ଥିବା ସମୟରେ ଏବଂ ତାଙ୍କର ଶେଷ ସମୟ ଯେ ନିକଟବର୍ତ୍ତୀ, ଏପରି ପରିସ୍ଥିତିରେ ଲେଖାଯାଇଥିଲା । ତ୍ରୋୟାଠାରେ ତାଙ୍କୁ ହଠାତ୍ ବନ୍ଦି କରି ନିଆଗଲା ଏବଂ ଏପରିକି ତାଙ୍କର ପୁସ୍ତକ ସମୂହ ପାଣ୍ଡୁଲିପି ଓ ପରିଛଦ ଏକତ୍ର କରିନେବା ନିମନ୍ତେ ସେ ସମୟ ପାଇ ନ ଥିଲେ (୪:୧୩)।

ସେ ଏକାକୀ ଥିଲେ (୪ : ୧୦-୧୨) ଏବଂ ମୃତ୍ୟୁଦଣ୍ଡ ନିମନ୍ତେ ଅପେକ୍ଷାରେ ଥିଲେ । ସେ ତୀମଥିଙ୍କୁ ଆସିବା ନିମନ୍ତେ ଏବଂ ସାଙ୍ଗରେ ମାର୍କଙ୍କୁ ଓ ତାଙ୍କର କେତେଗୁଡିଏ ଆବଶ୍ୟକୀୟ ଜିନିଷ ଆଣିବା ନିମନ୍ତେ ଅନୁରୋଧ କରି ପତ୍ର ଲେଖିଥିଲେ । ଏହି ପତ୍ରର ମୁଖ୍ୟ ପ୍ରସଙ୍ଗ - ଦୁଃଖଭୋଗ, ସେବା, ଧର୍ମତ୍ୟାଗ ଓ ଧର୍ମଶାସ୍ତ୍ର ।

## ପାଠ ୩୪ – ତିତସ ଏବଂ ଫିଲିମୋନ

ତିତସ ଜଣେ ବିଜାତୀୟ ଓ ପାଉଲଙ୍କ ଦ୍ୱାରା ପରିବର୍ତ୍ତିତ ଥିଲେ (୧ :୪) । କରିନ୍ଥଠାରେ ଥିବା ମଣ୍ଡଳୀରେ ଦେଖାଯାଇଥିବା ସମାସ୍ୟାକୁ ସାମାଧାନ କରିବାର କଷ୍ଟସାଧ୍ୟ ଦାୟିତ୍ୱ ପାଉଲ ତିତସଙ୍କୁ ଦେଇଥିଲେ (୨କରିନ୍ଥୀୟ ୭:୬) । ତିତସଙ୍କ କାର୍ଯ୍ୟ ଦକ୍ଷତାରେ ପାଉଲଙ୍କର ଅସୀମ ବିଶ୍ୱାସ ଥିବା ହେତୁ ସେ ପରବର୍ତ୍ତୀ ସମୟରେ ତାଙ୍କୁ କ୍ରୀତୀଠାରେ ଥିବା ସମାସ୍ୟାପୂର୍ଣ୍ଣ ମଣ୍ଡଳୀରେ ଏକ ନେତୃସ୍ଥାନୀୟ ଦାୟିତ୍ୱ ବହନ କରିବାକୁ ଛାଡି ଦେଇଥିଲେ (୧ :୫) । ତିତସ ଜଣେ 'ସମାସ୍ୟା ସମାଧାନକାରୀ', ସତର୍କତା ସାପେକ୍ଷ ଅବସ୍ଥାରେ ଉପଯୁକ୍ତ କାର୍ଯ୍ୟକାରୀ ଥିଲେ । ମନେହୁଏ, ସେ ତୀମଥିଙ୍କ ଅପେକ୍ଷା ଅଧିକ ପରିପକ୍ୱ ଏବଂ ବଳିଷ୍ଠ ବ୍ୟକ୍ତି ଥିଲେ ।
ଏହି ପତ୍ର କାର୍ଯ୍ୟ ସମ୍ବନ୍ଧୀୟ ବିଭିନ୍ନ ଉପଦେଶ ଏବଂ ଭ୍ରାନ୍ତ ଶିକ୍ଷା ବିରୁଦ୍ଧରେ ଚେତାବନୀରେ ପରିପୂର୍ଣ୍ଣ । ସେବାକାର୍ଯ୍ୟ ସମ୍ବନ୍ଧୀୟ କର୍ତ୍ତବ୍ୟ ଓ ତତ୍ତ୍ୱ ସମୂହ ଏବଂ ବିଶେଷ ଭାବରେ ଉତ୍ତମ କାର୍ଯ୍ୟ ବଜାୟ ରଖିବା ଏହି ପତ୍ରର ମୁଖ୍ୟ ପ୍ରସଙ୍ଗ ।

ଫିଲିମୋନ ଅନୁରୋଧର ଏକ ସୁନ୍ଦର ପତ୍ର । ଏଠାରେ ପାଉଲ ଫିଲିମୋନଙ୍କୁ ତାଙ୍କର ପଳାତକ ଦାସ ଅନୀସିମଙ୍କୁ କ୍ଷମା ଦେବା ନିମନ୍ତେ ଏବଂ ପୂର୍ବ ଅନୁଗ୍ରହ ପ୍ରଦର୍ଶନ କରିବା ନିମନ୍ତେ ଅନୁରୋଧ କରୁଅଛନ୍ତି । ଫିଲିମୋନ ନିଶ୍ଚିତ ଭାବେ ଜଣେ ସମୃଦ୍ଧିଶାଳୀ ବ୍ୟକ୍ତି ଥିଲେ (୫-୭, ୨୨) ଏବଂ ସେ ସମ୍ଭବତଃ ପାଉଲଙ୍କ ଦ୍ୱାରା ପରିବର୍ତ୍ତିତ ହୋଇଥିଲେ (୧୯) । ଅନୀସିମ ରୋମ୍‌କୁ ପଳାୟନ କଲେ ଏବଂ ସେଠାରେ ପାଉଲଙ୍କ ସଂସ୍ପର୍ଶରେ ଆସି ପରିବର୍ତ୍ତିତ ହୋଇଥିଲେ (୧୦) ।

ଆମେ ଏଠାରେ ଅନୀସିମଙ୍କ ପରିବର୍ତ୍ତିତ ଚରିତ୍ରର ଏବଂ ସାକ୍ଷ୍ୟ ଏବଂ କ୍ଷମା ପାଇବା ନିମନ୍ତେ ବିନୀତ ଅନୁରୋଧ ଦେଖିପାରୁଛୁ ।

## ପାଠ ୩୫ – ଏବ୍ରୀ ପୁସ୍ତକ

ଏହି ପତ୍ରରେ କୌଣସି ଦସ୍ତଖତ ନାହିଁ, କିନ୍ତୁ ଅନେକ ଏହାକୁ ପାଉଲଙ୍କ ଦ୍ୱାରା ଲିଖିତ ବୋଲି ବିଶ୍ୱାସ କରନ୍ତି । ମୌଳିକଭାବେ ଏହା ଏବ୍ରୀ ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ

ଲେଖାଯାଇଥିଲା ଏବଂ ଖ୍ରୀଷ୍ଟିୟ ବିଧାନ ଯେ କେତେ ଅଧିକ ଭାବେ ପୁରାତନ ନିୟମର ଯାଜକତ୍ୱ ଅପେକ୍ଷା ସୁଦୂର ପ୍ରସାରୀ, ତାହା ଦର୍ଶାଇବା ଏହାର ଉଦ୍ଦେଶ୍ୟ । ଖ୍ରୀଷ୍ଟ ସିଦ୍ଧ ଯାଜକ ସ୍ୱରୂପେ ସିଦ୍ଧ ନୈବେଦ୍ୟ ଉତ୍ସର୍ଗ କରିଅଛନ୍ତି ।

ଈଶ୍ୱରଙ୍କର ପୁତ୍ରଙ୍କ ସ୍ଥାନ ଯେ, ଦୂତମାନଙ୍କର, ମୋଶାଙ୍କର, ଯିହୋଶୂୟଙ୍କର, ହାରୋଣଙ୍କର ଏବଂ ମଲ୍‌କୀଷେଦକଙ୍କର ଅପେକ୍ଷା ଉଚ୍ଚରେ, ତାହା ପ୍ରଥମ ଦଶ ଅଧ୍ୟାୟ ମଧ୍ୟରେ ଦର୍ଶାଯାଏ । ୧୧ ରୁ ୧୩ ଅଧ୍ୟାୟରେ ବିଶ୍ୱାସର ଜୀବନ ଦର୍ଶାଯାଏ ।

## ପାଠ ୩୬ - ଯାକୁବ

ଏହି ପତ୍ରର ଲେଖକ ସମ୍ଭବତଃ ଯୀଶୁଙ୍କର ଭାଇ ଯେ କି ଯିରୂଶାଲମରେ ଥିବା ମଣ୍ଡଳୀର ନେତା ହୋଇଥିଲେ (ପ୍ରେରିତ ୧୨:୧୭; ୧୫:୧୩) । ୬୨ ଖ୍ରୀଷ୍ଟାବ୍ଦରେ ସେ ସାକ୍ଷ୍ୟମର ହୋଇଥିଲେ ।

ଏହି ପତ୍ର ନିଶ୍ଚିତ ଭାବେ ପାଲେଷ୍ଟାଇନ୍ ବାହାରେ ବାସ କରୁଥିବା ପରିବର୍ତ୍ତିତ ଯିହୂଦୀମାନଙ୍କୁ ଲେଖାଯାଇଥିଲା । କିନ୍ତୁ ଏହି ପତ୍ରର ସମ୍ବାଦ ଏତେ ଦୂର ସ୍ୱଷ୍ଟ ଏବଂ କାର୍ଯ୍ୟକାରୀ ଯେ, ଏହା ସମସ୍ତ ଖ୍ରୀଷ୍ଟିୟାନମାନଙ୍କ ଜୀବନ ନିମନ୍ତେ ପ୍ରଯୁଜ୍ୟ । ପ୍ରକୃତ ଧର୍ମ ଯେ ଉତ୍ତମ କର୍ମ ଦ୍ୱାରା ପ୍ରକାଶ ପାଏ, ଏ ବିଷୟ ଏହାର ମୁଖ୍ୟ ପ୍ରସଙ୍ଗ ।

ଏହି ପତ୍ରରେ କେତେକ ଅଂଶ ଖ୍ରୀଷ୍ଟିୟାନମାନଙ୍କ କେତେକ ନିର୍ଦ୍ଦିଷ୍ଟ ଅବସ୍ଥା ନିମନ୍ତେ ଉଦ୍ଦିଷ୍ଟ (ଯଥା – ଯେଉଁମାନେ ବିଭିନ୍ନ ପ୍ରକାର ପରିସ୍ଥିତିର ଉପରେ ଅଛନ୍ତି, ସେମାନଙ୍କ ନିମନ୍ତେ (୧:୧-୨) ସମୃଦ୍ଧିଶାଳୀ;ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ (୧:୯-୧୧; ୫:୧-୬) ] ମଣ୍ଡଳୀର ସଭ୍ୟ ଭାବେ ସେମାନଙ୍କର ମନୋଭାବ ନିମନ୍ତେ (୨:୧-୯) । ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କ ନିମନ୍ତେ (୩:୧) ଏବଂ ଯେଉଁମାନେ ବିଶ୍ୱାସରେ ଇତଃସ୍ତତଃ ସେମାନଙ୍କର ନିମନ୍ତେ (୫:୧୯-୨୦) ।

ଯାକୁବ ତାଙ୍କର ଶିକ୍ଷାକୁ ସରଳ ଓ ଜୀବନ୍ତ କରିବା ନିମନ୍ତେ ଅନେକ ଉଦାହରଣ ବ୍ୟବହାର କରିଅଛନ୍ତି । ଉଦାହରଣ ସ୍ୱରୂପ ୧:୬, ୧୧, ୧୭, ୨୩, ୨୬, ୩:୩, ୫, ୭, ୧୨; ୪:୧୪; ୫:୧, ୨, ୭ ।

## ପାଠ ୩୭ – ୧ମ ଏବଂ ୨ୟ ପିତର

**୧ ପିତର** - ଦୁଃଖଭୋଗ ଦ୍ୱାରା ହତବୁଦ୍ଧି ହେଉଥିବା ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ଲିଖିତ ପତ୍ର । କାରଣ ସେମାନେ ତାଡନାର ସମ୍ମୁଖୀନ ହେଉଥିଲେ । ଏହା ଏକ ରଚନା ନୁହେଁ,

କିନ୍ତୁ ହୃଦୟ ମଧ୍ୟରୁ ନିର୍ଗତ ଏକ ଜୀବନ୍ତ ଶିକ୍ଷା । 'ଦୁଃଖଭୋଗ' ଏହି ପତ୍ରର ମୁଖ୍ୟ ଶବ୍ଦ ଓ ଏହା ପ୍ରାୟ ୧୫ ବା ତହିଁରୁ ଅଧିକ ଥର ବ୍ୟବହାର କରାଯାଇଛି ।

ପିତର ଏଠାରେ ଖ୍ରୀଷ୍ଟଙ୍କ ଠାରେ ଥିବା ଗୌରବମୟ ପରିତ୍ରାଣ ଓ ବିଶ୍ୱାସୀର ଜୀବନ, ତାହାର ସ୍ଥାନ ଓ କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା କରନ୍ତି । ସେ ନାଗରିକ ଓ ସାମାଜିକ ଦାୟିତ୍ୱ, ସାଧାରଣ ଉତ୍ତମ ନାଗରିକତା ଏବଂ କର୍ତ୍ତବ୍ୟ ଇତ୍ୟାଦି ବିଷୟରେ ବର୍ଣ୍ଣନା କରନ୍ତି। ସେ ଖ୍ରୀଷ୍ଟଙ୍କୁ ଆଶାର ଉତ୍ସ (୧:୩), ବଳିକୃତ ମେଷ (୧:୧୯), କୋଣର ପ୍ରଧାନ ପ୍ରସ୍ତର (୨:୬), ଉପଯୁକ୍ତ ଆଦର୍ଶ (୨:୧୧), ଆଦର୍ଶ ଦୁଃଖଭୋଗକାରୀ (୨:୩); ପାପବହନକାରୀ (୨:୨୪); ଆତ୍ମାଗୁଡିକର ପାଳକ (୨:୨୫) ଏବଂ ମହିମାନ୍ୱିତ ପ୍ରଭୁ (୩:୨୨) ଭାବରେ ବର୍ଣ୍ଣନା କରନ୍ତି ।

**୨ପିତର –** ମନ୍ଦ ଶିକ୍ଷକ ଓ ବିଦ୍ରୂପକାରୀମାନଙ୍କ ବିରୁଦ୍ଧରେ ଏକ ଚେତାବନୀ । ଈଶ୍ୱରଙ୍କ ବାକ୍ୟ ଏବଂ ଐଶରୀୟ ପ୍ରତିଜ୍ଞାର ନିଶ୍ଚିତ ସଫଳତା ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଇଛି । ୨ତୀମଥି ପରି ୨ପିତରରେ ଶେଷ ସମୟ ଯେ ନିକଟବର୍ତ୍ତୀ ଏବଂ ମଣ୍ଡଳୀ ନିମନ୍ତେ ଯେ ଦୁଃଖ ସମୟ ଆସୁଅଛି, ସେ ବିଷୟରେ ଗୁରୁତ୍ୱ ଦିଆଯାଇଛି ।
ପିତରଙ୍କ ପତ୍ରରେ ସାତୋଟି ବହୁମୂଲ୍ୟ ବିଷୟର ତାଲିକା ଦିଆଯାଇଛି

- ଅଗ୍ନିସଦୃଶ ପରୀକ୍ଷା (୧:୭)
- ଖ୍ରୀଷ୍ଟଙ୍କର ରକ୍ତ (୧:୧୯)
- ଜୀବନ୍ତ ପ୍ରସ୍ତର (୨:୪)
- ସ୍ୱୟଂ ଖ୍ରୀଷ୍ଟ (୨:୬)
- ନମ୍ର ଏବଂ ଶାନ୍ତି ଆତ୍ମା (୩:୪)
- ବିଶ୍ୱାସୀର ଭରସା (୨ପିତର ୧:୧)
- ଐଶରୀୟ ପ୍ରତିଜ୍ଞା ସମୂହ (୨ପିତର ୧:୪)

## ପାଠ ୩୮ – ୧ମ, ୨ୟ ଓ ୩ୟ ଯୋହନ ଏବଂ ଯିହୂଦା

ପ୍ରେରିତ ଯୋହନ ଏହି ତିନୋଟି ପତ୍ର ଲେଖିଅଛନ୍ତି ।
**୧ମ ଯୋହନ** - ଏହି ପତ୍ରକୁ 'ନିଶ୍ଚିତତାର ପତ୍ର' କୁହାଯାଏ । ଏହାର ମୁଖ୍ୟ ଶବ୍ଦଗୁଡିକ ହେଲା – ସହଭାଗୀତା, ଜାଣିବା ଏବଂ ପ୍ରେମ କରିବା । ବିଶ୍ୱାସୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଆତ୍ମିକ ଜ୍ଞାନ ବିଷୟରେ ଏଠାରେ ବିଶେଷ ଦୃଷ୍ଟି ଦିଆଯାଇଛି । 'ଜାଣିବା' ବା ତତ୍ତୁଲ୍ୟ ଶବ୍ଦ ଏଠାରେ ପ୍ରାୟ ୩୦ ଥର ବ୍ୟବହାର କରାଯାଇଛି । ଏହାର କେନ୍ଦ୍ରୀୟ ଚିନ୍ତାଧାରା –

୧) ଈଶ୍ୱର ଆଲୋକ ଓ ଜୀବନ ଅଟନ୍ତି (୧ ଓ ୨ ଅଧ୍ୟାୟ)
୨) ଈଶ୍ୱର ଧାର୍ମିକ ଓ ପ୍ରେମମୟ ଅଟନ୍ତି (୩ ଓ ୪ ଅଧ୍ୟାୟ)

୩) ବିଶ୍ୱାସ ଓ ପ୍ରେମ ହେଉଛି ଜଗତ ଓ ସମସ୍ତ ମନ୍ଦଶକ୍ତି ବିରୁଦ୍ଧରେ ଜୟପ୍ରଦାନକାରୀ ନିୟମ (୫ ଅଧ୍ୟାୟ)

**୨ଯୋହନ** - ଭ୍ରାନ୍ତ ମତବାଦ ଓ ଭ୍ରାନ୍ତ ଶିକ୍ଷକମାନଙ୍କ ସହ ସମ୍ପର୍କ ବିରୁଦ୍ଧରେ ବନ୍ଧୁମାନଙ୍କୁ ସାବଧାନ କରାଇଦେବା ନିମନ୍ତେ ଲିଖିତ (୭,୧୧ ପଦ) 'ପ୍ରେମ' ଶବ୍ଦଟି ଏଠାରେ ଚାରି ଥର ଓ 'ସତ୍ୟ' ଶବ୍ଦଟି ୫ ଥର ବ୍ୟବହାର କରାଯାଇଛି ।

**୩ଯୋହନ** - ଗାୟଙ୍କ ନିକଟକୁ ଲେଖାଯାଇଥିଲା ଯେ କି ଆତିଥ୍ୟ ସତ୍କାରରେ ପ୍ରବୀଣ ଥିଲେ । ଏହି ପତ୍ରର ବିଷୟବସ୍ତୁର କେନ୍ଦ୍ର ଗାୟ, ଦୀମୀତ୍ରିୟ ଯେ ଜଣେ ଆଦର୍ଶ ଖ୍ରୀଷ୍ଟିୟାନ ଭାବେ ସୁଖ୍ୟାତି ପ୍ରାପ୍ତ ଏବଂ ଦିୟତ୍ରଫୀ ଯାହାଙ୍କୁ ଯୋହନ ଅନୁଯୋଗ କରିବାକୁ ଚାହାନ୍ତି ।

**ଯିହୂଦା** –ଏହି ପତ୍ର ଯୀଶୁଙ୍କର ଓ ଯାକୁବଙ୍କର ସାନ ଭାଇ ଯିହୂଦାଙ୍କ ଦ୍ୱାରା ଲିଖିତ । 'ଗୁପ୍ତରେ ପ୍ରବେଶ କରିଥିବା' ଏବଂ ଭ୍ରାନ୍ତ ଶିକ୍ଷା ଦ୍ୱାରା ମଣ୍ଡଳୀର ବିଭାଜନ ସୃଷ୍ଟି କରୁଥିବା ଦଳେ ଲୋକଙ୍କ ଦ୍ୱାରା ଯେଉଁ ଖ୍ରୀଷ୍ଟିୟାନମାନେ ଧମକର ସମ୍ମୁଖୀନ ହେଉଥିଲେ, ସେମାନଙ୍କ ଉଦ୍ଦେଶ୍ୟରେ ଯିହୂଦା ଏହି ପତ୍ର ଲେଖିଥିଲେ । ଏହି ପ୍ରକାର ଶିକ୍ଷକମାନଙ୍କର ପ୍ରତିରୋଧ କରିବାକୁ ଯିହୂଦାଙ୍କର ଅଭିପ୍ରାୟ ଥିଲା ।

## ପାଠ ୩୯ - ପ୍ରକାଶିତ ବାକ୍ୟ

ଏହି ପୁସ୍ତକ ଯୋହନ ପାତ୍ମ ଦ୍ୱୀପରେ ନିର୍ବାସିତ ଅବସ୍ଥାରେ ଥିବା ସମୟରେ ରଚନା କରିଥିଲେ । ଏହା ଏକ ତାଡନାର ସମୟ ମଧ୍ୟରେ ରଚନା କରାଯାଇଥିଲା (୨ :୧୩) ଏବଂ ଆହୁରି ଅଧିକ ଦୁର୍ଦ୍ଦିନର ସମୟ ନିକଟବର୍ତ୍ତୀ ହେଉଥିଲା (୨ :୧୦) କାରଣ ରୋମୀୟ ସମ୍ରାଟଙ୍କର ଉପାସନା ବାଧ୍ୟତାମୂଳକ କରାଯାଉଥିଲା । ଅତଏବ, ଖ୍ରୀଷ୍ଟିୟାନମାନଙ୍କୁ ଦୃଢତାର ସହିତ ସ୍ଥିର ହୋଇ ରହିବା ନିମନ୍ତେ ମଣ୍ଡଳୀମାନଙ୍କୁ ପତ୍ର ଲେଖିବା, ପୁଣି ଏହି ପୁସ୍ତକ ଲେଖିବା ଆବଶ୍ୟକ ହୋଇ ପଡିରହିଥିଲା ।

ଯଦିଓ ଏହି ପୁସ୍ତକ ବୁଝିବା ନିମନ୍ତେ କଠିନ, କିନ୍ତୁ ଏହା ବିଶେଷଭାବେ ଗୁରୁତ୍ୱପୂର୍ଣ୍ଣ । କାରଣ ସମସ୍ତ ଭାବବାଣୀର ସମ୍ପୂର୍ଣ୍ଣ ସଫଳତାର ଚିତ୍ର ଏଠାରେ ଦିଆଯାଇଛି । ଖ୍ରୀଷ୍ଟ ଅନନ୍ତକାଳୀନ ଗୌରବମୟ ରାଜା ରୂପେ ପ୍ରତିଷ୍ଠିତ ହେବା ଏବଂ ଦୁଷ୍ଟମାନେ ବିଚାରିତ ହେବା ବିଷୟ ଏ ପୁସ୍ତକରେ ଲେଖାଯାଇଛି ।

ବାଇବଲର କେବଳ ଏହି ପୁସ୍ତକରେ ପାଳନକାରୀ ପାଠକମାନଙ୍କ ନିମନ୍ତେ ଏକ ବିଶେଷ ପ୍ରତିଜ୍ଞା (୧ :୩) ଏବଂ ଯେଉଁମାନେ ଏହି ପୁସ୍ତକର ବିଷୟବସ୍ତୁ ସହ କିଛି ଯୋଗବିୟୋଗ

କରନ୍ତି, ସେମାନଙ୍କ ନିମନ୍ତେ ଅଭିଶାପ ଘୋଷଣା କରାଯାଇଛି (୨୨:୧୮, ୧୯)।

## ପାଠ ୪୦ - ପ୍ରକାଶିତ ପୁସ୍ତକର ଭାଗ ବିଭାଗ

୧) ଭୂମିକା ୧:୧-୧୦
୨) ସପ୍ତ ମଣ୍ଡଳୀକୁ ସପ୍ତ ପତ୍ର ୨:୧-୩:୨୨
୩) ସ୍ୱର୍ଗର ଏକ ଦୃଶ୍ୟ ୪:୧-୧୧
୪) ସପ୍ତ ମୁଦ୍ରା ୫:୧-୮:୫
୫) ସପ୍ତ ତୂରୀ ୮:୬-୧୧:୧୯
୬) ସପ୍ତ ଚିହ୍ନ ୧୨:୨-୧୪:୨୦
୭) ସପ୍ତ ପାତ୍ର ୧୫:୧-୧୬:୨୧
୮) ଭଣ୍ଡ ଖ୍ରୀଷ୍ଟଙ୍କର ରାଜତ୍ୱ ଏବଂ ଧ୍ୱଂସ ୧୭:୧-୨୦:୧୫
୯) ଈଶ୍ୱରଙ୍କ ନଗର ୧୨:୧-୨୦:୫
୧୦) ଉପସଂହାର ୨୨:୬-୨୧

ପ୍ରକାଶିତ ବାକ୍ୟର ଶେଷ ଅଧ୍ୟାୟଗୁଡିକ ଆଦି ପୁସ୍ତକର ପ୍ରଥମ ଅଧ୍ୟାୟଗୁଡିକ ସହିତ ଏକ ଉଲ୍ଲେଖନୀୟ ବୈଷମଭାବ ଦେଖାଯାଏ ।

ଆଦି ପୁସ୍ତକ ସୂର୍ଯ୍ୟର ସୃଷ୍ଟି, ପୃଥିବୀରେ ପାପର ପ୍ରବେଶ, ଅଭିଶାପର ଘୋଷଣା, ଶୟତାନର ବିଜୟ ଏବଂ ଜୀବନ ବୃକ୍ଷ ନିକଟରୁ ଦୂରୀକରଣ ଇତ୍ୟାଦି ବର୍ଣ୍ଣନା କରେ ।

ପ୍ରକାଶିତ ବାକ୍ୟ ଏପରି ଏକ ସ୍ଥାନ ସମ୍ପର୍କରେ କୁହେ – ଯେଉଁଠାରେ ସୂର୍ଯ୍ୟର ଆବଶ୍ୟକତା ନାହିଁ, ପାପର ଲେଶମାତ୍ର ନାହିଁ, ଶୟତାନ ବିତାଡିତ ଏବଂ ଜୀବନ ବୃକ୍ଷ ନିକଟକୁ ଆସିବା ନିମନ୍ତେ ପ୍ରବେଶ ପଥ ଉନ୍ମୁକ୍ତ । **"ହେ ପ୍ରଭୁ ଯୀଶୁ ଆସନ୍ତୁ"**

# 2 ବାଇବଲର ତତ୍ତ୍ୱ ସମୂହ

ଆପଣ ଶୀର୍ଷକ ଦେଖି ହୁଏତ ମନେ କରୁଥିବେ ଯେ, ଏହା ଏକ କଠିନ ଏବଂ ସମ୍ଭବତଃ ନୀରସ ବିଷୟ । କିନ୍ତୁ ତା' ପରିବର୍ତ୍ତେ ଆପଣ ଦେଖିବାକୁ ପାଇବେ ଯେ, ଧର୍ମଶାସ୍ତ୍ରରେ ବିକ୍ଷିପ୍ତ ଭାବରେ ଆମର ବିଶ୍ୱାସ ସମ୍ପର୍କୀୟ ଗୁରୁତ୍ୱପୂର୍ଣ୍ଣ ସତ୍ୟସମୂହକୁ ଏହି ପାଠଗୁଡିକ ମାଧ୍ୟମରେ ସଜାଡି ଦିଆଯାଇଛି । 'ତତ୍ତ୍ୱ' ଶବ୍ଦର ଅର୍ଥ ପ୍ରକୃତରେ ଶିକ୍ଷା ଏବଂ ଏହି ଶିକ୍ଷା ସମୂହ ଆପଣଙ୍କର ପ୍ରଶ୍ନଗୁଡିକର ଏବଂ ଆପଣଙ୍କର ସେବାକାର୍ଯ୍ୟର ଆଗାମୀ ବର୍ଷମାନଙ୍କରେ ଆପଣ ସମ୍ମୁଖୀନ ହେବାକୁ ଯାଉଥିବା ପ୍ରଶ୍ନଗୁଡିକର ଉତ୍ତର ଦେଇପାରିବେ । ଆପଣଙ୍କର ସାବଧାନତାପୂର୍ଣ୍ଣ ଅଧ୍ୟୟନ ଦ୍ୱାରା ଆପଣ ସେମାନଙ୍କୁ ଶିକ୍ଷା ଦେବା ପାଇଁ ସକ୍ଷମ ହୋଇପାରିବେ, ଯଦ୍ଦ୍ୱାରା ସେମାନେ "ନୂତନ ତତ୍ତ୍ୱଗୁଡିକ ଦ୍ୱାରା ସ୍ଖଳିତ ହେବେ ନାହିଁ" (ଏବ୍ରୀ ୧୩:୯)

**ଦ୍ରଷ୍ଟବ୍ୟ :- ଏହି ପାଠଗୁଡିକର ବିଷୟବସ୍ତୁ ନିମ୍ନ ଲିଖିତ ଦୁଇଟି ପୁସ୍ତକ ଉପରେ ଆଧାରିତ ।**

୧) 100 Bible Lessons ଲେଖକ Doughlas Alban, GLS, Bombay ଦ୍ୱାରା ପ୍ରକାଶିତ

୨) The Great Doctrines of the Bible ଲେଖକ William Exans, Moody Press, Chicago ଦ୍ୱାରା ପ୍ରକାଶିତ

**ଏହି ପାଠ୍ୟକ୍ରମର ବିଷୟବସ୍ତୁ**

| | | | |
|---|---|---|---|
| ପ୍ରଥମ ଭାଗ : | ଈଶ୍ୱର ତତ୍ତ୍ୱ | ଷଷ୍ଠ ଭାଗ : | ମଣ୍ଡଳୀ ତତ୍ତ୍ୱ |
| ଦ୍ୱିତୀୟ ଭାଗ : | ଯୀଶୁ ଖ୍ରୀଷ୍ଟଙ୍କ ତତ୍ତ୍ୱ | ସପ୍ତମ ଭାଗ : | ଧର୍ମଶାସ୍ତ୍ର ତତ୍ତ୍ୱ |
| ତୃତୀୟ ଭାଗ : | ପବିତ୍ରଆତ୍ମାଙ୍କ ତତ୍ତ୍ୱ | ଅଷ୍ଟମ ଭାଗ : | ଦୂତମାନଙ୍କ ତତ୍ତ୍ୱ |
| ଚତୁର୍ଥ ଭାଗ : | ମନୁଷ୍ୟ ତତ୍ତ୍ୱ | ନବମ ଭାଗ : | ଶୟତାନ ତତ୍ତ୍ୱ |
| ପଞ୍ଚମ ଭାଗ : | ପରିତ୍ରାଣ ତତ୍ତ୍ୱ | ଦଶମ ଭାଗ : | ଶେଷ ସମୟର ତତ୍ତ୍ୱ |

# ପ୍ରଥମ ଭାଗ : ଈଶ୍ୱର ତତ୍ତ୍ୱ

## ପାଠ ୧ – ଈଶ୍ୱରଙ୍କ ଅସ୍ତିତ୍ୱ

ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ପର୍କରେ ଅନେକ ପ୍ରମାଣ ଅଛି ; ଏହି ପାଠରେ ଆମେ ସେଥି ମଧ୍ୟରୁ ଅଳ୍ପ କେତୋଟି ନେଇ ଆଲୋଚନା କରିବା ।

୧ ) ଧର୍ମଶାସ୍ତ୍ରର ପ୍ରମାଣ - ଆଦି ୧ : ୧ ଅନୁଯାୟୀ ଈଶ୍ୱରଙ୍କ ଅସ୍ତିତ୍ୱ ଧର୍ମଶାସ୍ତ୍ରର ଆରମ୍ଭରେ ପ୍ରତ୍ୟକ୍ଷ ଭାବରେ ଆମେ ଦେଖିପାରୁଛୁ ଏବଂ ଗୀତସଂହିତା ୧୪ : ୧ ଅନୁଯାୟୀ, ଯେ ତାହାଙ୍କର ଅସ୍ତିତ୍ୱକୁ ଅସ୍ୱୀକାର କରେ ସେ ମୂର୍ଖ ।

୨ ) ସୃଷ୍ଟିର ପ୍ରମାଣ – ସ୍ୱର୍ଗର ସୌନ୍ଦର୍ଯ୍ୟ ଏବଂ ଗୌରବ ଈଶ୍ୱରଙ୍କ ଅସ୍ତିତ୍ୱ ପ୍ରକାଶ କରେ (ଗୀତସଂହିତା ୧୯ : ୧ ), ସୃଷ୍ଟି ଈଶ୍ୱରତ୍ୱର ଅନନ୍ତକାଳୀନ ଗୌରବ ବିଷୟରେ ଶିକ୍ଷା ଦିଏ (ରୋମୀୟ ୧ : ୨୦)

୩) ବିବେକର ପ୍ରମାଣ – ଜନ୍ମରୁ ମନୁଷ୍ୟ ଈଶ୍ୱରଙ୍କ ଠାରେ ସାର୍ବଜନୀନ ବିଶ୍ୱାସ କରେ ।

୪) ଅନ୍ୟାନ୍ୟ ପ୍ରମାଣ – ଈଶ୍ୱରଙ୍କ ଅସ୍ତିତ୍ୱର ଆହୁରି ଅନେକ ପ୍ରମାଣ ଅଛି ଯଥା –

- ଏହି ଜଗତ ନିଶ୍ଚିତଭାବେ କୌଣସି ଏକ ବ୍ୟକ୍ତିଙ୍କ ଦ୍ୱାରା ସ୍ଥିତିକୁ ଆସିଛି ।
- ଏହାର ଗଠନ ପ୍ରଣାଳୀ ଏକ ଶ୍ରେଷ୍ଠତର ଯୋଜନାକାରୀ ମସ୍ତିଷ୍କର ପରିଚୟ ଦିଏ ।
- ମନୁଷ୍ୟର ବୁଦ୍ଧିମାନ୍ ଏବଂ ନୈତିକ ପ୍ରକୃତି ପ୍ରମାଣ କରେ ଯେ, ଏହାର ସୃଷ୍ଟିକର୍ତ୍ତା ନିଶ୍ଚିତ ଭାବେ ଜୀବନ୍ତ, ମାନସିକ ଏବଂ ନୈତିକ ବ୍ୟକ୍ତି ।
- ଜୀବନର ଏକ ଆରମ୍ଭ ଅଛି, ଅତଏବ, ଏହା ଅନନ୍ତ ଜୀବନ ଥିବା ବ୍ୟକ୍ତିଙ୍କ ନିକଟରୁ ଆରମ୍ଭ ହେବା ସ୍ୱାଭାବିକ ।

ଉପସଂହାର – ଏବ୍ରୀ ୧୧ : ୬ ଚିନ୍ତା କରନ୍ତୁ । "କାରଣ ଈଶ୍ୱର ଯେ ଅଛନ୍ତି, ଏହା ତାହାଙ୍କ ଛାମୁକୁ ଆସୁଥିବା ଲୋକର ବିଶ୍ୱାସ କରିବା ଆବଶ୍ୟକ ।" ଆସନ୍ତୁ, ଆମ୍ଭେମାନେ ଶିଶୁ ତୁଲ୍ୟ ସରଳ ବିଶ୍ୱାସରେ, ଧର୍ମଶାସ୍ତ୍ର ଏବଂ ପ୍ରକୃତରେ ଈଶ୍ୱରଙ୍କ ପରିପ୍ରକାଶ ଉପରେ ନିର୍ଭର କରି ସମ୍ପୂର୍ଣ୍ଣ ଭାବେ ତାହାଙ୍କର ବିଶ୍ୱାସରେ ଭରସା ରଖୁ ।

## ପାଠ ୨ – ଈଶ୍ୱରଙ୍କ ବ୍ୟକ୍ତିତ୍ୱ

କେବଳ ବାଇବଲରୁ ଈଶ୍ୱରଙ୍କ ସମ୍ପର୍କରେ ସଠିକ୍ ଜ୍ଞାନ ଆମ୍ଭେମାନେ ପାଇ ପାରିବା

(ଯୋହନ ୧:୧୮; ୧ଯୋହନ ୪:୧୨) । ଆସନ୍ତୁ ତାହାଙ୍କ ବିଷୟରେ ଆମ୍ଭେମାନେ କେତୋଟି ବିଷୟ ନିରୀକ୍ଷଣ କରି ଦେଖିବା ।

୧) ତାହାଙ୍କ ବ୍ୟକ୍ତିତ୍ୱ – ଜ୍ଞାନ, ଅନୁଭବ ଏବଂ ଇଚ୍ଛାଶକ୍ତି ଦ୍ୱାରା ବ୍ୟକ୍ତିତ୍ୱ ବିକଶିତ ହୁଏ, ଆମ୍ଭମାନଙ୍କର ଈଶ୍ୱର ଜଣେ ବ୍ୟକ୍ତି, ଯେ କି ଜୀବିତ ଏବଂ ତାହାଙ୍କର ନିର୍ଦ୍ଦିଷ୍ଟ ସ୍ୱଭାବ/ପ୍ରକୃତି ଅଛି (ଯିରିମିୟ ୧୦:୧୦; ୧ଥେସଲନିକୀ ୧:୯)।

୨) ତାହାଙ୍କ ପ୍ରକୃତି – ଈଶ୍ୱର ଆତ୍ମା, ଏକ ଆତ୍ମାର ମାଂସ, ଅସ୍ଥି ବା ରକ୍ତ ନାହିଁ (ଯୋହନ ୪:୨୪) ।

୩) ତାହାଙ୍କ ଏକତା – ବହୁସଂଖ୍ୟକ ପୌତ୍ତଳିକ ଦେବତାମାନଙ୍କ ତୁଳନାରେ ଆମ୍ଭମାନଙ୍କ ପ୍ରଭୁ ଈଶ୍ୱର ଏକମାତ୍ର ପରମେଶ୍ୱର (ଦ୍ୱିତୀୟ ବିବରଣ ୬:୪; ଯିଶାଇୟ ୪୪:୬) ।

**ଉପସଂହାର –** ଯେତେ ଅଧିକ ରୂପେ ଆମେ ତାହାଙ୍କ ବିଷୟରେ ଶିକ୍ଷା କରିବା, ସେତେ ଅଧିକ ରୂପେ ଆମର ଈଶ୍ୱର ଯେ ଏକ ମହାନ୍ ଈଶ୍ୱର ତାହା ଅନୁଭବ କରିପାରିବା।

## ପାଠ ୩ – ଈଶ୍ୱରଙ୍କର ସ୍ୱଭାବିକ ଗୁଣ

'ଗୁଣ' ଶବ୍ଦଟି ଆପଣଙ୍କୁ କଷ୍ଟ ମନେ ହେଉଛି କି ? ଏହାର ଅର୍ଥ ଏକ ଧର୍ମ ବା ଏକ ବିଶେଷ ପ୍ରକୃତି ଇତ୍ୟାଦି । ଏହି ପାଠରେ ଆମେ ଈଶ୍ୱରଙ୍କର କେତେଗୁଡିଏ ବିଷୟ ନେଇ ଅଧ୍ୟୟନ କରିବା ।

୧) ସେ ଅନନ୍ତକାଳୀନ - ଈଶ୍ୱରଙ୍କ ଆରମ୍ଭ ନାହିଁ କି ଶେଷ ନାହିଁ (ଗୀତସଂହିତା ୯୦:୨; ୧ତୀମଥି ୧:୧୭) ।

୨) ସେ ଅପରିବର୍ତ୍ତନୀୟ – (୧ଶାମୁୟେଲ ୧୫:୨୯; ମଲାଖି ୩:୬; ଯାକୁବ ୧:୧୭)

୩) ସେ ସର୍ବଶକ୍ତିମାନ୍ - ଅର୍ଥାତ୍ ତାହାଙ୍କଠାରେ ସମସ୍ତ ଶକ୍ତି ଅଛି (ଆୟୁବ ୪୨:୪; ଯିରିମିୟ ୩୨:୨୭)

୪) ସେ ସର୍ବବ୍ୟାପୀ - ଅର୍ଥାତ୍ ଏକ ସମୟରେ ସେ ପ୍ରତ୍ୟେକ ସ୍ଥାନରେ ଉପସ୍ଥିତ (ଗୀତସଂହିତା ୧୩୯:୭-୯)

୫) ସେ ସର୍ବଜ୍ଞ – ସେ ସମସ୍ତ ଜ୍ଞାନର ଆଧାର (୧ବଂଶାବଳୀ ୨୮:୯; ୨ବଂଶାବଳୀ ୧୬:୯; ଗୀତସଂହିତା ୯୪:୧୧; ଆୟୁବ ୪୨:୨; ଯିଶାଇୟ ୪୦:୨୮)

**ଉପସଂହାର -** ଦୀନ ଦରିଦ୍ର ମନୁଷ୍ୟର ଏପରି ଗୁଣାବଳୀବିଶିଷ୍ଟ ଈଶ୍ୱରଙ୍କର ଆବଶ୍ୟକତା ନିଶ୍ଚୟ ରହିଛି । ଏହି ସମସ୍ତ ଗୁଣଗୁଡିକ ମନୁଷ୍ୟ ନିମନ୍ତେ କାହିଁକି ଆବଶ୍ୟକ ।

## ପାଠ ୪ – ଈଶ୍ୱରଙ୍କ ନୈତିକ ଗୁଣ

ଈଶ୍ୱରଙ୍କ ପ୍ରତ୍ୟେକଟି ନୈତିକ ଗୁଣ ବା ଶିକ୍ଷା ବା ଉପଦେଶ ରୂପରେ ବର୍ଣ୍ଣନା କରାଯାଇପାରେ । ସେଥିମଧ୍ୟରୁ କେତୋଟି ଆମେ ଲକ୍ଷ୍ୟ କରିବା ;

୧) ଈଶ୍ୱର ପବିତ୍ର (ଯାତ୍ରା ୧୫:୧୧; ଯିଶାଇୟ ୬:୩; ୧ପିତର ୧:୧୬)
୨) ଈଶ୍ୱର ନ୍ୟାୟବାନ୍ (ଗୀତ ୧୧୬:୫; ଏଜ୍ରା ୯:୧୫; ଯିରିମିୟ ୧୨:୧)
୩) ଈଶ୍ୱର ଅନୁଗ୍ରହରେ ପରିପୂର୍ଣ୍ଣ (ଗୀତ ୧୦୩:୮; ରୋମୀୟ ୯:୧୮)
୪) ଈଶ୍ୱର ପ୍ରେମମୟ (୧ଯୋହନ ୪:୧୨-୧୮; ଯୋହନ ୩:୩୬, ୨୭)
୫) ଈଶ୍ୱର ବିଶ୍ୱସ୍ତ (୧କରିନ୍ଥୀୟ ୧:୯; ୨ତିମଥି ୨:୧୩)

ଆଗାମୀ ସପ୍ତାହଗୁଡିକରେ ଈଶ୍ୱର ନିମ୍ନ ଲିଖିତ ଅନ୍ୟାନ୍ୟ ନୈତିକ ଗୁଣାବଳୀ ସମ୍ପର୍କରେ ଚିନ୍ତା କରନ୍ତୁ ।

- ସେ ଗୌରମୟ (ଯାତ୍ରା ୧୫:୧୧; ଗୀତ ୧୪୫:୫)
- ସେ ଦୟାମୟ (ଯାତ୍ରା ୩୪:୬; ୧୧୬:୫)
- ସେ ଦୀର୍ଘସହିଷ୍ଣୁ (ଗଣନା ୧୪:୧୮; ମୀଖା ୭:୧୮)
- ସେ ଉଦ୍‌ଯୋଗୀ (ଯିହୋଶୂୟ ୨୪:୧୯; ନାହୂମ ୧:୨)
- ସେ ସମ୍ବେଦନଶୀଳ (୧ରାଜାବଳୀ ୮:୨୩)
- ସେ ମହାନ୍ (୨ବଂଶାବଳୀ ୨:୫; ଗୀତ ୮୬:୧୦)
- ସେ ଅନନୁସନ୍ଧେୟ (ଆୟୁବ ୧୧:୭; ଗୀତ ୧୪୫:୩)
- ସେ ଅଦୃଶ୍ୟ (ଆୟୁବ ୨୩:୮, ୯; ୧ତୀମଥି ୧:୧୭)
- ସେ ଉତ୍ତମ (ଗୀତ ୨୫:୮ ଗୀତ ୧୧୯:୬୮)
- ସେ ସରଳ (ଗୀତ ୨୫:୮; ଗୀତ ୯୨:୧୫)
- ସେ ନିତ୍ୟସ୍ଥାୟୀ (ଗୀତ ୧୦୨:୨୬, ୨୭ ଯାକୁବ ୧:୧୭)
- ସେ ଆଲୋକ (ଯିଶାଇୟ ୬୦:୧୯; ୧ଯୋହନ ୧:୫)
- ସେ ସତ୍ୟ (ଯିରିମିୟ ୧୦:୧୦)
- ସେ ସିଦ୍ଧ (ମାଥିଉ ୫:୪୮)
- ସେ ଅକ୍ଷୟ (ରୋମୀୟ ୧:୨୩)

- ସେ ଅମର ( ୧ତିମଥି ୧ : ୧୭ ; ୬ : ୧୬ )
- ସେ ଗ୍ରାସକାରୀ ଅଗ୍ନି ( ଏବ୍ରୀ ୧୨ : ୨୯ )
- ତାଙ୍କ ପରି କେହି ନାହିଁ ( ଯାତ୍ରା ୯ : ୧୪ ; ଦ୍ୱିତୀୟ ବିବରଣ ୩୩ : ୨୬ )

**ଉପସଂହାର –** ଈଶ୍ୱରଙ୍କ ପବିତ୍ରତା ପାପ ନିମନ୍ତେ ଦଣ୍ଡ ଦାବୀ କରେ । ଈଶ୍ୱର କିପରି ଭାବେ ଏକ ସମୟରେ ପ୍ରେମମୟ ଏବଂ ପବିତ୍ର ହୋଇପାରନ୍ତି ? କିପରି ଭାବରେ ସେ ଏକ ସମୟରେ ଦୟାମୟ ଏବଂ ପାପୀ ନିମନ୍ତେ ନ୍ୟାୟବାନ୍ ଅଟନ୍ତି ? ଏହାର ଉତ୍ତର କେବଳ କାଲବରୀଠାରେ ମିଳିପାରିବ, ଅର୍ଥାତ୍ ପାପ ପ୍ରତି ଈଶ୍ୱରଙ୍କ କ୍ରୋଧର ମନୋଭାବ ଏବଂ ଅନୁତପ୍ତ ପାପୀ ନିମନ୍ତେ ଈଶ୍ୱରଙ୍କ ଦୟା ଏଠାରେ ଆମେ ଦେଖି ପାରିବା ।

## ପାଠ ୫ – ତ୍ରିତ୍ୱ

ଈଶ୍ୱର ଏକ, ଅନନ୍ତକାଳୀନ ଭାବେ ଅଛନ୍ତି ଓ ଆମ୍ଭମାନଙ୍କ ନିକଟରେ ତିନୋଟି ବ୍ୟକ୍ତିତ୍ୱ ମାଧ୍ୟମରେ ପ୍ରକାଶ କରନ୍ତି ; ପିତା, ପୁତ୍ର ଏବଂ ପବିତ୍ରଆତ୍ମା ।
ତ୍ରିତ୍ୱ ପ୍ରମାଣ ସ୍ୱରୂପେ ନିମ୍ନ ଲିଖିତ ଶାସ୍ତ୍ରାଂଶଗୁଡ଼ିକ ନେଇ ଚିନ୍ତା କରନ୍ତୁ ।

୧) ମାଥିଉ ୩ : ୧୩-୧୭ - ଯୀଶୁଙ୍କର ବାପ୍ତିସ୍ମ - ପିତା ସ୍ୱର୍ଗରୁ କହିଲେ, ପୁତ୍ର ବାପ୍ତିଜିତ ହେଲେ ଏବଂ ପବିତ୍ରଆତ୍ମା କପୋତ ରୂପେ ତ୍ରାଣକର୍ତ୍ତାଙ୍କ ଉପରେ ଅବସ୍ଥାନ କଲେ ।
୨) ମାଥିଉ ୨୮ : ୧୯ ଅନୁଯାୟୀ ବାପ୍ତିସ୍ମର ଧାରା – "ପିତା, ପୁତ୍ର ଓ ପବିତ୍ରଆତ୍ମାଙ୍କ ନାମରେ ବାପ୍ତିସ୍ମ ଦିଅ ।
୩) ୨କରିନ୍ଥୀୟ ୧୩ : ୧୪ରେ ଆଶିଷ ଭିକ୍ଷା – "ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ଅନୁଗ୍ରହ, ପିତା ଈଶ୍ୱରଙ୍କ ପ୍ରେମ ଓ ପବିତ୍ରଆତ୍ମାଙ୍କ ସହଭାଗୀତା ।
୪) ମନୁଷ୍ୟର ସୃଷ୍ଟି ଇତିହାସରେ ବହୁବାଚକ ଶବ୍ଦର ବ୍ୟବହାର - ଆଦି ୧ : ୧୬ ; "ଆମ୍ଭେମାନେ ଆପଣା ସାଦୃଶ୍ୟରେ, ଆପଣା ପ୍ରତିମୂର୍ତ୍ତିରେ ମଣିଷକୁ ନିର୍ମାଣ କରୁ !"

**ଉପସଂହାର –** ମନୁଷ୍ୟ ମଧ୍ୟ ତିନି ଅଂଶ ବିଶିଷ୍ଟ – ଶରୀର, ପ୍ରାଣ ଓ ଆତ୍ମା – କାରଣ ଆମ୍ଭେମାନେ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ନିର୍ମିତ ।

# ଦ୍ୱିତୀୟ ଭାଗ : ଯୀଶୁଖ୍ରୀଷ୍ଟଙ୍କ ତତ୍ତ୍ୱ

## ପାଠ ୬ – ଭାବବାଣୀସମୂହର ପରିପୂର୍ଣ୍ଣତା

ଯୀଶୁଙ୍କ ସମ୍ପର୍କରେ ନିମ୍ନ ଲିଖିତ ବିବୃତ୍ତିଗୁଡିକରେ ଆପଣମାନେ ପୁରାତନ ନିୟମର ଭାବବାଣୀ ଓ ଶହ ଶହ ବର୍ଷ ପରେ ନୂତନ ନିୟମରେ ଏହି ଭାବବାଣୀର ସଫଳତା ଲିପିବଦ୍ଧ ହୋଇଥିବା ଦେଖିପାରିବେ । ଆଶ୍ଚର୍ଯ୍ୟ ବିଷୟ !

୧) ଖ୍ରୀଷ୍ଟ ଇଶ୍ରାୟେଲ ଜାତିରୁ ଉତ୍ପନ୍ନ ହେବେ – ଗଣନା ୨୪:୧୭-୧୯; ମାଥିଉ ୧:୧୭

୨) ଖ୍ରୀଷ୍ଟ ଦାଉଦଙ୍କ ବଂଶରେ ଏବଂ ଯିହୂଦା ଗୋଷ୍ଠୀରେ ଜନ୍ମଗ୍ରହଣ କରିବେ - ଆଦି ୪୯:୧୦ ଓ ଯିଶାଇୟ ୧୧:୩୧,୩୩

୩) ସେ ବେଥଲିହିମରେ ଜନ୍ମ ଗ୍ରହଣ କରିବେ – ମୀଖା ୫:୨; ଲୂକ ୨:୪-୭

୪) ସେ କୁମାରୀ ଗର୍ଭରୁ ଜନ୍ମ ଗ୍ରହଣ କରିବେ - ଯିଶାଇୟ ୭:୧୪; ମାଥିଉ ୧:୧୮, ୨:୨୩

୫) ଖ୍ରୀଷ୍ଟଙ୍କର ଆଗମନ ଜଣେ ଅଗ୍ରଗାମୀ ବ୍ୟକ୍ତିଙ୍କ ଦ୍ୱାରା ଘୋଷଣା କରାଯିବ - ଯିଶାଇୟ ୪୦:୩; ମାଥିଉ ୩:୩

୬) ମଶୀହ ଈଶ୍ୱର ଅଟନ୍ତି - ଯିଶାଇୟ ୯:୬; ଯୋହନ ୧:୧୪

୭) ସେ ତାଙ୍କର ବାଲ୍ୟକାଳ ମିଶରରେ କ୍ଷେପଣ କରିବେ – ହୋଶେୟ ୧୧:୧; ମାଥିଉ ୨:୧୩-୧୮

୮) ସେ ଦୁଃଖଭୋଗ କରିବେ ଏବଂ ପାପ ନିମନ୍ତେ ପ୍ରାୟଶ୍ଚିତ୍ତ ସ୍ୱରୂପ ହେବେ - ଯିଶାଇୟ ୫୩:୪୬; ୨କରିନ୍ଥୀୟ ୫:୨୧

୯) ସେ ଯିରୂଶାଲମକୁ ଏକ ଗଧ ଛୁଆ ଉପରେ ଆରୋହଣ କରିବେ - ଯିଖରିୟ ୯:୯; ମାଥିଉ ୨:୨-୫

୧୦) କ୍ରୁଶ ଉପରେ ସେ ଯନ୍ତ୍ରଣା ଅନୁଭବ କରୁଥିବା ସମୟରେ ତାହାଙ୍କୁ ପିତ୍ତ ଅମ୍ଳରସ ପାନ କରିବା ନିମନ୍ତେ ଦିଆଯିବ – ଗୀତସଂହିତା ୬୯:୨୧; ମାଥିଉ ୨୭:୩୪

୧୧) ରୋମୀୟ କ୍ରୁଶାର୍ପଣ ରୀତିର ପ୍ରତିକୂଳ ନୀତିରେ ତାଙ୍କର ଗୋଟିଏ ଅସ୍ଥି ସୁଦ୍ଧା ଭଙ୍ଗା ଯାଇ ନ ଥିଲା – ଗୀତ ୩୪:୨୦; ଯୋହନ ୧୯:୩୩-୩୬

୧୨) ଲୋକମାନେ ତାହାଙ୍କର ବସ୍ତ୍ର ନିମନ୍ତେ ଗୁଲିବାଣ୍ଟ କରିବେ – ଗୀତ ୨୨:୧୮; ମାଥିଉ ୨୭:୩୬

୧୩) ମୃତ୍ୟୁ ସମୟରେ ଯନ୍ତ୍ରଣା ମଧ୍ୟରେ ସେ କେତେକ ବାକ୍ୟ କହିବେ – ଗୀତ ୨୨:୧; ମାର୍କ ୧୫:୩୫

୧୪) ସେ ମୃତମାନଙ୍କ ମଧ୍ୟରୁ ପୁନରୁତ୍ଥିତ ହେବେ – ଗୀତ ୧୬:୧୦; ପ୍ରେରିତ ୨:୩

**ଉପସଂହାର –** ଏହି ପ୍ରତ୍ୟେକଟି ଭାବବାଣୀ ଆମର ଈଶ୍ୱରଙ୍କ ଶକ୍ତି ଓ ସର୍ବଜ୍ଞାନର ଏକ ଏକ ଅକାଟ୍ୟ ପ୍ରମାଣ ଅଟେ ।

## ପାଠ ୭ – ଖ୍ରୀଷ୍ଟଙ୍କର ଈଶ୍ୱରତ୍ୱ

ଆମେ ଯୀଶୁଙ୍କୁ ଈଶ୍ୱର ବୋଲି ଜାଣୁ, କାରଣ ଯେଉଁ ସମସ୍ତ ଗୁଣ ତାହାଙ୍କର ଅଛି, ସେ ସମସ୍ତ ଗୁଣ ତାହାଙ୍କଠାରେ ଅଛି । ନିମ୍ନ ଲିଖିତ ପଦଗୁଡିକର ଅଧ୍ୟୟନ କଲେ, ତାହା ଦେଖି ପାରିବେ ।

୧) ସେ ଅନନ୍ତକାଳୀନ - ମୀଖା ୫:୨; ଯୋହନ ୮:୫୮; କଲସୀୟ ୧:୧୭; ପ୍ରକାଶିତ ୧:୮
୨) ସେ ଅପରିବର୍ତ୍ତନୀୟ – ଏବ୍ରୀ ୧୩:୮
୩) ସେ ସର୍ବଶକ୍ତିମାନ୍ – ଲୂକ ୮:୨୪; ମାଥିଉ ୨୮:୧୮
୪) ସେ ସର୍ବବ୍ୟାପୀ – ମାଥିଉ ୧୮:୨୦; ଯୋହନ ୧:୪୮; ୩:୧୩; ମାଥିଉ ୨୮:୨୦
୫) ସେ ସର୍ବଜ୍ଞ – ମାର୍କ ୧୧:୨-୬; ଯୋହନ ୨:୨୪, ୨୫; ମାଥିଉ ୨୪:୩-୩୧
୬) ସେ ପବିତ୍ର – ମାର୍କ ୧:୨୪; ପାପଶୂନ୍ୟ – ୧ ପିତର ୨:୨୨; ଯୋହନ ୧୯:୧୪
୭) ସେ ନ୍ୟାୟବାନ୍ – ଯୋହନ ୨:୧୪-୧୭, ମନ୍ଦିର ପରିଷ୍କାର କରିବା ସମୟରେ; ପ୍ରେରିତ ୧୭:୩୧, ଜଣେ ନ୍ୟାୟ ବିଚାରକର୍ତ୍ତା
୮) ସେ ପ୍ରେମମୟ – ଯୋହନ ୧୫:୧୩; ୧୧:୩୬
୯) ସେ ଦୟାମୟ – ତିତସ ୩:୫ – ସେ ଆମ୍ଭ ନିମନ୍ତେ ମୃତ୍ୟୁବରଣ କରିଥିଲେ
୧୦) ସେ ବିଶ୍ୱସ୍ତ – ୨ତୀମଥି ୨:୧୩

**ପାଞ୍ଚୋଟି କାର୍ଯ୍ୟ ଯୀଶୁଙ୍କ ଉପରେ ଆରୋପଯୋଗ୍ୟ ;**

ସୃଷ୍ଟି (ଯୋହନ ୧:୩); ସୁରକ୍ଷା (ଏବ୍ରୀ ୧:୩); କ୍ଷମା (ଲୂକ ୭:୪୮); ମୃତ୍ୟୁକୁ ଉଠାଇବା (ଯୋହନ ୬:୩୯) ଏବଂ ବିଚାର (ଯୋହନ ୫:୨୨)

**ଉପସଂହାର -** ଯୀଶୁ ଯେ ଈଶ୍ୱର, ତାହାଙ୍କର ମୃତ୍ୟୁରୁ ପୁନରୁତ୍ଥିତ ହେବା ଏ ବିଷୟରେ ସବୁଠାରୁ ଦୃଢ ପ୍ରମାଣ ।

## ପାଠ ୮ – ଖ୍ରୀଷ୍ଟଙ୍କର ମନୁଷ୍ୟତ୍ୱ

ତ୍ରାଣକର୍ତ୍ତା ହେବା ନିମନ୍ତେ ଯୀଶୁ ଯେ କେବଳ ଐଶରୀୟ ଏବଂ କୁମାରୀ ଗର୍ଭରୁ ଜନ୍ମ ହେବାକୁ ହୋଇଥିଲା, ତା' ନୁହେଁ, କିନ୍ତୁ ତାହାଙ୍କୁ ଜଣେ ପ୍ରକୃତ ମନୁଷ୍ୟ ମଧ୍ୟ ହେବାକୁ ପଡିଥିଲା (୧ତିମଥି ୨ :୫), ତାହାଙ୍କର ମନୁଷ୍ୟତ୍ୱ ସମ୍ପର୍କରେ ନିମ୍ନଲିଖିତ ପ୍ରମାଣଗୁଡିକ ଲକ୍ଷ୍ୟ କରନ୍ତୁ ।

୧) ତାହାଙ୍କୁ ମନୁଷ୍ୟମାନଙ୍କର ନାମ ଦିଆଯାଇଥିଲା (ମାଥିଉ ୧ :୨୧) "ମନୁଷ୍ୟ ପୁତ୍ର" ଶବ୍ଦଟି ପ୍ରାୟ ୭୭ ଥର ବ୍ୟବହାର କରାଯାଇଛି ]
୨) ତାହାଙ୍କ ପୂର୍ବପୁରୁଷମାନେ ମନୁଷ୍ୟ ଥିଲେ (ମାଥିଉ ୧ :୧-୧୬)
୩) ସେ କ୍ଷୁଧା (ମାଥିଉ ୪:୨) ଏବଂ ତୃଷା (ଯୋହନ ୪:୭; ୧୯:୨୮) ଅନୁଭବ କରିଥିଲେ ।
୪) ସେ କ୍ଲାନ୍ତ ହୋଇଥିଲେ (ଯୋହନ ୪:୬); ସେ ଶୋଇ ପଡିଥିଲେ (ମାଥିଉ ୮:୨୪)
୫) ସେ ପ୍ରେମ କରୁଥିଲେ (ମାର୍କ ୧୦:୨୧; ଯୋହନ ୧୧:୩୬) ଏବଂ ସମ୍ବେଦନଶୀଳ ଥିଲେ (ମାଥିଉ ୯:୩୬)
୬) ସେ କ୍ରୋଧାନ୍ୱିତ ଏବଂ ବ୍ୟଥିତ ହୋଇଥିଲେ (ମାର୍କ ୩:୪)
୭) ସେ ଉତ୍ତେଜିତ ହୋଇଥିଲେ (ଯୋହନ ୧୧:୩୩); ସେ କାନ୍ଦିଥିଲେ (ଯୋହନ ୧୧:୩୫)
୮) ତାହାଙ୍କର ଶରୀର (ଯୋହନ ୧:୧୪); ପ୍ରାଣ (ମାଥିଉ ୨୬:୩୮) ଏବଂ ଆତ୍ମା (ଲୂକ ୨୩:୪୬) ଥିଲା ।
୯) ସେ ମୃତ୍ୟୁବରଣ କରିଥିଲେ (ଏବ୍ରୀ ୯:୨୭; ଲୂକ ୨୩:୩୩)

**ଉପସଂହାର** – ଈଶ୍ୱର ଏବଂ ମନୁଷ୍ୟ - ହାଲ୍ଲେଲୁୟା, ଏପରି ଜଣେ ତ୍ରାଣକର୍ତ୍ତା

## ପାଠ ୯ – ଖ୍ରୀଷ୍ଟଙ୍କର ଜୀବନ (ପ୍ରଥମ ଭାଗ)

ଆମ୍ଭମାନଙ୍କର ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କର ଜଗତରେ ଥିବା ସମୟର ଅନେକ ଘଟନା ଲିପିବଦ୍ଧ କରାଯାଇଛି ।

୧) ଈଶ୍ୱରଙ୍କ ତୁଲ୍ୟ, ଯୀଶୁଙ୍କର ଅସ୍ତିତ୍ୱ ସଦାସର୍ବଦା ଅଛି, ସେ ସମସ୍ତ ବିଷୟର ପୂର୍ବରୁ ଥିଲେ ।
୨) କୁମାରୀ ମରିୟମଙ୍କ ଗର୍ଭରୁ ତାଙ୍କର ଜନ୍ମ ହୋଇଥିବା ବିଷୟ ମାଥିଉ ଓ ଲୂକଙ୍କ ଲିପିବଦ୍ଧ କରାଯାଇଛି ।

୩) ଜନ୍ମିବାର ଆଠ ଦିନ ପରେ ସେ ସୁନ୍ନତ ହୋଇଥିଲେ (ଲୂକ ୨:୨୧)

୪) ବାରବର୍ଷ ହୋଇଥିବା ସମୟରେ ତାହାଙ୍କୁ ଯିରୁଶାଲମ ମନ୍ଦିରକୁ ନିଆଯାଇଥିଲା (ଲୂକ ୨:୪୧-୪୮)

୫) ତାହାଙ୍କ ଜୀବନର ପ୍ରଥମ ବର୍ଷ ଗୁଡିକ ସେ ନାଜରିତର ଜଣେ ବଢେଇ ଭାବରେ କଟାଇଥିଲେ (ମାର୍କ ୬:୩)

୬) ତାହାଙ୍କ ସେବାକାର୍ଯ୍ୟର ପ୍ରଥମ ଛଅ ମାସ ଯିହୂଦା, ସମରିଆ ଓ ଗାଲିଲୀରେ କଟିଥିଲା ।

୭) ସେବାକାର୍ଯ୍ୟର ଦ୍ୱିତୀୟ ଭାଗରେ ସେ ଛଅରୁ ଆଠ ମାସ କଫର୍ନାହୂମ ଓ ଗାଲୀଲୀରେ ପ୍ରଚ୍ଚର, ରୋଗୀମାନଙ୍କୁ ସୁସ୍ଥ ଓ ଆଶ୍ଚର୍ଯ୍ୟକର୍ମ କରିଥିଲେ । ଯୀଶୁଙ୍କ ଆଶ୍ଚର୍ଯ୍ୟକର୍ମର ପରିସର ଏହିପରି ଅଟେ ।

   କ) ପ୍ରକୃତି ଉପରେ (ମାଥିଉ ୮:୨୬, ୨୭)

   ଖ) ଶୟତାନ ଉପରେ (ମାର୍କ ୫:୧୨-୧୩; ୧:୨୩-୨୭; ମାଥିଉ ୮:୨୮-୩୨; ୯:୩୨-୩୩; ୧୫:୨୨-୨୮; ୧୭:୧୪-୧୮)

   ଗ) ରୋଗ ଉପରେ - ପକ୍ଷାଘାତ ରୋଗୀ (ମାଥିଉ ୮:୧୩; ୯:୬); ଜଣେ ଦୁର୍ବଳ ବ୍ୟକ୍ତି (ଯୋହନ ୫:୯); ଶୁଷ୍କ ହସ୍ତକୁ ସୁସ୍ଥ କରିବା (ମାଥିଉ ୧୨:୧୩); ଦୁର୍ବଳତାର ଆତ୍ମା (ଲୂକ ୧୨); ରକ୍ତସ୍ରାବ ବନ୍ଦ କରିବା (ମାଥିଉ ୯:୨୨); ଜଳୋଦର ସୁସ୍ଥ ହେବା (ଲୂକ ୧୪:୨); ଜ୍ୱରରୁ ସୁସ୍ଥ ହେବା (ମାଥିଉ ୮:୧୫); ମୂକକୁ କଥା କହିବା ଶକ୍ତି ଦେବା (ମାଥିଉ ୯:୩୩); ଅନ୍ଧକୁ ଦୃଷ୍ଟି ଶକ୍ତି (ଯୋହନ ୯:୧, ୩୮); ବଧିରକୁ ଶ୍ରବଣ ଶକ୍ତି (ମାଥିଉ ୧୧:୫); କୁଷ୍ଠକୁ ସୁସ୍ଥ କରିବା (ମାଥିଉ ୮:୩; ଲୂକ ୧୭:୧୯) ଯୀଶୁ ଅନ୍ତତଃ ଦଶପ୍ରକାର ଭିନ୍ନ ଭିନ୍ନ ରୋଗ ସୁସ୍ଥ କରିଥିଲେ ।

   ଘ) ମୃତ୍ୟୁ ଉପରେ – ଲାଜାର (ଯୋହନ ୧୧:୪୩-୪୪); ଯାଈରସଙ୍କ କନ୍ୟା (ମାଥିଉ ୯:୧୮-୨୬); ନାଇନ ନଗରରେ ବିଧବାର ପୁତ୍ର (ଲୂକ ୭:୧୨-୧୫) ।

   ଙ) ଅନ୍ୟାନ୍ୟ ବିଷୟରେ – ଜଳକୁ ଦ୍ରାକ୍ଷାରସରେ ପରିଣତ କରିବା (ଯୋହନ ୨:୧-୧୧); ୫୦୦୦ ଲୋକଙ୍କୁ ଖାଦ୍ୟ ଦ୍ୱାରା ପରିତୃପ୍ତ କରିବା (ଯୋହନ ୬:୧-୧୪); ସମୁଦ୍ର ଉପରେ ଚ୍ଚଲିବା (ଯୋହନ ୬:୧୫-୨୧); ୪୦୦୦ ଲୋକଙ୍କୁ ଖାଦ୍ୟ ଦ୍ୱାରା ପରିତୃପ୍ତ କରିବା (ମାଥିଉ ୧୫:୩୨-୩୯); ଡିମ୍ବିରି ବୃକ୍ଷକୁ ଅଭିଶାପ ଦେବା (ମାଥିଉ ୨୧:୧୮-୨୨); ମାଛର ମୁଖରେ ରୌପ୍ୟମୁଦ୍ରା ପାଇବା (ମାଥିଉ ୧୭:୨୭) ଏବଂ ଆଶ୍ଚର୍ଯ୍ୟ ଭାବରେ ମାଛମାନଙ୍କ ପ୍ରଚୁରତା (ଲୂକ ୫:୧-୧୧; ଯୋହନ ୧:୬) ।

ଚ) ତାଙ୍କ ନିଜର ପୁନରୁତ୍ଥାନ ସବୁଠାରୁ ବଡ ଆଶ୍ଚର୍ଯ୍ୟକର୍ମ (୧କରିନ୍ଥୀୟ ୧୫:୪; ରୋମୀୟ ୧:୪)

## ପାଠ ୧୦ – ଖ୍ରୀଷ୍ଟଙ୍କର ଜୀବନ, ଅନ୍ତିମ ଭାଗ

୮) ତାହାଙ୍କ ସେବାକାର୍ଯ୍ୟର ତୃତୀୟ ଭାଗରେ ସେ ପ୍ରାୟ ଏକ ବର୍ଷ ପର୍ଯ୍ୟନ୍ତ ଗାଲିଲୀରେ କାର୍ଯ୍ୟ କରିଥିଲେ, ଅନେକ ଜନତା ତାଙ୍କୁ ଅନୁସରଣ କରୁଥିଲେ । ସେ ପର୍ବତ ଉପରୁ ଉପଦେଶ ପ୍ରଚାର କରିଥିଲେ (ମାଥିଉ ୫,୬ ଓ ୭) ।

୯) ପରବର୍ତ୍ତୀ ଅବସ୍ଥାରେ ଫାରୁଶୀମାନେ ତାହାଙ୍କ ଜୀବନ ନେବା ନିମନ୍ତେ ତାହାଙ୍କ ପଛରେ ଗୋଡାଇଥିଲେ । ଯୀଶୁ କଫର୍ନାହୂମ, ଫୈନିକିଆ, ବେଥ୍‌ସାଇଦା, କାଇସରିଆ ଓ ଫିଲିପ୍ପୀ ଦେଇ ଯାତ୍ରା କରି ପୁନର୍ବାର ଗାଲିଲୀରେ ପ୍ରବେଶ କରିଥିଲେ ।

୧୦) ଶେଷ ଛଅ ମାସ ସେ ଶିକ୍ଷା ଦେବା, ପ୍ରଚାର କରିବା ଏବଂ ଯାତ୍ରା କରିବାରେ କ୍ଷେପଣ କରିଥିଲେ ।

୧୧) ଶେଷ ସପ୍ତାହରେ ଖର୍ଜୁର ରବିବାର (ବିଜୟ ଯାତ୍ରା), ଶେଷ ରାତ୍ରିଭୋଜ, ଗେଥ୍‌ଶିମାନୀ, ବିଚାର ଏବଂ କ୍ରୁଶରେ ମୃତ୍ୟୁ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ଘଟନା ଘଟିଥିଲା ।

୧୨) ତିନି ଦିନ ପରେ, ଭାବବାଣୀ ଅନୁଯାୟୀ ଯୀଶୁ ମୃତମାନଙ୍କ ମଧ୍ୟରୁ ପୁନରୁତ୍ଥିତ ହୋଇଥିଲେ ।

୧୩) ପୁନରୁତ୍ଥାନର ଚାଳିଶ ଦିନ ପରେ ସେ ଦୃଶ୍ୟ ଭାବରେ ଓ ଶାରିରୀକ ଭାବେ ସ୍ୱର୍ଗକୁ ଆରୋହଣ କରିଥିଲେ (ପ୍ରେରିତ ୧:୧୦-୧୧) ।

**ଆଲୋଚନା –** ଖ୍ରୀଷ୍ଟଙ୍କ ଜଗତରେ କ୍ଷେପଣ କରିଥିବା ଜୀବନର କେଉଁ ଘଟନାବଳୀଗୁଡିକ ତାହାଙ୍କର ଈଶ୍ୱରତ୍ୱ ପ୍ରକାଶ କରେ ? କେଉଁ ଘଟନାବଳୀଗୁଡିକ ତାହାଙ୍କର ମନୁଷ୍ୟତ୍ୱ ପ୍ରକାଶ କରେ ?

## ପାଠ ୧୧ - ଯୀଶୁ ଖ୍ରୀଷ୍ଟଙ୍କର ପୁନରୁତ୍ଥାନ

ପୁନରୁତ୍ଥାନ ବିଷୟ ୧୦୪ ଥର ନୂତନ ନିୟମରେ ଉଲ୍ଲେଖ କରାଯାଏ ଏବଂ ତାହା ଧର୍ମଶାସ୍ତ୍ର ତତ୍ତ୍ୱର ମୂଳଦୁଆ ଅଟେ । ଖ୍ରୀଷ୍ଟ ଧର୍ମ କେବଳ ଏକମାତ୍ର ଧର୍ମ ଯାହାର ପ୍ରତିଷ୍ଠାତା ଜୀବିତ !

**(କ) ପୁନରୁତ୍ଥାନର ପ୍ରମାଣ**

୧) ଶୂନ୍ୟ କବର – ମାଥିଉ ୨୮:୬; ଲୂକ ୨୪:୩
୨) ଦୂତମାନଙ୍କର ସାକ୍ଷ୍ୟ – ମାଥିଉ ୨୮:୪୬; ଲୂକ ୨୪:୨-୫:୭
୩) ପିତର, ମରିୟମ, କ୍ଲୟପା ଓ ଥୋମା ପ୍ରଭୃତି ତାଙ୍କ ସହିତ ପୁନରୁତ୍ଥାନ ପରେ ବାକ୍ୟାଳାପ କରିଥିଲେ ।
୪) ଯୀଶୁ ଭୋଜନ ଓ ପାନ କରିଥିଲେ ଏବଂ ତାହାଙ୍କର କ୍ଷତ ଚିହ୍ନଗୁଡିକ ଦେଖାଇଥିଲେ ।
୫) ୫୦୦ ବ୍ୟକ୍ତି ଏକସଙ୍ଗେ ତାହାଙ୍କୁ ଦର୍ଶନ କରିଥିଲେ – ୧କରିନ୍ଥୀୟ ୧୫:୬
୬) ସ୍ତିଫାନ ସାକ୍ଷ୍ୟମର ହେବା ସମୟରେ ସେ ତାଙ୍କୁ ଦର୍ଶନ ଦେଇଥିଲେ – ପ୍ରେରିତ ୭:୫୬
୭) ପାଉଲଙ୍କୁ ଦମ୍ମେସକ ପଥରେ ସେ ଦର୍ଶନ ଦେଇଥିଲେ – ପ୍ରେରିତ ୯:୫
୮) ନିଯୁତ ବ୍ୟକ୍ତି ତାହାଙ୍କୁ ଜୀବନ୍ତ ତ୍ରାଣକର୍ତ୍ତା ରୂପେ ଗ୍ରହଣ କରିଛନ୍ତି ।
୯) ଆହୁରି ଅନେକ ଅକାଟ୍ୟ ପ୍ରମାଣ – ପ୍ରେରିତ ୧:୧୩

**(ଖ) ତାହାଙ୍କର ପୁନରୁତ୍ଥିତ ଶରୀର କିପରି ଥିଲା ?**

୧) ଏଥିରେ ମାଂସ ଏବଂ ଅସ୍ଥି ଥିଲା – ଲୂକ ୨୪:୩୯
୨) ଏହା ଏକ ଗୌରବମୟ ଶରୀର ଥିଲା - ଫିଲିପ୍ପୀୟ ୩:୨୧
୩) ଏହା ଏକ ଅମର ଶରୀର ଥିଲା, ଯାହାର କେବେ ହେଁ ମୃତ୍ୟୁ ହୁଏ ନାହିଁ – ରୋମୀୟ ୬:୯
୪) ଏହା ଏକ ଆତ୍ମିକ ଶରୀର – ୧କରିନ୍ଥୀୟ ୧୫:୪୪

**ଉପସଂହାର –** ମୃତ୍ୟୁ ଆଜି ସବୁଠାରୁ ଭୟାନକ ବିଜେତା, କିନ୍ତୁ ପୁନରୁତ୍ଥାନ ଆହୁରି ଶକ୍ତିଶାଳୀ, କାରଣ ଏହା ମୃତ୍ୟୁର ଶକ୍ତିକୁ ସମ୍ପୂର୍ଣ୍ଣରୂପେ ଭାଙ୍ଗି ପକାଏ ।

# ତୃତୀୟ ଭାଗ : ପବିତ୍ରଆତ୍ମାଙ୍କ ତତ୍ତ୍ୱ

## ପାଠ ୧୨ - ପବିତ୍ରଆତ୍ମାଙ୍କ ବ୍ୟକ୍ତିତ୍ୱ

ପବିତ୍ରଆତ୍ମାଙ୍କୁ କାହିଁକି ଆମେ ଜଣେ ବ୍ୟକ୍ତି ବୋଲି କହୁ ? ନିମ୍ନରେ କେତୋଟି କାରଣ ଦତ୍ତ ହେଲା ,

**କ) ବାଇବଲରେ ପବିତ୍ରଆତ୍ମାଙ୍କ ବିଷୟରେ ବ୍ୟକ୍ତିଗତ ସର୍ବନାମ ବ୍ୟବହାର କରାଯାଏ ।**

ଯୋହନ ୧୬:୭-୮ ଓ ୧୩-୧୫ ରେ ଗ୍ରୀକ୍ ସର୍ବନାମ 'ସେ', ପବିତ୍ରଆତ୍ମାଙ୍କ ନିମନ୍ତେ ବ୍ୟବହାର କରାଯାଏ । ଯୋହନ ୧୫:୨୬ ରେ ମଧ୍ୟ ।

**ଖ) ତାହାଙ୍କ ନିକଟରେ ଜଣେ ବ୍ୟକ୍ତିର ଚରିତ୍ର ସମୂହ ଦେଖାଯାଏ ।**

୧) ଇଚ୍ଛାଶକ୍ତି – ୧କରିନ୍ଥୀୟ ୧୨:୧୧
୨) ବୋଧଶକ୍ତି - ନିହିମିୟା ୯:୨୦; ରୋମୀୟ ୮:୨୭
୩) ଜ୍ଞାନ - ୧କରିନ୍ଥୀୟ ୨:୧୦-୧୨
୪) ଶକ୍ତି – ପ୍ରେରିତ ୧:୮
୫) ପ୍ରେମ କରିବାର ଅନ୍ତଃଶକ୍ତି – ରୋମୀୟ ୧୫:୩୦
୬) ଦୁଃଖିତ ହେବାର ଅନ୍ତଃଶକ୍ତି – ଏଫିସୀୟ ୪:୩୦

**ଗ) ସେ ଯାହା କରନ୍ତି ତାହା ଜଣେ ବ୍ୟକ୍ତି ହିଁ କରିପାରନ୍ତି**

୧) ଈଶ୍ୱରଙ୍କର ଗଭୀର ବିଷୟସମୂହ ଅନୁସନ୍ଧାନ କରନ୍ତି – ୧କରିନ୍ଥୀୟ ୨:୧୦
୨) କୁହନ୍ତି - ପ୍ରକାଶିତ ୨:୭, ଆର୍ତ୍ତନାଦ କରନ୍ତି – ଗାଲାତୀୟ ୪:୬
୩) ନିବେଦନ କରନ୍ତି – ରୋମୀୟ ୮:୨୬
୪) ସାକ୍ଷ୍ୟ ଦିଅନ୍ତି – ରୋମୀୟ ୧୫:୨୬ ଓ ଶିକ୍ଷା ଦିଅନ୍ତି – ଯୋହନ ୧୪:୨୬; ୧୬:୧୨-୧୪
୫) ଆଗେଇ ନିଅନ୍ତି ଓ ନିର୍ଦ୍ଦେଶ ଦିଅନ୍ତି – ରୋମୀୟ ୮:୧୪
୬) ଆଦେଶ ଦିଅନ୍ତି – ପ୍ରେରିତ ୧୬:୬୭; ମନୁଷ୍ୟମାନଙ୍କୁ କାର୍ଯ୍ୟ ନିମନ୍ତେ ଆହ୍ୱାନ କରନ୍ତି ଓ ସେମାନଙ୍କୁ ଦାୟିତ୍ୱ ଦିଅନ୍ତି – ପ୍ରେରିତ ୧୩:୨
୭) ସେ ଜଣେ ପଦପ୍ରାପ୍ତ ସାହାଯ୍ୟକାରୀ – ଯୋହନ ୧୪:୧୬, 'ପାରାକ୍ଲୀତସ' ନାମକ ଗ୍ରୀକ୍ ଶବ୍ଦର ଅର୍ଥ, ସେ ବ୍ୟକ୍ତିଗତ ସାଥି ।

**ଉପସଂହାର -** ପବିତ୍ରଆତ୍ମା ଜଣେ ବ୍ୟକ୍ତି, କାରଣ ସେ ଚିନ୍ତା କରନ୍ତି, ଉଦ୍ଦେଶ୍ୟ ସ୍ଥିର କରନ୍ତି, ଅନୁଭବ କରନ୍ତି, ଜାଣନ୍ତି, ଇଚ୍ଛା କରନ୍ତି, ପ୍ରେମ କରନ୍ତି, ଆର୍ତ୍ତନାଦ କରନ୍ତି ଏବଂ ଜଣେ ବ୍ୟକ୍ତିର କାର୍ଯ୍ୟସମୂହ କରନ୍ତି ।

## ପାଠ ୧୩ - ପବିତ୍ରଆତ୍ମାଙ୍କର ଈଶ୍ୱରତ୍ୱ

ପବିତ୍ରଆତ୍ମା ସର୍ବଶକ୍ତିମାନ ଈଶ୍ୱର ଅଟନ୍ତି । ସେ ପିତାପୁତ୍ରଙ୍କ ସହ ସମସ୍ତ ବିଷୟରେ ସମାସ୍କନ୍ଧ ଅଟନ୍ତି ।

**କ) ପବିତ୍ରଆତ୍ମାଙ୍କର ଐଶରୀକ ଗୁଣସମୂହ ଅଛି ।**

୧) ଚିରନ୍ତନ - ଏବ୍ରୀ ୯:୧୪
୨) ସର୍ବବ୍ୟାପୀ – ଗୀତସଂହିତା – ୧୩୯:୭-୧୦
୩) ସର୍ବଶକ୍ତିମାନ - ଲୂକ ୧:୩୫; ଆଦି ୧:୨୭
୪) ସର୍ବଜ୍ଞ – ୧କରିନ୍ଥୀୟ ୨:୧୦-୧୧
୫) ପବିତ୍ରତା – ଲୂକ ୧୧:୧୩
୬) ସତ୍ୟ – ୧ଯୋହନ ୫:୬
୭) ମଙ୍ଗଳମୟ - ନିହିମିୟା ୯:୨୦
୮) ସହଭାଗୀତା – ୨କରିନ୍ଥୀୟ ୧୩:୧୪

**ଖ) କେବଳ ଈଶ୍ୱର ଯାହା କରିପାରନ୍ତି, ପବିତ୍ରଆତ୍ମା ତାହା ହିଁ କରନ୍ତି**

୧) ସୃଷ୍ଟି - ଆୟୁବ ୩୩:୪
୨) ପରିତ୍ରାଣ – ୧କରିନ୍ଥୀୟ ୬:୧୧; ଏଫିସୀୟ ୧:୧୩
୩) ଜୀବନ ଦାନ - ଯୋହନ ୬:୩୬
୪) ନୂତନ ଜନ୍ମର ସ୍ରଷ୍ଟା – ଯୋହନ ୩:୫-୬, ୫, ଭାବବାଣୀ – ୨ପିତର ୧:୨୫
୫) ମନୁଷ୍ୟମାନଙ୍କୁ ଧାର୍ମିକତା (ନ୍ୟାୟ) ଓ ଆଗାମୀ ବିଚାରର ବୋଧ ଦିଅନ୍ତି – ଯୋହନ ୧୬:୮-୧୧

**କାର୍ଯ୍ୟଭାର –** ଉର୍ଦ୍ଧ୍ୱରେ ଦିଆଯାଇଥିବା ଶାସ୍ତ୍ରାଂଶଗୁଡିକ ନିକଟରେ ପୁରାତନ ନିୟମରୁ ପବିତ୍ରଆତ୍ମାଙ୍କ ବିଷୟରେ ତିନୋଟି ଲେଖାଏଁ ଶାସ୍ତ୍ରାଂଶର ତାଲିକା ଦିଅନ୍ତୁ।

## ପାଠ ୧୪ - ପବିତ୍ରଆତ୍ମାଙ୍କର ନାମ ଏବଂ ନିଦର୍ଶନସମୂହ

**କ) ପବିତ୍ରଆତ୍ମାଙ୍କର ନାମ ସମୂହ**

୧) ପବିତ୍ରଆତ୍ମା – ଲୂକ ୧୧:୧୩
୨) ଅନୁଗ୍ରହର ଆତ୍ମା – ଏବ୍ରୀ ୧୦:୨୯
୩) ଅଗ୍ନିମୟ ଆତ୍ମା – ମାଥିଉ ୩:୧୧-୧୨; ଯିଶାଇୟ ୪:୪
୪) ସତ୍ୟମୟ ଆତ୍ମା – ଯୋହନ ୧୪:୧୭; ୧୫:୨୬; ୧୬:୧୩; ୧ଯୋହନ ୫:୬

୫) ଜୀବନଦାୟକ ଆତ୍ମା – ରୋମୀୟ ୮:୨

୬) ବୁଦ୍ଧି ଓ ଜ୍ଞାନର ଆତ୍ମା - ଯିଶାଇୟ ୧୧:୨; ୬୧:୧୨; ଲୂକ ୪:୧୮

୭) ପ୍ରତିଜ୍ଞାତ ପବିତ୍ରଆତ୍ମା – ଏଫିସୀୟ ୧:୧୩

୮) ଗୌରବମୟ ଆତ୍ମା – ୧ପିତର ୪:୧୪

୯) ଈଶ୍ୱରଙ୍କ ଏବଂ ଖ୍ରୀଷ୍ଟଙ୍କର ଆତ୍ମା – ୧କରିନ୍ଥୀୟ ୩:୧୬; ରୋମୀୟ ୮:୯

୧୦) ଶାନ୍ତିଦାତା ଆତ୍ମା – ଯୋହନ ୧୪:୧୬

**ଖ) ପବିତ୍ରଆତ୍ମାଙ୍କର ନିଦର୍ଶନସମୂହ**

୧) ଜଳ – ଯୋହନ ୩:୫; ୭:୩୮ – ଜଳ ଉର୍ବର କରେ, ସଚେତନ କରେ, ପରିଷ୍କାର କରେ ଏବଂ ପ୍ରଚୁର ପରିମାଣରେ ଓ ବିନାମୂଲ୍ୟରେ ଦିଆଯାଏ ।

୨) ଅଗ୍ନି – ମାଥିଉ ୩:୧୧ - ଅଗ୍ନି ଉଜ୍ଜ୍ୱଳତା ପ୍ରଦାନ କରେ, ପୋଡି ପକାଏ, ବିଶୁଦ୍ଧ କରେ, ଅନୁସନ୍ଧାନ କରେ ।

୩) ବାୟୁ – ଯୋହନ ୩:୧୮ – ବାୟୁ ଶକ୍ତିଶାଳୀ, ଉଦ୍ଦୀପକ, ସ୍ୱାଧୀନ, ଅଦୃଶ୍ୟ କିନ୍ତୁ କାର୍ଯ୍ୟକ୍ଷମ ।

୪) ତୈଳ – ଗୀତସଂହିତା ୪୫:୭ – ତୈଳ ଉତ୍ସର୍ଗ କରେ, ଆଶ୍ୱାସନା ପ୍ରଦାନ କରେ, ଆଲୋକ ପ୍ରଦାନ କରେ, ସୁସ୍ଥ କରେ ।

୫) ବର୍ଷା ଓ କାକର – ଗୀତସଂହିତା ୭୨:୬ – ବର୍ଷା ସତେଜ କରେ, ପରିଷ୍କାର କରେ, ପ୍ରଚୁର ଫଳ ଉତ୍ପନ୍ନ କରେ ।

୬) କପୋତ – ମାଥିଉ ୩:୧୬ – କପୋତ ନମ୍ର ଅଟେ ।

୭) ସ୍ୱର - ଯିଶାଇୟ ୬:୮ – ସ୍ୱର କଢାଇ ନିଏ, କଥା କୁହେ ଓ ସାବଧାନ କରେ ।

୮) ମୁଦ୍ରାଙ୍କନ - ପ୍ରକାଶିତ ୭:୨; ଏଫିସୀୟ ୪:୩୦; ଏକ ମୁଦ୍ରା ପ୍ରମାଣ ସିଦ୍ଧ ଏବଂ ଦୃଢତା ସ୍ଥାପନ କରେ ।

**ଆଲୋଚନା –** ଏହି ପତ୍ରଟି ନିଦର୍ଶନ ମଧ୍ୟରେ ପବିତ୍ରଆତ୍ମାଙ୍କ କାର୍ଯ୍ୟ ଖ୍ରୀଷ୍ଟିୟାନ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ।

## ପାଠ ୧୫ - ପବିତ୍ରଆତ୍ମାଙ୍କ ବିରୁଦ୍ଧରେ ଅପରାଧ

ପବିତ୍ରଆତ୍ମାଙ୍କ ବିରୁଦ୍ଧରେ କେତେଗୁଡିଏ ପାପ ଅବିଶ୍ୱାସୀମାନେ କରିଥାଆନ୍ତି । ଅନ୍ୟଗୁଡିକ ବିଶ୍ୱାସୀମାନେ କରିଥାଆନ୍ତି । କେତେକ କ୍ଷେତ୍ରରେ ଏଗୁଡିକ ଏପଟ ସେପଟ ହୋଇଥାଏ । ତେବେ ଗୁରୁତ୍ୱପୂର୍ଣ୍ଣ ବିଷୟ ଏହି ଯେ, ଆତ୍ମାଙ୍କ ବିରୁଦ୍ଧରେ ପାପର ପରିଣାମ ଭୟଙ୍କର ହୋଇଥାଏ ।

**କ) ଅବିଶ୍ୱାସୀମାନଙ୍କ ଦ୍ୱାରା ସଂଗଠିତ ହେଉଥିବା ଅପରାଧ**

୧) ପବିତ୍ରଆତ୍ମାଙ୍କର ପ୍ରତିରୋଧ କରିବା – ପ୍ରେରିତ ୭:୫୧

୨) ପବିତ୍ରଆତ୍ମାଙ୍କୁ ଅବମାନନା କରିବା – ଏବ୍ରୀ ୧୦:୨୯

୩) ପବିତ୍ରଆତ୍ମାଙ୍କୁ ନିନ୍ଦା କରିବା – ମାଥିଉ ୧୨:୩୧-୩୨

**ଖ) ବିଶ୍ୱାସୀମାନଙ୍କ ଦ୍ୱାରା ସଂଗଠିତ ହେଉଥିବା ଅପରାଧ**

୧) ଆତ୍ମାଙ୍କୁ ଦୁଃଖ ଦେବା – ଏଫିସୀୟ ୪:୩୦, ୩୧ ; ଯିଶାଇୟ ୬୩:୧୦

୨) ପବିତ୍ରଆତ୍ମାଙ୍କ ବିରୁଦ୍ଧରେ ମିଥ୍ୟା କହିବା – ପ୍ରେରିତ ୫:୩,୪

୩) ଆତ୍ମାଙ୍କୁ ନିର୍ବାଣ କରିବା – ୧ଥେସଲନିକୀୟ ୫:୧୯

**ଉପସଂହାର -** ପ୍ରତିରୋଧ କରିବା ଆତ୍ମାଙ୍କର ପୁନଃ ପ୍ରକ୍ରିୟାଶୀଳ କାର୍ଯ୍ୟ ସହିତ ସଂପୃକ୍ତ, ଦୁଃଖ ଦେବା ଅନ୍ତର୍ବାସୀ ଆତ୍ମାଙ୍କ ସହିତ ସଂପୃକ୍ତ । ନିର୍ବାଣ ସେବା ନିମନ୍ତେ ଆତ୍ମାଙ୍କର କାର୍ଯ୍ୟଶୀଳତା ସହିତ ସଂପୃକ୍ତ ।

# ଚତୁର୍ଥ ଭାଗ : ମନୁଷ୍ୟ ତତ୍ତ୍ୱ

## ପାଠ ୧୬ – ମନୁଷ୍ୟର ମୌଳିକ ଅବସ୍ଥା

ମନୁଷ୍ୟ ଈଶ୍ୱରଙ୍କର ସାଦୃଶ୍ୟ ଓ ପ୍ରତିମୂର୍ତ୍ତିରେ ନିର୍ମିତ ହୋଇଥିଲା - ଆଦି ୧:୨୬ ଓ ୯:୬, ପ୍ରତିମୂର୍ତ୍ତି ଅର୍ଥାତ୍ ଏକ ଆକୃତିର ଛାୟା ବା ରୂପରେଖ, ସାଦୃଶ୍ୟ ଏହି ଛାୟାର ଆକୃତି ସହିତ ସାମଞ୍ଜସ୍ୟକୁ ବୁଝାଏ ।

୧. ଈଶ୍ୱରଙ୍କ ପ୍ରତିମୂର୍ତ୍ତି ଅର୍ଥ ଶାରିରୀକ ସାଦୃଶ୍ୟ ନୁହେଁ, କାରଣ ଈଶ୍ୱର ଆତ୍ମା ଅଟନ୍ତି।

୨. ମୌଳିକ/ପ୍ରଥମ ମନୁଷ୍ୟ ବୁଦ୍ଧିମାନ୍ ଓ ବିଚକ୍ଷଣ ଥିଲା । ସେ ପ୍ରାଣୀମାନଙ୍କୁ ନାମ ଦେଇଥିଲା (ଆଦି ୨:୧୯-୨୦)। ତାହାଙ୍କ କଥା କହିବାର ଶକ୍ତି, ବିଚାର ବୁଦ୍ଧି ଖଟାଇବାର ଶକ୍ତି ଏବଂ ଚିନ୍ତା କରିବାର ଶକ୍ତି ଥିଲା ।

୩. ତାହାର ନୈତିକ ଓ ଆତ୍ମିକ ଗୁଣସମୂହ ଥିଲା ।

**ଆଲୋଚନା -** ପତନ ପୂର୍ବରୁ ମନୁଷ୍ୟର ଜୀବନ ଆଜିର ଜୀବନଠାରୁ କିପରି ଭାବେ ଭିନ୍ନ ଥିଲା ।

# ପାଠ ୧୭ – ମନୁଷ୍ୟର ପତନ

ଖ୍ରୀଷ୍ଟଧର୍ମ ତଥା ଅନ୍ୟାନ୍ୟ ଧର୍ମରେ ମନୁଷ୍ୟର ପତନ କାହାଣୀ ଶିକ୍ଷା ଦିଆଯାଏ । ମନୁଷ୍ୟ ଇତିହାସର ଏହି ଦୁଃଖପୂର୍ଣ୍ଣ ଘଟନା ଆଦି ପୁସ୍ତକ ୩ ଅଧ୍ୟାୟରେ ସମ୍ପୂର୍ଣ୍ଣଭାବେ ବର୍ଣ୍ଣନା କରାଯାଇଛି । ଏହି କାହାଣୀରେ ବିଶ୍ୱ ବ୍ରହ୍ମାଣ୍ଡରେ ପାପର ପ୍ରବେଶ ବିଷୟରେ ବର୍ଣ୍ଣନା କରାଯାଏ ନାହିଁ । କାରଣ ଶୟତାନ ପାପ କରି ସ୍ୱର୍ଗରୁ ବିତାଡିତ ହୋଇସାରିଥିଲା (ଯିହିଜିକଲ ୨୮:୧୨-୧୫; ଯିଶାଇୟ ୧୪:୯-୧୪) । ଏହି କାହାଣୀ କିପରି ମନୁଷ୍ୟ ଜାତି ମଧ୍ୟରେ ପାପ ପ୍ରବେଶ କଲା ଓ ଆମକୁ ପାପୀରେ ପରିଣତ କଲା, ତାହା ବର୍ଣ୍ଣନା କରେ ।

### କ) ପତନର ସହାୟକ - ଆଦି ପୁସ୍ତକ ୩ः୧

୧) ଶୟତାନ ତା'ର ନିଜର ରୂପରେଖରେ ଦେଖା ନ ଦେଇ, ଏକ ସୁନ୍ଦର ସର୍ପ ଭାବେ ଦେଖାଦେଇଥିଲା ।

୨) ଯେତେବେଳେ ଆଦମ ଓ ହବା ପୃଥକ୍ ଭାବରେ ଥିଲେ, ସେ ସମୟରେ ସେ ଆକ୍ରମଣ କରିଥିଲା, କାରଣ ଏକତାରେ ଶକ୍ତି ଅଛି ।

୩) ସାଧାରଣ ବିଷୟ ଅର୍ଥାତ୍ ଖାଦ୍ୟ ଓ ଜ୍ଞାନ ନିମନ୍ତେ ଉତ୍କଣ୍ଠା ଜନ୍ମାଇବା ମାଧ୍ୟମରେ ସେ ଆକ୍ରମଣ କରିଥିଲା, କିନ୍ତୁ ସେମାନେ ଏଗୁଡିକୁ ନିୟନ୍ତ୍ରଣ କରିପାରି ନ ଥିଲେ ।

### ଖ) ପତନକୁ ଆଗେଇ ଯିବା ନିମନ୍ତେ ସୋପାନ

୧) ହବା ବୃକ୍ଷର ଅତି ନିକଟରେ ଥିଲା, ସେ ଏହି ପ୍ରଲୋଭନର ସ୍ଥାନରୁ ପଳାୟନ କରିବା ଉଚିତ ଥିଲା ।

୨) ସେ ନିଷିଦ୍ଧ ବିଷୟକୁ ପସନ୍ଦ କରିଥିଲା ।

୩) ସେ ଶୟତାନ ସହିତ ବାକ୍ୟାଳାପ କରିଥିଲା ।

୪) ସେ ଈଶ୍ୱରଙ୍କ ବାକ୍ୟର ପରିବର୍ତ୍ତନ କଲା । ସେ ଯୋଗ କଲା, 'ତୁମେ ଏହା ସ୍ପର୍ଶ କରିବ ନାହିଁ'; ସେ ବଡ ପାପ କଲା । ସ୍ୱଚ୍ଛନ୍ଦରେ ଏବଂ 'ତୁମେ ନିତାନ୍ତ ମରିବ' ଉକ୍ତିକୁ ଈଶ୍ୱରଙ୍କ ବାକ୍ୟରେ ପରିବର୍ତ୍ତନ କରି 'ସେ ନ ହେଲେ ତୁମେ କରିବ' ଉକ୍ତି ବ୍ୟବହାର କଲା ।

**ଆଲୋଚନା–** ବର୍ତ୍ତମାନ ସେମାନଙ୍କୁ ପ୍ରଲୋଭିତ କରିବା ନିମନ୍ତେ ଶୟତାନର କୌଶଳଗୁଡିକ କ'ଣ ? ସେଗୁଡିକର କ'ଣ ବିଶେଷ ପରିବର୍ତ୍ତନ ଘଟିଛି ବା ସେଗୁଡିକ ମୁଖ୍ୟତଃ ଅପରିବର୍ତ୍ତିତ ରହିଛି ?

# ପାଠ ୧୮ - ପତନର ଫଳାଫଳ

**କ) ତତ୍‌କ୍ଷଣାତ୍ ଫଳାଫଳ**

୧) ସେମାନେ ପାପୀ ହେଲେ – ସେମାନଙ୍କ ଆତ୍ମିକ ଜୀବନର ମୃତ୍ୟୁ ଘଟିଲା – ଏଫିସୀୟ ୨ : ୧

୨) ସେମାନଙ୍କ ଚକ୍ଷୁ ଉନ୍ମୁକ୍ତ ହେଲା ଏବଂ ସେମାନେ ଉଲଗ୍ନ ବୋଲି ଜାଣିପାରିଲେ।

୩) ସେମାନେ ଈଶ୍ୱରଙ୍କ ଉପସ୍ଥିତିରୁ ଲୁଚିଲେ - ପାପ ଈଶ୍ୱରଙ୍କ ଠାରୁ ମନୁଷ୍ୟକୁ ପୃଥକ୍ କରେ ।

**ଖ) ଈଶ୍ୱର ଅଭିଶାପ ଦିଅନ୍ତି (ଆଦି ୩: ୧୪-୧୯)**

୧) ସର୍ପକୁ : ସମସ୍ତ ପଶୁ ଅପେକ୍ଷା ଶାପଗ୍ରସ୍ତ ହେଲା ।

୨) ସ୍ତ୍ରୀକୁ : ପ୍ରସବ ସମୟରେ ବେଦନା ଓ ଦୁଃଖ ।

୩) ପୁରୁଷକୁ/ମାନବ ଜାତିକୁ : ଭୂମି କଣ୍ଟା ଓ ଗୋଖରା ଗଛ ଉତ୍ପନ୍ନ କରିବା ନିମନ୍ତେ ଶାପଗ୍ରସ୍ତ ହେଲା । ତାହାର ଜୀବନ ଏକ ଦୁଃଖଦ ଜୀବନ ; ଝାଳ ବୁହାଇ ଜୀବିକା ଅର୍ଜନ କରିବା ନିମନ୍ତେ ସେ ଅଭିଶପ୍ତ ହେଲା ।

**ଗ) ଶେଷ ଫଳାଫଳ**

୧) ବର୍ତ୍ତମାନ ସମଗ୍ର ମାନବ ଜାତି ଈଶ୍ୱରଙ୍କ ନିକଟରେ ପାପୀ – ରୋମୀୟ ୫ : ୧୨

୨) ସମଗ୍ର ଜଗତ ଦଣ୍ଡ ବା ଶାସ୍ତିର ଅଧିନରେ – ରୋମୀୟ ୩: ୧୯

୩) ପୁନର୍ଜାତ ହୋଇଥିବା ମନୁଷ୍ୟମାନେ ଈଶ୍ୱରଙ୍କ ସନ୍ତାନ ନୁହଁନ୍ତି, କିନ୍ତୁ ଶୟତାନର ସନ୍ତାନ ରୂପେ ପରିଚିତ – ଯୋହନ ୮ : ୪୪

୪) ସମଗ୍ର ମନୁଷ୍ୟଜାତି ଶୟତାନ ନିକଟରେ ବନ୍ଦୀ – ୨କରନ୍ଥୀୟ ୪ : ୪

୫) ମନୁଷ୍ୟର ସମ୍ପୂର୍ଣ୍ଣ ପ୍ରକୃତି ମାନସିକ ଭାବେ, ନୈତିକଭାବେ, ଆତ୍ମିକ ଭାବେ ଓ ଶାରିରୀକ ଭାବେ ପାପ ଦ୍ୱାରା ପ୍ରଭାବିତ – ଏଫିସୀୟ ୪ : ୧୮ ; ରୋମୀୟ ୭ : ୧୮

**ଉପସଂହାର –** ମନୁଷ୍ୟର ପତନ ସହ ଈଶ୍ୱର ଜଣେ ଉଦ୍ଧାରକର୍ତ୍ତାଙ୍କର ପ୍ରତିଜ୍ଞା ଏବଂ ପରିତ୍ରାଣର ଯୋଜନା ପ୍ରସ୍ତୁତ କଲେ (ଆଦି ୩:୫), ଈଶ୍ୱର ଏହି ବିଷୟ ପ୍ରାୟ ୪୦୦୦ ବର୍ଷ ପରେ କାଲଵରୀରେ କାର୍ଯ୍ୟକାରୀ କଲେ ।

# ପଞ୍ଚମ ଭାଗ : ପରିତ୍ରାଣର ତତ୍ତ୍ୱ ସମୂହ

## ପାଠ ୧୯ - ଅନୁତାପ

ଧର୍ମଶାସ୍ତ୍ରରେ ଅନୁତାପ ଏକ ଅତି ସ୍ୱଷ୍ଟ ବିଷୟ ଏବଂ ଏହା ପ୍ରାୟ ୧୦୦ ରୁ ଅଧିକ ଥର ଉଲ୍ଲେଖ କରାଯାଇଛି ।

**କ) ଅନୁତାପର ସଂଜ୍ଞା**

୧) ନାସ୍ତି ସୂଚକ **:** ଏହା କେବଳ ପାପ ନିମନ୍ତେ ଦୁଃଖ ନୁହେଁ, ଅନେକ ପାପ କରି କାନ୍ଦନ୍ତି, କିନ୍ତୁ ତତ୍‌କ୍ଷଣାତ୍ ପାପ କରିବା ନିମନ୍ତେ ପ୍ରତ୍ୟାବର୍ତ୍ତନ କରିଥାନ୍ତି । ଇଷ୍କୋରିୟୋଥ ଯିହୂଦା ଏବଂ ଏଷୌ ପାପ ନିମନ୍ତେ ଦୁଃଖ କରିଥିଲେ, କିନ୍ତୁ ସେମାନେ ଅନୁତାପ କରି ନ ଥିଲେ (ଏବ୍ରୀ ୧୨:୧୭)

୨) ଅସ୍ତି ସୂଚକ **:** ଏହା ମନର ଏକ ପରିବର୍ତ୍ତନ, ଯାହାକି ବ୍ୟବହାରର ପରିବର୍ତ୍ତନ ପାଇଁ ଆଗେଇ ନେଇଥାଏ (ମାଥିଉ ୨୧:୨୮-୩୨) ।

**ଖ) ଅନୁତାପର ଗୁରୁତ୍ୱ :**

୧) ଅନୁତାପ ବାପ୍ତିଜକ ଯୋହନଙ୍କ ପ୍ରସଙ୍ଗ ଥିଲା – ମାଥିଉ ୩:୧୨

୨) ଯୀଶୁ ଅନୁତାପ ବିଷୟରେ ପ୍ରଚାର କରିଥିଲେ – ମାଥିଉ ୪:୧୭

୩) ଯୀଶୁ ତାହାଙ୍କର ଶିଷ୍ୟମାନଙ୍କୁ ଅନୁତାପ ବିଷୟରେ ପ୍ରଚାର କରିବା ନିମନ୍ତେ ଆଦେଶ ଦେଇଥିଲେ – ମାର୍କ ୬:୧୨

୪) ପେଣ୍ଟିକଷ୍ଟ ପରେ ଶିଷ୍ୟମାନେ ଅନୁତାପ ବିଷୟରେ ପ୍ରଚାର କରିଥିଲେ – ପ୍ରେରିତ ୨:୩୮; ୨:୨୧

୫) ଏହା ଈଶ୍ୱରଙ୍କ ଇଚ୍ଛା ଯେ ସମସ୍ତେ ଅନୁତାପ କରନ୍ତୁ – ୨ପିତର ୩:୯

୬) ଈଶ୍ୱରଙ୍କ ଇଚ୍ଛାର ଅବାଧ୍ୟ ହେବା ଅନନ୍ତ ମୃତ୍ୟୁ ମୁଖକୁ ଟାଣି ନେଇଥାଏ – ଲୂକ ୧୩:୩

**ଗ) ଅନୁତାପର ଫଳାଫଳ :**

୧) ସ୍ୱର୍ଗରେ ସମସ୍ତେ ଆନନ୍ଦ କରନ୍ତି – ଲୂକ ୧୫:୭-୧୦

୨) ଏହା ଦ୍ୱାରା ପାପକ୍ଷମା ଆସେ - ଯିଶାଇୟ ୫୫:୭; ପ୍ରେରିତ ୩:୧୯

୩) ଅନୁତପ୍ତ ବ୍ୟକ୍ତିମାନଙ୍କ ଉପରେ ପବିତ୍ରଆତ୍ମା ଅବତରଣ କରନ୍ତି – ପ୍ରେରିତ ୨:୩୮

**କାର୍ଯ୍ୟ :** ଉପରୋକ୍ତ ଯେକୌଣସି ପଦ ବ୍ୟବହାର କରି ଅନୁତାପ ବିଷୟରେ ଏକ ଉପଦେଶର ରୂପରେଖ ପ୍ରସ୍ତୁତ କରନ୍ତୁ ।

## ପାଠ ୨୦ - ବିଶ୍ୱାସ

ଖ୍ରୀଷ୍ଟିୟ ବିଶ୍ୱାସ ଓ ବ୍ୟବହାରିକ ଜୀବନ ନିମନ୍ତେ ବିଶ୍ୱାସ ଏକ ମୌଳିକ ବିଷୟ, କାରଣ ଆମ୍ଭେମାନେ ବିଶ୍ୱାସ ଦ୍ୱାରା ପରିତ୍ରାଣ ପାଇଅଛୁ – ଏଫିସୀୟ ୨:୮ । ଯେତେବେଳେ ଖ୍ରୀଷ୍ଟ ଲୋକମାନଙ୍କ ସହ କଥାବାର୍ତ୍ତା କରୁଥିଲେ ଓ ସେମାନଙ୍କୁ ସୁସ୍ଥ କରୁଥିଲେ, ସେ ସେମାନଙ୍କ ମଧ୍ୟରେ କି ପ୍ରକାର ବିଶ୍ୱାସ ଅଛି, ତାହା ଦେଖିବା ପାଇଁ ଅପେକ୍ଷା କରୁଥିଲେ । ଏହି ଘଟଣାଗୁଡିକ ଆପଣଙ୍କର ସ୍ମରଣରେ ଅଛି କି ?

୧) ସୁରଫୈନିକୀୟା ସ୍ତ୍ରୀ ର ଏକ ଅଧ୍ୟବ୍ୟସାୟଜନକ ବିଶ୍ୱାସ ଥିଲା – ମାର୍କ ୭:୨୬
୨) ଶତସେନାପତି ଏକ ନମ୍ର ବିଶ୍ୱାସ ପ୍ରଦର୍ଶନ କରିଥିଲେ – ମାଥିଉ ୮:୮-୧୦
୩) ଅନ୍ଧ ବ୍ୟକ୍ତି ଏକାଗ୍ରତାର ବିଶ୍ୱାସ ପ୍ରଦର୍ଶନ କରିଥିଲା – ମାର୍କ ୧୦:୫୧

### କ) ବିଶ୍ୱାସର ସଂଜ୍ଞା

୧) ବିଶ୍ୱାସର ଅର୍ଥ ବିଶ୍ୱାସ, ଭରସା, ବିଶ୍ୱସ୍ତତା ଏବଂ ବଶ୍ୟତା – ଏବ୍ରୀ ୧୧:୧ ଯେଉଁ ବିଶ୍ୱାସ ଆମ୍ଭମାନଙ୍କୁ ରକ୍ଷା କରେ, ତାହା ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କ ଠାରେ ସ୍ଥାପନ କରିଥିବା ଆମ୍ଭମାନଙ୍କର ବ୍ୟକ୍ତିଗତ ଭରସା ।

୨) ପରିତ୍ରାଣ ବିଷୟରେ ଦୁଇ ପ୍ରକାର ବିଶ୍ୱାସ ଦେଖାଯାଏ;
ପ୍ରଥମତଃ, ମସ୍ତିଷ୍କଗତ ବିଶ୍ୱାସ – ଏହା ଐତିହାସିକ ଖ୍ରୀଷ୍ଟଙ୍କ ବିଷୟରେ ଜ୍ଞାନ ଓ ବାଇବଲ ସାଧାରଣଭାବେ ଗ୍ରହଣ କରିବାକୁ ବୁଝାଏ ।
ଦ୍ୱିତୀୟତଃ, ହୃଦୟଗତ ବିଶ୍ୱାସ – ଏହା ହୃଦୟରୁ ଉତ୍ପନ୍ନ ବିଶ୍ୱାସ, ଯାହାକି ମନୁଷ୍ୟକୁ ତା'ର ବିଶ୍ୱାସ ଉପରେ କାର୍ଯ୍ୟ କରିବାକୁ ଆଗେଇ ନେଇଥାଏ । ଖ୍ରୀଷ୍ଟଙ୍କ ଠାରେ ସତ୍ୟ ବିଶ୍ୱାସର ଅର୍ଥ ତାକୁ ଗ୍ରହଣ କରିବାକୁ ବୁଝାଏ – ଯୋହନ ୧:୧୨ ଓ କଲସୀୟ ୧:୬, ଜ୍ଞାନ ବା ସମ୍ମତି ସତ୍ୟ ବିଶ୍ୱାସ ନୁହେଁ, ସତ୍ୟ ବିଶ୍ୱାସ ଯୁକ୍ତିଯୁକ୍ତତା ସହ ସଂପୃକ୍ତ ।

### ଖ) ବିଶ୍ୱାସର କେତେକ ଫଳାଫଳ

୧) ଆମେ ବିଶ୍ୱାସ ଦ୍ୱାରା ପରିତ୍ରାଣ ପାଉ - ଆଦି ୧୫:୧ ; ଗାଲାତୀୟ ୩:୨୬
୨) ଆମେ ବିଶ୍ୱାସ ଦ୍ୱାରା ପବିତ୍ର ହେଉ – ପ୍ରେରିତ ୨୬:୧୮

୩) ବିଶ୍ରାମ, ଶାନ୍ତି, ଆଶ୍ୱାସନା ଓ ଆନନ୍ଦ ଏସମସ୍ତ ବିଶ୍ୱାସ ଦ୍ୱାରା ଆସେ - ଯିଶାଇୟ ୨୬:୩;ଫିଲିପ୍ପୀୟ ୪:୬; ଏବ୍ରୀ ୪:୧-୩; ୧ପିତର ୧:୫

୪) ବିଶ୍ୱାସ ଦ୍ୱାରା ଆମେ ଈଶ୍ୱରଙ୍କ ନିମନ୍ତେ ବିଶେଷ କାର୍ଯ୍ୟମାନ କରିଥାଉ – ଏବ୍ରୀ ୧୧:୩୨-୪୦; ମାଥିଉ ୨୧:୨୧; ଯୋହନ ୧୪:୧୨

**ଆଲୋଚନା** – ମସ୍ତିଷ୍କଗତ ଓ ହୃଦୟଗତ ବିଶ୍ୱାସର ବିଭିନ୍ନ ଉଦାହରଣ ଦିଅନ୍ତୁ ।

## ପାଠ ୨୧ - ପୁନର୍ଜନ୍ମ ବା ନୂତନ ଜନ୍ମ

ଊର୍ଦ୍ଧ୍ୱରୁ ଜନ୍ମ ନ ହେବା ବ୍ୟତୀତ ଖ୍ରୀଷ୍ଟିୟାନ ହେବାର ଆଉ କୌଣସି ଉପାୟ ନାହିଁ ।

**କ) ପୁନର୍ଜନ୍ମ କ'ଣ ?**

୧) ପୁନର୍ଜନ୍ମ ବାପ୍ତିସ୍ମ ନୁହେଁ, ବାପ୍ତିସ୍ମ ମଣ୍ଡଳୀର ଏକ ନିୟମ ଯାହା ଜଣେ ଖ୍ରୀଷ୍ଟିୟାନ ବୋଲି ଦର୍ଶାଏ ।

୨) ଏହାର ଅର୍ଥ ସଂସ୍କାର ନୁହେଁ, ସଂସ୍କାର ଏକ ମାନବୀୟ ପ୍ରକ୍ରିୟା, ଯଦ୍ଦ୍ୱାରା ଜଣେ କେତେଗୁଡିଏ ପାପରୁ ବିମୁଖ ହୋଇଥାଏ, କିନ୍ତୁ ପୁନର୍ଜନ୍ମ ଏକ ଆତ୍ମିକ ଆନ୍ଦୋଳନ, ସଂଜୀବନ ପ୍ରକ୍ରିୟା ଓ ଈଶ୍ୱରଙ୍କର ଏକ ଅସାଧାରଣ କାର୍ଯ୍ୟ ।

୩) ପୁନର୍ଜନ୍ମ ଏକ ଆତ୍ମିକ ସଂଜୀବନୀ କ୍ରିୟା, ଏକ ନୂତନ ଜନ୍ମ, ଏକ ନୂତନ ସୃଷ୍ଟି – ୨କରିନ୍ଥୀୟ ୫:୧୭; ଏଫିସୀୟ ୨:୧

**ଖ) ନୂତନ ଜନ୍ମର ଆବଶ୍ୟକତା**

୧) ପ୍ରତ୍ୟେକ ବ୍ୟକ୍ତି ପୁନର୍ବାର ଜନ୍ମ ହେବା ଆବଶ୍ୟକ, ଏଥିରେ କୌଣସି ବ୍ୟତିକ୍ରମ ନାହିଁ – ଯୋହନ ୩:୩-୭; ଗାଲାତୀୟ ୬:୧୫

୨) ମନୁଷ୍ୟର ପାପପୂର୍ଣ୍ଣ ଅବସ୍ଥା ଏହା ଦାବୀ କରେ – ଯୋହନ ୩:୬; ଯିରିମିୟ ୧୩:୨୩; ରୋମୀୟ ୭:୧୮; ୮:୮

୩) ଈଶ୍ୱରଙ୍କ ପବିତ୍ରତା ଏହା ଦାବୀ କରେ – ଏବ୍ରୀ ୧୨:୧୪

**ଗ) ପୁନର୍ଜନ୍ମର ଉପାୟ**

୧) ପୁନର୍ଜନ୍ମ ଏକ ଐଶରୀୟ କାର୍ଯ୍ୟ – ଯୋହନ ୧:୧୩; ତିତସ ୩:୫; ଯୋହନ ୩:୫ ଏହା ସମ୍ପୂର୍ଣ୍ଣ ଭାବରେ ଓ ସର୍ବୋତଭାବେ ଈଶ୍ୱରଙ୍କ କାର୍ଯ୍ୟ ।

୨) ଏଥିରେ ମନୁଷ୍ୟର ଏକ ଅଂଶ ଅଛି – ଯୋହନ ୧:୧୨-୧୩ ଦୁଇଟି ଚିନ୍ତାଧାରା ଉପସ୍ଥାପନା କରେ – ଐଶରୀୟ ଓ ମାନବୀୟ – ଉଭୟ ପୁନର୍ଜନ୍ମରେ, ' ଯେଉଁମାନେ ତାହାଙ୍କୁ ଗ୍ରହଣ କଲେ ...ଈଶ୍ୱରଙ୍କଠାରୁ ଜାତ ହେଲେ" ।

**ଉପସଂହାର –** ସୁସମାଗ୍ଭରର ସମ୍ବାଦ ଗ୍ରହଣ କରିବା ଦ୍ୱାରା (୧କରିନ୍ଥୀୟ ୪:୧୫; ଯାକୁବ ୧:୧୮; ୧ପିତର ୧:୨୩) ଏବଂ ବ୍ୟକ୍ତିଗତଭାବେ ଯୀଶୁଖ୍ରୀଷ୍ଟଙ୍କୁ ଗ୍ରହଣ କରିବା ଦ୍ୱାରା – ଯୋହନ ୧:୧୨-୧୩; ଗାଲାତୀୟ ୩:୨୬)

## ପାଠ ୨୨ - ଧାର୍ମିକ ଗଣନା

**କ) ଏହାର ଅର୍ଥ**

ଏହା ଈଶ୍ୱରଙ୍କ ସମ୍ମୁଖରେ ମନୁଷ୍ୟର ସ୍ଥିତିରେ ବା ସମ୍ପର୍କରେ ଏକ ପରିବର୍ତ୍ତନ । ପୁନର୍ଜନ୍ମ ବିଶ୍ୱାସୀର ପ୍ରକୃତିର ପରିବର୍ତ୍ତନ ସହିତ ସଂପୃକ୍ତ , କିନ୍ତୁ ଧାର୍ମିକତା ଈଶ୍ୱରଙ୍କ ସମ୍ମୁଖରେ ମନୁଷ୍ୟର ସ୍ଥିତିରେ ପରିବର୍ତ୍ତନ ସହିତ ସଂପୃକ୍ତ, ଏହା କ୍ଷମାଠାରୁ ଅଧିକ, ଏହାର ଅର୍ଥ ଧାର୍ମିକ ବୋଲି ସ୍ୱୀକାର କରିବା ।

ଧାର୍ମିକ ଗଣନା ଈଶ୍ୱରଙ୍କର ଏକ ବିଗ୍ଭର ବିଭାଗୀୟ କାର୍ଯ୍ୟ, ଯଦ୍ଦ୍ୱାରା ଯେଉଁମାନେ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରନ୍ତି, ସେମାନେ ତାହାଙ୍କ ସମ୍ମୁଖରେ ଧାର୍ମିକ ଗଣିତ ହୁଅନ୍ତି ଏବଂ ପାପ ଓ ଦୋଷରୁ ମୁକ୍ତ ହୁଅନ୍ତି ।

**ଖ) ଧାର୍ମିକୀକରଣ ଦୁଇଟି ବିଷୟର ସମଷ୍ଟି**

୧) ପାପକ୍ଷମା ଏବଂ ଦୋଷ ଓ ଦଣ୍ଡର ଦୂରୀକରଣ – ମୀଖା ୭:୧୮, ୧୯; ପ୍ରେରିତ ୧୦:୩୮; ରୋମୀୟ ୮:୧,୩୩,୩୪

୨) ଖ୍ରୀଷ୍ଟଙ୍କର ଧାର୍ମିକତା ଅର୍ପଣ ଏବଂ ଈଶ୍ୱରଙ୍କ ଦୟାର ପୁନଃସ୍ଥାପନ - ୨ବଂଶାବଳୀ ୨୦:୭; ଯାକୁବ ୨:୨୩; ରୋମୀୟ ୫:୧୩-୨୧

**ଗ) ଧାର୍ମିକୀକରଣର ପ୍ରଣାଳୀ**

୧) ନାସ୍ତିସୂଚକ ଭାବେ : ବ୍ୟବସ୍ଥାର କ୍ରିୟାକର୍ମ ଦ୍ୱାରା ନୁହେଁ – ରୋମୀୟ ୩:୨୦, ୨୮; ଗାଲାତୀୟ ୨:୧୬; ୩:୧୦

୨) ଅସ୍ତିସୂଚକ ଭାବେ : ବିନାମୂଲ୍ୟରେ ଈଶ୍ୱରଙ୍କ ଅନୁଗ୍ରହ ଦ୍ୱାରା – ରୋମୀୟ ୩:୨୦

୩) ଯୀଶୁ ଖ୍ରୀଷ୍ଟଙ୍କର ରକ୍ତ ଦ୍ୱାରା - ଧାର୍ମିକକରଣର ଅନୁଗ୍ରହ – ରୋମୀୟ ୩:୨୪; ୫:୯; ୨କରିନ୍ଥୀୟ ୫:୨୧; ଏବ୍ରୀ ୯:୨୨

୪) ଯୀଶୁ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବା ଦ୍ୱାରା, ଧାର୍ମିକୀକରଣର ଅବସ୍ଥା – ଗାଲାତୀୟ ୨:୧୬; ୩:୧୦; ରୋମୀୟ ୩:୨୬; ପ୍ରେରିତ ୧୩:୩୯

**ଆଲୋଚନା** - ଧାର୍ମିକୀକରଣ କ୍ଷମାଠାରୁ କିପରି ଭାବେ ଭିନ୍ନ ?

## ପାଠ ୨୩ – ପୋଷ୍ୟପୁତ୍ରକରଣ

### କ) ପୋଷ୍ୟପୁତ୍ରକରଣର ଅର୍ଥ

'ପୋଷ୍ୟପୁତ୍ରକରଣ'ର ଅର୍ଥ 'ପୁତ୍ରର ସ୍ଥାନ ନେବା', ଏହା ରୋମୀୟମାନଙ୍କଦ୍ୱାରା ବ୍ୟବହୃତ ଏକ ଆଇନ୍ ଶବ୍ଦ । ଏହାର ଅର୍ଥ ଅନ୍ୟ ଜଣଙ୍କର ପୁତ୍ରକୁ ନିଜ ପୁତ୍ର ଭାବେ ଗ୍ରହଣ କରିବା, ଯଦ୍ଦ୍ୱାରା ଏହି ପୁତ୍ର ଜନ୍ମଗତ ସନ୍ତାନର ପଦାଧିକାର ଓ ସମସ୍ତ ସୁବିଧାର ହକ୍‌ଦାର ହୋଇଥାଏ । ଗାଲାତୀୟ ୪:୫; ରୋମୀୟ ୮:୧୫, ୨୩; ୯:୪; ଏଫିସୀୟ ୧:୫

ଶାସ୍ତ୍ରୀୟ ଅର୍ଥ ଓ ବ୍ୟବହାରିକ ଦୃଷ୍ଟିକୋଣରୁ ଯାତ୍ରା ୨:୧୦ ଓ ଏବ୍ରୀ ୧୧:୨୪ରେ ଦୁଇଟି ଅତି ଉତ୍ତମ ଦୃଷ୍ଟାନ୍ତ ଆମେ ଦେଖିପାରୁ ।

### ଖ) ପୋଷ୍ୟପୁତ୍ରକରଣର କେତେକ ଆଶୀର୍ବାଦ

ଆମ୍ଭେମାନେ ଈଶ୍ୱରଙ୍କ ବିଶେଷ ପ୍ରେମର ବିଷୟବସ୍ତୁ (ଯୋହନ ୧୭:୨୩) ଏବଂ ତାହାଙ୍କର ପିତୃତୁଲ୍ୟ ଯତ୍ନର ଅଧିନରେ ଅଛୁ (ଲୂକ ୧୨:୨୭-୩୩)
ଆମ୍ଭମାନଙ୍କର ଏକ ପାରିବାରିକ ନାମ (୧ଯୋହନ ୩:୧; ଏଫିସୀୟ ୩:୧୪, ୧୫) ପାରିବାରିକ ସାଦୃଶ୍ୟ (ରୋମୀୟ ୮:୯); ପାରିବାରିକ ପ୍ରେମ (ଯୋହନ ୧୩:୩୫; ୧ଯୋହନ ୩:୧୪); ପୁତ୍ରତ୍ୱର ଆତ୍ମା (ରୋମୀୟ ୮:୧୫; ଗାଲାତୀୟ ୪:୬) ଏବଂ ପାରିବାରିକ ସେବା (ଯୋହନ ୧୪:୨୩, ୨୪; ୧୫:୮) ଅଛି ।

ଆମ୍ଭେମାନେ ପିତୃତୁଲ୍ୟ ଅନୁଯୋଗ (ଏବ୍ରୀ ୧୨:୫-୧୧); ପିତୃତୁଲ୍ୟ ଆଶ୍ୱାସନା (ଯିଶାଇୟ ୬୬:୧୩; ୨କରିନ୍ଥୀୟ ୧:୪) ଏବଂ ଏକ ଉତ୍ତରାଧିକାର (୧ପିତର ୧:୩-୫; ରୋମୀୟ ୮:୧୭) ପାଇଥାଉ ।

### ଗ) ପୁତ୍ରତ୍ୱର ପ୍ରମାଣ

ଯେଉଁମାନେ ଈଶ୍ୱରଙ୍କ ପରିବାରରେ ପୁତ୍ରତ୍ୱର ଅଧିକାର ପାଇଛନ୍ତି, ସେମାନେ / ସେମାନଙ୍କର !

- ଆତ୍ମାଙ୍କ ଦ୍ୱାରା ଚାଳିତ ଅଟନ୍ତି (ରୋମୀୟ ୮:୪; ଗାଲାତୀୟ ୫:୧୮)
- ଈଶ୍ୱରଙ୍କ ଠାରେ ଶିଶୁତୁଲ୍ୟ ଭରସା ଅଛି (ଗାଲାତୀୟ ୪:୫,୬)
- ଈଶ୍ୱରଙ୍କ ନିକଟକୁ ଆସିବାର ସ୍ୱାଧିନତା ଅଛି (ଏଫିସୀୟ ୩:୧୨)
- ଭ୍ରାତାମାନଙ୍କ ନିମନ୍ତେ ପ୍ରେମ ଅଛି (୧ଯୋହନ ୨:୯-୧୧; ୫:୨)
- ବାଧ୍ୟ (୧ଯୋହନ ୫:୧-୩)

**ଆଲୋଚନା** – ଈଶ୍ୱରଙ୍କ ପୁତ୍ର ହେବାରେ ଓ ଦାସ ହେବାରେ ପାର୍ଥକ୍ୟ କ'ଣ ?

## ପାଠ ୨୪ - ପବିତ୍ରୀକରଣ

ପବିତ୍ରୀକରଣ ଆମ୍ଭମାନଙ୍କର ଚରିତ୍ର ଓ ସ୍ୱଭାବ ସହିତ ସଂପୃକ୍ତ । ଧାର୍ମିକୀକରଣର ଅର୍ଥ ହେଉଛି ଈଶ୍ୱର ଆମ ପାଇଁ କ'ଣ କରନ୍ତି, କିନ୍ତୁ ପବିତ୍ରୀକରଣର ଅର୍ଥ ଈଶ୍ୱର ଆମ ମାଧ୍ୟମରେ କ'ଣ କରନ୍ତି ।

### କ) ପବିତ୍ରୀକରଣର ଅର୍ଥ

ଏହି ସଂଜ୍ଞାରେ ଆମେ ଦୁଇଟି ଚିନ୍ତାଧାରା ଦେଖିବାକୁ ପାଉ ।

୧) ମନ୍ଦଠାରୁ ପୃଥକୀକରଣ – ୨ବଂଶାବଳୀ ୨୯:୫, ୧୫-୧୮; ୧ଥେସଲନିକୀ ୪:୩; ଯେଉଁ ସମସ୍ତ ବିଷୟ ପାପପୂର୍ଣ୍ଣ, ଶରୀର ଓ ପ୍ରାଣର କ୍ଷତିକାରକ, ସେ ସମସ୍ତରୁ ବିମୁଖ ହେବା ପବିତ୍ରୀକରଣକୁ ବୁଝାଏ ।

୨) ଈଶ୍ୱରଙ୍କ ନିମନ୍ତେ ଉତ୍ସର୍ଗୀକୃତ – ଲେବୀୟ ୨୭:୧୪, ୧୬; ଗଣନା ୮;୧୭; ଯୋହନ ୧୦;୩୬
ଯେଉଁ ସମସ୍ତ ବିଷୟ କେବଳ ଈଶ୍ୱରଙ୍କ ନିମନ୍ତେ ଉତ୍ସର୍ଗୀକୃତ ଅଟେ, ତାହା ପବିତ୍ର ଅଟେ ।

୩) ଏହା ଈଶ୍ୱରଙ୍କ ନିମନ୍ତେ ବ୍ୟବହୃତ - ଯିହିଜିକଲ ୩୬:୨୩

### ଖ) ପବିତ୍ରୀକରଣର ସମୟ

ପବିତ୍ରୀକରଣ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଦୃଷ୍ଟିକୋଣରୁ ବା ତାତ୍କ୍ଷଣିକ, ଗତିଶୀଳ ଓ ସମ୍ପୂର୍ଣ୍ଣ ଦୃଷ୍ଟିକୋଣରୁ ଦେଖାଯାଇପାରେ ।

୧) ତାତ୍କ୍ଷଣିକ – ୧କରିନ୍ଥୀୟ ୬:୧୧; ଏବ୍ରୀ ୧୦:୧୦,୧୪ । ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ ସ୍ଥାପନର ଏକ ସରଳ କାର୍ଯ୍ୟ ଦ୍ୱାରା ବିଶ୍ୱାସୀ ତତ୍କ୍ଷଣାତ୍ ପବିତ୍ରୀକରଣର ସ୍ତର ବା ଅବସ୍ଥାକୁ ଆସିଥାଏ ।

୨) ଗତିଶୀଳ – ୨ପିତର ୩:୧୮; ୨କରିନ୍ଥୀୟ ୩:୧୮; ୧ଥେସଲିନିକୀୟ ୩:୧୨ । ଆମ୍ଭେମାନେ ଚରିତ୍ର ବା ଗୌରବର ଏକ ସ୍ତରରୁ ଅନ୍ୟ ଏକ ସ୍ତରକୁ ରୂପାନ୍ତରୀତ ହେଉଅଛୁ ।

୩) ସମ୍ପୂର୍ଣ୍ଣ ଏବଂ ଚୂଡାନ୍ତ ପବିତ୍ରୀକରଣ – ୧ଥେସଲନିକୀୟ ୫:୨୩; ୧ଥେସଲନିକୀୟ ୩:୧୩

**ଗ) ପବିତ୍ରୀକରଣର ଉପାୟ**

ପବିତ୍ରୀକରଣ ନିମନ୍ତେ ଉଭୟ ମାନବୀୟ ଓ ଐଶରୀୟ ପନ୍ଥା ଅବଲମ୍ବନ କରିବାକୁ ହେବ, ଉଭୟ ଈଶ୍ୱର ଓ ମନୁଷ୍ୟର ସହଯୋଗ ଏହି ଲକ୍ଷ୍ୟ ହାସଲ ନିମନ୍ତେ ଆବଶ୍ୟକ ।

୧) **ଈଶ୍ୱରଙ୍କ ପକ୍ଷରୁ**

ଏହା ତ୍ରିତ୍ୱ ପରମେଶ୍ୱରଙ୍କ କାର୍ଯ୍ୟ

- ପିତା ଈଶ୍ୱର – ୧ଥେସଲନିକୀୟ ୫:୨୩, ୨୪; ଯୋହନ ୧୭:୧୭
- ପୁତ୍ର ଈଶ୍ୱର – ଏବ୍ରୀ ୧୦:୧୦; ଏଫିସୀୟ ୫:୨୫, ୨୭; ୧କରିନ୍ଥୀୟ ୧:୩୦
- ପବିତ୍ରଆତ୍ମା – ୧ପିତର ୧:୨; ୨ଥେସଲିନିକୀୟ ୨:୧୩

୨) **ମନୁଷ୍ୟ ପକ୍ଷରୁ**

- ଯୀଶୁ ଖ୍ରୀଷ୍ଟଙ୍କ ପରିତ୍ରାଣମୂଳକ କାର୍ଯ୍ୟରେ ବିଶ୍ୱାସ କରିବା – ୧ଥେସଲନିକୀୟ ୧:୩୦;
- ଏହା ଏକ ପବିତ୍ର ଜୀବନଯାପନର ଗୋପନୀୟ ସୂତ୍ର, ପ୍ରତ୍ୟେକ ଆବଶ୍ୟକତା ପାଇଁ ଯୀଶୁ ଖ୍ରୀଷ୍ଟଙ୍କର ବହୁମୂଲ୍ୟ ଅନୁଗ୍ରହ ଦ୍ୱାରା ପ୍ରାୟଶ୍ଚିତ୍ତ ସାଧନ ।
- ଧର୍ମଶାସ୍ତ୍ର ଅଧ୍ୟୟନ କରିବା ଓ ତାହାର ବାଧ୍ୟ ହେବା – ଯୋହନ ୧୭:୧୭; ଏଫିସୀୟ ୫:୨୬; ଯୋହନ ୧୫:୩

**ଆଲୋଚନା** - ପବିତ୍ରୀକରଣର ସମୟ ବିଷୟ ନେଇ ଆଲୋଚନା କରନ୍ତୁ, ଅର୍ଥାତ୍ ପ୍ରତ୍ୟେକଟି ପର୍ଯ୍ୟାୟ କେଉଁ ସମୟରେ ଘଟିଥାଏ ?

## ପାଠ ୨୫ - ପ୍ରାର୍ଥନା

ପ୍ରାର୍ଥନା ବିନା ଖ୍ରୀଷ୍ଟିୟାନର ଜୀବନ ରକ୍ଷା ପାଇବା ଅସମ୍ଭବ, କାରଣ ଏହା ଖ୍ରୀଷ୍ଟିୟାନର ପ୍ରାଣବାୟୁ ।

**କ) ପ୍ରାର୍ଥନାର ଗୁରୁତ୍ୱ**

୧. ପ୍ରାର୍ଥନାରେ ଅବହେଳା କରିବା ଈଶ୍ୱରଙ୍କ ନିକଟରେ ଏକ ଗୁରୁତର ଅପରାଧ - ଯିଶାଇୟ ୪:୨୧, ୨୨, ୬୪:୬, ୭

୨. ପ୍ରାର୍ଥନାର ଅଭାବ ହେତୁ ଅନେକ ମନ୍ଦ ବିଷୟ ଆସିଥାଏ – ସିଫନିୟ ୧:୪-୬; ଦାନିୟେଲ ୯:୧୩, ୧୪

୩. ପ୍ରାର୍ଥନା ଅବହେଳା କରିବା ପାପ - ୧ ଶାମୁୟେଲ ୧୨:୧୩

୪. ପ୍ରାର୍ଥନା ଅବ୍ୟାହତ ରଖିବା ଏକ ବିଶେଷ ଆଦେଶ – କଲସୀୟ ୪:୨; ୧ଥେସଲନିକୀୟ ୪:୧୭
୫. ପ୍ରାର୍ଥନା ଈଶ୍ୱରଙ୍କ ଦାନ ଗ୍ରହଣ କରିବା ନିମନ୍ତେ ଈଶ୍ୱରଙ୍କ ଦତ୍ତ ପ୍ରଣାଳୀ - ଦାନିୟେଲ ୯:୩; ମାଥିଉ ୭:୧୧-୧୭; ୯:୨୪-୨୯; ଲୂକ ୧୧:୧୩
୬. ପ୍ରେରିତମାନେ ପ୍ରାର୍ଥନାକୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରୂପେ ପ୍ରାଧାନ୍ୟ ଦେଉଥିଲେ – ପ୍ରେରିତ ୬:୪; ରୋମୀୟ ୧:୯

### ଖ) ପ୍ରାର୍ଥନା କିପରି କରିବା ଆବଶ୍ୟକ

ପ୍ରାର୍ଥନା ଅନ୍ତତଃ ପକ୍ଷେ ଚାରି ଭାଗରେ ବିଭକ୍ତ । ACTS ଶବ୍ଦଟିକୁ ସ୍ମରଣ କରନ୍ତୁ ।

୧. Adoration (ଆରାଧନା) – ଈଶ୍ୱରଙ୍କ ପ୍ରଶଂସା ଓ ପ୍ରାର୍ଥନା କରିବା – ଗୀତ ୯୫:୬
୨. Confession (ସ୍ୱୀକାର) - ପ୍ରତ୍ୟେକ ପାପ ନିମନ୍ତେ ଅନୁତାପ କରିବା – ଗୀତ ୩୨:୫
୩. Thanks giving (ଧନ୍ୟବାଦ ଅର୍ପଣ) -ଫିଲିପ୍ପୀୟ ୪:୬
୪. Supplication (ପ୍ରାର୍ଥନା, ଅନୁରୋଧ, ଦାବୀ, ଇଚ୍ଛା) – ୧ତୀମଥି ୨:୧

### ଗ) ପ୍ରାର୍ଥନାର ପ୍ରତିବନ୍ଧକ

୧. ଅବିଶ୍ୱାସ - ଯାକୁବ ୧:୬,୭
୨. ଏକ କ୍ଷମା ଭିକ୍ଷା ବିହୀନ ଆତ୍ମା – ମାର୍କ ୧୧:୨୫
୩. ଅପରାଧ – ଗୀତସଂହିତା ୬୬:୧୮
୪. ଅଯଥା ଏବଂ ଲକ୍ଷ୍ୟହୀନ ନିବେଦନ - ଯାକୁବ ୪:୩

### ଘ) ପ୍ରାର୍ଥନା ବିଷୟରେ କେତୋଟି ପ୍ରତିଜ୍ଞା

ମାର୍କ ୨୨:୨୪; ଯୋହନ ୧୫:୭; ୧ଯୋହନ ୫:୧୪, ୧୫; ଏଫିସୀୟ ୩:୧୨, ୨୦; ଫିଲିପ୍ପୀୟ ୪:୧୯; ୪:୬; ମାଥିଉ ୭:୭, ୮; ଲୂକ ୧୧:୯-୧୩; ଏବ୍ରୀ ୪:୧୬

**ଆଲୋଚନା -** ନିକଟ ଅତୀତରେ ପ୍ରାର୍ଥନାର ଉତ୍ତର ସ୍ୱରୂପେ ଆପଣ କ'ଣ ପାଇଅଛନ୍ତି ? ବର୍ତ୍ତମାନ ଆପଣ କେଉଁ ବିଷୟ ନିମନ୍ତେ ପ୍ରାର୍ଥନା କରୁଅଛନ୍ତି ?

# ଷଷ୍ଠ ଭାଗ : ମଣ୍ଡଳୀ ତତ୍ତ୍ୱ

## ପାଠ ୨୬ – ମଣ୍ଡଳୀର ସଂଜ୍ଞା ଏବଂ ପ୍ରତିଷ୍ଠା

ଏହି ବର୍ତ୍ତମାନ ଯୁଗରେ ଈଶ୍ୱରଙ୍କ ସର୍ବପ୍ରଧାନ କାର୍ଯ୍ୟ ହେଉଛି ମଣ୍ଡଳୀଗୁଡିକୁ ଏକତ୍ର କରିବା।

**କ) ମଣ୍ଡଳୀର ସଂଜ୍ଞା**

୧) ଖ୍ରୀଷ୍ଟିୟ ମଣ୍ଡଳୀ ଏକ ନୂତନ ନିୟମ ଅନୁଷ୍ଠାନ । ଏହା ପେଣ୍ଟିକଷ୍ଟ ଦିବସରେ ଆରମ୍ଭ ହୋଇଥିଲା ଏବଂ ସମ୍ଭବତଃ ଖ୍ରୀଷ୍ଟଙ୍କ ଦ୍ୱିତୀୟ ଆଗମନ ସମୟରେ ଊର୍ଦ୍ଧ୍ୱକୁ ନୀତ ହେବା ସହ ସମାପ୍ତ ହେବ ।

୨) ମଣ୍ଡଳୀର ମୂଳ ଗ୍ରୀକ୍ ଶବ୍ଦ '**Ecclessia**' ଅଟେ, ଅର୍ଥାତ୍ 'ଆହ୍ୱାନପ୍ରାପ୍ତ', ଖ୍ରୀଷ୍ଟିୟାନମାନେ ଏହି ଜଗତରୁ ଖ୍ରୀଷ୍ଟଙ୍କ ନିମନ୍ତେ ଆହ୍ୱାନପ୍ରାପ୍ତ । ୧କରିନ୍ଥୀୟ ୧:୨

୩) 'ମଣ୍ଡଳୀ' ଶବ୍ଦଟି ଦଳେ ସ୍ଥାନୀୟ ବିଶ୍ୱାସୀ/ବିଶ୍ୱାସିନୀମାନଙ୍କୁ ବୁଝାଏ – କଲସୀୟ ୪;୧୫

୪) ଏହାର ଅର୍ଥ ବିଶ୍ୱ ମଣ୍ଡଳୀ ମଧ୍ୟ ହୋଇପାରେ – ୧କରିନ୍ଥୀୟ ୧୫:୯ । ଏହି ଶବ୍ଦ ପ୍ରତ୍ୟେକ ସ୍ଥାନର ସମସ୍ତ ଖ୍ରୀଷ୍ଟିୟାନଙ୍କୁ ସୂଚାଏ ।

୫) ଦୃଶ୍ୟ ମଣ୍ଡଳୀ ସ୍ଥାନୀୟ ମଣ୍ଡଳୀର ସଭ୍ୟ/ସଭ୍ୟା ତାଲିକାରେ ନାମ ଲେଖା ଯାଇଥିବା ବ୍ୟକ୍ତିମାନଙ୍କର ସମଷ୍ଟି । ଏମାନେ ପରିତ୍ରାଣ ପ୍ରାପ୍ତ ହୋଇ ଥାଇପାରନ୍ତି ବା ନ ହୋଇ ପାରନ୍ତି। ଅଦୃଶ୍ୟ ମଣ୍ଡଳୀ ମେଷଶାବକଙ୍କର ଜୀବନପୁସ୍ତକରେ ନାମ ଲେଖା ଯାଇଥିବା ବ୍ୟକ୍ତିମାନଙ୍କର ସମଷ୍ଟି - ପ୍ରକାଶିତ ୨୧:୨୭ ।

ଯୁଦ୍ଧରତ ମଣ୍ଡଳୀ ପୃଥିବୀରେ ପ୍ରକୃତ ମଣ୍ଡଳୀକୁ ବୁଝାଏ, ବିଜୟୀ ମଣ୍ଡଳୀ ସ୍ୱର୍ଗରେ ଥିବା ମଣ୍ଡଳୀ ଅଂଶକୁ ବୁଝାଏ ।

**ଖ) ମଣ୍ଡଳୀର ପ୍ରତିଷ୍ଠା :**

୧) ମାଥିଉ ୧୬:୧୬-୧୮ରେ ବର୍ଣ୍ଣିତ ପିତରଙ୍କ ସ୍ୱୀକାରୋକ୍ତି 'ଯୀଶୁ ଯେ ଈଶ୍ୱରଙ୍କ ପୁତ୍ର, ମଶୀହ', ଦ୍ୱାରା ଯୀଶୁଖ୍ରୀଷ୍ଟ ମଣ୍ଡଳୀ ସ୍ଥାପନ କରିଥିଲେ, ଆମ୍ଭମାନଙ୍କର ତ୍ରାଣକର୍ତ୍ତା ପିତରଙ୍କ ଉପରେ ମଣ୍ଡଳୀ ସ୍ଥାପନ କରି ନ ଥିଲେ, କିନ୍ତୁ ପିତରଙ୍କ ସ୍ୱୀକାରୋକ୍ତିର ସତ୍ୟତା ଉପରେ ମଣ୍ଡଳୀ ସ୍ଥାପନ କରିଥିଲେ ।

୨) ଐତିହାସିକଭାବେ, ପେଣ୍ଟିକଷ୍ଟ ଦିବସରେ ମଣ୍ଡଳୀ ସ୍ଥାପିତ ହୋଇଥିଲା । ପ୍ରେରିତ ୨ ଅଧ୍ୟାୟ, ଯେଉଁ ସମୟରେ ଆତ୍ମା ଅବତରଣ କରିଥିଲେ – ପ୍ରେରିତ ୨:୪୭; ୧:୧୩; ୫:୧୨; ୨:୪୬; ୧୨:୧୨ ଦେଖନ୍ତୁ ।

**ଆଲୋଚନା** – ମଣ୍ଡଳୀର ବିଭିନ୍ନ ଅର୍ଥ କ'ଣ ?

## ପାଠ ୨୭ – ମଣ୍ଡଳୀ ସଭ୍ୟ/ସଭ୍ୟା ଏବଂ ମଣ୍ଡଳୀର ଉଦ୍ଦେଶ୍ୟ

**କ) ମଣ୍ଡଳୀରେ ସଭ୍ୟ/ସଭ୍ୟା ହେବା ନିମନ୍ତେ ସର୍ତ୍ତାବଳୀ –**

୧. ଅନୁତାପ - ପ୍ରେରିତ ୨ :୩୮
୨. ଯୀଶୁ ଖ୍ରୀଷ୍ଟଙ୍କ ଠାରେ, ତ୍ରାଣକର୍ତ୍ତା, ପ୍ରଭୁ ଓ ଈଶ୍ୱରଙ୍କ ପୁତ୍ରଭାବେ ବିଶ୍ୱାସ ୧୬:୧୬-୧୮
୩. ପରିତ୍ରାଣ, ପୁନର୍ଜନ୍ମ - ନୂତନ ଜନ୍ମ – ପ୍ରେରିତ ୨ :୩୮
୪. ପିତା, ପୁତ୍ର ଓ ପବିତ୍ରଆତ୍ମାଙ୍କ ନାମରେ ବାପ୍ତିସ୍ମ – ୨ :୩୮
୫. ପ୍ରେରିତମାନଙ୍କ ଶିକ୍ଷାନୁଯାୟୀ ଜୀବନ କାଟିବା – ୨ :୪୨

**ଖ) ମଣ୍ଡଳୀର ଉଦ୍ଦେଶ୍ୟ –**

୧. ଖ୍ରୀଷ୍ଟଙ୍କର ଉପାସନା କରିବା ଓ ଜଗତରେ ତାଙ୍କୁ ଗୌରବାନ୍ୱିତ କରିବା – ଏଫିସୀୟ ୧ :୪-୬
୨. ଜଗତରେ ସୁସମାଚାର ପ୍ରଚାର କରିବା – ମାଥିଉ ୨୮ :୧୯-୨୦; ମାର୍କ ୧୬:୧୫
୩. ଖ୍ରୀଷ୍ଟିୟାନମାନଙ୍କୁ ଶିକ୍ଷା ଓ ନିର୍ଦ୍ଦେଶ ଦେବା – ଏଫିସୀୟ ୪:୧୧-୧୫; ୧ଥେସଲନିକୀୟ ୫:୧୧; ୧କରିନ୍ଥୀୟ ୧୨:୧-୩
୪. ଅବିରତ ସାକ୍ଷ୍ୟଦାନ କରିବା – ୧:୮

**ଆଲୋଚନା** – ମଣ୍ଡଳୀର ସଭ୍ୟ/ସଭ୍ୟା ଗ୍ରହଣ କରାଯିବା ବିଷୟର ସାଧାରଣତଃ କେଉଁ ତ୍ରୁଟି ଦେଖାଯାଏ

## ପାଠ ୨୮ – ମଣ୍ଡଳୀର ନିଦର୍ଶନ ଓ ନିୟମସମୂହ

**କ) ମଣ୍ଡଳୀର ବାଇବଲଦ ନିଦର୍ଶନ -**

୧) ଶରୀର – ଏହି ଶରୀରର ମସ୍ତକ ଖ୍ରୀଷ୍ଟ ଓ ଆମ୍ଭେମାନେ ତାହାଙ୍କ ଶରୀରର ଅଙ୍ଗ ପ୍ରତ୍ୟଙ୍ଗ – କଲସୀୟ ୧ :୧୮; ଏଫିସୀୟ ୧ :୨୨,୨୩; କଲସୀୟ ୨:୨୯
୨. ଏକ ମନ୍ଦିର, ଗୃହ ବା ଈଶ୍ୱରଙ୍କ ଆତ୍ମାଙ୍କ ନିମନ୍ତେ ବାସସ୍ଥାନ - ଏଫିସୀୟ ୨:୨୦, ୨୧ । ଖ୍ରୀଷ୍ଟ ଏହି ଗୃହର ପ୍ରଧାନ କୋଣ ପ୍ରସ୍ତର ଏବଂ ଆମ୍ଭେମାନେ ଏହି ଗୃହର ବିଭିନ୍ନ ଅଂଶ

୩. ଖ୍ରୀଷ୍ଟଙ୍କ କନ୍ୟା – ୨କରିନ୍ଥୀୟ ୧୧:୧ । ଖ୍ରୀଷ୍ଟ ବର ଅଟନ୍ତି – ଯୋହନ ୩:୨୯ । ଏହି ବିବାହ ପ୍ରକାଶିତ ୧୯:୧ ଅନୁଯାୟୀ ହେବ ।

**ଖ) ମଣ୍ଡଳୀର ନିୟମସମୂହ –**

୧. ବାପ୍ତିସ୍ମ – ମାଥିଉ ୨୮:୧୯, ୨୦; ମାର୍କ ୧୬:୧୬; ପ୍ରେରିତ ୨:୩୮-୪୧; ପ୍ରେରିତ ୮:୩୬-୪୦; ୧୦:୪୭, ୪୮

୨. ପ୍ରଭୁଭୋଜ – ପ୍ରେରିତ ୨:୪୨-୪୬; ୨୦:୭; ୧କରିନ୍ଥୀୟ ୧୧:୨୦-୩୪

**ଆଲୋଚନା –** ଉପରେ ଦିଆଯାଇଥିବା ମଣ୍ଡଳୀର ନିଦର୍ଶନର ତାଲିକା ଅନୁଯାୟୀ ଜଣେ ମଣ୍ଡଳୀର ସଭ୍ୟ/ସଭ୍ୟା ହେବାର ଅର୍ଥ ବୁଝନ୍ତୁ ।

# ସପ୍ତମ ଭାଗ : ଧର୍ମଶାସ୍ତ୍ର ତତ୍ତ୍ୱ

## ପାଠ ୨୯ – ବାଇବଲର ପ୍ରତ୍ୟାଦେଶ

**କ) ବାଇବଲ ବିଷୟରେ କେତୋଟି ତଥ୍ୟ –**

୧. ବାଇବଲ ୬୬ଟି ପୁସ୍ତକର ଏକ ପାଠାଗାର; ପୁରାତନ ନିୟମରେ ୩୯ଟି ଓ ନୂତନ ନିୟମରେ ୨୭ ଟି ପୁସ୍ତକ ଅଛି ।

୨. ପୃଥିବୀର ବିଭିନ୍ନ ସ୍ଥାନରୁ ପ୍ରାୟ ୩୬ ରୁ ୪୦ ଜଣ ବିଭିନ୍ନ ବ୍ୟକ୍ତିଙ୍କ ଦ୍ୱାରା ୧୬୦୦ ବର୍ଷ ମଧ୍ୟରେ ଏହି ପୁସ୍ତକ ରଚନା କରାଯାଇଥିଲା ।

୩. ପୁରାତନ ନିୟମର ମୂଳ ଲେଖା ଏବ୍ରୀ ଭାଷାରେ (କେବଳ ଦାନିୟେଲ ଓ ଏଜ୍ରା ପୁସ୍ତକର କେତେକ ଅଂଶ ଅରାମୀୟ ଭାଷାରେ) ଏବଂ ନୂତନ ନିୟମର ମୂଳ ଲେଖା ଗ୍ରୀକ୍ ଭାଷାରେ ଲିଖିତ ।

୪. ବାଇବଲ ସବୁଠାରୁ ପୁରାତନ ପୁସ୍ତକ ! ପ୍ରାୟ ୧୬ଶ ଶତାବ୍ଦୀ ମଧ୍ୟରେ ଲେଖାଯାଇଥିଲା । ଏହାର ଶେଷ ଲେଖକ ଜନ୍ମ ହେବାର ୧୪୫୦ ବର୍ଷ ପୂର୍ବରୁ ପ୍ରଥମ ଲେଖକଙ୍କର ମୃତ୍ୟୁ ହୋଇସାରିଥିଲା ।

**ଖ) ପ୍ରତ୍ୟାଦେଶର ଅର୍ଥ :**

୧. ପ୍ରତ୍ୟାଦେଶର ଗ୍ରୀକ୍ ଶବ୍ଦ 'THEOPNEUSTOS' ଈଶ୍ୱର ନିଶ୍ୱସିତ । THEO = 'ଈଶ୍ୱର', PENEUSTOR = 'ନିଶ୍ୱଶିତ' – ୨ତୀମଥି ୩:୧୬

୨. ଈଶ୍ୱରଙ୍କ ମନୋନୀତ ପବିତ୍ର ବ୍ୟକ୍ତିମାନେ, ପବିତ୍ରଆତ୍ମାରେ ପରିପୂର୍ଣ୍ଣ ହୋଇ ନିର୍ଦ୍ଦେଶ ଅନୁଯାୟୀ ନିର୍ଭୁଲ ଭାବେ ଏହି ଶାସ୍ତ୍ର ଲେଖିଥିଲେ ।

୩. ବାଇବଲ ପ୍ରତ୍ୟାଦେଶ ଦାବୀ କରେ –

- ଲେଖକମାନଙ୍କ ନିମନ୍ତେ - ୨ପିତର ୧:୨୧
- ଲେଖାଗୁଡ଼ିକ ନିମନ୍ତେ - ୨ତୀମଥି ୩:୧୬
- ଶବ୍ଦଗୁଡ଼ିକ ନିମନ୍ତେ - ୧କରିନ୍ଥୀୟ ୨:୧୩; ୧ପିତର ୩:୨

**ଆଲୋଚନା–** ବାଇବଲ ପ୍ରତ୍ୟାଦେଶର କେଉଁ ବିଷୟ ଆପଣଙ୍କୁ ଅଧିକ ପ୍ରଭାବିତ କରେ ?

## ପାଠ ୩୦ - ବାଇବଲର ଦୁଇଟି 'ସପ୍ତ' ବିଷୟ

**କ) ବାଇବଲର ସପ୍ତ ସର୍ବଶ୍ରେଷ୍ଠ ଆଶ୍ଚର୍ଯ୍ୟ -**

୧. ଏହାର ଗଠନ ଆଶ୍ଚର୍ଯ୍ୟ – ଏହା ଗୋଟିଏ ପୁସ୍ତକ, ଗୋଟିଏ ସ୍ଥାନରେ ଏକ ଭାଷାରେ ଲେଖାଯାଇଥିବା ସ୍ଥଳେ, ଆଉ ଏକ ପୁସ୍ତକ ଅନ୍ୟ ସ୍ଥାନରେ / ଦେଶରେ ଅନେକ ଶତାବ୍ଦୀ ପରେ ଅନ୍ୟ ଏକ ଭାଷାର ରଚନା କରାଯାଇଛି ।

୨. ଏହାର ଏକତ୍ରୀକରଣର ଆଶ୍ଚର୍ଯ୍ୟ – ଏହା ୬୬ଟି ପୁସ୍ତକର ଏକ ପାଠାଗାର, ତଥାପି କେବଳ ଏକ ପୁସ୍ତକ, କାରଣ ଏହାର ଲେଖକ କେବଳ ଜଣେ, ସେ ପବିତ୍ରଆତ୍ମା । ତେଣୁ କୌଣସି ବିଷୟରେ ବାଦାନୁବାଦ ନାହିଁ ।

୩. ଏହାର ସମୟସୀମାର ଆଶ୍ଚର୍ଯ୍ୟ – ସମସ୍ତ ପୁସ୍ତକ ମଧ୍ୟରେ ଏହା ସବୁଠାରୁ ପୁରାତନ ପୁସ୍ତକ ।

୪. ଏହାର ବିକ୍ରି ହେବାର ଆଶ୍ଚର୍ଯ୍ୟ – ସବୁ ସ୍ଥାନରେ ଏହା ସବୁଠାରୁ ବେଶି ବିକ୍ରୀ ହେଉଥିବା ପୁସ୍ତକ ।

୫. ଏହା ନିମନ୍ତେ ଆଗ୍ରହର ଆଶ୍ଚର୍ଯ୍ୟ – ଏହା କେବଳ ଏକମାତ୍ର ପୁସ୍ତକ, ଯାହାକି, ସବୁ ବୟସର ବ୍ୟକ୍ତିମାନଙ୍କ ଦ୍ୱାରା, ଜ୍ଞାନୀ ଓ ଶିଶୁମାନଙ୍କ ଦ୍ୱାରା, ସମସ୍ତ ଦେଶରେ ପାଠ କରାଯାଏ ।

୬. ଏହାର ଭାଷାର ଆଶ୍ଚର୍ଯ୍ୟ – ଏହା ମୁଖ୍ୟତଃ ମୂର୍ଖ ବ୍ୟକ୍ତିମାନଙ୍କ ଦ୍ୱାରା ଲେଖାଯାଇଥିଲେ ସୁଦ୍ଧା, ସାହିତ୍ୟର ସର୍ବୋତ୍କୃଷ୍ଟ ଗ୍ରନ୍ଥ ରୂପେ ପରିଚିତ ।

୭. ଏହାର ସୁରକ୍ଷାର ଆଶ୍ଚର୍ଯ୍ୟ – ସମୟ ସମୟରେ ରାଜାମାନେ ଓ ସରକାରମାନେ ଏହି ପୁସ୍ତକ ଦଗ୍ଧ କରିବା ନିମନ୍ତେ ଓ ନିଶ୍ଚିହ୍ନ କରିବା ନିମନ୍ତେ ଉଦ୍ୟମ କରିଛନ୍ତି । ତଥାପି ଈଶ୍ୱର ଏହାକୁ ଆଜି ଆମ ନିମନ୍ତେ ସୁରକ୍ଷିତ ଭାବେ ରକ୍ଷା କରିଛନ୍ତି ଏବଂ ପ୍ରାୟ ପ୍ରତ୍ୟେକ ଗୃହରେ ଏହି ପୁସ୍ତକ ଦେଖାଯାଏ ।

**ଖ) ଈଶ୍ୱରଙ୍କ ବାକ୍ୟର ଦୃଷ୍ଟାନ୍ତ ନିମନ୍ତେ ବ୍ୟବହୃତ ନିଦର୍ଶନ -**

୧. ଏକ ଖଡ୍‌ଗ ଯାହାକି ଶ୍ରୋତାକୁ ବୋଧ ଦିଏ – ଏବ୍ରୀ ୪:୧୨

୨. ଏକ ହାତୁଡ଼ି ଯାହା ଶ୍ରୋତାର ପ୍ରତିରୋଧକୁ ଭାଙ୍ଗି ପକାଏ - ଯିରିମିୟ ୨୩:୨୯
୩. ଏକ ବୀଜ, ଏକ ଜୀବନ୍ତ ଶବ୍ଦ, ଯାହାକି ଶ୍ରୋତାକୁ ଜନ୍ମ ଦିଏ – ୧ପିତର ୧:୨୩
୪. ଏକ ଦର୍ପଣ, ଯାହାକି ଏକ ବ୍ୟକ୍ତି ନିକଟରେ ତାହାକୁ ପ୍ରକାଶ କରେ - ଯାକୁବ ୧:୨୩, ୨୫
୫. ଏକ ଅଗ୍ନି ଯାହାକି ଶ୍ରୋତା ମଧ୍ୟରେ ଥିବା ଖାଦକୁ ପୋଡି ପକାଏ - ଯିରିମିୟ ୨୦:୯; ୨୩:୯
୬. ଏକ ପ୍ରଦୀପ, ଯାହାକି ବିଶ୍ୱାସୀକୁ ଦିନ ପରେ ଦିନ ପଥ ପ୍ରଦର୍ଶନ କରେ – ଗୀତ ୧୧୯:୧୦୫
୭. ଏକ ଖାଦ୍ୟ, ଆତ୍ମା ନିମନ୍ତେ - ୧କରିନ୍ଥୀୟ ୩:୨; ରୋମୀୟ ୧୦:୧୭

**କାର୍ଯ୍ୟ –** ଈଶ୍ୱରଙ୍କ ବାକ୍ୟର ଏକ ନିଦର୍ଶନ ବ୍ୟବହାର କରି ଏକ ପାଠ ପ୍ରସ୍ତୁତ କରନ୍ତୁ ।

## ପାଠ ୩୧ – ଈଶ୍ୱରଙ୍କ ବାକ୍ୟ ପ୍ରଚାରର ଆବଶ୍ୟକତା

୧. ପାପର ବୋଧ – ଈଶ୍ୱରଙ୍କ ବାକ୍ୟ ପ୍ରଚାର ଦ୍ୱାରା ଆସେ – ପ୍ରେରିତ ୨:୧୦, ୩୭ ପିତରଙ୍କ ପେଣ୍ଟିକଷ୍ଟ ଉପଦେଶରେ ୨୩ଟି ପଦରୁ ୯ଟି ପଦ ପୁରାତନ ନିୟମକୁ ଉଦ୍ଧୃତ କରାଯାଇଛି ।
୨. ବିଶ୍ୱାସ ଈଶ୍ୱରଙ୍କ ବାକ୍ୟ ଶୁଣିବା ଦ୍ୱାରା ଆସେ – ରୋମୀୟ ୧୦:୧୭
୩. ଶୁଚିକରଣ ଈଶ୍ୱରଙ୍କ ବାକ୍ୟରୁ ଆସେ – ୨କରିନ୍ଥୀୟ ୭:୧; ଏହି ପ୍ରତିଜ୍ଞାଗୁଡିକ ଈଶ୍ୱରଙ୍କ ବାକ୍ୟ
୪. ନିଶ୍ଚୟତା ଈଶ୍ୱରଙ୍କ ବାକ୍ୟରୁ ଆସେ – ୧ଯୋହନ ୫:୧୩
୫. ସାନ୍ତ୍ୱନା ଈଶ୍ୱରଙ୍କ ବାକ୍ୟରୁ ଆସେ – ୧ଥେସଲନିକୀୟ ୪:୧୮
୬. ସତ୍ୟତା ଈଶ୍ୱରଙ୍କ ବାକ୍ୟରୁ ଆସେ – ପ୍ରେରିତ ୧୭:୧୧
୭. ନୂତନ ଜନ୍ମ ଈଶ୍ୱରଙ୍କ ବାକ୍ୟରୁ ଆସେ – ୧ପିତର ୧:୨୩

**ଉପସଂହାର –** ଖ୍ରୀଷ୍ଟ ଏବଂ ପବିତ୍ରଆତ୍ମାଙ୍କ ବ୍ୟତୀତ, ବାଇବଲ ପୃଥିବୀ ନିମନ୍ତେ ଈଶ୍ୱରଙ୍କ ତୃତୀୟ ଶ୍ରେଷ୍ଠ ଦାନ ।

# ଅଷ୍ଟମ ଭାଗ - ଦୂତମାନଙ୍କର ତତ୍ତ୍ୱ

## ପାଠ ୩୨ – ବାଇବଲରେ ଦୂତମାନଙ୍କ ବିଷୟରେ କ'ଣ କୁହାଯାଏ

### କ) ସେମାନଙ୍କର ଅସ୍ତିତ୍ୱ –

୧. ଆଦି ପୁସ୍ତକ ୧୬:୭ରେ ଏହି 'ଦୂତ' ଶବ୍ଦ ପ୍ରଥମେ ବ୍ୟବହାର କରାଯାଏ । ସାରାଙ୍କଠାରୁ ମନ୍ଦ ବ୍ୟବହାର ପାଇ ହାଗାର ବିତାଡିତ ହେବା ପରେ ସଦାପ୍ରଭୁଙ୍କ ଦୂତ ତାଙ୍କ ସାହାଯ୍ୟ କରିଥିଲେ ।

୨. ପୁରାତନ ନିୟମରେ ଅନେକ ସ୍ଥାନରେ ଦୂତମାନଙ୍କ ବିଷୟରେ ଲେଖାଯାଇଛି – ଗୀତସଂହିତା ୧୦୪:୪; ଦାନିୟେଲ ୧୦:୧୨, ୧୩; ୨ଶାମୁୟେଲ ୧୪:୨୦; ଗୀତସଂହିତା ୧୦୩:୨୦; ୨ରାଜାବାଳୀ ୧୯:୩୫; ୨ଶାମୁୟେଲ ୨୪:୧୫, ୧୬

୩. ଯୀଶୁ ଦୂତମାନଙ୍କ ଠାରେ ବିଶ୍ୱାସ କରୁଥିଲେ – ମାଥିଉ ୧୮:୧୦; ୧୩:୪୧; ୨୬:୫୩; ମାର୍କ ୧୩:୩୨; ୮:୩୮

୪. ପାଉଲ ଏବଂ ଅନ୍ୟାନ୍ୟ ପ୍ରେରିତମାନେ ଦୂତମାନଙ୍କଠାରେ ବିଶ୍ୱାସ କରୁଥିଲେ – ୨ଥେସଲନିକୀୟ ୧:୧୭; କଲସୀୟ ୨:୧୮; ଯୋହନ ୧:୫୧; ପ୍ରକାଶିତ ୧୨:୭; ୨୨:୯; ୧ପିତର ୩:୨୨; ୨ପିତର ୨:୧୧; ଯିହୂଦା ୧:୯ ]

### ଖ) ଦୂତମାନଙ୍କର ପ୍ରକୃତି :

୧. ଦୂତମାନେ ମୃତବ୍ୟକ୍ତିମାନଙ୍କର ଆତ୍ମା ନୁହଁନ୍ତି, କିନ୍ତୁ ଈଶ୍ୱରଙ୍କ ସୃଷ୍ଟି – କଲସୀୟ ୧:୧୬

୨. ସେମାନେ ଆତ୍ମିକ – ଗୀତସଂହିତା ୧୦୪:୪; କିନ୍ତୁ ସମୟ ସମୟରେ ସେମାନେ ଦୃଶ୍ୟ ରୂପେ ଦେଖାଯାଆନ୍ତି - ଆଦି ୧୯; ବିଚାରକର୍ତ୍ତା ୨:୧; ୬:୧୧-୨୨; ମାଥିଉ ୧:୨୦; ଯୋହନ ୨୦:୧୨

୩. ସେମାନେ ଶକ୍ତିଶାଳୀ – ଗୀତ ୧୦୩:୨୦; ୨ରାଜାବଳୀ ୧୯:୩୫; ୨ଶାମୁୟେଲ ୨୪:୧୫, ୧୬

୪. ସେମାନେ ଅମର – ଲୂକ ୨୦:୩୫, ୩୬

୫. ସେମାନେ ଅସଂଖ୍ୟ - ପ୍ରକାଶିତ ୫:୧୧; ଏବ୍ରୀ ୧୨:୨୨; ମାଥିଉ ୨୬:୫୩

### ଗ) ଦୂତମାନଙ୍କର ପତନ

ପ୍ରାଥମିକ ଭାବେ ସମସ୍ତ ଦୂତଗଣ ସୃଷ୍ଟିରେ ଉତ୍ତମ ଥିଲେ, କିନ୍ତୁ ଏଥିମଧ୍ୟରୁ କେତେକଙ୍କର ପତନ ହେଲା – ୨ପିତର ୨:୪; ଯିହୂଦା ୧:୬ ।ଆମେ ସେମାନଙ୍କର ପତନର କାରଣ

ସଠିକ୍ ଭାବେ ଜାଣି ନାହୁଁ ; ସମ୍ଭବତଃ ଶୟତାନର ପତନ ନିମନ୍ତେ ଦାୟୀ ପାପସମୂହ ଅର୍ଥାତ୍ ଗର୍ବ ଓ ଅବାଧ୍ୟତା ସେମାନଙ୍କର ପତନର କାରଣ ଥିଲା - ଯିହିଜିକଲ ୨୮

**ଆଲୋଚନା –** ଶୟତାନର ପତନ ନିମନ୍ତେ ଦିଆଯାଇଥିବା ପଦଗୁଡିକ ପାଠ କରି ଏହାର କାରଣ ସମୂହ ଆଲୋଚନା କରନ୍ତୁ ।

## ପାଠ ୩୩ - ଦୂତମାନଙ୍କର କାର୍ଯ୍ୟ

**କ) ବର୍ତ୍ତମାନ ମୁକ୍ତ ଅବସ୍ଥାରେ ଥିବା ପତିତ ଦୂତଗଣଙ୍କ କାର୍ଯ୍ୟ :**

୧. ସେମାନେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ବାଧା ଦିଅନ୍ତି - ଦାନିୟେଲ ୧୦:୧୦-୧୪

୨. ସେମାନେ ଈଶ୍ୱରଙ୍କ ଲୋକମାନଙ୍କୁ କଷ୍ଟ ଦିଅନ୍ତି – ଲୂକ ୧୩:୧୬; ମାଥିଉ ୧୭:୧୫-୧୮

୩. ସେମାନେ ଶୟତାନର ଉଦ୍ଦେଶ୍ୟ କାର୍ଯ୍ୟକାରୀ କରନ୍ତି – ମାଥିଉ ୫:୪୧; ୧୨:୨୬, ୨୭

୪. ସେମାନେ ଈଶ୍ୱରଙ୍କ ଲୋକମାନଙ୍କର ଆତ୍ମିକ ଜୀବନରେ ପ୍ରତିବନ୍ଧକ ସୃଷ୍ଟି କରନ୍ତି – ଏଫିସୀୟ ୬:୧୨

୫. ସେମାନେ ଈଶ୍ୱରଙ୍କ ଲୋକମାନଙ୍କୁ ପ୍ରତାରିତ କରନ୍ତି – ୧ଶାମୁୟେଲ ୨୮:୭-୨୦ ।ସେମାନଙ୍କ ଉଦ୍ଧାର ନିମନ୍ତେ କୌଣସି ଆଶା ନାହିଁ - ଯିହୂଦା ୬:୨; ୨ପିତର ୨:୪; ମାଥିଉ ୨୫:୪୧ । ସେମାନଙ୍କର ଶେଷାବସ୍ଥା ହେଉଛି ଅନନ୍ତ ଅଗ୍ନି ।

**ଖ) ଦୂତମାନଙ୍କର କାର୍ଯ୍ୟ**

୧. ସ୍ୱର୍ଗରେ ସଦାପ୍ରଭୁ ପରମେଶ୍ୱରଙ୍କ ଗୌରବ, ଉପାସନା ଓ ସେବା କରିବା - ପ୍ରକାଶିତ ୫:୧୧-୧୨; ୮:୩-୪

୨. ପୃଥିବୀରେ – ଈଶ୍ୱରଙ୍କ ଆଦେଶ କାର୍ଯ୍ୟକାରୀ କରିବା, ଉଦାହରଣ ସ୍ୱରୂପେ - ହାଗାରକୁ ଝରଣା ଦେଖାଇବା, ଯିହୋଶୂୟଙ୍କ ସମୟରେ ଖଡ୍‌ଗ ଧରି ଠିଆ ହେବା, ପିତରଙ୍କ ବନ୍ଧନ ଖୋଲି ଦେବା, କାରାଗାର ଦ୍ୱାର ଖୋଲିବା, ଈଶ୍ୱରଙ୍କ ଲୋକମାନଙ୍କୁ ଖାଦ୍ୟ ଦେବା, ସାହାଯ୍ୟ କରିବା ଓ ଶକ୍ତିଯୁକ୍ତ କରିବା ଇତ୍ୟାଦି ।

୩. ଈଶ୍ୱରଙ୍କ ବିଗ୍ରହ ଓ ଉଦ୍ଦେଶ୍ୟସମୂହ କାର୍ଯ୍ୟକାରୀ କରିବା – ଗଣନା ୨୨:୨୨; ପ୍ରେରିତ ୧୨:୧୩; ମାଥିଉ ୧୩:୪୧

୪. ବିଶ୍ୱାସୀମାନଙ୍କୁ ପଥ ପ୍ରଦର୍ଶନ କରିବା – ପ୍ରେରିତ ୮:୨୬

୫. ସାଧୁମାନଙ୍କୁ ସାହାଯ୍ୟ, ସୁରକ୍ଷା ଓ ଶକ୍ତିଯୁକ୍ତ କରିବା – ୧ରାଜାବଳୀ ୧୯ରେ

ଏଲୀୟ ; ଦାନିୟେଲ ୬:୨୨ରେ ସିଂହ ଗାତରେ ଦାନିୟେଲ ; ଗେଥ୍ଶିମାନୀରେ ଯୀଶୁ – ମାଥିଉ ୨୪:୧୧

୬. ଯେତେବେଳେ ଆମର ପ୍ରଭୁ ପୁନର୍ବାର ଆସିବେ, ସେତେବେଳେ ସେମାନେ ତାହାଙ୍କ ସହିତ ଆସିବେ – ମାଥିଉ ୨୫:୩୧ ; ୧ଥେସଲନିକୀୟ ୧:୭, ୮

୭. ମୃତ୍ୟୁପରେ ଈଶ୍ୱରଙ୍କ ସନ୍ତାନମାନଙ୍କୁ ସେମାନେ ସ୍ୱର୍ଗକୁ ନେଇ ଯାଆନ୍ତି – ଲୂକ ୧୬:୨୨

**ଆଲୋଚନା** - ଆପଣଙ୍କ ଜୀବନରେ ଆପଣ କ'ଣ କେବେ ଦୂତମାନଙ୍କର ଆବଶ୍ୟକତା ଅନୁଭବ କରିଛନ୍ତି କି ?

# ନବମ ଭାଗ – ଶୟତାନ ତତ୍ତ୍ୱ

## ପାଠ ୩୪ – ଈଶ୍ୱରଙ୍କର ଓ ମନୁଷ୍ୟର ସର୍ବପ୍ରଧାନ ଶତ୍ରୁ

**କ) ଶୟତାନର ଉତ୍ପତ୍ତି –**

୧. ଯିହିଜିକଲ ୨୮:୧୨-୧୯ରେ ଶୟତାନର ବର୍ଣ୍ଣନା କରାଯାଏ । ସେ ଅତି ସୁନ୍ଦର, ସମ୍ଭବତଃ ଦୂତମାନଙ୍କର ମଧ୍ୟରେ ପ୍ରଧାନ ଥିଲା । ତାହାର ଗର୍ବ ହେତୁ ପାପ ଓ ଅପରାଧ ତାହା ମଧ୍ୟରେ ପ୍ରବେଶ କଲା ଓ ସେ ସ୍ୱର୍ଗରୁ ବିତାଡିତ ହେଲା ।

୨. ଶୟତାନ ବିଷୟରେ ଯିଶାଇୟ ୧୪:୧୨-୧୭ରେ ମଧ୍ୟ ବର୍ଣ୍ଣନା କରାଯାଏ । ତାହାର ନାମ ପ୍ରଭାତୀର ପୁତ୍ର, ଲୁସିଫର ଥିଲା । ତାହାର ଗର୍ବ ହେତୁ ସେ ଈଶ୍ୱରଙ୍କ ସମକକ୍ଷ ହେବାକୁ ଚାହିଁଲା, ଏଥି ନିମନ୍ତେ ସେ ବିତାଡିତ ହେଲା ।

୩. ଶୟତାନ ଜଣେ ବ୍ୟକ୍ତି ଓ ତାହାର ଜୀବନ, ବୋଧ ଶକ୍ତି, ଇଚ୍ଛା ଶକ୍ତି ଓ ଅନୁଭବ ପ୍ରଭୃତି ଅଛି ।

**ଖ) ଶୟତାନର ଚରିତ୍ର :**

୧. ସେ ଜଣେ ଚୋର କାରଣ ସେ ହୃଦୟ ମଧ୍ୟରୁ ଈଶ୍ୱରଙ୍କ ବାକ୍ୟ ଚୋରୀ କରେ – ମାଥିଉ ୧୩:୧୯

୨. ସେ ଧୂର୍ତ୍ତ – ୨କରିନ୍ଥୀୟ ୧୧:୩

୩. ସେ ହତ୍ୟାକାରୀ – ଯୋହନ ୮:୪୪

୪. ସେ ମିଥ୍ୟାବାଦୀ – ଯୋହନ ୮:୪୪

୫. ସେ ପ୍ରତାରକ - ପ୍ରକାଶିତ ୧୨:୯

**ଆଲୋଚନା –** ବର୍ତ୍ତମାନ ଜଗତରେ ଶୟତାନ ଅଧିକ ରୂପେ କାର୍ଯ୍ୟ କରୁଛି ବୋଲି ଆପଣ ଅନୁଭବ କରୁଛନ୍ତି କି ? ଆପଣଙ୍କ ମତରେ କ'ଣ ?

## ପାଠ ୩୫ - ପରାଜିତ ଶତ୍ରୁ

**କ) ଶୟତାନର ଆଖ୍ୟାସମୂହ :**

୧. ଆଲୋକର ଦୂତ – ୨କରିନ୍ଥୀୟ ୨ :୧୩-୧୫
୨. ଗର୍ଜନକାରୀ ସିଂହ – ୧ପିତର ୫ :୮
୩. ଆକାଶର ଶକ୍ତିର ଅଧିପତି – ଏଫିସୀୟ ୨ :୨
୪. ଅନ୍ଧକାରର ଶକ୍ତି – କଲସୀୟ ୧ :୧୩
୫. ମହାନ୍ ଦିଆବଳ, ସର୍ପ, ପାପାତ୍ମା, ଶୟତାନ - ପ୍ରକାଶିତ ୧୨ :୯
୬. ଜଗତର ଅଧିପତି – ଯୋହନ ୧୪ :୩୦
୭. ଜଗତ୍‌ପତି – ୨କରିନ୍ଥୀୟ ୪
୮. ପାତାଳ କୁଣ୍ଡ (ଏବ୍ରୀ ଯାହା 'ଆବୋଦ୍ଦନ' ରୂପେ ପରିଚିତ) ରାଜା - ପ୍ରକାଶିତ ୯ :୧୧

**ଖ) ଶୟତାନର ନିୟତି**

୧. ଖ୍ରୀଷ୍ଟିୟାନ ନିମନ୍ତେ ଶୟତାନ ଏକ ଅଧିକୃତ ଶତ୍ରୁ – ଯୋହନ ୧୨ :୩୧ ; ୧୬ :୯ ; ୧ଯୋହନ ୩:୮ ; କଲସୀୟ ୨ :୧୫
୨. ସେ ଅନନ୍ତ ଅଭିଶାପର ଅଧିନରେ - ଆଦି ୩ :୧୪ ; ଯିଶାଇୟ ୬୫ :୨୫
୩. ତାହାକୁ ଜୀବନ୍ତ ଅବସ୍ଥାରେ ଅଗ୍ନିମୟ ହ୍ରଦରେ ନିକ୍ଷେପ କରାଯିବ ଓ ସେଠାରେ ସେ ସବୁଦିନ ନିମନ୍ତେ ଯନ୍ତ୍ରଣା ପାଇବ – ମାଥିଉ ୨୫ :୪୧ ; ପ୍ରକାଶିତ ୨୦ :୧୦

**ଉପସଂହାର –** ଶୟତାନ ଶକ୍ତିଶାଳୀ, କିନ୍ତୁ ଈଶ୍ୱର ସର୍ବଶକ୍ତିମାନ, ଶୟତାନ ଚିରଦିନ ନିମନ୍ତେ କାଲବରୀରେ ପରାଜୟ ସ୍ୱୀକାର କରିଛି । ଆସନ୍ତୁ, ଆମେ ସେଇ କାଲବରୀ ରକ୍ତ ଦ୍ୱାରା ସଦାସର୍ବଦା ତା' ଉପରେ ବିଜୟ ଲାଭ କରିବା - ପ୍ରକାଶିତ ୧୨ :୧୧

# ଦଶମ ଭାଗ : ଶେଷ ସମୟର ତତ୍ତ୍ୱ

## ପାଠ ୩୬ – ଖ୍ରୀଷ୍ଟଙ୍କର ଦ୍ୱିତୀୟ ଆଗମନ

ଖ୍ରୀଷ୍ଟଙ୍କର ଦ୍ୱିତୀୟ ଆଗମନ ନୂତନ ନିୟମର ୨୬୦ଟି ଅଧ୍ୟାୟରେ ୩୧୮ ଥର ଉଲ୍ଲେଖ କରାଯାଇଛି । ପ୍ରାୟ ୨୫ଟି ପଦ ମଧ୍ୟରେ ଅନ୍ତତଃ ଥରେ ଏ ବିଷୟରେ ଉଲ୍ଲେଖ

କରାଯାଇଛି । ବାଇବଲର ପ୍ରତ୍ୟେକଟି ତିରିଶଟି ପଦ ମଧ୍ୟରୁ ଗୋଟିଏ ପଦରେ ଏହି ମତବାଦ ବିଷୟରେ ସୂଚନା ଦିଆଯାଇଛି । ଖ୍ରୀଷ୍ଟଙ୍କର ପ୍ରଥମ ଆଗମନ ବିଷୟରେ ଥରେ ଲେଖାଯିବା ସମୟରେ, ଦ୍ୱିତୀୟ ଆଗମନ ବିଷୟରେ ସେହି ଅନୁପାତରେ ଆଠ ଥର ଲେଖାଯାଇଛି ।

**କ) ଖ୍ରୀଷ୍ଟ କିପରି ଆସୁଅଛନ୍ତି ?**

୧. ଗୋପନୀୟ ଭାବେ (Rapture) – ଊର୍ଦ୍ଧ୍ୱକୁ ନୀତ ହେବା ସମୟରେ – ୧ଥେସଲନିକୀୟ ୫:୨ ; ମାଥିଉ ୨୪:୪୪, ୫୦

୨. ପ୍ରକାଶିତ ସମୟରେ ସାର୍ବଜନୀନ ଭାବେ - ପ୍ରକାଶିତ ୧:୭

**ଖ) ଖ୍ରୀଷ୍ଟ କେଉଁଠାକୁ ଆସୁଅଛନ୍ତି ?**

୧. ତାହାଙ୍କ ଆଗମନ ସମୟରେ ମଧ୍ୟାକାଶରେ ଆମ୍ଭେମାନେ ତାହାଙ୍କୁ ଭେଟିବା – ୧ଥେସଲନିକୀୟ ୪:୧୭

୨. ପ୍ରକାଶିତ ହେବା ସମୟରେ ଆମ୍ଭେମାନେ ତାହାଙ୍କ ସହିତ ଜଗତକୁ ଓହ୍ଲାଇ ଆସିବା - ଯିଖରିୟ ୧୪:୪

ଗ) **୨ତୀମଥି ୩: ୧୭ରେ ତାହାଙ୍କ ଆଗମନର ୨୩ଟି ଲକ୍ଷଣ ଦିଆଯାଏ,** ଯେଉଁଗୁଡିକ ମଧ୍ୟରୁ ଅଧିକାଂଶ ଆଜି ସୁସ୍ପଷ୍ଟ । ମାଥିଉ ୨୪:୫-୭; ୧୨:୩୮ରେ ଦଶଟି ଲକ୍ଷଣର ତାଲିକା ଦିଆଯାଏ ।

ଯୀଶୁଙ୍କ ଆଗମନ ଯେ ଗୋଟିଏ ଶତାବ୍ଦୀ ପରେ ହେବ, ତା' ନୁହେଁ, କିନ୍ତୁ ହୁଏତ ଆଜି ହେବ ! ତଦନୁଯାୟୀ ଆମ୍ଭେମାନେ ଏକ ପବିତ୍ର ଓ ବିଶୁଦ୍ଧ ଜୀବନଯାପନ କରିବା ଆବଶ୍ୟକ ( ୧ଥେସଲନିକୀୟ ୩:୧୨, ୧୩) ।

ବାଇବଲର ଶେଷ ପ୍ରାର୍ଥନା ଅଟେ- "ହେ ପ୍ରଭୁ ଯୀଶୁ, ଆସନ୍ତୁ' – (ପ୍ରକାଶିତ ୨୨:୨୦)

**ଆଲୋଚନା -** ଧର୍ମଶାସ୍ତ୍ରରେ ଯୀଶୁଙ୍କ ଆଗମନ ସମ୍ବନ୍ଧୀୟ ଅଂଶଗୁଡିକ ମଧ୍ୟରୁ କେଉଁ ଅଂଶଗୁଡିକ ବର୍ତ୍ତମାନ ପ୍ରତୀୟମାନ ?

## ପାଠ ୩୭ – ମୃତମାନଙ୍କର ପୁନରୁତ୍ଥାନ

**କ) ଏହି ତତ୍ତ୍ୱ ସମ୍ପର୍କରେ ଧର୍ମଶାସ୍ତ୍ରରେ ସ୍ପଷ୍ଟ ଭାବେ ଶିକ୍ଷା ଦିଆଯାଏ ।**

୧. ପୁରାତନ ନିୟମରେ - ଆୟୁବ ୧୯:୨୫-୨୭; ଗୀତସଂହିତା ୧୬:୯; ୧୭:୧୫; ଦାନିୟେଲ ୧୨:୧୩; ପ୍ରକୃତ ପୁନରୁତ୍ଥାନ ବିଷୟରେ ୧ରାଜାବଳୀ ୪:୩୨-୩୫ ଓ ୧୩:୨୧

୨. ନୂତନ ନିୟମରେ - ଯୀଶୁଙ୍କ ଶିକ୍ଷା ସମୂହରେ – ଯୋହନ ୫:୨୮ ; ୨୯:୬, ୩୯, ୪୦, ୪୪, ୫୪; ଲୂକ ୧୪:୧୩; ୧୪:୨୦; ୩୫:୩୬- ପ୍ରେରିତମାନଙ୍କର ଶିକ୍ଷାରେ – ପ୍ରେରିତ ୨୪:୧୫; ୧ଥେସଲନିକୀୟ ୪:୧୪-୧୬; ଫିଲିପ୍ପୀୟ ୩:୨୧; ପ୍ରକାଶିତ ୨୦:୪-୬, ୧୩

**ଖ) ପୁନରୁତ୍ଥିତ ଶରୀରର ପ୍ରକୃତି :**

୧. ବିଶ୍ୱାସୀର – ୧କରିନ୍ଥୀୟ ୧୫ ଅଧ୍ୟାୟ ଦେଖନ୍ତୁ ।
- ରକ୍ତମାଂସର ନୁହେଁ; ୫୦, ୫୧ ପଦ, ମଧ୍ୟ ଏବ୍ରୀ ୨:୧୦; ୨କରିନ୍ଥୀୟ ୫:୧୬; ଲୂକ ୨୪:୩୯ 'ମାଂସ ଓ ଅସ୍ଥି' - ପ୍ରକୃତ ଶରୀର
- ଅକ୍ଷୟ ୪୨ ପଦ । କୌଣସି ରୋଗ କଷ୍ଟ ଇତ୍ୟାଦି ନାହିଁ
- ଗୌରବମୟ ୪୩ ପଦ - ରୂପାନ୍ତରିତ – ମାଥିଉ ୧୭; ପ୍ରକାଶିତ ୧:୧୩-୧୭
- ଶକ୍ତିଶାଳୀ ୪୩ ପଦ - କ୍ଳାନ୍ତ, ଦୁର୍ବଳ ନୁହେଁ ।
- ସ୍ୱର୍ଗୀୟ – ୪୭-୪୯ ପଦ

**ଗ) ପୁନରୁତ୍ଥାନର ସମୟ :**

୧. ଧାର୍ମିକର – ୧କରିନ୍ଥୀୟ ୧୫:୨୩; ୧ଥେସଲନିକୀୟ ୪:୧୪-୧୭ ବିଶ୍ୱାସୀର ପୁନରୁତ୍ଥାନ ଖ୍ରୀଷ୍ଟଙ୍କର ଦ୍ୱିତୀୟ ଆଗମନ ସହିତ ସଂପୃକ୍ତ ।

୨. ଦୁଷ୍ଟର – ଯୋହନ ୫:୨୮, ୨୯; ଦାନିୟେଲ ୧୨:୨; ପ୍ରକାଶିତ ୨୦:୫-୧୨ । ଦୁଷ୍ଟର ପୁନରୁତ୍ଥାନ ସର୍ବଦା ବିଚାର ସହିତ ସଂପୃକ୍ତ ଏହା ସଦାପ୍ରଭୁଙ୍କର ଦିନ ଶେଷରେ ହିଁ ଘଟିବ ? ପ୍ରକାଶିତ ୨୦:୪ ଅନୁଯାୟୀ ଧାର୍ମିକର ଏବଂ ଦୁଷ୍ଟର ପୁନରୁତ୍ଥାନ ମଧ୍ୟରେ ଅନ୍ତତଃ ଏକ ହଜାର ବର୍ଷର ବ୍ୟବଧାନ ଅଛି ।

**ଉପସଂହାର -** ଆମ୍ଭମାନଙ୍କ ପୁନରୁତ୍ଥିତ ଶରୀର କିପରି ଭାବରେ ଆମର ବର୍ତ୍ତମାନ ଶରୀରଠାରୁ ଭିନ୍ନ ହେବ ?

## ପାଠ ୩୮ – ବିଚାର

ଜଗତ ନିମନ୍ତେ ଏକ ବିଚାର ଦିନ ସ୍ଥିରୀକୃତ ହୋଇଅଛି, ଯେଉଁ ଦିନରେ ଧାର୍ମିକମାନଙ୍କୁ ପୁରସ୍କାର ଏବଂ ଦୁଷ୍ଟମାନଙ୍କୁ ବିଚାରର ସମ୍ମୁଖୀନ ହେବାକୁ ହେବ – ପ୍ରେରିତ ୧୭:୩୧; ଏବ୍ରୀ ୯:୨୭ । ଖ୍ରୀଷ୍ଟ ହିଁ ବିଚାରପତି, କ୍ରୁଶ ଉପରେ ଥିବା ମନୁଷ୍ୟ ହିଁ ସିଂହାସନ ଆରୋହଣ କରିଥିବା ବ୍ୟକ୍ତି – ଯୋହନ ୫:୨୨, ୨୩, ୨୭; ୨କରିନ୍ଥୀୟ ୫:୧୨; ପ୍ରେରିତ ୧୦:୪୨; ୧୭:୩୧ ।

ଯେପରି ପୁନରୁତ୍ଥାନ ଏକ ଥରଠାରୁ ଅଧିକ, ସେହିପରି ବିଚାର ମଧ୍ୟ ଏକ ଥରଠାରୁ ଅଧିକ। ନୋହଙ୍କ ସମୟରେ ଜଳପ୍ଲାବନ ଓ ବାବିଲ ଗଡରେ ଭାଷାଭେଦ ବିଚାରର ଫଳାଫଳ ଅଟେ ।

ବାଇବଲ ଅନ୍ତତଃ ସାତୋଟି ଭିନ୍ନ ପ୍ରକାର ବିଚାର ବିଷୟ ବର୍ଣ୍ଣନା କରେ ।

୧. କ୍ରୁଶଠାରେ ବିଚାର – ବିଶ୍ୱାସୀ ଉପରେ ଶୟତାନର ଶକ୍ତି ଭାଙ୍ଗି ଦିଆଗଲା ଏବଂ ବିଶ୍ୱାସୀର ପାପସମୂହ ବିଚାର କରାଯାଇ ଦୂର କରାଗଲା – ଯୋହନ ୫:୨୪; ୧ପିତର ୧:୨୪ ।
୨. ବିଶ୍ୱାସୀର ଆତ୍ମ ବିଚାର – ୧କରିନ୍ଥୀୟ ୧୧:୩୧, ୩୨ । ଏହା କ୍ରମାଗତ ଏବଂ ଅବିରତ ।
୩. ବିଶ୍ୱାସୀମାନଙ୍କର ବିଚାର – ଖ୍ରୀଷ୍ଟଙ୍କର ବିଚାର ସିଂହାସନ ନିକଟରେ – ୨କରିନ୍ଥୀୟ ୫:୧୦ । ଖ୍ରୀଷ୍ଟଙ୍କର ଦ୍ୱିତୀୟ ଆଗମନ ସମୟରେ ବିଶ୍ୱାସୀ ତାହାର କର୍ମ ସମୂହ ନିମନ୍ତେ ବିଚାରିତ ହେବ । ଅଗ୍ନିରୂପକ ପରୀକ୍ଷା ଦ୍ୱାରା ଯେଉଁ କାର୍ଯ୍ୟସମୂହ ସିଦ୍ଧ ହେବ, ତାହା ପୁରସ୍କୃତ ହେବ – ୧କରିନ୍ଥୀୟ ୩:୧୩।
୪. ଯିହୂଦୀମାନଙ୍କର ବିଚାର – ମହାକ୍ଲେଶର ସମୟରେ - ଯିହିଜିକଲ ୨୦:୩୪-୩୮; ଯିରିମିୟ ୩୩:୭; ଲୂକ ୨୩:୧୮; ପ୍ରେରିତ ୭:୩୧ ।
୫. ବିଜାତୀୟ ଦେଶସମୂହର ବିଚାର – ମାଥିଉ ୨୫:୩୨; ଯିହୋଶାଫଟଙ୍କ ଉପତ୍ୟକାରେ ଖ୍ରୀଷ୍ଟଙ୍କର ଦ୍ୱିତୀୟ ଆଗମନ ସମୟରେ – ଯୋୟେଲ ୩:୨; ମାଥିଉ ୨୫:୪୧, ୩୪
୬. ପତିତ ଦୂତମାନଙ୍କର ବିଚାର – ୧କରିନ୍ଥୀୟ ୬:୩; ଯିହୂଦା ୧:୬; ୨ପିତର ୨:୪
୭. ମୃତ ବ୍ୟକ୍ତିର ବିଚାର – ଯେଉଁମାନେ କେବେହେଲେ ପ୍ରଭୁଯୀଶୁଙ୍କୁ ନିଜର ତ୍ରାଣକର୍ତ୍ତା ରୂପେ ଗ୍ରହଣ କରି ନାହାନ୍ତି, ଯେଉଁମାନେ ପ୍ରଥମ ପୁନରୁତ୍ଥାନରେ ଉତ୍ଥିତ ହୋଇ ନାହାନ୍ତି ବା ମଧ୍ୟାକାଶକୁ ନୀତ ହୋଇ ନାହାନ୍ତି । ପ୍ରକାଶିତ ୨୦:୧୦-୧୨। ଏକ ବୃହତ୍ ଶ୍ୱେତ ସିଂହାସନଠାରେ ଏହି ବିଚାର ହେବ, ପ୍ରକାଶିତ ୨୦:୧୧, ଏକ ହଜାର ବର୍ଷ ରାଜତ୍ୱ ସମୟ ପରେ - ପ୍ରକାଶିତ ୨୦:୫ । ଯେଉଁମାନେ ପ୍ରଭୁଙ୍କର ଲୋକ ନୁହଁନ୍ତି, ସେମାନଙ୍କୁ ଅଗ୍ନିମୟ ହ୍ରଦରେ ନିକ୍ଷେପ କରାଯିବ (ପ୍ରକାଶିତ ୨୦:୧୫) ।

**ଆଲୋଚନା –** ବିଚାରର କେଉଁ ବିଷୟଗୁଡିକ ସହ ତୁମେ ସଂପୃକ୍ତ ?

## ପାଠ ୩୯ - ଦୁଷ୍ଟ ବ୍ୟକ୍ତିର ଶେଷ ଅବସ୍ଥା

ଅନୁଶୋଚନାବିହୀନ ବ୍ୟକ୍ତିମାନଙ୍କ ନିମନ୍ତେ ଆଗାମୀ ବିନାଶ ଓ ବିଗ୍ରର ବିଷୟରେ ନୂତନ ନିୟମରେ ୧୬୨ଟି ପଦରେ ଲେଖାଯାଏ, ଏଥି ମଧ୍ୟରୁ ୭୦ ଟି ଯୀଶୁଙ୍କର ବକ୍ତବ୍ୟ । ଯେଉଁ ଦୁଷ୍ଟ ଖ୍ରୀଷ୍ଟଙ୍କୁ ପ୍ରତ୍ୟାଖ୍ୟାନ କରେ, ସେ ନରକକୁ ପ୍ରେରଣ କରାଯିବ – ଗୀତ ୯:୧୭

**କ) ସଂଜ୍ଞା - ନରକ କ'ଣ ?**

୧. ଈଶ୍ୱରଙ୍କ ଉପସ୍ଥିତିରୁ ନିର୍ବାସିତ ହେବା – ୨ଥେସଲନିକୀୟ ୧:୯

୨. ଦଣ୍ଡ ଓ ଯନ୍ତ୍ରଣାର ସ୍ଥାନ - ଲୂକ ୧୬:୨୩

**ଖ) ନରକର ବର୍ଣ୍ଣନା :**

୧. ପ୍ରାଥମିକ ଭାବେ ଏହା ଶୟତାନ ଏବଂ ତା'ର ଦୁଷ୍ଟ ଦୂତମାନଙ୍କ ନିମନ୍ତେ ପ୍ରସ୍ତୁତ ହୋଇଥିଲା – ମାଥିଉ ୨୫:୪୧ । କିନ୍ତୁ ଯେଉଁମାନେ ତ୍ରାଣକର୍ତ୍ତାଙ୍କୁ ସ୍ୱୀକାର ନ କରି ସ୍ୱର୍ଗ ପ୍ରତ୍ୟାଖ୍ୟାନ କରନ୍ତି, ସେମାନେ ମଧ୍ୟ ଶୟତାନର ଏହି ସ୍ଥାନକୁ ଯିବେ ।

୨. ଏହା ଦଣ୍ଡର ସ୍ଥାନ - ମାଥିଉ ୨୫:୪୬

୩. ଏହା ଯନ୍ତ୍ରଣାର ଏକ ସ୍ଥାନ - ଲୂକ ୧୬:୨୩

୪. ଏହା ଅଗ୍ନିର ଏକ ସ୍ଥାନ - ମାଥିଉ ୧୩:୪୨, ୫୦; ୩:୧୨; ପ୍ରକାଶିତ ୧୪:୧୦; ୨୦:୨୫; ଯିଶାଇୟ ୩୩:୧୪

୫. ଏହା କୀଟମାନଙ୍କର ଏକ ସ୍ଥାନ - ମାର୍କ ୯:୪୪, ୪୬, ୪୮

୬. ଲୂକ ୧୬ ପର୍ବରେ ମନୁଷ୍ୟର ଅନ୍ୟମାନଙ୍କୁ ଚିହ୍ନିବାର ଶକ୍ତି ଆମେ ଦେଖିବାକୁ ପାଉ – ୨୩ ପଦରେ; ପ୍ରାର୍ଥନା କରିବା ନିମନ୍ତେ ଯଦିଓ ଏହି ପ୍ରାର୍ଥନା ଶୁଣାଯାଇ ନ ଥିଲା – ୨୭ ପଦରେ ; ସେ ଜଳପାନ କରିବା ନିମନ୍ତେ ଏବଂ ଭାଇମାନଙ୍କୁ ସାବଧାନ କରିବା ସକାଶେ ଜଣେ ବ୍ୟକ୍ତିଙ୍କୁ ପ୍ରେରଣ କରିବା ନିମନ୍ତେ ନିବେଦନ କରିଥିଲେ । ୨୪ ରୁ ୨୭ ପଦ ମଧ୍ୟରେ ।

୭. ନରକ ଅନନ୍ତକାଳୀନ

**ଉପସଂହାର -** ଅନନ୍ତ ଦଣ୍ଡ/ବିଗ୍ରର ବିଷୟଗୁଡିକ ଆମକୁ ହଜିଯାଇଥିବା ଆତ୍ମାଗୁଡିକୁ ଉଦ୍ଧାର କରିବା ନିମନ୍ତେ ଅଧିକ ଉତ୍ସାହିତ କରିବା ଆବଶ୍ୟକ ।

# ପାଠ ୪୦ - ଧାର୍ମିକର ଶେଷ ପୁରସ୍କାର

ବିଶ୍ୱାସୀ ନିମନ୍ତେ ମୃତ୍ୟୁର ଅର୍ଥ ଯୀଶୁଖ୍ରୀଷ୍ଟଙ୍କ ଠାରେ ନିଦ୍ରାଗତ ହେବା – ୧ଥେସଲନିକୀୟ ୪:୧୪; କାରଣ ଏହା ପରେ ସେ ଈଶ୍ୱରଙ୍କ ଉପସ୍ଥିତିରେ ଜାଗ୍ରତ ହୁଏ । ଫିଲିପ୍ପୀୟ ୧:୨୩

**କ) ବିଶ୍ୱାସୀର ଆଗାମୀ ଗୌରବ :**

୧. ଖ୍ରୀଷ୍ଟଙ୍କ ସହ ରହିବା – ଯୋହନ ୧୪:୩
୨. ତାହାଙ୍କ ମୁଖ ଦର୍ଶନ କରିବା – ଗୀତ ୧୭:୧୫; ୨କରିନ୍ଥୀୟ ୪:୬; ପ୍ରକାଶିତ ୨୨:୪
୩. ଖ୍ରୀଷ୍ଟଙ୍କ ଗୌରବ ଦେଖିବା – ଯୋହନ ୧୭:୨୪
୪. ଖ୍ରୀଷ୍ଟଙ୍କ ସହିତ ଗୌରବାନ୍ୱିତ ହେବା – ରୋମୀୟ ୮:୧୭, ୧୮
୫. ଖ୍ରୀଷ୍ଟଙ୍କ ସହିତ ରାଜ୍ୟ କରିବା – ୨ତୀମଥି ୨:୧୨
୬. ସମସ୍ତ ବିଷୟର ଅଧିକାରୀ ହେବା - ପ୍ରକାଶିତ ୨୧:୭
୭. ତାରକା ସଦୃଶ୍ୟ ଜାଜ୍ଜଲ୍ୟମାନ ହେବା - ଦାନିୟେଲ ୧୨:୩

**ଖ) ବିଶ୍ୱାସୀମାନେ ଅଧିକାରୀ ହେବା ପାଇଁ ଥିବା ମୁକୁଟ :**

୧. ଅକ୍ଷୟ ମୁକୁଟ – ୧କରିନ୍ଥୀୟ ୯:୨୪, ୨୫ – ଦୌଡିବା ନିମନ୍ତେ ମୁକୁଟ – ଏବ୍ରୀ ୧୨:୧
୨. ଆନନ୍ଦରୂପ ମୁକୁଟ – ୧ଥେସଲନିକୀୟ ୨:୯ - ଆତ୍ମାଲାଭକାରୀମାନଙ୍କ ନିମନ୍ତେ ମୁକୁଟ
୩. ଧାର୍ମିକତାର ମୁକୁଟ – ୨ତୀମଥି ୪:୮ – ଯେଉଁମାନେ ତାହାଙ୍କ ଆଗମନକୁ ଅପେକ୍ଷା କରିଛନ୍ତି, ପ୍ରତ୍ୟେକ ଜଣ ଏହି ମୁକୁଟ ଲାଭ କରିବା ଆବଶ୍ୟକ ।
୪. ଜୀବନରୂପ ମୁକୁଟ - ଯାକୁବ ୧:୧୨ – ବିଶ୍ୱାସୀମାନଙ୍କ ନିମନ୍ତେ, ଏପରିକି ମୃତ୍ୟୁ ପର୍ଯ୍ୟନ୍ତ ବିଶ୍ୱାସୀ । ପ୍ରକାଶିତ ୨:୧୦ – ସାକ୍ଷ୍ୟମର ମୁକୁଟ
୫. ଗୌରବମୟ ମୁକୁଟ – ୧ପିତର ୫:୪; - ପାଳକ, ପ୍ରଚାରକ ଓ ଶିକ୍ଷକମାନଙ୍କ ନିମନ୍ତେ

**ଗ) ସ୍ୱର୍ଗ – ଏହା କ'ଣ ?**

୧. ଈଶ୍ୱରଙ୍କ ଗୃହ – ମାଥିଉ ୬:୯; ୨କରିନ୍ଥୀୟ ୧୨:୨ - ପ୍ରଥମ ସ୍ୱର୍ଗ ଯେଉଁଠାରେ ପକ୍ଷିମାନେ ଉଡନ୍ତି, ଦ୍ୱିତୀୟ ସ୍ୱର୍ଗ ଯେଉଁଠାରେ ମହାକାଶଚାରୀମାନେ ଯାଆନ୍ତି, ତୃତୀୟ ସ୍ଥାନ ଈଶ୍ୱରଙ୍କ ଗୃହ ।
୨. ମନୁଷ୍ୟକୃତ ନୁହେଁ, କିନ୍ତୁ ଈଶ୍ୱରଙ୍କ ଦ୍ୱାରା ନିର୍ମିତ ଏକ ଗୃହ – ୨କରିନ୍ଥୀୟ ୫:୧

୩. ଈଶ୍ୱରଙ୍କ ଏବଂ ଖ୍ରୀଷ୍ଟଙ୍କ ରାଜ୍ୟ – ଏଫିସୀୟ ୫ :୫

୪. ପିତାଙ୍କ ଗୃହ – ଯୋହନ ୧୪ :୨

୫. ମୃତ୍ୟୁ, ଲୋତକ ଦୁଃଖ ବା ଯନ୍ତ୍ରଣା ବିହୀନ ଏକ ସ୍ଥାନ - ପ୍ରକାଶିତ ୨୧ :୪, ଦିବସ ବା ରାତ୍ରିବିହୀନ ସ୍ଥାନ - ପ୍ରକାଶିତ ୨୭ :୩-୫, କ୍ଷୁଧା ତୃଷା ବା ଅତିଶୟ ଉତ୍ତାପବିହୀନ ସ୍ଥାନ - ପ୍ରକାଶିତ ୭ :୧୬

୬. ନୂତନ ସୃଷ୍ଟିର ସହ ଏକ ସ୍ଥାନ- ଜୀବନ ରୂପକ ନଦୀ, ଜୀବନ ରୂପକ ବୃକ୍ଷ, ନୂତନ କାର୍ଯ୍ୟ, ନୂତନ ସମ୍ପର୍କ, ନୂତନ ଆଲୋକ - ପ୍ରକାଶିତ ୨୨ :୪

**ଉପସଂହାର –** ସ୍ୱର୍ଗ ପ୍ରସ୍ତୁତ ଲୋକମାନଙ୍କ ନିମନ୍ତେ ଏକ ପ୍ରସ୍ତୁତ ସ୍ଥାନ - ସେଠାରେ ପହଞ୍ଚିବା ଓ ଖ୍ରୀଷ୍ଟଙ୍କ ନିମନ୍ତେ ଆମ ପରିଶ୍ରମର ଫଳ ସ୍ୱରୂପ ଅନ୍ୟମାନଙ୍କ ସହ ଏକତ୍ରିତ ହେବା ଆମର ଲକ୍ଷ୍ୟ ହେବା ନିତାନ୍ତ ଆବଶ୍ୟକ ।

# 3

# ପ୍ରଚାର ପଦ୍ଧତି
## (Homiletics)

ଅଭିଧାନରେ 'Homiletics' ଶବ୍ଦଟିକୁ ପ୍ରଚାର କରିବାର କୌଶଳ ବୋଲି ବୁଝାଯାଏ ଏବଂ ଏହି ପାଠ୍ୟକ୍ରମ ପ୍ରତ୍ୟେକ ଶିକ୍ଷାର୍ଥୀ/ଶିକ୍ଷାର୍ଥିନୀମାନଙ୍କର ଏହି କୌଶଳ ବୃଦ୍ଧି କରିବା ସହିତ ସଂପୃକ୍ତ । କେବଳ ଦଳେ ଲୋକଙ୍କ ସମ୍ମୁଖରେ ଦଣ୍ଡାୟମାନ ହୋଇ ଉପଯୁକ୍ତ ଭାବେ କଥା କହିବା ଅପେକ୍ଷା ପ୍ରଚାର କରିବା ଆହୁରି ଅଧିକ ଗୁରୁତ୍ୱପୂର୍ଣ୍ଣ । ପ୍ରକୃତରେ ଏହା ଈଶ୍ୱରଙ୍କ ବ୍ୟକ୍ତିଗତ ସମ୍ବାଦ ମନୁଷ୍ୟର ହୃଦୟ ନିକଟରେ ପ୍ରକାଶ କରିବା । ପାଉଲ ଏହି ସତ୍ୟ ବିଷୟରେ ଅଧିକ ଗୁରୁତ୍ୱ ପ୍ରକାଶ କରି ଲେଖନ୍ତି, 'କାରଣ ବିନାଶ ପ୍ରାପ୍ତ ହେଉଥିବା ଲୋକମାନଙ୍କ ପ୍ରତି କ୍ରୁଶର କଥା ମୂର୍ଖତା ମାତ୍ର, କିନ୍ତୁ ପରିତ୍ରାଣ ପ୍ରାପ୍ତ ହେଉଥିବା ଲୋକମାନଙ୍କ ପ୍ରତି ତାହା ଈଶ୍ୱରଙ୍କ ଶକ୍ତି ଅଟେ ।' ଏହି ପାଠ୍ୟକ୍ରମ ଆପଣଙ୍କୁ ପ୍ରଚାରର କୌଶଳରେ ସିଦ୍ଧ ହେବା ପାଇଁ ଗଭୀର ଅଧ୍ୟବସାୟର ସହ ପରିଶ୍ରମ କରିବା ନିମନ୍ତେ ଆହ୍ୱାନ ଦିଏ, ଯେପରି ଅନେକଙ୍କର ପରିତ୍ରାଣ ଏବଂ ଆଚରଣର ଉନ୍ନତି ନିମନ୍ତେ ଈଶ୍ୱରଙ୍କ ଶକ୍ତି ମୁକ୍ତ ଭାବରେ ବ୍ୟବହୃତ ହୋଇପାରିବ ।

ଏହି ସୀମିତ ପୃଷ୍ଠାଗୁଡିକ ମଧ୍ୟରେ ଉପସ୍ଥାପନାର ସମସ୍ତ କୌଶଳ ଉଦାହରଣ ସ୍ୱରୂପେ ସ୍ୱରର ବ୍ୟବହାର, ଭାବଭଙ୍ଗୀ ଇତ୍ୟାଦି ଆଲୋଚନା କରିବା ସମ୍ଭବପର ନୁହେଁ, କାରଣ ଶ୍ରେଣୀରେ ଶିକ୍ଷା ଦେବା ସମୟରେ ଶିକ୍ଷକ ଏଗୁଡିକ ଉପରେ ଲକ୍ଷ୍ୟ ରଖି ମତାମତ ଦେଇପାରିବେ । ଆଗାମୀ ପାଠଗୁଡିକରେ ଆମେ ଶିକ୍ଷାର ବିଷୟବସ୍ତୁ ଓ ବିଭିନ୍ନ ପ୍ରକାର ଶିକ୍ଷା ନେଇ ଆଲୋଚନା କରିବା ।

ଏ ବିଷୟ ସ୍ମରଣରେ ରଖିବାକୁ ହେବ ଯେ, ଏହି ଭ୍ରାମ୍ୟମାଣ ବିଦ୍ୟାଳୟର ପାଠ୍ୟକ୍ରମ ପ୍ରତିଦିନର ଶ୍ରେଣୀ ଓ ପାଠ୍ୟକ୍ରମ ଅନୁଯାୟୀ ବିଭକ୍ତ, କିନ୍ତୁ ଏହି ଉପଦେଶ ଦେବାର କୌଶଳ ପାଠ୍ୟକ୍ରମ ସପ୍ତାହ ଅନୁଯାୟୀ କରାଯାଇଛି । ଏହା ଦ୍ୱାରା ଶିକ୍ଷା ପ୍ରସ୍ତୁତ କରିବା ଏବଂ ଉପସ୍ଥାପନା କରିବା ସହଜସାଧ୍ୟ ହୋଇପାରିବ ।

ଏହି ପାଠ୍ୟକ୍ରମ ନିମନ୍ତେ William Evans ଙ୍କର ('How to Prepare Sermons' (Moody Press) ଦ୍ୱାରା ପ୍ରକାଶିତ ) ପୁସ୍ତକର ବିଶେଷ ସାହାଯ୍ୟ ନିଆଯାଇଛି ।

## ପ୍ରଥମ ସପ୍ତାହ : ପ୍ରଥମ ଦିନ : 'ପ୍ରଚ୍ଚର ଅର୍ଥ କ'ଣ ?'

ପ୍ରଚ୍ଚର ଅର୍ଥ ମନୁଷ୍ୟ ଦ୍ୱାରା ମାନବ ଜାତି ନିକଟରେ ପରିତ୍ରାଣର ଶୁଭ ସମ୍ବାଦ ଘୋଷଣା କରିବା, ଏହାର ଦୁଇଟି ଉପାଦାନ - ଜଣେ ମନୁଷ୍ୟ ଓ ଏକ ସମ୍ବାଦ ବ୍ୟକ୍ତିତ୍ୱ ଏବଂ ସତ୍ୟ ।

ଶିକ୍ଷା ପ୍ରଦାନକାରୀ ସୁସମାଚ୍ଚର ପ୍ରଚ୍ଚର କରିବାର ନିର୍ଦ୍ଦିଷ୍ଟ କାର୍ଯ୍ୟ ଈଶ୍ୱରଙ୍କ ଦ୍ୱାରା ପୃଥକୀକୃତ । ସେ ମନୁଷ୍ୟମାନଙ୍କ ତରଫରୁ ଈଶ୍ୱରଙ୍କ ନିକଟରେ ଓ ଈଶ୍ୱରଙ୍କ ତରଫରୁ ମନୁଷ୍ୟମାନଙ୍କ ନିକଟରେ ଓ ଈଶ୍ୱରଙ୍କ ତରଫରୁ ମନୁଷ୍ୟମାନଙ୍କ ନିକଟରେ କାର୍ଯ୍ୟ କରନ୍ତି, ସେ ପବିତ୍ରଆତ୍ମା ଓ ବିଶ୍ୱାସରେ ପରିପୂର୍ଣ୍ଣ ଜଣେ ଉତ୍ତମ ବ୍ୟକ୍ତି ହୋଇଥିବା ଆବଶ୍ୟକ । ଏହିପରି ଏକ ଜୀବନ ଓ ପ୍ରଚ୍ଚରର ପ୍ରଭାବରେ ଅନେକେ ଈଶ୍ୱରଙ୍କ ସହିତ ସଂପୃକ୍ତ ହେବେ (ପ୍ରେରିତ ୧୧:୨୪) ।

ଉପଦେଶ ଶିକ୍ଷା ପ୍ରଦାନକାରୀର ଏକ ଅଂଶ, ଅଧିକନ୍ତୁ ତାହାର ଜୀବନ ଓ ଅନୁଭୂତିର ପରିପ୍ରକାଶ, ଉପଦେଶ ମଧ୍ୟ ଦେଇ ଦାବୀ ଓ ଶକ୍ତିର ସହ ଘୋଷଣା କରିବା ପୂର୍ବରୁ ଶିକ୍ଷା ପ୍ରଦାନକାରୀ ଏହି ଅନୁଭୂତି ଦେଇ ଯାଇଥିବା ଆବଶ୍ୟକ ।

**ଆଲୋଚନା** – ଜଣେ ସଫଳ ଶିକ୍ଷାଦାନକାରୀ ଜୀବନ ପ୍ରସ୍ତୁତିରେ କେଉଁ ବିଷୟଗୁଡିକ ପ୍ରତି ବିଶେଷ ଦୃଷ୍ଟି ଦେବା ଆବଶ୍ୟକ? କେଉଁ ବ୍ୟକ୍ତିଗତ ଦୁର୍ବଳତାଗୁଡିକ ତାହାର ସେବା କାର୍ଯ୍ୟରେ ବିଫଳତା ଆଣିଦେଇ ପାରେ ?

## ଦ୍ୱିତୀୟ ଦିନ : ଉପଦେଶର ଶାସ୍ତ୍ରାଂଶ

**କ) ଉପଯୁକ୍ତ ଭାବେ ମନୋନୀତ କରାଯାଇଥିବା ଶାସ୍ତ୍ରାଂଶର ଅନେକଗୁଡିଏ ସୁବିଧା :**

୧. ଏହା ଶ୍ରୋତାମାନଙ୍କର ଆଗ୍ରହ ଜାଗ୍ରତ କରେ, "ଏ ବିଷୟରେ ସେ କ'ଣ କହିବେ ?"

୨. ଏହା ଶ୍ରୋତାମାନଙ୍କର ଆସ୍ଥାଭାଜନ ହେବାରେ ସାହାଯ୍ୟ କରେ, "ଏହା ଈଶ୍ୱରଙ୍କ ବାକ୍ୟ" ।

୩. ଏହା ଶିକ୍ଷାଦାନକାରୀଙ୍କର ସାହସ ଓ କ୍ଷମତା ଦିଏ । "ସଦାପ୍ରଭୁ ଏହା କହନ୍ତି", ଏହା ସ୍ୱର୍ଗର କ୍ଷମତା ।

୪. ଏହା ଶିକ୍ଷାଦାନକାରୀଙ୍କର ମନ ଇତସ୍ତତଃ ହେବାରୁ ରକ୍ଷା କରେ ।

୫. ଏହା ଶିକ୍ଷାଦାନକାରୀଙ୍କୁ ବାଇବଲ ମଧ୍ୟରେ ଆବଦ୍ଧ କରି ରଖେ ।

**ଖ) ପଦ ମନୋନୟନ ସମୟରେ କେତେଗୁଡିଏ ସାଧାରଣ ନିୟନ୍ତ୍ରଣକାରୀ ନିୟମ :**

୧. ଶିକ୍ଷଦାନକାରୀ ଲୋକମାନଙ୍କର ଆତ୍ମିକ ଅବଶ୍ୟକତା ବିଷୟରେ ଅବଜ୍ଞାତ ହେବା ଆବଶ୍ୟକ ।

୨. ସେ ପ୍ରଚ୍ଚର କରି ସାରିଥିବା ସତ୍ୟଗୁଡିକ ବିବେଚନା କରି କେଉଁ ତତ୍ତ୍ୱଗୁଡିକ ବାଦ୍ ଦିଆଯାଇଛି, ତାହା ଦେଖିବା ଆବଶ୍ୟକ । ସବୁଠାରୁ ଉତ୍ତମ ବର୍ଷର ଆରମ୍ଭରେ ବର୍ଷ ସାରା ଉପଦେଶ ଦେବା ଶାସ୍ତ୍ରାଂଶର ଏକ ତାଲିକା ପ୍ରସ୍ତୁତ କରିବା ।

୩. ଶିକ୍ଷାଦାନକାରୀ ଶାସ୍ତ୍ରାଂଶ ଉପସ୍ଥାପନା ନିମନ୍ତେ ନିଜର ସକ୍ଷମତା ବିବେଚନା କରିବା ଆବଶ୍ୟକ । ଅନେକ ସମୟରେ କେତେଗୁଡିଏ ପ୍ରସଙ୍ଗ ନୂତନ ଶିକ୍ଷାଦାନକାରୀଙ୍କ ନିମନ୍ତେ କଷ୍ଟସାଧ୍ୟ ହୋଇଥାଏ ।

**ଗ) ନିମ୍ନ ଲିଖିତ ବିଷୟଗୁଡିକ ଶାସ୍ତ୍ରାଂଶ ମନୋନୟନରେ ବିଶେଷ ସହାୟକ ଅଟେ :**

୧. ଈଶ୍ୱରଙ୍କ ବାକ୍ୟ ସବୁ ସମୟରେ ଅଧ୍ୟୟନ କରିବା ଆବଶ୍ୟକ ।

୨. ଏକ ଟିପାଖାତା ବ୍ୟବହାର କରିବା ଅତି ସହାୟକ ଅଟେ ।

୩. ଉତ୍ତମ ପୁସ୍ତକ ପାଠ କରିବା ମଧ୍ୟ ଉତ୍ତମ ଚିନ୍ତାଧାରା ଜାତ କରାଇଥାଏ ।

୪. ପବିତ୍ରଆତ୍ମାଙ୍କ ଚ୍ଚଳନା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଯେଉଁ ବ୍ୟକ୍ତି ସର୍ବଦା ପବିତ୍ରଆତ୍ମାଙ୍କ ପ୍ରଭାବ ଓ ଶକ୍ତିମଧ୍ୟରେ ବାସ କରେ, ସେ କୌଣସି ବିଷୟରେ ଉପଦେଶ ଦେବା ନିମନ୍ତେ କେବେ ପଛଘୁଞ୍ଚା ଦେବ ନାହିଁ ।

**କାର୍ଯ୍ୟଭାର :** ଆଗାମୀ ମାସଗୁଡିକରେ ଉପଦେଶ ଦେବା ନିମନ୍ତେ ୧୦ଟି ଶାସ୍ତ୍ରାଂଶର ଏକ ତାଲିକା ପ୍ରସ୍ତୁତ କରନ୍ତୁ ।

## ତୃତୀୟ ଦିନ : ଉପଦେଶର ବିଷୟବସ୍ତୁ

ବୁଦ୍ଧିର ସହ ପ୍ରସଙ୍ଗ ନିମନ୍ତେ ଉପଯୁକ୍ତ ଶବ୍ଦ ମନୋନୟନ କରିବା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ କେତେଗୁଡିଏ ଆଭାଷା ନିମ୍ନରେ ଦିଆଗଲା :

୧. ଶିକ୍ଷାଦାନକାରୀ ତାହାର ପ୍ରସଙ୍ଗ ଅତି ଉତ୍ତମଭାବେ ଜାଣିଥିବା ଆବଶ୍ୟକ ।

୨. ଏହି ପ୍ରସଙ୍ଗ ଲୋକମାନେ ବୁଝିପାରୁଥିବା ଆବଶ୍ୟକ । ଏହା ବୋଧର ଅଗମ୍ୟ ହେବା ଉଚିତ ନୁହେଁ ।

୩. ଏହା ସାମାନ୍ୟ ବା ନଗନ୍ୟ ହେବା ଉଚିତ ନୁହେଁ । ଏହାର ଓଜନ ଗାମ୍ଭୀର୍ଯ୍ୟ ଥିବା ଆବଶ୍ୟକ ।

୪. ଏହି ପ୍ରସଙ୍ଗ ନେଇ ଆଲୋଚନା କରିବା ସମୟରେ ଶିକ୍ଷାପ୍ରଦାନକାରୀର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଥିବା ଆବଶ୍ୟକ । ଶିକ୍ଷାଦାନର ଫଳାଫଳ ପରିବର୍ତ୍ତନ ଓ ସିଦ୍ଧାନ୍ତ ଗ୍ରହଣମୂଳକ ହେବା ନିତାନ୍ତ ଆବଶ୍ୟକ ।

୫. ଏହି ପ୍ରସଙ୍ଗ ସ୍ଥାନ, କାଳ ଓ ପାତ୍ର ଉପଯୋଗୀ ହେବା ଆବଶ୍ୟକ । ଉଦାହରଣ ସ୍ୱରୂପ, ପୁନରୁତ୍ଥାନ ଦିବସରେ ସେ ଖ୍ରୀଷ୍ଟଙ୍କର ପୁନରୁତ୍ଥାନ ବିଷୟରେ ଉପଦେଶ ଦେବା ପ୍ରୟୋଜନୀୟ ।

**ଆଲୋଚନା-** କେଉଁ ପ୍ରସଙ୍ଗଗୁଡିକ ରବିବାର ଉପାସନାରେ ଆଲୋଚନା ଯୋଗ୍ୟ ନୁହେଁ ? କେଉଁ ଗୁଡିକ ଯୋଗ୍ୟ ?

## ଚତୁର୍ଥ ଦିନ : ଉପଦେଶର ବିଷୟସମୂହ ଏକତ୍ର କରିବା

ଉତ୍ତମ ପୁସ୍ତକ ପାଠ କରିବା ଦ୍ୱାରା ଜଣେ ଶିକ୍ଷାଦାନକାରୀ ଚିନ୍ତାଧାରା ଉନ୍ନତ ଓ ପରିପୁଷ୍ଟ ହୋଇଥାଏ । ସେ ଦୈନିକ ଘଟନାବଳୀ ବିଷୟରେ ସାବଧାନ ହୋଇ ସେ ସମସ୍ତ ନିମନ୍ତେ ଚିନ୍ତା କରିବା, ସେ ସମସ୍ତ ନିମନ୍ତେ ପ୍ରାର୍ଥନା କରିବା ଏବଂ ଶାସ୍ତ୍ର ସହିତ ସମ୍ପର୍କ ରଖିବା ଉଚିତ । ଖ୍ରୀଷ୍ଟ ସର୍ବଦା ସମସ୍ତ ବିଷୟ ନିରୀକ୍ଷଣ କରୁଥିଲେ ଏବଂ ତାହାଙ୍କର ଉପଦେଶ ସମୂହ ସେ ଦେଖୁଥିବା ଓ ଶୁଣିଥିବା ବିଷୟକ ଦୃଷ୍ଟାନ୍ତରେ ପରିପୂର୍ଣ୍ଣ ଥିଲା ।

ଶିକ୍ଷାଦାନକାରୀଙ୍କ ନିକଟରେ ଏକ ଟିପାଖାତା ରହିବା ଆବଶ୍ୟକ । ତଦ୍ଦ୍ୱାରା ସେ ଯେଉଁ ସମସ୍ତ ବିଷୟ ଦେଖିବା ଓ ଶୁଣିବା ଦ୍ୱାରା ପ୍ରଭାବିତ ହୁଏ , ସେ ସମସ୍ତ ଟିପି ନେଇପାରିବ ଓ ସେ ସମସ୍ତ ବିଷୟରେ ଚିନ୍ତା କରିପାରିବ ।

ଶିକ୍ଷାଦାନକାରୀ ସବୁ ସମୟରେ ସଂଗ୍ରହ କରିବା ଆବଶ୍ୟକ ।

**ଆଲୋଚନା :** ଗତମାସ କେଉଁ ସ୍ଥାନୀୟ ଘଟନାଗୁଡିକ ଉପଦେଶ ଚିନ୍ତାଧାରା ପ୍ରସ୍ତୁତ କରିବାରେ ସାହାଯ୍ୟ କରିଛି ? ଏହି ଧାରଣାଗୁଡିକର ଏବଂ ତାହାର ପ୍ରୟୋଗ ସମୂହର ଏକ ତାଲିକା ଆପଣଙ୍କ ଟିପାଖାତାରେ ପ୍ରସ୍ତୁତ କରନ୍ତୁ ।

## ପଞ୍ଚମ ଦିନ : ଉପଦେଶ ବିଷୟସମୂହର ଶୃଙ୍ଖଳିତ ବିନ୍ୟାସ କରିବା

ଉପଦେଶ ବିଷୟବସ୍ତୁ ଶୃଙ୍ଖଳିତ ଭାବେ ସଂଗଠନ କରିବା ଅତି ଗୁରୁତ୍ୱପୂର୍ଣ୍ଣ ଶିକ୍ଷାଦାନକାରୀ ତାହାର ବିଷୟବସ୍ତୁ ଏପ୍ରକାର ଭାବରେ ସଜାଇବା ଆବଶ୍ୟକ । ଯଦ୍ଦ୍ୱାରା ଏ ସମସ୍ତ ତାହାର ଉପଦେଶର ମୁଖ୍ୟ ଉଦ୍ଦେଶ୍ୟ ମଧ୍ୟରେ ସ୍ଥାନ ପାଇବ ।

## ଉପଦେଶର ବିଷୟବସ୍ତୁସମୂହ ଶୃଙ୍ଖଳିତ ବିନ୍ୟାସ କରିବାରେ ସୁବିଧା

୧. ଶିକ୍ଷାଦାନକାରୀ ନିମନ୍ତେ - ଯେଉଁ ସମସ୍ତ ବିଷୟ ସ୍ୱଷ୍ଟରୂପେ ଓ କ୍ରମ ଅନୁଯାୟୀ ସଂଗଠିତ ତାହା ସ୍ମରଣରେ ରଖିବା ନିମନ୍ତେ ସହଜ ।

୨. ଉପଦେଶ ନିମନ୍ତେ - ଏକ ଶିକ୍ଷାର କାର୍ଯ୍ୟକାରିତା ତାହାର ସ୍ୱଷ୍ଟ ଏବଂ କ୍ରମ ଅନୁଯାୟୀ ବ୍ୟବସ୍ଥା ଉପରେ ନିର୍ଭର କରେ ।

୩. ଶ୍ରୋତାମାନଙ୍କ ନିମନ୍ତେ - ଉତ୍ତମ ପ୍ରସ୍ତୁତିର ଫଳାଫଳ ହେଉଛି ଯେ, ଏହି ଉପଦେଶ ଶ୍ରୋତାମାନଙ୍କ ଦ୍ୱାରା ସହଜରେ ମନେ ରଖିବା ଏବଂ ବାଇବଲ ଶିକ୍ଷା କାର୍ଯ୍ୟକାରୀ କରିବା, ଶ୍ରୋତାମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ହେବା ନିମନ୍ତେ ଉତ୍ତମ ଭାବେ ବିଷୟବସ୍ତୁ ଆୟୋଜନ କରିବା ନିହାତି ଆବଶ୍ୟକ ।

**ଆଲୋଚନା** – ଉପଦେଶସମୂହର ଦୁର୍ବଳ ଆୟୋଜନର କେତେଗୁଡିଏ ଉଦାହରଣ କ'ଣ ଓ କାହିଁକି ?

## ଦ୍ୱିତୀୟ ସପ୍ତାହ : ପ୍ରଥମ ଦିନ : ଉତ୍ତମ ଉପଦେଶ ଆୟୋଜନ

### ଉତ୍ତମ ଉପଦେଶ ଆୟୋଜନର ଗୁଣ ସମୂହ :

୧. ଗୋଟିଏ ପ୍ରସଙ୍ଗ – ଶିକ୍ଷାଦାନକାରୀର ଉପଦେଶରେ କେବଳ ଗୋଟିଏ ପ୍ରସଙ୍ଗ ରହିବା ଆବଶ୍ୟକ ଏବଂ ସେ ତାଙ୍କର ସମସ୍ତ ଯୁକ୍ତି, ପ୍ରମାଣ, ସାକ୍ଷ୍ୟ ଓ ଦୃଷ୍ଟାନ୍ତ ଇତ୍ୟାଦି ଏହି ଏକମାତ୍ର ପ୍ରସଙ୍ଗ ଉପରେ ଆଧାରିତ ହୋଇଥିବା ଆବଶ୍ୟକ ।

୨. ଉପଦେଶ ବିଭିନ୍ନ ଭାଗ ବିଭାଗ ମଧ୍ୟରେ ଯୁକ୍ତିସଙ୍ଗତ ଯୋଗାଯୋଗ – ଏହି ଯୁକ୍ତିସମୂହ ପ୍ରଥମତଃ ମସ୍ତିଷ୍କ ନିମନ୍ତେ, ତତ୍ପରେ ଭାବପ୍ରବଣତା ଓ ଶେଷରେ ଇଛା ସହ ହେବା ଆବଶ୍ୟକ ।

୩. ପ୍ରତ୍ୟେକ ଶିକ୍ଷାର ଏକ ଭାଗ ବିଭାଗ ଆବଶ୍ୟକ – ଠିକ୍ ମନୁଷ୍ୟ ଶରୀର କଙ୍କାଳ ପରି । ସାଧାରଣ ଭାବେ କହିବାକୁ ଗଲେ ଏକ ଉପଦେଶ ନିମନ୍ତେ ଯୋଜନା ବୁଝିବା ନିମନ୍ତେ ସହଜ ହେବା ଆବଶ୍ୟକ । ଯେଉଁ ଭାଗ ବିଭାଗଗୁଡିକ ଉଲ୍ଲେଖନୀୟ, ସେଗୁଡିକ ସହଜରେ ମନେ ରହିଥାଏ । ଅନେକ ଶିକ୍ଷାଦାନକାରୀ ସେମାନଙ୍କର ଭାଗ ବିଭାଗଗୁଡିକର ଏକ ପ୍ରକାର ଶବ୍ଦ ଦ୍ୱାରା ଆରମ୍ଭ କରିଥାନ୍ତି। ଅନ୍ୟମାନେ ବିପରୀତ ଓ ପୃଥକ୍ ନିୟମ ବ୍ୟବହାର କରିଥାନ୍ତି । ଉଦାହରଣ ସ୍ୱରୂପ ଏକ ଉପଦେଶର ନିମ୍ନ ଲିଖିତ ଭାଗ ବିଭାଗ ରହିପାରିବ ।

**ପ୍ରସଙ୍ଗ – ରୂପାନ୍ତରଣ**

| | |
|---|---|
| ୧. ସ୍ଥାନ | ୩. ବ୍ୟକ୍ତି ସମୂହ |
| ୨. ଉଦ୍ଦେଶ୍ୟ | ୪. ଶକ୍ତି |

**ଆଉ ଏକ ଦୃଷ୍ଟାନ୍ତ -**

| | |
|---|---|
| ୧. ଗ୍ରହଣ | ୩. ସମର୍ପଣ |
| ୨. ସ୍ୱୀକାର | ୪. ପ୍ରେରଣ |

**କାର୍ଯ୍ୟଭାର –** ଭାଗ ବିଭାଗର ପ୍ରତ୍ୟେକଟି ଅଂଶରେ ଏକ ପ୍ରକାର ଶବ୍ଦ/ଅକ୍ଷର ବ୍ୟବହାର କରି ଏକ ଭାଗବିଭାଗର ପ୍ରସ୍ତୁତ କରନ୍ତୁ ।

## ଦ୍ୱିତୀୟ ଦିନ : ଉପଦେଶର ଉପକ୍ରମଣିକା / ଭୂମିକା

ପ୍ରତ୍ୟେକଟି ଉତ୍ତମ ଉପଦେଶ ଅନ୍ତତଃ ତିନି ଭାଗରେ ବିଭକ୍ତ : ଭୂମିକା, ବିଷୟବସ୍ତୁ ଏବଂ ଉପସଂହାର ।

ଉପଦେଶ ଭୂମିକାକୁ ଏକ ଆଗ୍ଭରର (Sauce) ମସଲା ସହ ତୁଳନା କରାଯାଇପାରିବ । ଏହା ଉପଦେଶର ମୁଖ୍ୟ ଅଂଶକୁ ସ୍ୱାଦଯୁକ୍ତ କରେ । ଅବଶ୍ୟ କେତେଗୁଡିଏ କ୍ଷେତ୍ରରେ ବ୍ୟତିକ୍ରମ ଲକ୍ଷ୍ୟ କରାଯାଏ - ଉଦାହରଣ ସ୍ୱରୂପ ସମୟରେ ସ୍ୱଳ୍ପତା ବା ଏକ ଅଣଆନୁଷ୍ଠାନିକ ଆଲୋଚନା । ତଥାପି ସାଧାରଣ ଭାବେ ଯେକୌଣସି ବିଷୟର ଭୂମିକା ଦେବା ବାଞ୍ଛନୀୟ ।

### ଭୂମିକାର ଉଦ୍ଦେଶ୍ୟ :

୧. ପ୍ରସଙ୍ଗ ବିଷୟରେ ଆଗ୍ରହ ସୃଷ୍ଟି କରିବା । ବକ୍ତାଙ୍କର କାର୍ଯ୍ୟ ହେଉଛି ବିଷୟବସ୍ତୁ ଏପରି ଆଗ୍ରହପୂର୍ଣ୍ଣଭାବେ ଉପସ୍ଥାପନା କରିବା, ଯଦ୍ଦ୍ୱାରା ଶ୍ରୋତାମାନେ ଆଗ୍ରହର ସହ ଶୁଣିବା ପାଇଁ ଇଚ୍ଛୁକ ହେବେ ।

୨. ପରବର୍ତ୍ତୀ ବିଷୟ/ଅଂଶ ନିମନ୍ତେ ଶ୍ରୋତାମାନଙ୍କୁ ପ୍ରସ୍ତୁତ କରିବା ।

### ଭୂମିକାର ଉତ୍ସ ବା ମୂଳ :

୧. ଶାସ୍ତ୍ରାଂଶ ବା ପ୍ରସଙ୍ଗ ସହ ଉତ୍ତମ ଭାବେ ପରିଚିତି ହେବା ଦ୍ୱାରା, ଉଦାହରଣ ସ୍ୱରୂପ ଗୀତସଂହିତା ୨୩:୪-୬ର ଆଭାଷ ବା ଭୂମିକା ସ୍ୱରୂପେ, ଶିକ୍ଷାପ୍ରଦାନକାରୀ ଏପ୍ରକାର ଭୂମିକା ଦେଇ ପାରନ୍ତି : "ଅନେକ ସମୟରେ ଏହି ଶାସ୍ତ୍ରାଂଶ ମୃତ୍ୟୁଶଯ୍ୟାକୁ ଆଲୋକ ପ୍ରଦାନ କରେ ଏବଂ ଶୋକ ସନ୍ତପ୍ତ ବ୍ୟକ୍ତିମାନଙ୍କୁ ଆଶ୍ୱାସନା ପ୍ରଦାନ କରିଛି ।"

୨. ଶାସ୍ତ୍ରାଂଶର ଐତିହାସିକ ପୃଷ୍ଠଭୂମି ।

୩. ବାଇବଲର ଭୂଗୋଳତତ୍ତ୍ୱ ।

୪. ବାଇବଲର ପ୍ରଥା ଏବଂ

୫. ଲେଖକ ଏବଂ ଲେଖାଯାଇଥିବା ବ୍ୟକ୍ତମାନଙ୍କର ପାରିପାର୍ଶ୍ୱିକ ପରିସ୍ଥିତି/ ଅବସ୍ଥା ।

୬. ସମୟ - ପୁନରୁତ୍ଥାନ ବା ବଡଦିନ ।

**କାର୍ଯ୍ୟ** - ପୁନରୁତ୍ଥାନ ଉପଦେଶ ନିମନ୍ତେ ଏକ ଭୂମିକା ପ୍ରସ୍ତୁତ କରନ୍ତୁ ।

## ଦ୍ୱିତୀୟ ଦିନ : ଏକ ଉତ୍ତମ ଭୂମିକାର ଗୁଣସମୂହ

୧. ଅତି ଉଚ୍ଚସ୍ୱରରେ ନୁହେଁ, ଅତିରିକ୍ତ ଉତ୍ତେଜନାପୂର୍ଣ୍ଣ ରୂପେ ବା ଭାବପ୍ରବଣତାପୂର୍ଣ୍ଣ ନୁହେଁ । ଭାବ ପ୍ରବଣତା ଆହ୍ୱାନ କରିବା ସମୟରେ ଆବଶ୍ୟକ । ଧୀର ଭାବରେ ଏବଂ ଏକ ନମ୍ର ସ୍ୱରରେ ଆରମ୍ଭ କରିବା ଉତ୍ତମ । ତତ୍ପରେ ବିଷୟବସ୍ତୁ କ୍ରମଶଃ ଗଭୀରଭାବେ କାର୍ଯ୍ୟକାରୀ କରି ଶୀର୍ଷ ସ୍ଥାନରେ ପହଞ୍ଚିବା ଆବଶ୍ୟକ ।

୨. ଅତି ଦୀର୍ଘ ନୁହେଁ । ଦୀର୍ଘ ଭୂମିକା ଦ୍ୱାରା ଲୋକେ ଅନେକ ସମୟରେ କ୍ଳାନ୍ତି ଅନୁଭବ କରନ୍ତି ।

୩. ଉତ୍ତମଭାବେ ପ୍ରସ୍ତୁତ । ଏହାକୁ ସମ୍ପୂର୍ଣ୍ଣ ଭାବେ ଲେଖିବା ଉତ୍ତମ । ପ୍ରଥମ ମନୋଭାବଗୁଡିକ ଦୀର୍ଘସ୍ଥାୟୀ, ଅତଏବ ଭୂମିକା ସାବଧାନତାର ସହ ପ୍ରସ୍ତୁତ କରିବା ଆବଶ୍ୟକ ।

**କାର୍ଯ୍ୟଭାର** :ରୋମୀୟ ୧ :୧୬, ୧୭ ବିଷୟରେ ଏକ ଉପଦେଶ ନିମନ୍ତେ ଏକ ଉତ୍ତମ ଭୂମିକା ଲେଖନ୍ତୁ ।

## ତୃତୀୟ ଦିନ : ଉପଦେଶର ମୁଖ୍ୟ ଅଂଶ

ବିଷୟବସ୍ତୁକୁ ନେଇ ଉପଦେଶ ଭାଗ ବିଭାଗର ସଂଖ୍ୟା ନିର୍ଣ୍ଣୟ କରାଯାଏ । ହୁଏତ କେଉଁଠାରେ ତିନୋଟି, କେଉଁଠାରେ ଏପରିକି ସାତୋଟି । ଏହି ଭାଗ ବିଭାଗଗୁଡିକ ପ୍ରାକୃତିକ, ଯୁକ୍ତିଯୁକ୍ତଭାବେ ସଜ୍ଜିତ ଏବଂ ପରିବର୍ତ୍ତନଶୀଳ ହୋଇଥିବା ବାଞ୍ଛନୀୟ । ଅନେକ ସମୟରେ ସେଗୁଡିକ ଘୋଷଣା କରାଯାଏ, ସବୁ ସମୟରେ ନୁହେଁ ।

### ଏହି ଭାଗ ବିଭାଗ ନିମ୍ନ ଲିଖିତ ପ୍ରଶ୍ନର ଉତ୍ତର ଦେବା ଆବଶ୍ୟକ

୧. କଅଣ ? - ପ୍ରଥମ ବିଭାଗ ବିଷୟର ସଂଜ୍ଞା ଓ ସ୍ୱୀକାରୋକ୍ତିକୁ ନେଇ ପ୍ରସ୍ତୁତ କରାଯିବା ଉଚିତ୍ । ଏହି ବିଭାଗ ପରେ ଏହି ବିଷୟ ନେଇ କୌଣସି ଭୁଲ୍ ଧାରଣା ରହିବା ବାଞ୍ଛନୀୟ ନୁହେଁ । ଏହା ମସ୍ତିଷ୍କ ନିମନ୍ତେ, କିନ୍ତୁ ଭାବପ୍ରବଣତା ବା ଇଛା ନିମନ୍ତେ ନୁହେଁ ।

୨. କାହିଁକି ? – ଏହି ବିଭାଗ ବିଷୟର ଆବଶ୍ୟକତା, ଯୁକ୍ତିଯୁକ୍ତ କାରଣ ପ୍ରମାଣ ଇତ୍ୟାଦିକୁ ନେଇ ଗଠିତ ହେବା ଉଚିତ । ଏଠାରେ ପ୍ରଶ୍ନ କରାଯାଏ ! କାହିଁକି ଏହା ସତ୍ୟ ? ମୁଁ କାହିଁକି ଏହା ବିଶ୍ୱାସ କରିବି ବା ଗ୍ରହଣ କରିବି ? ଏହା କିପରି ପ୍ରମାଣିତ ହେବ ? ଏହା କ'ଣ ଯୁକ୍ତିଯୁକ୍ତ ?

୩. କିପରି ? – ଶିକ୍ଷାର ପ୍ରସଙ୍ଗ କେଉଁ ପ୍ରକାରଭାବେ ଓ କେଉଁ ପ୍ରଣାଳୀରେ ଉପସ୍ଥାପିତ କରାଯାଏ ବା କେଉଁ ଅବସ୍ଥା ବା ପରିସ୍ଥିତିରେ ଏହା ଗ୍ରହଣଯୋଗ୍ୟ ଓ ସମ୍ପୂର୍ଣ୍ଣ ହୁଏ, ତାହା ଏହି ବିଭାଗର ବିଷୟବସ୍ତୁ । ଏହି ବିଭାଗ କାର୍ଯ୍ୟକାରୀ କରିବା ସମୟରେ ସାଧାରଣତଃ ତିନୋଟି ଚିନ୍ତାଧାରା ପ୍ରତି ଦୃଷ୍ଟି ଦିଆଯାଏ, ଈଶ୍ୱରଙ୍କ ଅଂଶ, ମନୁଷ୍ୟର ଅଂଶ ଏବଂ ଉପାୟର ପ୍ରଶ୍ନ ।

୪. ତା'ପରେ କ'ଣ ? – ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ଏବଂ ପ୍ରୟୋଗ ସହିତ ସଂପୃକ୍ତ । ଏହା ବିଷୟଟିକୁ ଏକ ବ୍ୟକ୍ତିଗତ ଦୃଷ୍ଟିକୋଣ ଦିଏ । ଆମ୍ଭେମାନେ ମନୁଷ୍ୟମାନଙ୍କୁ ନିଶ୍ଚିତଭାବେ ଖ୍ରୀଷ୍ଟଙ୍କୁ ଗ୍ରହଣ କରିବା ନିମନ୍ତେ ଏବଂ ତାହାଙ୍କ ସମ୍ମୁଖରେ ଏକ ପବିତ୍ର ଜୀବନଯାପନ କରିବା ନିମନ୍ତେ ଉତ୍ସାହିତ କରିବା ଆବଶ୍ୟକ ।

**କାର୍ଯ୍ୟଭାର** – ରୋମୀୟ ୧ : ୧୬, ୧୭ ନେଇ ଏକ ଶିକ୍ଷାର ମୁଖ୍ୟ ଅଂଶର ଏକ ବିଭାଗ ପ୍ରସ୍ତୁତ କରନ୍ତୁ।

## ଚତୁର୍ଥ ଦିନ : ଉପଦେଶ ଉପସଂହାର

ଶେଷ ପାଞ୍ଚ ମିନିଟ୍ ଉପଦେଶର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଭାଗ । ଏହାର ପ୍ରସ୍ତୁତିର ଅଭାବ ଏକ ମସ୍ତବଡ ଭୁଲ୍ । ଅନେକ ସମୟରେ ଏକ ପ୍ରଭାବଶାଳୀ ଉପସଂହାର ମୁଖ୍ୟଗୁଡିକର ଓ ମୁଖ୍ୟ ଚିନ୍ତାଧାରାଗୁଡିକର ଏକ ସମଷ୍ଟି । ଏହି ସ୍ଥାନରେ କେତେ ଉପଯୁକ୍ତ ଭାବେ ମନୋନୀତ ଆତ୍ମା ଲାଭକାରୀ ବାକ୍ୟ ବା ଏକ ଦୃଷ୍ଟାନ୍ତ ଦ୍ୱାରା ସଂକ୍ଷେପରେ ଅନେକ କିଛି କୁହାଯାଇପାରେ । ସମୟ ସମୟରେ ଏକ କବିତା ବା ଏକ ପଦ୍ୟର ଅଂଶ ବିଶେଷ ବ୍ୟବହାର କରାଯାଏ ବା ଏକ ତୀକ୍ଷ୍ଣ ବାକ୍ୟ ଦ୍ୱାରା ମଧ୍ୟ ଉପଦେଶ ଶେଷ କରାଯାଇଥାଏ । ଏହି ଉପସଂହାର ଭୂମିକାଠାରୁ ଅଧିକ ହେବା ଆବଶ୍ୟକ ନୁହେଁ । ବରଂ ତିନିରୁ ପାଞ୍ଚ ମିନିଟ୍ ମଧ୍ୟରେ କୁହାଯିବା ବାଞ୍ଛନୀୟ ।

**କାର୍ଯ୍ୟଭାର** – ରୋମୀୟ ୧:୧୬, ୧୭ ନେଇ ପ୍ରସ୍ତୁତ କରାଯାଇଥିବା ଉପଦେଶର ଏକ ପ୍ରେରଣାଦାୟକ ଉପସଂହାର ଲେଖ ।

## ପଞ୍ଚମ ଦିନ : ଉଦାହରଣ ଓ ସେଗୁଡିକର ବ୍ୟବହାର

ଯୀଶୁଙ୍କର ଉପଦେଶସମୂହ କାହାଣୀ, ଉଦାହରଣ ଓ ଉପମାସମୂହରେ ପରିପୂର୍ଣ୍ଣ ଥିଲା । ଉପଦେଶ ପ୍ରଦାନ ସମୟରେ ଉଦାହରଣର ମୂଲ୍ୟ ଅନ୍ୟ କୌଣସି ବ୍ୟକ୍ତିଙ୍କ ଅପେକ୍ଷା ସେ ଅଧିକ ରୂପେ ନିଜେ ଆଦର୍ଶ ଦେଖାଇବା ଦ୍ୱାରା ପ୍ରତିପାଦିତ କରିଥିଲେ । ଶ୍ରୋତାମାନେ ଶିକ୍ଷାର ସତ୍ୟ ଘେନିଯିବା ନିମନ୍ତେ ଉଦାହରଣର ବ୍ୟବହାର ବିଶେଷ ସହାୟକ ହୋଇଥାଏ ।

### ଉଦାହରଣର ଉଦ୍ଦେଶ୍ୟ

୧. ଏହା ବିଷୟବସ୍ତୁ ଉପରେ ଆଲୋକପାତ କରେ । ଏହା ଗୃହର ଝରକା ସଦୃଶ - ଆଲୋକ ପ୍ରବେଶ କରିବାରେ ସାହାଯ୍ୟ କରେ ।

୨. ଏହା ବୁଝାଇବାରେ ସାହାଯ୍ୟ କରେ ।

୩. ଏହା ପ୍ରମାଣ କରିବାରେ ସାହାଯ୍ୟ କରେ ।

୪. ଏହା ଅଳଙ୍କୃତ କରେ ।

୫. ଏହା ହୃଦ୍‌ବୋଧ ଦିଏ ।

### ଉଦାହରଣର ଉତ୍ସ :

୧. ଏ ନିମନ୍ତେ ଜଣେ ସଦାସର୍ବଦା ନିଜର ଦୃଷ୍ଟି ଖୋଲା ରଖିଥିବା ଆବଶ୍ୟକ । ଖ୍ରୀଷ୍ଟ ଲବଣ, ଦୀପରୁଖା, ଦୀପ, ଛଳନାକାରୀ, ସୂଚୀର ଛିଦ୍ର, ସୋରିଷ ବୀଜ, ଜାଲ, ଧାର କରିବା ବ୍ୟକ୍ତି, ଧାର ଦେବା ବ୍ୟକ୍ତି, ପୋକ, ପୁଷ୍ପ, ଡାମରା କାଉ,

ସଂକୀର୍ଣ୍ଣ ଦ୍ୱାର ଓ ପ୍ରଶସ୍ତ ଦ୍ୱାର ଇତ୍ୟାଦିର ଉଦାହରଣ ବ୍ୟବହାର କରିଥିଲେ ।

୨. ଅନ୍ୟାନ୍ୟ ଉତ୍ସଗୁଡ଼ିକ ହେଲା : ସମ୍ବାଦପତ୍ର, ଇତିହାସ, ପଶୁ, ପରିବା, ପିଲାମାନେ ଏବଂ ଏହିପରି ଅନେକ ବିଷୟ ।

**ଆଲୋଚନା –** ଯୋଜନା ୩ ଅଧ୍ୟାୟରେ ଆମେ 'ପୁନର୍ବାର ଜନ୍ମ ହେବା' ଆବଶ୍ୟକ ସତ୍ୟ ବୁଝାଇବା ନିମନ୍ତେ କେତେକ ଉତ୍ତମ ଉଦାହରଣ କ'ଣ ?

**ବିଶେଷ ଦ୍ରଷ୍ଟବ୍ୟ** - ପାଠ୍ୟକ୍ରମର ଅବଶିଷ୍ଟାଂଶ ନିମନ୍ତେ ଶିକ୍ଷାର୍ଥୀମାନେ ପ୍ରତ୍ୟେକ ପ୍ରକାର ଉପଦେଶ ନିମନ୍ତେ ଏକ ବିଭାଗ ପ୍ରସ୍ତୁତ କରିବେ । ଆପଣଙ୍କର ଉପଦେଶ ଭାଗ ବିଭାଗକୁ ଏକ ଭୂମିକା, କିଛି ଉଦାହରଣ ଓ ଏକ ଉପସଂହାର ପ୍ରସ୍ତୁତ କରିବାକୁ ଭୁଲନ୍ତୁ ନାହିଁ ।

## ତୃତୀୟ ସପ୍ତାହ : ଜୀବନୀମୂଳକ ଉପଦେଶ

ଏ ପ୍ରକାର ଉପଦେଶ ଦ୍ୱାରା ବାଇବଲର ଏକ ଚରିତ୍ର ଉପସ୍ଥାପନା କରାଯାଇଥାଏ । ଉଦାହରଣ ସ୍ୱରୂପ -

ଅବ୍ରହାମଙ୍କର ଚାରୋଟି ଆତ୍ମ ସମର୍ପଣ

୧. ନିଜ ଦେଶ ଓ ଜ୍ଞାତିକୁଟୁମ୍ବ ପରିତ୍ୟାଗପୂର୍ବକ - ଆଦିପୁସ୍ତକ ୧୨:୧

୨. ଲୋଟଙ୍କ ଠାରୁ ପୃଥକୀକରଣ - ଆଦି ୧୩:୯

୩. ହାଗାର ଓ ଇଶ୍ମାୟେଲଙ୍କୁ ବିତାଡ଼ିତ କରିବା - ଆଦି ୨୧:୧୦

୪. ଇସ୍‌ହାକଙ୍କୁ ଉତ୍ସର୍ଗ କରିବା - ଆଦି ୨୨

## ଚତୁର୍ଥ ସପ୍ତାହ – ବିବରଣୀମୂଳକ ଉପଦେଶ

ଏପ୍ରକାର ଉପଦେଶରେ ବାଇବଲର ଏକ ଘଟନାର ଚିତ୍ର ଦିଆଯାଏ, ଏକ ବିବରଣୀମୂଳକ ଉପଦେଶର ଭାଗବିଭାଗର ଉଦାହରଣ :

ସିଂହ ଗାତରେ ଦାନିୟେଲ

ପ୍ରସଙ୍ଗ – ଈଶ୍ୱର ତାହାଙ୍କର ସନ୍ତାନମାନଙ୍କର ତତ୍ତ୍ୱ ନିଅନ୍ତି ।

ଭୂମିକା - ନିର୍ବାସନ ସ୍ଥାନରେ ଥିବା ଯୁବାମାନଙ୍କର ଅବସ୍ଥା ।

ଶାସ୍ତ୍ରାଂଶ - ଦାନିୟେଲ ୬:୧୯-୨୩

ଭାଗ ବିଭାଗ –

୧. ନୃଶଂସ ଷଡଯନ୍ତ୍ର - ଦାନିୟେଲ ୬:୧-୯

୨. ଦୈନିକ ଅଭ୍ୟାସ – ୧୦ ପଦ

୩. ଐଶରୀୟ ବ୍ୟବସ୍ଥା – ୨୧ ରୁ ୨୪ ପଦ

**ଉପସଂହାର -** ଦାନିୟେଲ ଉପଯୁକ୍ତ ସାହସର ସହ ଏହି ବିପଦର ସମ୍ମୁଖୀନ ହୋଇଥିଲେ, କାରଣ ଈଶ୍ୱରଙ୍କ ସହ ତାହାଙ୍କର ନିବିଡ ସମ୍ପର୍କ ଥିଲା । ଆପଣ କ'ଣ ଈଶ୍ୱରଙ୍କ ନିକଟବର୍ତ୍ତୀ ହୋଇ ଜୀବନଯାପନ କରୁଛନ୍ତି, ଯଦ୍ଦ୍ୱାରା ଜୀବନରେ ଆପଣ ଯେକୌଣସି ଅବସ୍ଥାର ସମ୍ମୁଖୀନ ହୋଇପାରିବେ ?

## ପଞ୍ଚମ ସପ୍ତାହ : ଶାସ୍ତ୍ରାଂଶମୂଳକ ଉପଦେଶ

ଶାସ୍ତ୍ରାଂଶମୂଳକ ଶିକ୍ଷା ମୁଖ୍ୟତଃ ପଦ ମଧ୍ୟରେ ଥିବା ଏକ ନିର୍ଦ୍ଦିଷ୍ଟ ଚିନ୍ତାଧାରା ବା ପଦର ଏକ କ୍ଷୁଦ୍ର ଅଂଶ ଉପରେ ଆଧାରିତ । ଏକ ଶାସ୍ତ୍ରାଂଶମୂଳକ ଉପଦେଶର ଉଦାହରଣ ।

### କଟକଣା ବିହୀନ ଉପହାର

ପ୍ରସଙ୍ଗ – ଉତ୍ସର୍ଗୀକରଣ

ଶାସ୍ତ୍ରାଂଶ – ରୋମୀୟ ୧୨:୧

ଭୂମିକା – ଉତ୍ସର୍ଗୀକରଣର ଶବ୍ଦର ଅର୍ଥ କ'ଣ ? ମନୋନିବେଶ ପୃଥକ୍ ଉତ୍ସର୍ଗ ବା ଈଶ୍ୱରଙ୍କ ଗୌରବ ନିମନ୍ତେ ପୃଥକୀକରଣ । ଉତ୍ସର୍ଗୀକରଣ ଅର୍ଥାତ୍ ଯୀଶୁ ରାଜାଙ୍କୁ ଆମ ଜୀବନର ଶାସନର ସ୍ୱତ୍ତ୍ୱାଧିକାର ଦେବା ।

### ଆପଣଙ୍କ ଜୀବନରେ ପ୍ରଭୁ କିଏ ?

୧. କିଏ ଉତ୍ସର୍ଗୀକୃତ ହୋଇପାରିବେ ? ଅତଏବ "ହେ ଭାଇମାନେ ମୁଁ ତୁମ୍ଭମାନଙ୍କୁ ବିନତି କରୁଅଛି" ଅର୍ଥାତ୍ ଯେଉଁମାନେ ଖ୍ରୀଷ୍ଟଙ୍କର ରକ୍ତ ଦ୍ୱାରା ପରିଷ୍କୃତ ଈଶ୍ୱରଙ୍କ ପରିବାରର ସଦସ୍ୟ । ଏହା କେବଳ ମହାନ୍, ଶକ୍ତିଶାଳୀ ବା ଧୀଶକ୍ତିରେ ପରିପୂର୍ଣ୍ଣ ବ୍ୟକ୍ତିମାନଙ୍କୁ ନୁହେଁ, କିନ୍ତୁ ପ୍ରତ୍ୟେକ ବିଶ୍ୱାସୀ ନିମନ୍ତେ ଉନ୍ମୁକ୍ତ ।

୨. ଉତ୍ସର୍ଗୀକରଣ ନିମନ୍ତେ ଆହ୍ୱାନ : ଈଶ୍ୱରଙ୍କ ଅନୁଗ୍ରହ / ଦୟା ହେତୁ ଆମ୍ଭମାନଙ୍କୁ କ୍ଷମତା ବା ଶକ୍ତି ଦ୍ୱାରା ବାଧ୍ୟତାମୂଳକ ଆଦେଶ ଦିଆଯାଇନାହିଁ, କିନ୍ତୁ ପ୍ରେମ ଓ ଅନୁଗ୍ରହ ଦ୍ୱାରା ।

**ଈଶ୍ୱରଙ୍କ କେତେକ ଅନୁଗ୍ରହ :** ପରିତ୍ରାଣ, ପବିତ୍ରୀକରଣ, ପବିତ୍ରଆତ୍ମାଙ୍କ ହୃଦୟରେ ବାସ, ଦୈନିକ ସାହାଯ୍ୟ, ସ୍ୱାସ୍ଥ୍ୟ, ମୃତ୍ୟୁ ପରେ ସ୍ୱର୍ଗ, ବନ୍ଧୁ ଓ ମଣ୍ଡଳୀ ।

୩. **ଉତ୍ସର୍ଗୀକରଣର ପ୍ରକ୍ରିୟା :** 'ତୁମ୍ଭମାନଙ୍କ ଶରୀରକୁ ଉତ୍ସର୍ଗ କର ।'

କ) ଏହା ସ୍ୱେଚ୍ଛକୃତ – ଉପହାର, ଆମେ ଏହା କରିବା ନିମନ୍ତେ ବାଧ୍ୟ ନୋହୁଁ ।

ଖ) ଏହା ବ୍ୟକ୍ତିଗତ – 'ତୁମ୍ଭମାନଙ୍କର ଶରୀର', ଆମର ଜୀବନ, ଆପଣାର ସବୁକିଛି ।

ଗ) ଏହା ବଳିକୃତ – 'ଏକ ସଜୀବ ବଳି', ଅବ୍ରହାମ ଇସ୍‌ହାକଙ୍କୁ ବଳି ଦେବା ସଦୃଶ୍ୟଏହା ବେଦୀ ଉପରେ ଆମ ଜୀବନକୁ ଉତ୍ସର୍ଗ କରିବା ।

୪. **ଉତ୍ସର୍ଗୀକରଣ ସପକ୍ଷରେ ଯୁକ୍ତିଯୁକ୍ତତା :** 'ସୁଗ୍ରାହ୍ୟ ବଳି ରୂପେ' । ଯଦି ଆମ୍ଭେମାନେ ପ୍ରକୃତରେ ଉଦ୍ଧାର ପାଇଛୁ, ତେବେ ଆମେ ଆମର କ୍ଷୁଦ୍ର ସେବା ତାହାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବା ଯୁକ୍ତିଯୁକ୍ତ ।

୫. ମୁଁ କ'ଣ ଉତ୍ସର୍ଗ କରିବି ? 'ଆପଣା ଶରୀର', ଆମ୍ଭମାନଙ୍କ ଶରୀର ଆମର ନିଜର ନୁହେଁ, ଏହା ଖ୍ରୀଷ୍ଟଙ୍କ ବହୁମୂଲ୍ୟ ରକ୍ତରେ ତାହାଙ୍କ ଦ୍ୱାରା ଉଦ୍ଧାର ପାଇଛି ।

କ) ଆମର ଶାରିରୀକ ଶକ୍ତି - ଆପଣଙ୍କ ସ୍ୱାସ୍ଥ୍ୟ ନିମନ୍ତେ ଈଶ୍ୱରଙ୍କୁ ଧନ୍ୟବାଦ ଦିଅନ୍ତୁ ଓ ଏହା ତାଙ୍କ ନିମନ୍ତେ ବ୍ୟବହାର କରନ୍ତୁ ।

ଖ) ଆମର ପାଦ ଅନୁଗ୍ରହରେ ସେବାଯୁକ୍ତ ହେଉ - ଅର୍ଥାତ୍ ସୁସମାଚାର ଅନ୍ୟମାନଙ୍କ ନିକଟକୁ ନେଉ ।

ଗ) ଆମର ହାତ ଦୟାର କାର୍ଯ୍ୟ କରିବାରେ ଓ ପତିତକୁ ଉଠାଇବାରେ ବ୍ୟବହୃତ ହେଉ ।

ଘ) ଆମର ଚକ୍ଷୁ ବିନାଶ ପଥରେ ଯାଉଥିବା ବ୍ୟକ୍ତିମାନଙ୍କୁ ଓ କେଉଁଠାରେ ଆବଶ୍ୟକତା ଅଛି, ତାହା ଦେଖିବା ପାଇଁ ସମର୍ଥ ହେଉ ।

ଙ) ଆମର କର୍ଣ୍ଣ ଅସହାୟମାନଙ୍କର କ୍ରନ୍ଦନ ଶୁଣିବା ଓ ଖ୍ରୀଷ୍ଟଙ୍କ ନିମନ୍ତେ ସେମାନଙ୍କୁ ଲାଭ କରିବା ଉଦ୍ଦେଶ୍ୟରେ ବ୍ୟବହୃତ ହେଉ ।

ଚ) ଆମର ହୃଦୟ, ଯାହାକି ଆମର ପ୍ରକୃତ ଅନ୍ତଃକରଣ ଈଶ୍ୱର ଅନ୍ୟ ଯେକୌଣସି ବିଷୟ ଅପେକ୍ଷା ଅଧିକ ଚାହାନ୍ତି । ୨ କରିନ୍ଥୀୟ ୮ :୫

**ଉପସଂହାର –** କେବେହେଲେ ଏହାକୁ ଫେରାଇ ନିଅନ୍ତୁ ନାହିଁ । କୌଣସି ଉପହାର ଦେବା ପରେ ପତ୍ୟାହାର କରି ନିଆଯାଏ ନାହିଁ ।

## ଷଷ୍ଠ ସପ୍ତାହ : ପ୍ରସଙ୍ଗମୂଳକ ଉପଦେଶ

ଏପ୍ରକାର ଉପଦେଶରେ ବିଷୟକୁ ମୁଖ୍ୟ ସ୍ଥାନ ଦିଆଯାଇଥାଏ । ବାଇବଲରେ ବ୍ୟବହୃତ ସୂଚୀ ବା ନିର୍ଘଣ୍ଟର ଏକ ପୁସ୍ତକର ସାହାଯ୍ୟ ନିଆଯାଇପାରେ, କାରଣ ଏହି ବିଷୟ ନିମନ୍ତେ ବାଇବଲର ବିଭିନ୍ନ ଅଂଶରେ ଥିବା ପଦ ବ୍ୟବହାର କରାଯାଇପାରେ ।

ଏକ ପ୍ରସଙ୍ଗମୂଳକ ଉପଦେଶର ଉଦାହରଣ :
**ଆସ ଓ ପାନ କର**
ପ୍ରସଙ୍ଗ – ଜୀବନର ଜଳ
ଶାସ୍ତ୍ରାଂଶ - ଯୀଶୁ ଠିଆ ହୋଇ ଉଚ୍ଚ ସ୍ୱରରେ କହିଲେ, "ଯଦି କୌଣସି ବ୍ୟକ୍ତି ତୃଷିତ, ସେ ମୋ' ନିକଟକୁ ଆସୁ ଏବଂ ପାନ କରୁ ।' (ଯୋହନ ୭ :୩୭)
ଭୂମିକା - ଆପଣ କେବେ ଜଳବିହୀନ ଅବସ୍ଥାରେ ରହିଛନ୍ତି କି ? ଅନ୍ୟ କୌଣସି ବିଷୟ ଅପେକ୍ଷା ଜଳକୁ ଅଧିକ ଚାହିଁବାର ଅର୍ଥ କ'ଣ ଆପଣ ଜାଣନ୍ତି ? (ଜଳର ଗୁରୁତ୍ୱ ଉପରେ ଅଧିକ ଚିନ୍ତାଧାରା ଦିଅନ୍ତୁ)
ଭାଗ ବିଭାଗ –

(କ) **ଜୀବନର ଜଳ – ଏହାର ଗୁଣାବଳୀ**

୧. ଜୀବନଦାୟକ – ଯୋହନ ୪ :୧୦
୨. ସ୍ୱଚ୍ଛ - ପ୍ରକାଶିତ ୨୨ :୧
୩. ବିଶୁଦ୍ଧ - ପ୍ରକାଶିତ ୨୨ :୧
୪. ପ୍ରଚୁର - ଯିହିଜିକଲ ୪୭ :୧, ୯
୫. ବିନାମୂଲ୍ୟ - ପ୍ରକାଶିତ ୨୧ :୬

ଖ) **ଏହା କାହା ନିମନ୍ତେ ଉଦ୍ଦିଷ୍ଟ ?**

୧. ତୃଷିତ ନିମନ୍ତେ - ପ୍ରକାଶିତ ୨୧ :୬
୨. ଯେକୌଣସି ବ୍ୟକ୍ତି - ପ୍ରକାଶିତ ୨ :୧୭

ଗ) **ଏହା ପାଇବାର ସମୟ**

୧. ଆସ - ପ୍ରକାଶିତ ୨୨ :୧୭
୨. ନିଅ - ପ୍ରକାଶିତ ୨୨ :୧୭

**ଉପସଂହାର –** ଶିକ୍ଷାର୍ଥୀ ନିଜକୁ ପ୍ରସ୍ତୁତ କରନ୍ତୁ

## ସପ୍ତମ ଓ ଅଷ୍ଟମ ସପ୍ତାହ – ବ୍ୟାଖ୍ୟମୂଳକ ଉପଦେଶ

ବାଧ୍ୟତାମୂଳକ ଉପଦେଶ ଆମେ ଶିକ୍ଷା କରିସାରିଥିବା ଅନ୍ୟ ସମସ୍ତ ପ୍ରକାର ଉପଦେଶ ଠାରୁ ଭିନ୍ନ; କାରଣ ଶାସ୍ତ୍ରାଂଶମୂଳକ ଉପଦେଶ କେବଳ ଗୋଟିଏ ଚିନ୍ତାଧାରା ବା ବିଷୟ ସହିତ ସଂପୃକ୍ତ ହେବା ସମୟରେ, ଏ ପ୍ରକାର ଉପଦେଶକୁ ଶାସ୍ତ୍ରାଂଶର ସମ୍ପୂର୍ଣ୍ଣ ବ୍ୟଖ୍ୟା ସହିତ ସଂପୃକ୍ତ । ବ୍ୟାଖ୍ୟାମୂଳକ ଉପଦେଶ ଅନ୍ୟ ସମସ୍ତ ପ୍ରକାର ଉପଦେଶ ଅପେକ୍ଷା ଶ୍ରେଷ୍ଠତରଭାବେ ବିବେଚନା କରାଯାଏ ।

### ବ୍ୟାଖ୍ୟମୂଳକ ଉପଦେଶର କେତୋଟି ପ୍ରାଧନ୍ୟତା :

୧. ଏହା ବାଇବଲ ସମ୍ପର୍କୀୟ ଶିକ୍ଷାଦାନକାରୀ ଓ ଶ୍ରୋତାମାନଙ୍କୁ ଉତ୍ପନ୍ନ କରେ । ଉଭୟ ଶିକ୍ଷାପ୍ରଦାନକାରୀ ଓ ଶ୍ରୋତାମାନେ ବାଇବଲ ମଧ୍ୟରେ ସୀମିତ ରୁହନ୍ତି ।

୨. ଏହା ବାଇବଲ ସମ୍ମତ । ଏହା ଯୀଶୁଙ୍କର (ଲୂକ ୪), ସ୍ତିଫାନଙ୍କର (ପ୍ରେରିତ ୭ ଓ ୮), ପାଉଲଙ୍କର (ପ୍ରେରିତ ୨୮) ଓ ପିତରଙ୍କର (ପ୍ରେରିତ ୨ ଓ ୩) ପ୍ରଣାଳୀ ଥିଲା ।

୩. ଏହାର ପରିସର ପ୍ରଶସ୍ତ । ଏହା ଶ୍ରୋତାମାନଙ୍କ ଜୀବନରେ ସତ୍ୟର କାର୍ଯ୍ୟକାରୀ ପ୍ରୟୋଗ ନିମନ୍ତେ ଅଧିକ ସୁଯୋଗ ଦେଇଥାଏ ।

**ଏହି ପ୍ରଣାଳୀରେ କେତେଗୁଡିଏ ଅସୁବିଧା :**

୧. ଏହା ଶ୍ରୋତାମାନଙ୍କ ନିମନ୍ତେ ନୀରସ ଓ ବିରକ୍ତିକର ହୋଇପାରେ ।

୨. ଶିକ୍ଷାଦାନକାରୀ ଅଳସୁଆ ହୋଇପାରନ୍ତି । ଶକ୍ତିର ସହ ଶାସ୍ତ୍ରାଂଶର ସମ୍ବାଦ କହିବା ପରିବର୍ତ୍ତେ ଏକ ମନୋନୀତ ଶାସ୍ତ୍ରାଂଶର ପଦ ପରେ ପଦ ପଢି କେବଳ କେତୋଟି ମନ୍ତବ୍ୟ ଦେଇ ସନ୍ତୁଷ୍ଟ ରହି ପାରନ୍ତି ।

୩. ଶାସ୍ତ୍ରାଂଶ ଅତି ଦୀର୍ଘ ହୋଇ, ଶ୍ରୋତାମାନଙ୍କୁ ଭ୍ରାମାତ୍ମକ କରିପାରେ ।

୪. ସମୟ ସମୟରେ ଏହି ପ୍ରକାର ଉପଦେଶ, ଶିକ୍ଷାଦାନକାରୀଙ୍କୁ ବର୍ତ୍ତମାନର ବିଷୟଗୁଡିକ ଆଲୋଚନା କରିବାକୁ ସୀମିତ କରିଥାଏ । ଏହି ବ୍ୟାଖ୍ୟାମୂଳକ ଉପଦେଶର ଏକ କେନ୍ଦ୍ରୀୟ ଚିନ୍ତାଧାରା ରହିବା ଆବଶ୍ୟକ, ଯଦ୍ଦ୍ୱାରା ଚିନ୍ତାଧାରାର ଏକତା ରକ୍ଷା କରାଯାଇପାରିବ । ବାଇବଲର ବିଭିନ୍ନ ଅଂଶରୁ ଶାସ୍ତ୍ରାଂଶ ମନୋନୀତ କରିବା ଆବଶ୍ୟକ ଯଦ୍ଦ୍ୱାରା ଉପରେ ଦର୍ଶାଇଦିଆଯାଇଥିବା ଅନୁଯାୟୀ ନୀରସ ଦୂର କରାଯାଇପାରିବ ଏବଂ ଉପଦେଶ କେବଳ ପୁସ୍ତକଗତ ନ ହୋଇ, ପ୍ରୟୋଗମୂଳକ ଓ କାର୍ଯ୍ୟକାରୀ ହୋଇପାରିବ ।

## ଏକ ବ୍ୟାଖ୍ୟାମୂଳକ ଉପଦେଶର ଉଦାହରଣ : ଏକ ମୃତ୍ୟୁରୁ ଜୀବନ

ପ୍ରସଙ୍ଗ – ରୋମୀୟ ୫:୬-୧୧ – "କାରଣ ଯେତେବେଳେ ଆମ୍ଭେମାନେ ନିରୂପାୟ ଥିଲୁ, ସେତେବେଳେ ଖ୍ରୀଷ୍ଟ ଉପଯୁକ୍ତ ସମୟରେ ଅଧାର୍ମିକମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ"

**ଭୂମିକା :** ପାଉଲଙ୍କ ପ୍ରସ୍ଥରରେ ଏହାର ସ୍ଥାନ

**ଭାଗ ବିଭାଗ :**

**କ) କେହି ଜଣେ ମୃତ ହେଲେ –**

୧. ଏହା ଏକ ସାଧାରଣ ବିଷୟ - ପ୍ରତ୍ୟେକ ମନୁଷ୍ୟର ମୃତ୍ୟୁ ହୁଏ ।

୨. କିନ୍ତୁ ଏହି ମୃତ୍ୟୁ ଅସାଧାରଣ ଯେତେବେଳେ ଆମେ ସ୍ମରଣ କରୁ –
   କ) ମୃତବ୍ୟକ୍ତିଙ୍କର ଚରିତ୍ର
   ଖ) ସେ ମୃତ୍ୟୁକୁ ସମୂହ ଏଡାଇ ପାରିଥାନ୍ତେ
   ଗ) ମୃତ୍ୟୁ ସହିତ ଥିବା ତାଙ୍କର ଦାବୀ ସମୂହ

**ଖ) ଯେଉଁମାନଙ୍କ ନିମନ୍ତେ ଖ୍ରୀଷ୍ଟ ମୃତ୍ୟୁବରଣ କଲେ -**

୧. ପାପୀ, ଦୁର୍ବଳ, ଶତ୍ରୁ ଓ ଈଶ୍ୱରବିହୀନ ବ୍ୟକ୍ତିମାନଙ୍କ ନିମନ୍ତେ

୨. 'ସେମାନଙ୍କ ନିମନ୍ତେ ମୃତ୍ୟୁବରଣ କରିଥିଲେ' ବାକ୍ୟର ଅର୍ଥ

**ଗ) ଖ୍ରୀଷ୍ଟଙ୍କର ମୃତ୍ୟୁର ଉଦ୍ଦେଶ୍ୟ –**

୧. ନାସ୍ତିସୂଚକ ଭାବେ – ମନୁଷ୍ୟମାନଙ୍କୁ ପ୍ରେମ କରିବା ସକାଶେ ଈଶ୍ୱରଙ୍କୁ ପ୍ରଭାବିତ କରିବା ପାଇଁ ନୁହେଁ ।

୨. ଅସ୍ତିସୂଚକ ଭାବେ – ଯେପରି ମନୁଷ୍ୟମାନେ ପରିବର୍ତ୍ତିତ ହେବେ
   କ) ଧାର୍ମିକ ହେବେ
   ଖ) ପୁନର୍ମିଳନ ହେବେ
   ଗ) କ୍ରୋଧରୁ ରକ୍ଷା ପାଇବେ
   ଘ) ତାଙ୍କ ଜୀବନ ଦ୍ୱାରା ରକ୍ଷା ପାଇବେ

**ଉପସଂହାର –** ସେହି କ୍ରୁଶର ତାତ୍ପର୍ଯ୍ୟ ଆମେ ବୁଝିପାରୁଛୁକି ?

# 4

# ଈଶ୍ୱରଙ୍କ ପଲର ତତ୍ତ୍ୱାବଧାନ

ପିତର ଲେଖିନ୍ତି 'ତୁମ୍ଭମାନଙ୍କ ତତ୍ତ୍ୱାବଧାନରେ ଥିବା ଈଶ୍ୱରଙ୍କ ପଲକୁ ପ୍ରତିପାଳନ କର' । ନିଶ୍ଚିତ ଭାବରେ ଯେତେବେଳେ ଯୀଶୁ ତାଙ୍କୁ ପ୍ରଶ୍ନ କରିଥିଲେ, ସେ ସେହି ଦିନକୁ ସ୍ମରଣ କରୁଥିଲେ । 'ତୁମ୍ଭେ କଅଣ ଏମାନଙ୍କ ଠାରୁ ମୋତେ ଅଧିକ ପ୍ରେମ କରୁଅଛ ?' ଯୋହନ ୨୧ : ୧୫-୧୭, ପ୍ରତ୍ୟେକ ଥର ଯୀଶୁ ଏହି ପ୍ରଶ୍ନ ପରେ କହିଥିଲେ 'ତେବେ ମୋହର ମେଷମାନଙ୍କୁ ପ୍ରତିପାଳନ କର' । ଆଜି ଯୀଶୁ ତାହାଙ୍କ ଅନୁସରଣକାରୀମାନଙ୍କୁ ଅର୍ଥାତ୍ ଯେଉଁମାନଙ୍କୁ ଏହି ଦେଶରେ ଥିବା ଗ୍ରାମ ଓ ସହରମାନଙ୍କରେ ତାହାଙ୍କର ପ୍ରତିନିଧି ହେବା ନିମନ୍ତେ ଆହ୍ୱାନ କରିଅଛନ୍ତି, ସେମାନଙ୍କୁ ସେହି ଆଦେଶ ଦିଅନ୍ତି ।

ନୂତନ ପାଳକ ନିମନ୍ତେ ପିତରଙ୍କ ନିର୍ଦ୍ଦେଶରେ ଆଉ ଏକ ଭାଗ ରହିଅଛି ଯେ, ସେମାନେ କେବଳ ପଲକୁ ପ୍ରତିପାଳନ କରିବେ ତାହା ନୁହେଁ । ସେମାନେ ପଲ ପ୍ରତି ଦୃଷ୍ଟି ରଖିବା ଓ ପଲର ଆଦର୍ଶ ସ୍ୱରୂପ ହେବା ଆବଶ୍ୟକ, ଅର୍ଥାତ୍ ପଲର ସମସ୍ୟା, ପ୍ରଶ୍ନ, ଚିନ୍ତାର ବିଷୟ ଇତ୍ୟାଦି ପ୍ରତି ଧ୍ୟାନ ଦେବା ଆବଶ୍ୟକ ଓ ସବୁ ସମୟରେ ପଲର ବ୍ୟବହାରିକ ଜୀବନ ନିମନ୍ତେ ଆଦର୍ଶ ସ୍ୱରୂପ ହେବା ଉଚିତ ।

ଆଗମୀ ପାଠଗୁଡିକରେ ପାଳକୀୟ ତତ୍ତ୍ୱାବଧାନ ସହିତ ସଂପୃକ୍ତ କେତେଗୁଡିଏ ବିଷୟ ଆଲୋଚନା କରାଯାଇଅଛି । ଯଥା - ପ୍ରଚ୍ଚର, ପରାମର୍ଶ ଏବଂ ସର୍ବୋପରିସ୍ଥ ପରମେଶ୍ୱରଙ୍କର ରାଜଦୂତ ସ୍ୱରୂପେ ଜୀବନ ଯାପନ କରିବା । ପିତରଙ୍କର ପତ୍ର ଏହି ପାଠ୍ୟକ୍ରମର ଲକ୍ଷ୍ୟ ବ୍ୟକ୍ତ କରେ – 'ପଲକୁ ପ୍ରତିପାଳନ କର...ସେଥିରେ ପ୍ରଧାନ ପାଳକ ପ୍ରକାଶିତ ହେବା ସମୟରେ ତୁମ୍ଭେମାନେ ଗୌରବର ଅମ୍ଳାନ ମୁକୁଟ ପାଇବ ।' ( ୧ପିତର ୫ :୪)

R.Stanleyଙ୍କ ଲିଖିତ Preachers and Peoepl ନାମକ ପୁସ୍ତକ (ଭାରତର ଭେଲ୍ଲୋରଠାରେ Blessing Books ଦ୍ୱାରା ପ୍ରକାଶିତ) ଏହି ପାଠ୍ୟକ୍ରମ ପ୍ରସ୍ତୁତିରେ ବିଶେଷ ସହାୟକ ହୋଇଛି ।

## ପାଠ ୧ – ବାକ୍ୟ ପ୍ରଚାର କର

ଯେଉଁ ପ୍ରଚାର ସ୍ଥାୟୀ ଫଳ ଉତ୍ପନ୍ନ କରେ, ତାହା ଈଶ୍ୱରଙ୍କ ବାକ୍ୟ ଉପରେ ଆଧାରିତ । ପୁରାତନ ନିୟମରେ ଲିପିବଦ୍ଧ ବିବରଣୀ ଅନୁଯାୟୀ ଈଶ୍ୱରଙ୍କ ବାକ୍ୟର ଅଧ୍ୟୟନ ପୁନର୍ଜାଗରଣ ଆଣିବାରେ ଏକ ବିଶେଷ ଅଂଶ ଗ୍ରହଣ କରିଛି । ବିଶେଷ ଭାବେ ରାଜା ଯୋଶିୟଙ୍କ (୨ରାଜାବଳୀ ୨୨:୮-୧୧) ଏବଂ ଏଜ୍ରାଙ୍କ (ଏଜ୍ରା ୭:୧୦) କ୍ଷେତ୍ରରେ । ଆମୋଷ ଈଶ୍ୱରଙ୍କ ବାକ୍ୟର ଦୁର୍ଭିକ୍ଷ ବିଷୟରେ ଭାବବାଣୀ ପ୍ରଚାର କରିଥିଲେ (ଆମୋଷ ୮;୧୧, ୧୨) । ହୁଏତ ଆଜି ବି ଆମ ନିକଟରେ ସେ ସମୟ ଉପସ୍ଥିତ ; କାରଣ ଅନେକ ସମୟରେ ପୁଲ୍‌ପିଟ୍‌ରୁ ଆମେ ବେଶି ପରିମାଣରେ ବିଭିନ୍ନ କାହାଣୀ ଓ ଅନୁଭୂତି ଶୁଣୁ, କିନ୍ତୁ ଈଶ୍ୱରଙ୍କ ବାକ୍ୟର ବ୍ୟାଖ୍ୟା ଅଳ୍ପ ପରିମାଣରେ ଶୁଣିଥାଉ ।

ଦୁଗ୍ଧ ନିଶ୍ଚିତ ଭାବେ ଉତ୍ତମ, କିନ୍ତୁ କେତେ କାଳ ନିମନ୍ତେ ?
ଉପଯୁକ୍ତ ଖାଦ୍ୟ ବିନା ପରିପକ୍ୱତା ସମ୍ଭବପର ନୁହେଁ ।
ପାଉଲ ବାକ୍ୟ ପ୍ରଚାର କରିବା ନିମନ୍ତେ ଆଦେଶ ଦେଇଥିଲେ (୨ତୀମଥି ୪:୨-୪); ଏହା ନିତାନ୍ତ ଆବଶ୍ୟକ ।

**ଆଲୋଚନା** – ଉପରୋକ୍ତ ଶାସ୍ତ୍ରାଂଶଗୁଡିକ ପାଠ କରନ୍ତୁ ଓ ଈଶ୍ୱରଙ୍କ ବାକ୍ୟର ମୂଳଦୁଆ ଉପରେ ଆଧାରିତ ପ୍ରଚାରର କାର୍ଯ୍ୟକାରିତା ବିଷୟରେ ଆଲୋଚନା କରନ୍ତୁ ।

## ପାଠ ୨ – ଉଦ୍ଦୀପନା କାହିଁକି ଆବଶ୍ୟକ ?

ଉଦ୍ଦୀପନା ଏକ ଲକ୍ଷ୍ୟ-ଫଳ ନୁହେଁ । ଏହା ଲକ୍ଷ୍ୟ ଫଳ ନିମନ୍ତେ ଏକ ମାଧ୍ୟମ ଏବଂ ଏହି ଲକ୍ଷ୍ୟ-ଫଳ ସୁସମାଚାର କାର୍ଯ୍ୟ ଅଟେ । ଉଦ୍ଦୀପନା ସୁସମାଚରର କାର୍ଯ୍ୟ ନୁହେଁ, କିନ୍ତୁ ଏହା ସୁସମାଚାର କାର୍ଯ୍ୟକୁ ଜନ୍ମ ଦିଏ । ଦାଉଦ ପ୍ରାର୍ଥନା କଲେ, “ତୁମ୍ଭ ପରିତ୍ରାଣର ଆନନ୍ଦ ପୁନର୍ବାର ମୋତେ ଦିଅ**...** ତହିଁରେ**...** ପାପୀମାନେ ତୁମ୍ଭ ପ୍ରତି ଫେରିବେ (ଗୀତସଂହିତା ୫୧:୧୦, ୧୩) । ୱେଲ୍‌ସ୍ ଉଦ୍ଦୀପନା ପାଇଁ Evan Roberts ପ୍ରାର୍ଥନା କରିଥିଲେ, ‘ପ୍ରଭୁ, ମଣ୍ଡଳୀକୁ ନୁଆଇ ଦିଅ ଓ ଜଗତକୁ ଆଶୀର୍ବାଦ କର ।’

ଅତୀତରେ ଅଧିକାଂଶ ଉଦ୍ଦୀପନା ମହାନ୍ ମିଶନାରୀ ଓ ସୁସମାଚାର ପ୍ରଚାର ଅନୁଷ୍ଠାନକୁ ଜନ୍ମ ଦେଇଛି । କିନ୍ତୁ ଏଗୁଡିକ ମଧ୍ୟରୁ କେତେଗୁଡ଼ିଏ ଅତି ଶୀଘ୍ର ଶିଥିଳ ହୋଇ ପଡିଥିଲା

ଏବଂ ଏହି ବିଫଳତାର ଏକ ମୁଖ୍ୟ କାରଣ ହେଉଛି, ଉଦ୍ଦୀପନାର ଆଶୀର୍ବାଦକୁ ଉଦ୍ୟମଶୀଳ ସୁସମାଚାର ପ୍ରଚାର ଓ ଆତ୍ମାଲାଭରେ ପରିବର୍ତ୍ତନ କରିବାରେ ବିଫଳତା । କେବଳ ଉତ୍ତେଜିତ କରିବା ପାଇଁ ଓ ଆରାମ ଅନୁଭବ କରିବା ନିମନ୍ତେ ଈଶ୍ୱର ତାହାଙ୍କ ଲୋକମାନଙ୍କ ଉପରେ ନିଜ ଆତ୍ମା ଢାଳିବାକୁ ଆଗ୍ରହୀ ନୁହଁନ୍ତି । ସେ ଏହି ଜଗତ ବିଷୟରେ ଆଗ୍ରହୀ ।

ଉଦ୍ଦୀପନା ଆସିବାରେ ବିଳମ୍ବର ଏକ କାରଣ ହେଉଛି ଆମର ଉଦ୍ଦୀପନା ଯେ ନିତାନ୍ତ ଆବଶ୍ୟକ, ଏହା ଆମ୍ଭେମାନେ ଜାଣି ନାହୁଁ ।

**ଆଲୋଚନା -** ଆପଣଙ୍କ ମଣ୍ଡଳୀର କେଉଁ ଅବସ୍ଥାଗୁଡିକ ଉଦ୍ଦୀପନାର ଆବଶ୍ୟକ ସୂଚାଏ ? ସମ୍ମିଳିତ ପ୍ରାର୍ଥନା ନିମନ୍ତେ ଏହାକୁ ଏକ ବିଷୟ ରୂପେ ରଖନ୍ତୁ।

## ପାଠ ୩ – ଉଦ୍ଦୀପନା ନିମନ୍ତେ ପ୍ରଚାର

ଆପଣଙ୍କ ଲୋକମାନେ କ'ଣ ଶିଥିଳ ଏବଂ ଈଶ୍ୱରଙ୍କ ବିଷୟରେ ଅନାଗ୍ରହୀ ? ଆପଣଙ୍କର ପଲ ମଧ୍ୟରେ କ'ଣ ଈର୍ଷା, ମତଭେଦ ଓ ମନ୍ଦ କଥାବାର୍ତ୍ତା ପରିଲକ୍ଷିତ ହୁଏ ? ସେମାନେ କ'ଣ ଚୋରି କରିବା, ମିଥ୍ୟା କହିବା - ଏପରି ପାପ କରନ୍ତି ? ସେମାନେ ଦେବ ପୂଜକମାନଙ୍କ ପ୍ରଥା ସମୂହ ଅନୁସରଣ କରନ୍ତି କି ? ସେମାନଙ୍କ ଉଦ୍ଦୀପନାର ଆବଶ୍ୟକତା ଅଛି ।

ଉଦ୍ଦୀପନାର ଅର୍ଥ ଜୀବନକୁ ଫେରିବା ଆସିବା । ସୁସମାଚାର ପ୍ରଚାର ଓ ଉଦ୍ଦୀପନା ମଧ୍ୟରେ ଯଥେଷ୍ଟ ପାର୍ଥକ୍ୟ ଅଛି । ଈଶ୍ୱରଙ୍କ ନିକଟକୁ ଆସିବା ନିମନ୍ତେ ଜଣେ ପାପୀକୁ ସୁସମାଚାରର ଆବଶ୍ୟକତା ରହିଛି । କିନ୍ତୁ ଜଣେ ଉଦ୍ଧାରପ୍ରାପ୍ତ ବ୍ୟକ୍ତି, ଯେ କି ଶିଥିଳ ଓ ସ୍ଖଳିତ, ତାଙ୍କ ପାଇଁ ଉଦ୍ଦୀପନାର ପ୍ରୟୋଜନ ।

କ) **କିପରି ଉଦ୍ଦୀପନା ପାଇ ପାରିବା** – ୨ବଂଶାବଳୀ ୭ : ୧୪ରେ ଚାରୋଟି ସରଳ କ୍ଷୁଦ୍ର ପଦକ୍ଷେପ ଦିଆଯାଇଛି ।

୧. ନିଜକୁ ନମ୍ର କର
୨. ପ୍ରାର୍ଥନା କର
୩. ଈଶ୍ୱରଙ୍କ ମୁଖ ଅନ୍ୱେଷଣ କର
୪. ମନ୍ଦ ପଥରୁ ଫେର

ଖ) **ଉଦ୍ଦୀପନାର ଫଳାଫଳ** –

୧. ଈଶ୍ୱର ତୁମର ପ୍ରାର୍ଥନା ଶୁଣିବେ

୨. ସେ ତୁମର ପାପ କ୍ଷମା କରିବେ

୩. ସେ ତୁମକୁ ସୁସ୍ଥ କରିବେ ଓ ତୁମ ଜୀବନକୁ ଶକ୍ତିଯୁକ୍ତ କରିବେ

**ଆଲୋଚନା** - ଆପଣଙ୍କର ପଲକୁ ଉଦ୍ଦୀପନାର ତୃଷା ବିଷୟରେ କିପରି ଅବଗତ କରାଇବା, ସେ ବିଷୟରେ କେତୋଟି କାର୍ଯ୍ୟକାରୀ ଯୋଜନା ଦର୍ଶାନ୍ତୁ।

## ପାଠ ୪ – ଉଦ୍ଦୀପନା ନିମନ୍ତେ ପ୍ରାର୍ଥନା

ଉଦ୍ଦୀପନା ନିମନ୍ତେ ପ୍ରାର୍ଥନାର ଆବଶ୍ୟକତା ଅତି ଗୁରୁତ୍ୱପୂର୍ଣ୍ଣ । ଏଠାରେ ପ୍ରାର୍ଥନାର ଅର୍ଥ ଉଦ୍ଦୀପନା ନିମନ୍ତେ ଏକ କ୍ଷୁଦ୍ର ବିନତି ନୁହେଁ । ଏହାର ଅର୍ଥ ଆତ୍ମ ସମୀକ୍ଷା ଓ ପାପ ସ୍ୱୀକାର (ପ୍ରକାଶିତ ୨:୨୩) । ଈଶ୍ୱରଙ୍କ ସମ୍ମୁଖରେ ଆମର ଭଗ୍ନ ଶପଥସମୂହ ସ୍ମରଣ କରିବାର ଏକ ସମୟ (ଉପଦେଶକ ୫:୧-୬) ଏବଂ ଅନ୍ୟମାନଙ୍କ ବିରୁଦ୍ଧରେ କରିଥିବା ଭୁଲ୍‌ର ସ୍ୱୀକାରୋକ୍ତି (ମାଥିଉ ୫:୨୩, ୨୪) ।

ପ୍ରାର୍ଥନା ପ୍ରକୃତ ନମ୍ରତା ଓ ବଶତାକୁ ଆଗେଇ ନିଏ, କାରଣ ଈଶ୍ୱରଙ୍କ ଉପସ୍ଥିତିରେ ଆମେ ଆମର ଅସହାୟ ଅବସ୍ଥା ଓ ତାହାଙ୍କର ପବିତ୍ରତା (ଯିଶାଇୟ ୬:୧-୫) ଅନୁଭବ କରୁ । ଏହା ଆମର ନିଃସ୍ୱ ଅବସ୍ଥା ଓ ଈଶ୍ୱରଙ୍କ ବଳ ଓ ଶକ୍ତି ନିମନ୍ତେ ଅନୁରୋଧର ଏକ ପରିପ୍ରକାଶ (ମାଥିଉ ୨୬:୪୧) ।

ଈଶ୍ୱର ଏ ପ୍ରକାର ନୈବେଦ୍ୟରେ ସନ୍ତୁଷ୍ଟ ଏବଂ ତାହାଙ୍କ ଅଗ୍ନି ନିଶ୍ଚିତ ଭାବେ ସେମାନଙ୍କ ଉପରେ ଆସିବ (ଗୀତସଂହିତା ୫୧:୧୭-୧୯) ଯେତେବେଳେ ଏଲୀୟ ଈଶ୍ୱରଙ୍କର ବେଦୀ ପୁନଃନିର୍ମାଣ କଲେ, ଆକାଶ ଉନ୍ମୁକ୍ତ ହେଲା; ଯେତେବେଳେ ଆଦ୍ୟ ମଣ୍ଡଳୀ ପ୍ରାର୍ଥନା କଲା, ସେହି ସ୍ଥାନ କମ୍ପି ଉଠିଲା ।
ଜଗତରେ କାର୍ଯ୍ୟ କରିବା ନିମନ୍ତେ ଆତ୍ମାଙ୍କର ଶକ୍ତିକୁ ପ୍ରାର୍ଥନା ଉନ୍ମୁକ୍ତ କରେ । ଈଶ୍ୱର ତାହାଙ୍କ ଲୋକମାନଙ୍କୁ ଆଣ୍ଠୁ ଉପରେ ପ୍ରସ୍ତୁତ କରାନ୍ତି ଓ ଭାଙ୍ଗନ୍ତି ।

**ଆଲୋଚନା** – ଉପରୋକ୍ତ ପଦଗୁଡିକ ନେଇ ଅନୁଧ୍ୟାନ କରନ୍ତୁ ଓ ପ୍ରତ୍ୟେକ ସମୟରେ ପ୍ରାର୍ଥନାର ପ୍ରଭାବ ଉପରେ ଲକ୍ଷ୍ୟ ରଖନ୍ତୁ ।

## ପାଠ ୫ – ପ୍ରେମ, ଏକ ଦ୍ୱିବିଧ ସେବାକାର୍ଯ୍ୟ

ସ୍ୱର୍ଗାରୋହଣ ପୂର୍ବରୁ ଯୀଶୁ ପିତରଙ୍କୁ କେତେଗୁଡିଏ ଅନୁସନ୍ଧାନକାରୀ ପ୍ରଶ୍ନ ପଚାରିଥିଲେ । "ତୁମେ କ'ଣ ମୋତେ ପ୍ରେମ କରୁଅଛ ?" (ଯୋହନ ୨୧:୧୫-୧୭) । ଜଣେ ଖ୍ରୀଷ୍ଟିୟ ସେବକ ନିମନ୍ତେ ପ୍ରେମ ମୂଳଦୁଆ ତଥା କୋଣର ପ୍ରଧାନ ପ୍ରସ୍ତର ଅଟେ ।

ଯେତେବେଳେ ଯୀଶୁ ତାଙ୍କୁ ପ୍ରଥମେ ଆହ୍ୱାନ କରିଥିଲେ, ତାହା ମନୁଷ୍ୟ ଧରିବା ପାଇଁ (ମାଥିଉ ୪:୧୯) । ବର୍ତ୍ତମାନ ସେ ତାଙ୍କୁ ମନୁଷ୍ୟ ପାଳନ କରିବା ନିମନ୍ତେ ଆଦେଶ ଦିଅନ୍ତି (ଯୋହନ ୨୧:୧୫-୧୭) ଉଭୟ ଆତ୍ମା ଲାଭ କରିବା ନିମନ୍ତେ ଓ ପାଳନ କରିବା ନିମନ୍ତେ ପ୍ରେମ ଆବଶ୍ୟକ । ଏକ ପ୍ରକାର ପ୍ରେମ ହଜି ଯାଇଥିବା ବ୍ୟକ୍ତିମାନଙ୍କ ପାଇଁ ଓ ଅନ୍ୟ ପ୍ରକାର ପ୍ରେମ ଖୋଜି ପାଇଥିବା ବ୍ୟକ୍ତିମାନଙ୍କ ପାଇଁ । ଆତ୍ମା ଲାଭ କରିବା ଓ ଆତ୍ମିକ ଜୀବନରେ ବୃଦ୍ଧି କରାଇବା ଆବଶ୍ୟକ ।

**ଆଲୋଚନା –** ହଜିଯାଇଥିବା ଆତ୍ମା ଗୁଡିକ ନିମନ୍ତେ ଓ ଖୋଜି ପାଇଥିବା ଆତ୍ମାମାନଙ୍କ ନିମନ୍ତେ ଆପଣଙ୍କର ପ୍ରେମ ପ୍ରଦର୍ଶନ କରିବାର କେତେଗୁଡିଏ କାର୍ଯ୍ୟକାରୀ ପ୍ରଣାଳୀ କ'ଣ ?

## ପାଠ ୬ - ପ୍ରକାଶ୍ୟ ସେବାକାର୍ଯ୍ୟ

ପାଳକର ସବୁଠାରୁ ବଡ ସୁଯୋଗ ଦଣ୍ଡାୟମାନ ହୋଇ ସୁସମାଚାର ପ୍ରଚାର କରିବା ଅଟେ । ଏଥିନିମନ୍ତେ ଉଭୟ ଅଧ୍ୟୟନ ଓ ଅନୁଭୂତି ଆବଶ୍ୟକ ଏବଂ ପାପୀମାନଙ୍କର ମନ ପରିବର୍ତ୍ତନ ଓ ବିଶ୍ୱାସୀମାନଙ୍କୁ ଶକ୍ତିଯୁକ୍ତ କରିବାରେ ଫଳପ୍ରଦ ହେବା ନିମନ୍ତେ ଈଶ୍ୱରଙ୍କ ଆଶୀର୍ବାଦ ଆବଶ୍ୟକ ।
ସେ ଈଶ୍ୱରଙ୍କ ସମସ୍ତ ସଂକଳ୍ପ, ଅର୍ଥାତ୍ ସୁସମାଚାର ପ୍ରଚାର, ବାଇବଲ ତତ୍ତ୍ୱ, ଶିକ୍ଷା, ସଂଶୋଧନ, ପରାମର୍ଶ ଓ ଚେତାବନୀ ଇତ୍ୟାଦି ବିଷୟ ଶିକ୍ଷା ଦେବାକୁ ସ୍ମରଣରେ ରଖିବା ଉଚିତ । (ପ୍ରେରିତ ୨୦:୨୬) ।

ସେ ପ୍ରକାଶ୍ୟ ଭାବରେ ପ୍ରାର୍ଥନା କରିବା ଶିଖିବା ଆବଶ୍ୟକ ଏବଂ ଏହି ବିଷୟ କେବଳ ଗୁପ୍ତ ସ୍ଥାନରେ ଅଧିକ ବ୍ୟକ୍ତିଗତ ପ୍ରାର୍ଥନା ଦ୍ୱାରା ଶିକ୍ଷା କରାଯାଇପାରିବ । ପାଳକୀୟ ପ୍ରାର୍ଥନାରେ ସେ ମଣ୍ଡଳୀକୁ ଈଶ୍ୱରଙ୍କ ଉପସ୍ଥିତି ମଧ୍ୟକୁ ଉପାସନାର ଏକ ଉନ୍ନତ ପରିବେଶ ମଧ୍ୟ ଦେଇ ଘେନିଯାଆନ୍ତି ।

ସେ ଧର୍ମଶାସ୍ତ୍ର ସ୍ୱଷ୍ଟ ଭାବରେ, ଭକ୍ତି ଭାବରେ ଓ ସୂକ୍ଷ୍ମ ଭାବରେ ପାଠ କରିବାକୁ ଶିଖିବା ଆବଶ୍ୟକ, ଯଦ୍ଦ୍ୱାରା ସମସ୍ତେ ତାହା ବୁଝିପାରିବେ ( ନିହିମିୟା ୮ :୮ )।

ସେ 'ଈଶ୍ୱରଙ୍କ ମଣ୍ଡଳୀକୁ ଭୋଜନ' କରାଇବା ନିମନ୍ତେ ଆଦେଶ ପ୍ରାପ୍ତ (ପ୍ରେରିତ ୨୦:୨୮) ।ଶ୍ରୋତାମାନଙ୍କର ବ୍ୟକ୍ତିଗତ ଆବଶ୍ୟକତା ଉପଯୋଗୀ ବାଇବଲ ପାଠ ଓ ଉପଦେଶ ପ୍ରଚ୍ଚର କରିବା ଦ୍ୱାରା ଏହା ସମ୍ଭବପର ।

ସେ ତାଙ୍କ ପଲକୁ ସମସ୍ତ ପ୍ରକାର ଭ୍ରାନ୍ତ ଶିକ୍ଷକମାନଙ୍କ ଠାରୁ ରକ୍ଷା କରିବା ଆବଶ୍ୟକ (ପ୍ରେରିତ ୨୦:୨୯, ୩୦) ଏବଂ ତାଙ୍କ ପଲର ଦୀନହୀନମାନଙ୍କ ନିମନ୍ତେ ଯତ୍ନ ନେବା ତାହାଙ୍କର ଦାୟିତ୍ୱ (ପ୍ରେରିତ ୧୧:୨୯, ୩୦) ।
ହଜି ଯାଇଥିବା ବ୍ୟକ୍ତିମାନଙ୍କୁ ରକ୍ଷା କରିବା ପାଇଂ ଓ ସୁସମାଚ୍ଚର ପହଞ୍ଚ୍ ନ ଥିବା ସ୍ଥାନଗୁଡିକରେ ସୁସମାଚ୍ଚର ପହଞ୍ଚାଇବା ପାଇଁ ତାହାଙ୍କର ପଲକୁ ଆଗେଇ ନେଇ ଯିବାର ସୁଯୋଗ ତାହାଙ୍କର ଅଛି ।

ଉପାସନାରେ ଶେଷରେ ଲୋକମାନଙ୍କୁ ଈଶ୍ୱରଙ୍କ ଆଶୀର୍ବାଦ ବ୍ୟକ୍ତ କରିବାର ଦାୟିତ୍ୱ ମଧ୍ୟ ତାହାଙ୍କର ଅଛି (ଗଣନା ୬:୨୩-୨୬; ପ୍ରକାଶିତ ୧:୪, ୫)।

୨କରିନ୍ଥୀୟ ୨:୧୬ର ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ "ଆଉ ଏହି ସମସ୍ତ ନିମନ୍ତେ କିଏ ସମର୍ଥ ?" ର ଏକ ବିଜୟଯୁକ୍ତ ଉତ୍ତର ୨କରିନ୍ଥୀୟ ୩:୫ରେ ଦିଆଯାଇଛି - "ଆମ୍ଭମାନଙ୍କର ସାମର୍ଥ୍ୟ ଈଶ୍ୱରଙ୍କ ଠାରୁ ।"

**ଆଲୋଚନା** – ଉପରୋକ୍ତ ତାଲିକାରୁ କେଉଁ ଦାୟିତ୍ୱ ସବୁଠାରୁ କଠିନ ? କେଉଁଟିକୁ ଆପଣ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମନେ କରନ୍ତି ?

## ପାଠ ୭ - ଆପଣଙ୍କ ସେବାକାର୍ଯ୍ୟରେ ଭାରସାମ୍ୟ ରକ୍ଷା କରନ୍ତୁ

ଆମେ ଉଭୟ ପ୍ରଚ୍ଚର କ୍ଷେତ୍ରରେ ଓ ପ୍ରୟୋଗ କ୍ଷେତ୍ରରେ ଅତ୍ୟଧିକତା ଏଡାଇବା ଆବଶ୍ୟକ ।ନଚେତ୍ ଆମେ ଆତ୍ମିକ ପାଗଳ ହୋଇଯାଇପାରୁ ।ଈଶ୍ୱରଙ୍କ ପ୍ରେମ ବିଷୟରେ ଓ ତାହାଙ୍କର ପବିତ୍ରତା, ଯାହାକି ପାପ ସହ୍ୟ କରିପାରେ ନାହିଁ, ସ୍ୱର୍ଗ ଓ ନର୍କ ବିଷୟରେ, ଈଶ୍ୱରଙ୍କ ସହ ସହଭାଗୀତାର ଜୀବନ ବିଷୟରେ, ଈଶ୍ୱରଙ୍କ ସେବା କରିବା ନିମନ୍ତେ କାର୍ଯ୍ୟକାରୀଙ୍କ ବିଷୟରେ ପ୍ରଚ୍ଚର କରନ୍ତୁ ।ପାଉଲ କହିଥିଲେ, "ମୁଁ ଈଶ୍ୱରଙ୍କ ସମସ୍ତ ସଂକଳ୍ପ ତୁମ୍ଭମାନଙ୍କୁ ଜଣାଇବାକୁ ସଂକୁଚିତ ହୋଇ ନ ଥିଲି ।"

ଆପଣ ଯେଉଁ ସମସ୍ତ ବିଷୟରେ ଉପଦେଶ ଦିଅନ୍ତି, ତାହାର ଏକ ତାଲିକା ପ୍ରସ୍ତୁତ କରି ରଖନ୍ତୁ ଏବଂ ଅନେକ ମାସ ପୂର୍ବରୁ ଏକ ଉପଦେଶର ସୂଚୀ ପ୍ରସ୍ତୁତ କରିବା ଆପଣଙ୍କ ନିମନ୍ତେ ବିଶେଷ ସହାୟକ ହେବ । ଆପଣଙ୍କ ମନ ଓ ହୃଦୟ ବିଭିନ୍ନ ତଥ୍ୟ ଲାଭ କରିପାରିବ ଓ ଶକ୍ତିଯୁକ୍ତ ହୋଇପାରିବ ଏବଂ ଆପଣ ଈଶ୍ୱରଙ୍କ ପରାମର୍ଶକୁ ବିଭିନ୍ନ ସତ୍ୟକୁ ଦେବା ସମୟରେ ଜାଗ୍ରତ ହୋଇପାରିବେ ।
କାର୍ଯ୍ୟ - ଆଗାମୀ ତିନି ମାସ ପାଇଁ ଏକ ଉପଦେଶ ସୂଚୀ ପ୍ରସ୍ତୁତ କରନ୍ତୁ ।

## ପାଠ ୮ – ସାମୟିକ (ନିୟମିତ) ମୂଲ୍ୟାଙ୍କନ

ପ୍ରତ୍ୟେକ ମାସରେ ଅନ୍ତତଃ ଗୋଟିଏ ଦିନ ଓ ବର୍ଷ ମଧ୍ୟରେ ଅନ୍ତତଃ ଥରେ ବା ଦୁଇଥର ଆତ୍ମ ପରୀକ୍ଷା ମୂଲ୍ୟାଙ୍କନରେ ନିୟୋଜିତ କରିବା ଉତ୍ତମ । ଆପଣଙ୍କର ଲକ୍ଷ୍ୟ ବିଷୟରେ ଆପଣ ଅବଗତ ଅଛନ୍ତି କି ? ଆପଣ କ'ଣ କିଛି ଫଳ ଲକ୍ଷ୍ୟ କରୁଛନ୍ତି କି ? ସଫଳତା ଓ ଆଶୀର୍ବାଦ ଅବଶିଷ୍ଟ କାର୍ଯ୍ୟ ନିମନ୍ତେ ଆମ୍ଭମାନଙ୍କର ଚକ୍ଷୁକୁ ଅନ୍ଧ କରିଦେଇପାରେ ଓ ଅପ୍ରତ୍ୟାଶିତ ବିପତ୍ତି କାର୍ଯ୍ୟର ଉନ୍ନତି ବିଷୟ ଆମ ମନରୁ ହରଣ କରି ନେଇପାରେ । ଅତଏବ, ଏକ ସ୍ଥାନରେ ସ୍ଥଗିତ ରହି ଏହି ସେବାକାର୍ଯ୍ୟର ଗତିପଥକୁ ନିରୀକ୍ଷଣ କରିବା ମୂଲ୍ୟାଙ୍କନ କରିବାରେ ସହାୟକ ହୋଇଥାଏ । ଭୁଲ୍ ସଂଶୋଧନ କରିବା ପାଇଁ ସୁଯୋଗ ମିଳିଥାଏ । ଏପରିକି ଶିଷ୍ୟ ଯୋହନ ମଧ୍ୟ ଦୁଇଥର ଦୂତଙ୍କର ଆରାଧନା କରିବାକୁ ଉଦ୍ୟମ କରିଥିଲେ ଓ ସଂଶୋଧିତ ହୋଇଥିଲେ (ପ୍ରକାଶିତ ୧୯:୧୦; ୨୨:୮,୯) ।

ଯୀଶୁ କହିଲେ 'ପୃଥକ୍ ହୁଅ' ।

**ଆଲୋଚନା -** ଆପଣଙ୍କର ସେବା କାର୍ଯ୍ୟର ଆରମ୍ଭରେ କେଉଁ ଲକ୍ଷ୍ୟଗୁଡିକ ହାସଲ କରିବା ପାଇଁ ଆପଣ ଉଦ୍ୟମ କରିବେ ?

## ପାଠ ୯ - ପରାମର୍ଶର ସେବାକାର୍ଯ୍ୟ

ପାଳକ ଲୋକମାନଙ୍କ ସହିତ ବ୍ୟକ୍ତିଗତ ଭାବେ ପରିତ୍ରାଣ ଓ ସେମାନଙ୍କ ବ୍ୟକ୍ତିଗତ ସମାସ୍ୟା ବିଷୟରେ ଆଲୋଚନା କରିବା ନିମନ୍ତେ ସକ୍ଷମ ହେବା ଆବଶ୍ୟକ । ସମୟ ସମୟରେ ସେ ସେମାନଙ୍କର ସାକ୍ଷ୍ୟରେ ପ୍ରଭେଦ ଦର୍ଶାଇବା ଆବଶ୍ୟକ (ମାଥିଉ ୧୮:୧୫-୧୭)।

ସେ ଶୋକସନ୍ତପ୍ତ ଦୁଃଖଭୋଗୀମାନଙ୍କୁ ସାନ୍ତ୍ୱନା ଦେବାକୁ ଶିକ୍ଷା କରିବା ଆବଶ୍ୟକ । ସେ ତାଙ୍କ ଲୋକମାନଙ୍କର ବ୍ୟକ୍ତିଗତ ଜୀବନ ମଧ୍ୟକୁ ପ୍ରବେଶ କରି ପରିବାରର ଏକ ଅଂଶ ସ୍ୱରୂପ ହେବା ଆବଶ୍ୟକ – (ରୋମୀୟ ୧୨:୧୫) ।

ଏ ବିଷୟରେ ସେ ସର୍ବଦା ସ୍ମରଣରେ ରଖିବା ଆବଶ୍ୟକ ଯେ, ସେ ଏହି ପୃଥିବୀରେ ପ୍ରଭୁଯୀଶୁଙ୍କର ଏକ ବିଶେଷ ପ୍ରତିନିଧି ।

**ଆଲୋଚନା -** ଆପଣଙ୍କ ଗ୍ରାମରେ କେଉଁ ସାଧାରଣ ଘଟନାଗୁଡ଼ିକ ଖ୍ରୀଷ୍ଟିୟ ସାହାଯ୍ୟ ଓ ପରାମର୍ଶ ନିମନ୍ତେ ଉତ୍ତମ ସୁଯୋଗ ଦେଇଥାଏ ?

## ପାଠ ୧୦ – ସହଭାଗୀତାକୁ ଉତ୍ସାହିତ କରିବା

ଖ୍ରୀଷ୍ଟ ଏବଂ ଖ୍ରୀଷ୍ଟଙ୍କର ପରିବାର ମଧ୍ୟରେ ଏକ ଘନିଷ୍ଠ ପାରିବାରିକ ସମ୍ପର୍କ ଉପରେ ସହଭାଗୀତା ଆଧାରିତ । ଖ୍ରୀଷ୍ଟିୟାନମାନେ ଏକତ୍ର ହେବା, ଏକତ୍ର ଆଲୋଚନା କରିବା, ଏକତ୍ର ପ୍ରାର୍ଥନା କରିବା, ଏକତ୍ର ଗୀତ ଗାଇବା, ଏକତ୍ର ହସିବା, ଏକତ୍ର କ୍ରନ୍ଦନ କରିବା, କେବଳ ଏକତ୍ର ହେବା ଆବଶ୍ୟକ ( ୧ଯୋହନ ୧ :୭ ; ୧ :୩) ।

**କ) ସହଭାଗୀତାର ଉଦ୍ଦେଶ୍ୟ**

୧. ଉଭୟ କାର୍ଯ୍ୟ ଓ ଭୋଜନ ସମୟରେ ପରସ୍ପରକୁ ଶକ୍ତିଯୁକ୍ତ କରିବା ନିମନ୍ତେ ପୁରୁଷମାନେ ଏକତ୍ର ଭୋଜନ କରିବା ସକାଶେ ଆହ୍ୱାନ କରାଯିବା ଆବଶ୍ୟକ । ସ୍ତ୍ରୀମାନେ ଏକ ସହଭାଗୀତାର ସନ୍ଧ୍ୟା ନିମନ୍ତେ, ଯୁବାମାନେ କ୍ରୀଡା ନିମନ୍ତେ - ଏବଂ ଏସମସ୍ତ ଈଶ୍ୱରଙ୍କ ବାକ୍ୟ-କୈନ୍ଦ୍ରିକ ହେବା ଆବଶ୍ୟକ, ତଦ୍ଦ୍ୱାରା ଖ୍ରୀଷ୍ଟିୟାନ ଶକ୍ତିଯୁକ୍ତ ହେବେ ଓ ଅନ୍ୟ ଲୋକମାନେ ଆକୃଷ୍ଟ ହେବେ ।

୨. ଜୀବନର କଠିନ ସ୍ଥାନଗୁଡିକରେ ପରସ୍ପରକୁ ଉତ୍ସାହିତ କରିବା ନିମନ୍ତେ, ଯେତେବେଳେ କୌଣସି ହୃଦୟ ବେଦନାରେ ପରିପୂର୍ଣ୍ଣ ଆମେ ତାହା ଲାଘବ କରିପାରିବା ।

୩. ସମସ୍ତଙ୍କର ଉପକାର ନିମନ୍ତେ ଆମର ଅନୁଭୂତି ବର୍ଣ୍ଣନା କରିବା; ହୁଏତ ଆମର ସାକ୍ଷ୍ୟ ଜଣେ ବ୍ୟକ୍ତିକୁ ସମାନ ପ୍ରକାର ଭୁଲ୍ କରିବାକୁ ନିବୃତ୍ତ କରିପାରେ ।

୪. ପ୍ରାର୍ଥନାର ଉତ୍ତରର ଆନନ୍ଦର ସହଭାଗୀ କରିବା – ଗୀତ ୫୦:୧୫ ଏହା ନିଶ୍ଚୟ ଅନ୍ୟମାନଙ୍କୁ ପ୍ରାର୍ଥନା କରିବା ପାଇଁ ଉତ୍ସାହିତ କରିବ ।

୫. ଯେଉଁମାନେ କ୍ରନ୍ଦନ କରନ୍ତି, ସେମାନଙ୍କ ସହ କ୍ରନ୍ଦନ କରିବା ନିମନ୍ତେ - ରୋମୀୟ ୧୨ :୧୫ ଯେଉଁମାନେ ଶୋକସନ୍ତପ୍ତ ସେମାନଙ୍କ ଲୁହରେ, ଦୁଃଖରେ, ଯନ୍ତ୍ରଣାରେ ସହଭାଗୀ ହେବା ଆବଶ୍ୟକ ।

୬. ବିଶ୍ୱାସ ହରାଇଥିବା ଲୋକମାନଙ୍କୁ ଈଶ୍ୱରଙ୍କ ନିକଟକୁ ଆସିବା ପାଇଁ ଉତ୍ସାହ ପ୍ରଦାନ କରିବା ନିମନ୍ତେ ।

**ଖ) ଖ୍ରୀଷ୍ଟିୟ ସହଭାଗିତାର ଫଳାଫଳ**

୧. ଆମେ ଆଲୋକରେ ଗମନ କରିବାକୁ ଶିକ୍ଷା କରୁ - ୧ ଯୋହନ ୧:୭
୨. ଆମେ ଏକତ୍ର ଦୁଃଖଭୋଗ କରିବାକୁ ଶିକ୍ଷା କରୁ -ଫିଲିପ୍ପୀୟ ୩:୧୦
୩. ଆମେ ଏକତ୍ର ସେବା କରିବାକୁ ଶିକ୍ଷା କରୁ - କଲସୀୟ ୪:୭
୪. ଆମେ ପରସ୍ପରକୁ ସାନ୍ତ୍ୱନା ଦେବାକୁ ଶିକ୍ଷା କରୁ - ୧ଥେସଲନିକୀୟ ୪:୧୮
୫. ଆମେ ପରସ୍ପର ନିମନ୍ତେ ପ୍ରାର୍ଥନା କରିବାକୁ ଶିକ୍ଷା କରୁ - ୧ଥେସଲନିକୀୟ ୫:୨୫
୬. ଆମେ ପରସ୍ପରର ଭାର ବହନ କରିବାକୁ ଶିକ୍ଷା କରୁ - ଗାଲାତୀୟ ୬:୨
୭. ଆମେ ଆନନ୍ଦପୂର୍ଣ୍ଣ ବ୍ୟକ୍ତିମାନଙ୍କ ସହ ଆନନ୍ଦ କରିବାକୁ ଶିକ୍ଷା କରୁ - ରୋମୀୟ ୧୨:୧୨
ଆନନ୍ଦ ସଂକ୍ରାମକ ଅଟେ
୮. ଆମେ ପ୍ରଭୁଙ୍କ ନିମନ୍ତେ ବୃଦ୍ଧି ପାଉ ଓ ଜାଜ୍ଜ୍ୱଲ୍ୟମାନ ହେଉ - ୨ପିତର ୩:୧୮

**ଆଲୋଚନା** - ଆପଣଙ୍କ ମଣ୍ଡଳୀ ନିମନ୍ତେ କେଉଁ ପ୍ରକାର ସାମାଜିକ ସହଭାଗିତ ସହାୟକ ହେବ ?

## ପାଠ ୧୧ – ସୁସମାଗ୍ରମୂଳକ ପ୍ରଗ୍ରର

ଈଶ୍ୱରଙ୍କ ମନୁଷ୍ୟ ନିମନ୍ତେ ଉପଦେଶରେ ବ୍ୟବହାର ସକାଶେ ବିଷୟବସ୍ତୁର କଳ୍ପନା ନାହିଁ। କିନ୍ତୁ ଏହି ସମସ୍ତ ବିଷୟରେ ଭାରସାମ୍ୟ ରକ୍ଷା କରିବା ନିମନ୍ତେ ସେ ସାବଧାନ ହେବା ଉଚିତ । ପରିତ୍ରାଣ ବିଷୟରେ ଉପଦେଶର ଆବଶ୍ୟକତା ନାହିଁ ବୋଲି ମନେ କରି ସମସ୍ତ ଧ୍ୟାନ ସାଧୁମାନଙ୍କ ଉନ୍ନତି ନିମନ୍ତେ ଦିଆଯିବା ଏବଂ ନୂତନ ସାଧୁ ଗଠନରେ ହେଳା କରାଯିବା ବିପଜ୍ଜନକ ।

ଏହା ସତ୍ୟ ଯେ, ଅନେକ ସମୟରେ ସ୍ଥାନୀୟ ମଣ୍ଡଳୀର ସଭ୍ୟ ସଭ୍ୟାମାନେ ପ୍ରକୃତ ମଣ୍ଡଳୀ, ଅର୍ଥାତ୍ ଖ୍ରୀଷ୍ଟଙ୍କ ଶରୀରର ଅଂଶୀ ହୋଇ ନ ଥାନ୍ତି । କିନ୍ତୁ ମନେ ରଖିବାକୁ ହେବ ଯେ, ପରିତ୍ରାଣ ହେଉଛି ବାସ୍ତବ ଏବଂ ଏହା ବିନା ମନୁଷ୍ୟ ଅନନ୍ତ ମୃତ୍ୟୁର ସମ୍ମୁଖୀନ । ଅପରିବର୍ତ୍ତିତ ସଭ୍ୟ ସଭ୍ୟାମାନଙ୍କୁ ନେଇ ଗଠିତ ମଣ୍ଡଳୀରେ କୌଣସି ଜୀବନ, ଶିକ୍ଷା ଓ ରୂପାନ୍ତରଣକାରୀ ଶକ୍ତି ନ ଥାଏ ।

ଯିହିଜିକଲ ବର୍ଣ୍ଣିତ ପ୍ରହରୀ ଯେ ସାବଧାନ ହେବାରେ ବିଫଳ ହୋଇଥିଲେ, ମଣ୍ଡଳୀର ନେତା ସେ ବିଷୟରେ ସ୍ମରଣରେ ରଖିବା ଆବଶ୍ୟକ (ଯିହିଜିକଲ ୩୩:୬) ।

**କାର୍ଯ୍ୟଭାର –** ସୁସମାଚାରମୂଳକ ଉପଦେଶ ନିମନ୍ତେ ଉପଯୋଗୀ କେତେଗୁଡ଼ିଏ ଶାସ୍ତ୍ରାଂଶ ଓ ପ୍ରସଙ୍ଗର ଏକ ତାଲିକା ପ୍ରସ୍ତୁତ କରନ୍ତୁ ।

## ପାଠ ୧୨ - ପରିତ୍ରାଣର ନିଶ୍ଚୟତା

ଆପଣଙ୍କ ପଲରେ ଯଦି କେହି ସନ୍ଦେହ କରନ୍ତି ଯେ, ସେ କ'ଣ ପ୍ରକୃତରେ ପରିତ୍ରାଣ ପ୍ରାପ୍ତ, ତେବେ ଆପଣ କ'ଣ କରିବେ ?

ଜଣେ ବିଶ୍ୱାସୀ ଅନ୍ୟମାନଙ୍କୁ ଆତ୍ମିକ ଭାବରେ ସାହାଯ୍ୟ କରିବା ନିମନ୍ତେ ପରିତ୍ରାଣର ନିଶ୍ଚୟତା ନିତାନ୍ତ ଆବଶ୍ୟକ । ଆମ୍ଭେମାନେ ପରିତ୍ରାଣପ୍ରାପ୍ତ ବୋଲି ସମ୍ପୂର୍ଣ୍ଣ ଭାବରେ ଭରସାଯୁକ୍ତ ହେବା ଓ ଯଦି ହଠାତ୍ ଆମର ମୃତ୍ୟୁ ହୁଏ, ତେବେ ଆମେ ତତ୍କ୍ଷଣାତ୍ ସ୍ୱର୍ଗକୁ ଯିବା ହେଉଛି ସେହି ନିଶ୍ଚୟତା – ଯୋହନ ୧୦:୨୮, ୨୯

**କ) ପରିତ୍ରାଣ ନିଶ୍ଚୟତାର ମୂଳଭିତ୍ତି –**

୧. ପବିତ୍ରଆତ୍ମାଙ୍କର ସାକ୍ଷ୍ୟ : ରୋମୀୟ ୮:୧୬; ଗାଲାତୀୟ ୪:୬

୨. ଈଶ୍ୱରଙ୍କ ବାକ୍ୟ – ୧ଯୋହନ ୫:୧୦, ୧୩; ଯୋହନ ୫:୨୪; ରୋମୀୟ ୧୦:୧୩ ଶୟତାନକୁ "ଈଶ୍ୱରଙ୍କ ବାକ୍ୟ କହେ, ଯଦି ମୁଁ ଯୀଶୁ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରେ, ତେବେ ମୁଁ ଅନନ୍ତ ଜୀବନ ପାଇଛି । ଏହି ଦିନ ......................................... (ତାରିଖ ଦିଅନ୍ତୁ) ମୁଁ ଯୀଶୁଙ୍କ ଠାରେ ବିଶ୍ୱାସ କଲି, ଆଉ ମୁଁ ଅନନ୍ତ ଜୀବନର ଅଧିକାରୀ ହୋଇଅଛି । ମୁଁ ଉଦ୍ଧାର ପାଇଅଛି । ମୋର ସମସ୍ତ ପାପ କ୍ଷମା ହୋଇଅଛି । ମୁଁ ସ୍ୱର୍ଗୀୟ ପଥରେ ଯାତ୍ରା କରୁଅଛି ।

୩. ପରିବର୍ତ୍ତିତ ଜୀବନ - ୧ଯୋହନ ୩:୧୪; ୨କରିନ୍ଥୀୟ ୫:୧୭

**ଖ) ପରିତ୍ରାଣର ନିଶ୍ଚୟତା ବୋଧ ନିମନ୍ତେ ପ୍ରତିବନ୍ଧକ (ବାଧା)**

୧. ଈଶ୍ୱରଙ୍କ ବାକ୍ୟରେ ଭରସା ସ୍ଥାପନ କରିବାରେ ଅକ୍ଷମତା

୨. ଜାଗତିକତା

୩. ପବିତ୍ରଆତ୍ମାଙ୍କର ପରିପୂର୍ଣ୍ଣତାର ଅଭାବ – ଯୋହନ ୭:୩୭-୩୯

୪. ପାପ ଓ ସ୍ଖଳନ - ୧ଯୋହନ ୧:୯

**ସାବଧାନ** - ଲୋକମାନେ ପରିତ୍ରାଣପ୍ରାପ୍ତ ବୋଲି ସେମାନଙ୍କୁ ପ୍ରବର୍ତ୍ତାଇବା ସମୟରେ ସାବଧାନ ହୁଅନ୍ତୁ । ଏହା ପବିତ୍ରଆତ୍ମଙ୍କ କାର୍ଯ୍ୟ ଯେ କି ହୃଦୟ ଅନୁସନ୍ଧାନ କରନ୍ତି ।

**କାର୍ଯ୍ୟଭାର** – ଶିକ୍ଷାର୍ଥୀମାନେ ଦୁଇ ଦୁଇ ଜଣ ହୋଇ ଭାଗ ହୋଇ ଯାଆନ୍ତୁ ଓ ପରସ୍ପର ସହ କଥାବାର୍ତ୍ତା କରନ୍ତୁ । ସେମାନଙ୍କ ମଧ୍ୟରୁ ଜଣେ ଅନଶ୍ଚିତ ବିଶ୍ୱାସୀର ଭୂମିକା ଗ୍ରହଣ କରିବା ସମୟରେ ଅନ୍ୟ ଜଣକ ତାଙ୍କୁ ଈଶ୍ୱରଙ୍କ ବାକ୍ୟର ଭରସା ଓ ଆଶ୍ୱାସନା ଦିଅନ୍ତୁ ।

## ପାଠ ୧୩ - ନୂତନ ବିଶ୍ୱାସୀମାନଙ୍କୁ ଶିଷ୍ୟ କରିବା

ଜଣେ ନୂତନ ବିଶ୍ୱାସୀ ଖ୍ରୀଷ୍ଟଙ୍କଠାରେ ଜଣେ ଶିଶୁ ସ୍ୱରୂପ । ଏହି ଜଗତରେ ଏକ ଛୋଟ ଶିଶୁ ପରି ତାହାର ସ୍ନେହଁପୂର୍ଣ୍ଣ ଯତ୍ନ ନିହାତି ଆବଶ୍ୟକ । ଜଣେ ନୂତନ ବିଶ୍ୱାସୀର ଜୀବନରେ ପ୍ରଥମ ସପ୍ତାହ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ତା'ର ହୃଦୟରେ ସନ୍ଦେହର ବୀଜ ବୁଣିବା ପାଇଁ ଏହି ସମୟରେ ଶୟତାନ ବିଭିନ୍ନ ପ୍ରକାର ଉଦ୍ୟମ କରିବ । ଅତଏବ, ତାଙ୍କୁ ପ୍ରତିଦିନ ପରିବର୍ତ୍ତନ କରନ୍ତୁ ଓ ତାଙ୍କ ସହ ଏକତ୍ର ବାଇବଲ ପାଠ ଓ ପ୍ରାର୍ଥନା କରନ୍ତୁ ।

ତାଙ୍କର ନୂତନ ଆବିଷ୍କୃତ ବିଶ୍ୱାସ ବିଷୟରେ ସାକ୍ଷ୍ୟ ଦେବା ନିମନ୍ତେ ସୁଯୋଗ ପ୍ରସ୍ତୁତ କରନ୍ତୁ, ଏହା ତାଙ୍କୁ ବଳିଷ୍ଠ କରିଦିଏ ଓ ଅପରିବର୍ତ୍ତିତ ବନ୍ଧୁମାନଙ୍କ ନିମନ୍ତେ ଏକ ପ୍ରଭାବଶାଳୀ ସାକ୍ଷ୍ୟ ହେବ ।

ନିଶ୍ଚିତ ଭାବରେ ଆପଣଙ୍କ ସଂପ୍ରଦାୟରେ ନୂତନ ବିଶ୍ୱାସୀକୁ ବାପ୍ତିସ୍ମ ନିମନ୍ତେ ପ୍ରସ୍ତୁତ କରିବା ପାଇଁ ଏକ ଶିକ୍ଷା କାର୍ଯ୍ୟକ୍ରମ ଥିବ । ଏହି ବ୍ୟକ୍ତି ତାଙ୍କର ବିଶ୍ୱାସ ସ୍ୱୀକାର କରିବା କ୍ଷଣି ସେହି ଶିକ୍ଷା ଆରମ୍ଭ କରି ଦିଅନ୍ତୁ ।

ଏହି ନୂତନ ଖ୍ରୀଷ୍ଟିୟାନ ଗଭୀର ଭାବରେ ଈଶ୍ୱରଙ୍କ ବାକ୍ୟ ଦ୍ୱାରା ଶକ୍ତିଯୁକ୍ତ ହେବା ଆବଶ୍ୟକ – କାରଣ ଏହି ବାକ୍ୟ ଅମିଶ୍ରିତ ଦୁଗ୍ଧ ତୁଲ୍ୟ ତାହାକୁ ବୃଦ୍ଧି ପାଇବାରେ ସାହାଯ୍ୟ କରିବ ( ୧ପିତର ୨ : ୨ ) । ସେ ବାଇବଲ ଅଧ୍ୟୟନର ଜଣେ ସଭ୍ୟ ହେବା ଆବଶ୍ୟକ । ଏହି ସ୍ଥାନରେ ଜଣେ ବଡଭାଇ/ସାନଭାଇ ବା ଭଉଣୀଙ୍କ ନିମନ୍ତେ ଏକ ବଡ ସୁଯୋଗ, ଏହି ନୂତନ ବିଶ୍ୱାସୀଙ୍କୁ ଯତ୍ନର ସହିତ ଜଣେ ପରିପକ୍ୱ ଖ୍ରୀଷ୍ଟିୟାନ ଦାୟିତ୍ୱରେ ରଖନ୍ତୁ, ଯେ କି ପ୍ରାର୍ଥନାର ସହ ତାଙ୍କୁ ଈଶ୍ୱରଙ୍କ ପ୍ରେମର ଗଭୀରତା ମଧ୍ୟକୁ କଢାଇ ନେବେ ।

**ଆଲୋଚନା** - ଆପଣ କିପରି ଆପଣଙ୍କ ମଣ୍ଡଳୀର ଯୁବା ଖ୍ରୀଷ୍ଟିୟାନମାନଙ୍କୁ ଉତ୍ସାହିତ କରିବେ ?

ଆପଣ କିପରି ବଡ/ସାନ ଭାଇ ଇତ୍ୟାଦିଙ୍କୁ ନୂତନ ବିଶ୍ୱାସୀଙ୍କ ଦାୟିତ୍ୱ ନେବା ପାଇଁ ମନୋନୀତ କରିବେ ?

## ପାଠ ୧୪ – କାହିଁକି ସାକ୍ଷ୍ୟ ଦେବା ଆବଶ୍ୟକ

ଶାସ୍ତ୍ରାଂଶ ମାଥିଉ ୧୦:୩୨, ୩୩; ରୋମୀୟ ୧୦:୯

**କ) ପ୍ରକାଶ୍ୟ ଭାବେ ଖ୍ରୀଷ୍ଟଙ୍କୁ ସ୍ୱୀକାର କରିବାର ଆବଶ୍ୟକତା –**

୧. ଏହା ଖ୍ରୀଷ୍ଟଙ୍କର ଆଦେଶ ଅଟେ – ମାଥିଉ ୧୦:୩୨-୩୩

୨. ଏହା ଆମ ଜୀବନରେ ସାହାଯ୍ୟ ଓ ଶକ୍ତିର ଉତ୍ସ, ଜଣେ ସାକ୍ଷ୍ୟପ୍ରଦାନକାରୀ ଖ୍ରୀଷ୍ଟିୟାନ ଜୀବନରେ ସହଜରେ ସ୍ଖଳନ ଆସେ ନାହିଁ ।

୩. ଏହା ଅନେକ ସମାସ୍ୟା ସମାଧାନ କରେ, ଅନ୍ୟମାନେ ଆପଣଙ୍କର ସ୍ଥିତି ଜାଣନ୍ତି ଏବଂ ସୁସ୍ପଷ୍ଟ ସ୍ଥିତି ନିମନ୍ତେ ସମ୍ମାନ ଦିଅନ୍ତି । ଜଗତ ଦୁର୍ବଳ, ଭୀରୁ ଓ ସୁପ୍ତ ଖ୍ରୀଷ୍ଟିୟାନମାନଙ୍କୁ ଘୃଣା କରେ । ଜାଗତିକ ସ୍ଥାନଗୁଡିକରୁ ମଧ୍ୟ ପ୍ରଲୋଭନ ସ୍ଥଗିତ ହୁଏ ।

୪. ଖ୍ରୀଷ୍ଟ ଆପଣଙ୍କ ନିମନ୍ତେ ଯାହା କରିଛନ୍ତି, ତାହା ପ୍ରକାଶ କରିବା ନିମନ୍ତେ ।

**ଖ) ଖ୍ରୀଷ୍ଟଙ୍କୁ ସ୍ୱୀକାର କରିବାର ପ୍ରଣାଳୀ**

୧. ମଣ୍ଡଳୀ ଉପାସନା, ପ୍ରାର୍ଥନା ସଭା, ସାକ୍ଷ୍ୟଦାନ ସଭା ଇତ୍ୟାଦିରେ ପ୍ରକାଶ୍ୟଭାବେ।

୨. ବ୍ୟକ୍ତିଗତ ଭାବେ, ବନ୍ଧୁ ପରିଜନ ଓ ପ୍ରତିବାସୀମାନଙ୍କ ସହିତ ଦୈନିକ ଆଳାପ ସମୟରେ, ଏହା ସମ୍ଭବତଃ ସବୁଠାରୁ କଷ୍ଟକର, ତଥାପି ଅତି ଆବଶ୍ୟକ ପ୍ରଣାଳୀ।

୩. ପ୍ରକାଶ୍ୟଭାବେ ବାପ୍ତିସ୍ମ ସମୟରେ ଓ ଉତ୍ତମ ମଣ୍ଡଳୀରେ ଯୋଗ ଦେବା ସମୟରେ ।

୪. ବାରମ୍ବାର ପ୍ରକାଶ୍ୟ ସ୍ୱୀକାରୋକ୍ତି କରାଯିବା ଆବଶ୍ୟକ - ଯିରିମିୟ ୨୦:୯

**ଦ୍ରଷ୍ଟବ୍ୟ :-** ଯେଉଁ ଖ୍ରୀଷ୍ଟିୟାନ ଜୀବନ ସାକ୍ଷ୍ୟପ୍ରଦାନକାରୀ ନୁହେଁ ତାହା କ୍ଷୁଧିତ ହେବା ଓ ମୃତ୍ୟୁର ସମ୍ମୁଖୀନ ହେବ ।

**ଆଲୋଚନା** - ଆପଣଙ୍କର ପରିଚିତ ବ୍ୟକ୍ତିମାନଙ୍କ ମଧ୍ୟରୁ କିଏ ଜଣେ ପ୍ରଭାବଶାଳୀ ସାକ୍ଷ୍ୟପ୍ରଦାନକାରୀ ? ଅନ୍ୟମାନଙ୍କୁ ସାକ୍ଷ୍ୟ ପ୍ରଦାନ ଆରମ୍ଭ କରିବା ନିମନ୍ତେ କିପରି ଉତ୍ସାହିତ କରିବ ?

## ପାଠ ୧୫ - ଆତ୍ମାଲାଭକାରୀମାନଙ୍କ କାର୍ଯ୍ୟ ଆରମ୍ଭ

ଈଶ୍ୱର ବର୍ତ୍ତମାନ ମଧ୍ୟ ଆହ୍ୱାନ କରନ୍ତି "ମୁଁ କାହାକୁ ପଠାଇବି ଓ କିଏ ଆମ୍ଭମାନଙ୍କ ନିମନ୍ତେ ଯିବ ?" (ଯିଶାଇୟ ୬:୮) । ଏହି ବିଳାପ ଆଜି ମଧ୍ୟ ସତ୍ୟ" । କ୍ଷେତ୍ରରେ କାର୍ଯ୍ୟକାରୀ ଅଳ୍ପ ସଂଖ୍ୟକ (ଲୂକ ୧୦:୨) । ମଣ୍ଡଳୀ ଏପ୍ରକାର ଲୋକଙ୍କ ସଂଖ୍ୟାରେ ପରିପୂର୍ଣ୍ଣ ଯେଉଁମାନେ କି ଅନ୍ୟମାନଙ୍କୁ ପ୍ରେରଣ କରିବା ନିମନ୍ତେ ଚାହାନ୍ତି, କିନ୍ତୁ ଦୁଃଖର ବିଷୟ ବ୍ୟକ୍ତିଗତ ଆତ୍ମାଲାଭକାରୀମାନଙ୍କ ସଂଖ୍ୟା କ୍ରମଶଃ ହ୍ରାସ ପାଇବାରେ ଲାଗିଛି ।
ଏ ବିଷୟରେ ଆପଣ କ'ଣ କରିପାରିବେ ? ଏ ପ୍ରକାର ଅବସ୍ଥା ପରିବର୍ତ୍ତନ କରିବା ନିମନ୍ତେ ଆପଣ ପାରୁ ପର୍ଯ୍ୟନ୍ତ ଉଦ୍ୟମ କରିବେ, ପ୍ରତ୍ୟେକଟି ଖ୍ରୀଷ୍ଟିୟାନ ଜଣେ ଆତ୍ମା ଲାଭକାରୀ ନ ହେବା ପର୍ଯ୍ୟନ୍ତ ଆମ ଦେଶରେ ସୁସମାଚାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିବ ନାହିଁ । ଆପଣ ଚାରୋଟି ନିର୍ଦ୍ଦିଷ୍ଟ ବିଷୟ କରି ପାରିବେ ।

୧. ଆଦର୍ଶ ଦ୍ୱାରା ଅଗେଇ ନେଇପାରିବେ
୨. ଆତ୍ମାଲାଭର ତାତ୍ପର୍ଯ୍ୟ ଉପରେ ଏକାଦି କ୍ରମେ କେତେଗୁଡ଼ିଏ ଉପଦେଶ ଦେଇ ପାରିବେ ।
୩. ଏକ ଆତ୍ମା ଲାଭ ତାଲିମ୍ ଶ୍ରେଣୀର ବ୍ୟବସ୍ଥା କରି ପାଠ୍ୟକ୍ରମ ଆରମ୍ଭ କରନ୍ତୁ ।
୪. ଆତ୍ମା ଲାଭ ବିଷୟରେ ଏକ ପାଠ୍ୟ ପୁସ୍ତକ ବା ରଚନା ଇତ୍ୟାଦି ଖୋଜନ୍ତୁ ଓ ପାଇବା ପରେ ଆପଣଙ୍କ ଲୋକମାନଙ୍କୁ ବ୍ୟବହାର କରିବାକୁ ଦିଅନ୍ତୁ । ଯଦି ଆପଣଙ୍କର ସମର୍ଥକମାନଙ୍କୁ ଆପଣ ରାସ୍ତାଘାଟ ଅର୍ଥାତ୍ ଯେଉଁଠାରେ ପାପୀମାନେ ଅଛନ୍ତି, ସେଠାକୁ ପ୍ରେରଣ କରିବାରେ ଅବହେଳା କରନ୍ତି ଓ ପ୍ରତ୍ୟେକ ଜଣଙ୍କୁ ଜଣେ ଜଣେ ଆତ୍ମାଲାଭକାରୀ ଭାବରେ ପରିବର୍ତ୍ତିତ ନ କରନ୍ତି, ତେବେ ଆପଣ ଆପଣଙ୍କ ଆହ୍ୱାନର ଯୋଗ୍ୟ ଉତ୍ତର ଦେଇପାରି ନାହାନ୍ତି ।

**କାର୍ଯ୍ୟଭାର**- ଆମେ କିପରି ଲୋକମାନଙ୍କୁ ଆଦର୍ଶ ଦ୍ୱାରା ଉତ୍ତମ ସାକ୍ଷୀ ହେବା ନିମନ୍ତେ ଶିକ୍ଷା ଦେବା ? ତିନୋଟି ନିର୍ଦ୍ଦିଷ୍ଟ ଚିନ୍ତାଧାରା ପ୍ରସ୍ତୁତ କରନ୍ତୁ ।

## ପାଠ ୧୬ - ଆତ୍ମା ଲାଭର କାରଣ

ପ୍ରତ୍ୟେକ ପୁନର୍ଜାତ ଖ୍ରୀଷ୍ଟିୟାନ ଆତ୍ମାଲାଭ କରିବା ନିମନ୍ତେ ଆହୂତ, କିନ୍ତୁ ଅଳ୍ପ କେତେକ ପ୍ରଚାରକ ହେବା ନିମନ୍ତେ ଆହୂତ । ଆପଣ ଆପଣଙ୍କର ଲୋକମାନଙ୍କୁ ଆତ୍ମା ଲାଭର ଆନନ୍ଦ

ମଧ୍ୟକୁ ଟାଣି ନେବା ନିତାନ୍ତ ଆବଶ୍ୟକ । "ଆତ୍ମାଲାଭ ଏକ ନିର୍ଦ୍ଦିଷ୍ଟ ସମୟରେ ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ତ୍ରାଣକର୍ତ୍ତାଙ୍କୁ ଗ୍ରହଣ କରିବା ନିମନ୍ତେ ଏକ ନିର୍ଦ୍ଦିଷ୍ଟ ଉଦ୍ୟମ ।"

**କ) ଜଣେ ଆତ୍ମାଲାଭକାରୀ ହେବାର କାରଣ –**

୧. ଏକ ଆତ୍ମାର ମୂଲ୍ୟ – ମାର୍କ ୮ :୩୫-୩୮
୨. ନରକରୁ ରକ୍ଷା ପାଇବା ପାଇଁ
୩. ପ୍ରତ୍ୟେକ ପାପୀ ନିମନ୍ତେ କ୍ରୁଶ ଉପରେ ଖ୍ରୀଷ୍ଟଙ୍କ ଦୁଃଖଭୋଗ
୪. ଏହି ଜଗତର ଶୂନ୍ୟତା ଓ ମୂର୍ଖତା
୫. ସ୍ୱର୍ଗରେ ପରିବାରବର୍ଗ ଏକତ୍ର ହେବାର ଇଛା
୬. ସ୍ୱର୍ଗର ଗୌରବ
୭. ବିଶ୍ୱସ୍ତ ଆତ୍ମାଲାଭକାରୀଗଣଙ୍କୁ ଦିଆଯାଉଥିବା ବ୍ୟକ୍ତିଗତ ପୁରସ୍କାର ସମୂହ।

**ଖ) ବ୍ୟକ୍ତିଗତ କାର୍ଯ୍ୟକାରୀଙ୍କର ଆବଶ୍ୟକତା**

୧. ସେ ନିଜେ ଉଦ୍ଧାରପ୍ରାପ୍ତ ହୋଇଥିବା ପରିତ୍ରାଣ ବିଷୟରେ ନିଶ୍ଚିତ ଥିବା ଆବଶ୍ୟକ
୨. ସେ ଏକ ବିଶୁଦ୍ଧ ଜୀବନଯାପନ କରିବା ଆବଶ୍ୟକ
୩. ସେ ପ୍ରେମର ସହ କାର୍ଯ୍ୟ କରିବା ଆବଶ୍ୟକ
୪. ତାଙ୍କର ବାଇବଲ ବିଷୟରେ ଯଥେଷ୍ଟ ଜ୍ଞାନ ଥିବା ଆବଶ୍ୟକ ଓ ବ୍ୟବହାର କରି ଜାଣିଥିବା ଆବଶ୍ୟକ
୫. ସେ ପ୍ରାର୍ଥନାର ମନୁଷ୍ୟ ହୋଇଥିବା ଆବଶ୍ୟକ
୬. ସେ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ହୋଇଥିବା ଆବଶ୍ୟକ
୭. ହଜିଯାଇଥିବା ଆତ୍ମାଗୁଡିକ ନିମନ୍ତେ ସେ ସମ୍ବେଦନଶୀଳ ହେବା ଆବଶ୍ୟକ।

**ଆଲୋଚନା** – ଉପରୋକ୍ତ ତାଲିକାରୁ ପ୍ରତ୍ୟେକଟି ଆବଶ୍ୟକତା କାହିଁକି ଗୁରୁତ୍ୱପୂର୍ଣ୍ଣ ?

## ପାଠ ୧୭ – କିପରି ସାକ୍ଷ୍ୟ ପ୍ରଦାନ କରାଯିବ ?

**କ) କିପରି ସାକ୍ଷ୍ୟ ପ୍ରଦାନ କରାଯିବ ?**

୧. ଖ୍ରୀଷ୍ଟଙ୍କ ନିମନ୍ତେ ସାକ୍ଷ୍ୟଦାନକାରୀ ନିଜେ ପରିତ୍ରାଣ ପ୍ରାପ୍ତ ହୋଇଥିବା ଆବଶ୍ୟକ।

୨. ଆପଣଙ୍କ ଜୀବନର ପରିବର୍ତ୍ତନର ସରଳ ବିଷୟଗୁଡିକ କୁହନ୍ତୁ ।
୩. ଆପଣ ପାଇଥିବା ଉତ୍ତର ସମ୍ପର୍କରେ କୁହନ୍ତୁ । ଗୀତ ୫୦:୧୫
୪. ଖ୍ରୀଷ୍ଟ କିପରି ଆପଣଙ୍କର ସମ୍ପୂର୍ଣ୍ଣ ସନ୍ତୋଷର କାରଣ କୁହନ୍ତୁ ।
୫. ବ୍ୟକ୍ତିଗତ ପାପ ଓ ପରୀକ୍ଷା ଉପରେ ଆପଣଙ୍କର ବ୍ୟକ୍ତିଗତ ବିଜୟ ବିଷୟ କୁହନ୍ତୁ ।
୬. ଆପଣଙ୍କର ପ୍ରିୟ ବାଇବଲ ପଦ କୁହନ୍ତୁ ଏବଂ ଈଶ୍ୱର ଆପଣଙ୍କୁ କିପରି ଆଜି ପ୍ରଭାତରେ ଧର୍ମଶାସ୍ତ୍ରର ଏକ ନିର୍ଦ୍ଦିଷ୍ଟ ଅଂଶ ଦ୍ୱାରା କଥା କହିଲେ ସେ ବିଷୟରେ କୁହନ୍ତୁ ।
୭. ଆପଣଙ୍କର ବନ୍ଧୁମାନଙ୍କୁ ଖ୍ରୀଷ୍ଟଙ୍କର ସୁସମାଚାର ଦିଅନ୍ତୁ! ତାହାଙ୍କ ବିଷୟରେ ସେମାନଙ୍କୁ କୁହନ୍ତୁ ।

**ଖ) ଖ୍ରୀଷ୍ଟଙ୍କୁ ସ୍ୱୀକାର କରିବାରେ ପ୍ରତିବନ୍ଧକ –**

୧. ମନୁଷ୍ୟର ଭୟ – ୨ତିମଥି ୧:୭
୨. ଲଜ୍ଜା – ୨ତିମଥି ୧:୮
୩. ଅପବିତ୍ର ଜୀବନ - ୧ଯୋହନ ୧:୯

**ବି.ଦ୍ର :-** ଯିହିଜିକଲ ୩୩:୮ ପାଠ କରି ସାକ୍ଷ୍ୟ ନ ଦେବାର ବିପଦ ବିଷୟ ଆବିଷ୍କାର କରନ୍ତୁ ।

**କାର୍ଯ୍ୟଭାର** - ଆପଣଙ୍କ ପରିବର୍ତ୍ତନର ଉପରେ ମୂଳଭିତ୍ତି କରି ଏକ ସାକ୍ଷ୍ୟ ପ୍ରସ୍ତୁତ କରନ୍ତୁ ଏବଂ ଏହା ଆପଣଙ୍କ ଜୀବନରେ ଆଣିଥିବା ପରିବର୍ତ୍ତନର ଏକ ବିବରଣୀ ଦିଅନ୍ତୁ ।

## ପାଠ ୧୮ – ସାକ୍ଷ୍ୟଦାନ ନିମନ୍ତେ ଯୋଜନା

"ଚାରୋଟି ଆତ୍ମିକ ନିୟମ" ସବୁଠାରୁ ଅଧିକ ବ୍ୟବହୃତ ମାଧ୍ୟମ ଓ ବିଶେଷ ଫଳପ୍ରଦ । ପିଲାମାନଙ୍କ ମଧ୍ୟରେ "Wordless book" (ଶବ୍ଦ ବିହୀନ ପୁସ୍ତକ)ର କଳା, ଲାଲ, ଧଳା, ସୁନେଲି ଓ ସବୁଜ ରଙ୍ଗର ପୃଷ୍ଠା ମାଧ୍ୟମରେ ଏକ ସୁନ୍ଦର ସେବାକାର୍ଯ୍ୟ ହୁଏ ।

ଶିଶୁମାନଙ୍କ ନିକଟରେ ହାତ ଆଙ୍ଗୁଠିରେ ବ୍ୟବହାର ଦ୍ୱାରା ମଧ୍ୟ ପରିତ୍ରାଣର ଯୋଜନା ଉପସ୍ଥାପିତ କରାଯାଇଥାଇପାରେ । କୌଣସି ବହି ବା ଉପକରଣର ଆବଶ୍ୟକତା ନାହିଁ। ପ୍ରଥମ ଆଙ୍ଗୁଠି – ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି – ଯୋହନ ୩:୧୬

ଦ୍ୱିତୀୟ ଆଙ୍ଗୁଠି – ସମସ୍ତେ ପାପ କରିଅଛନ୍ତି – ରୋମୀୟ ୩:୨୩
ତୃତୀୟ ଆଙ୍ଗୁଠି – ଖ୍ରୀଷ୍ଟ ଆପଣଙ୍କର ପାପର ମୂଲ୍ୟ ସ୍ୱରୂପେ ମୃତ୍ୟୁବରଣ କରିଅଛନ୍ତି – ୧କରିନ୍ଥୀୟ ୧୫:୩
ଚତୁର୍ଥ ଆଙ୍ଗୁଠି – ଖ୍ରୀଷ୍ଟ ଆପଣଙ୍କର ପାପର ମୂଲ୍ୟ ସ୍ୱରୂପେ ମୃତ୍ୟୁବରଣ କରିଅଛନ୍ତି ବୋଲି ବିଶ୍ୱାସ କରନ୍ତୁ – ଯୋହନ ୧:୧୨
ପଞ୍ଚମ ଆଙ୍ଗୁଠି – ଯେତେବେଳେ ଆପଣ ବିଶ୍ୱାସ କରିବେ, ସେହି ମୁହୂର୍ତ୍ତରେ ଅନନ୍ତ ଜୀବନର ଅଧିକାରୀ ହେବେ – ରୋମୀୟ ୬:୨୩
ଅନ୍ୟମାନେ ରୋମୀୟ ରାସ୍ତା ବ୍ୟବହାର କରିବା ନିମନ୍ତେ ପସନ୍ଦ କରି ପାରନ୍ତି । ଧର୍ମଶାସ୍ତ୍ରର ଅଂଶଗୁଡିକ ଦେଖାଇ ସେମାନଙ୍କୁ ବୁଝାଇ ଦିଅନ୍ତୁ ।
ମନୁଷ୍ୟର ଆବଶ୍ୟକତା – ରୋମୀୟ ୩:୨୩
ପାପର ଦଣ୍ଡ – ରୋମୀୟ ୬:୨୩
ଈଶ୍ୱରଙ୍କ ଯୋଜନା ବା ବ୍ୟବସ୍ଥା – ରୋମୀୟ ୫:୮
ମନୁଷ୍ୟର ପ୍ରତ୍ୟୁତ୍ତର – ରୋମୀୟ ୧୦:୯

**ଚିହ୍ନ ଦିଆଯାଇଥିବା ନୂତନ ନିୟମ** ସବୁଠାରୁ ଉତ୍ତମ ପ୍ରଣାଳୀ ଯଦ୍ୱାରା ଆପଣ ଅନ୍ୟ ଜଣଙ୍କୁ ଆପଣଙ୍କ ସହିତ ପରିତ୍ରାଣ ବିଷୟରେ ମନୋନୀତ ଶାସ୍ତ୍ରାଂଶ ପାଠ କରାଇ ପାରନ୍ତି । କାରଣ ଆପଣଙ୍କ ବାଇବଲ ପଦଗୁଡିକର ପ୍ରସ୍ତୁତି ଦେଖିବା ଦ୍ୱାରା ଅପର ବ୍ୟକ୍ତି ପ୍ରଭାବିତ ହୋଇ ପାରନ୍ତି (ରୋମୀୟ ୩:୨୩) । ଯେଉଁ ପୃଷ୍ଠାରେ ଲେଖାଯାଇଛି, ସେଠାରେ ଏକ ଚିହ୍ନ ସହ ୧ ନମ୍ବର ଲେଖି ରଖନ୍ତୁ । ଏକ ବିଶେଷ କଲମ ଦ୍ୱାରା ଏହି ପର୍ବ ଚିହ୍ନିତ କରାଯାଇପାରେ । ତେଣୁ ଏହି ଶାସ୍ତ୍ରାଂଶଗୁଡିକ ସହଜରେ ଦେଖାଯାଏ । ଏହା ପାର୍ଶ୍ୱରେ ୨ୟ ବିଷୟ ପାଇଁ ପୃଷ୍ଠା ଲେଖନ୍ତୁ ଓ ରୋମୀୟ ୬:୨୩ରେ ପୃଷ୍ଠା ସଂଖ୍ୟା ଲେଖନ୍ତୁ । ଏହି ପ୍ରକାର ଭାବରେ ପରବର୍ତ୍ତୀ ଶାସ୍ତ୍ରାଂଶଗୁଡିକ ଯୋହନ ୧:୧୨; ୧ଯୋହନ ୧:୯; ପ୍ରକାଶିତ ୩:୨୦; ୧ଯୋହନ ୫:୧୦-୧୩ ବୁଝାଇ ଲେଖନ୍ତୁ ।

**କାର୍ଯ୍ୟଭାର –** କେଉଁ ଯୋଜନା ଅନୁଯାୟୀ ଶିକ୍ଷା ଦେବେ ତାହା ସ୍ଥିର କରନ୍ତୁ । ଏହି ଶାସ୍ତ୍ରାଂଶଗୁଡିକ ଶ୍ରେଣୀରେ ଅଭ୍ୟାସ କରାନ୍ତୁ । ସେମାନଙ୍କୁ ଜଣେ ଅନୁସନ୍ଧାନକାରୀ ଓ ଜଣେ ଆତ୍ମାଲାଭକାରୀର ଭୂମିକା ଅଭିନୟ କରିବାକୁ ଦିଅନ୍ତୁ । ପରେ ପୁଣି ଏହି ଭୂମିକା ବଦଳାଇ ଦିଅନ୍ତୁ । ଯେପରି ପ୍ରତ୍ୟେକଟି ଆଲୋଚନା ଏକ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତର ସହ ପାପକ୍ଷମା ନିମନ୍ତେ ପ୍ରାର୍ଥନାର ସହ ଶେଷ ହେବ, ସେଥି ପ୍ରତି ଧ୍ୟାନ ଦିଅନ୍ତୁ ।

# ପାଠ ୧ ୯ - ଦାନ ବିଷୟରେ ଶିକ୍ଷା

ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଦାନ ଦେବା, ଆପଣଙ୍କର ଲୋକମାନଙ୍କ ନିମନ୍ତେ ଏକ କଠିନ ବୋଝ ସ୍ୱରୂପ ହୋଇପାରେ । ନିମ୍ନ ଲିଖିତ ଚିନ୍ତାଧାରା ସେମାନଙ୍କ ହୃଦୟରେ ରୋପଣ କରନ୍ତୁ, ଯଦ୍ଦ୍ୱାରା ଏହା ସେମାନଙ୍କ ନିମନ୍ତେ ଆନନ୍ଦଦାୟକ ହୋଇପାରେ ।

**କ) ଆମ୍ଭେମାନେ ଈଶ୍ୱରଙ୍କୁ କିପରି ଦାନ ଦେବା ?**

୧. ଶୃଙ୍ଖଳିତ ଭାବେ – ୧କରିନ୍ଥୀୟ ୧୬:୨ – "ସପ୍ତାହର ପ୍ରଥମ ଦିନ", ବର୍ଷର ପ୍ରତ୍ୟେକଟି ସପ୍ତାହରେ ଆମକୁ ଦାନ ଦେବାକୁ ହେବ । ଆପଣ ଦେବାର କାର୍ଯ୍ୟ ନିୟମିତ ଭାବେ କରନ୍ତୁ, ଈଶ୍ୱର ଆପଣଙ୍କର ବିଶ୍ୱସ୍ତତାକୁ ଆଶୀର୍ବାଦ ଦେବେ ।

୨. ବ୍ୟକ୍ତିଗତ ଭାବେ – ୧କରିନ୍ଥୀୟ ୧୬:୨ – "ତୁମ୍ଭମାନଙ୍କ ପ୍ରତ୍ୟେକ ଜଣ" ଏହା କେବଳ ପରିବାରର ମୁଖ୍ୟଙ୍କ ନିମନ୍ତେ ଉଦ୍ଧିଷ୍ଟ ନୁହେଁ । କିନ୍ତୁ ସନ୍ତାନମାନେ ଏଥିରେ ଅନ୍ତର୍ଭୁକ୍ତ । ଧନୀ ଓ ଗରୀବ ପ୍ରତ୍ୟେକଙ୍କ ନିମନ୍ତେ ଏହା ପ୍ରଯୁଜ୍ୟ ।

୩. ଆନୁପାତିକଭାବେ – "ଯେପରି ଈଶ୍ୱର ଦେଇଅଛନ୍ତି । ଆମ୍ଭମାନଙ୍କୁ ଦଶମାଂଶ ସହ ଦାନ ଦେବାକୁ ହେବ । ଯେଉଁମାନେ ଈଶ୍ୱରଙ୍କୁ ଦିଅନ୍ତି, ଈଶ୍ୱର ସେମାନଙ୍କୁ ପ୍ରଚୁର ଭାବେ ଦିଅନ୍ତି ।"

୪. ଆନନ୍ଦରେ – ୨କରିନ୍ଥୀୟ ୯:୬ ବିରକ୍ତିଭାବେ ନୁହେଁ ।

୫. ସ୍ୱେଚ୍ଛାକୃତ ଭାବରେ – ୨କରିନ୍ଥୀୟ ୮:୨ ସେମାନେ ଦୀନ ଅବସ୍ଥାରେ ଦାନ ଦେଲେ । ବିଧବାର ଦୁଇଟି ମୁଦ୍ରା, ଅର୍ଥାତ୍ ତାହାର ସର୍ବସ୍ୱ ଦେଇଥିଲା । ଆମ୍ଭେମାନେ କେତେ ଦାନ କରୁଅଛୁ, ଈଶ୍ୱର ତାହା ଦେଖନ୍ତି ନାହିଁ । କିନ୍ତୁ ଆମ୍ଭେମାନେ କେତେ ପରିମାଣ ଅବଶିଷ୍ଟ ରଖୁଛୁ, ତଦ୍ଦ୍ୱାରା ମୁକ୍ତ ହୃଦୟରେ ଦାନକାରୀ ଈଶ୍ୱରଙ୍କ ଆଶୀର୍ବାଦ ଲାଭ କରେ – ପ୍ରେରିତ ୨୦:୩୫; ମାଥିଉ ୬:୨୦; ମଲାଖି ୩:୧୦ ।

ଆଉ ଏକ ବିଷୟ! ଆପଣ ଯଦି ଜଣେ ମୁକ୍ତ ହୃଦୟର ଦାତା ନୁହଁନ୍ତି, ତେବେ ଆପଣଙ୍କର ଲୋକମାନେ ଦଶମାଂଶ ନାହିଁ ।

**ଆଲୋଚନା -** ଦାନ ସଂଗ୍ରହ କରିବାରେ ଆପଣଙ୍କ ମଣ୍ଡଳୀ କ'ଣ ଧର୍ମଶାସ୍ତ୍ରରେ ଦତ୍ତ ପ୍ରଣାଳୀ ଅବଲମ୍ବନ କରେ ? କେଉଁ ବିଷୟରେ ଉନ୍ନତି ଆବଶ୍ୟକ ?

# ପାଠ ୨୦ – କିପରି ଉତ୍ସାହ ଦେବା

ପାପର ଆକ୍ରମଣରୁ ଶୁଚି ହେବା ନିମନ୍ତେ ଈଶ୍ୱର ଅନୁଗ୍ରହରେ ଏକ ଉପାୟ ଦେଇଅଛନ୍ତି । ଯେତେବେଳେ ଆମେ ସ୍ୱୀକାର କରୁ ୧ଯୋହନ ୧:୯, ସେ ପରିଷ୍କାର କରନ୍ତି, କିନ୍ତୁ ଯଦି ପାପ ସ୍ୱୀକାର କରା ନ ଯାଏ, ତେବେ କଠିନତାର ଭୟ ଦେଖାଯାଏ । ଏବ୍ରୀ ୩:୧୩ରେ ଲେଖାଯାଏ, "କିନ୍ତୁ କାଳେ ପାପର ପ୍ରବଞ୍ଚନା ଦ୍ୱାରା ତୁମ୍ଭମାନଙ୍କ ମଧ୍ୟରୁ କେହି କଠିନମନା ହୁଏ । ଏଥି ନିମନ୍ତେ ଆଜି ସୁଯୋଗ ଥାଉ ଥାଉ ପ୍ରତିଦିନ ପରସ୍ପରରକୁ ଉତ୍ସାହ ଦିଅ", ସହଭାଗୀତା ନିମନ୍ତେ ଉତ୍ସାହ ପ୍ରଦାନ କରିବା ଦ୍ୱାରା ପାପକୁ ଦୂରେଇ ରଖିବା ନିହାତି ଆବଶ୍ୟକ।

ଯେତେବେଳେ ନେତା ଜଣେ ଭାଇଙ୍କ ମଧ୍ୟରେ କୌଣସି ଦୁର୍ବଳତା ଲକ୍ଷ୍ୟ କରନ୍ତି, ସେ ସମବେଦନା ପରିପୂର୍ଣ୍ଣ ହେବା ଏବଂ ଭାଇଙ୍କୁ ପରାମର୍ଶ ଦେବାରେ ପଛଘୁଞ୍ଚା ନ ଦେବା ଆବଶ୍ୟକ । ସେ କିପରି ଭାବେ ଏହା କରିବେ ?

୧. ଏକ ମୃଦୁତାର ଆତ୍ମା ଆବଶ୍ୟକ (Gentle Spirit) – ରୋମୀୟ ୧୨:୧୦; ଏଫିସୀୟ ୪:୨
୨. ଆମେ ନମ୍ରତାର ସହ ବାର୍ତ୍ତାଳାପ କରିବା ଆବଶ୍ୟକ – ରୋମୀୟ ୧୨:୧୦; ଏଫିସୀୟ ୪:୨
୩. ଆମେ ଈଶ୍ୱରଙ୍କ ବାକ୍ୟ ବ୍ୟବହାର କରିବା ଆବଶ୍ୟକ – ୨ତୀମଥି ୩:୧୬-୪:୨ ; କଲସୀୟ ୩:୧୫
୪. ଏହା ଆତ୍ମାଙ୍କର ଚାଳନା ଅନୁଯାୟୀ ହେବା ଆବଶ୍ୟକ – ଏଫିସୀୟ ୫:୧୮-୧୯
୫. ଶାସ୍ତ୍ରାନୁଯାୟୀ ଗୋପନରେ ସଂଶୋଧନ କରିବା ଆବଶ୍ୟକ – ମାଥିଉ ୧୮:୧୫

ତିନି ବର୍ଷ ପର୍ଯ୍ୟନ୍ତ ପାଉଲ ପ୍ରତ୍ୟେକ ଦିବାରାତ୍ର କ୍ରନ୍ଦନର ସହ ଚେତନା ଦେଇଥିଲେ ପ୍ରେରିତ ୨୦:୩୧

**ଆଲୋଚନା** – କୋଣସି ବ୍ୟକ୍ତିକୁ କଠିନଭାବେ ପରାମର୍ଶ ଦେବାର ଫଳାଫଳ କ'ଣ ? ବିଶେଷ କରି ପ୍ରକାଶ୍ୟ ଭାବେ ? ଆପଣ କିପରି ଏହାର ପ୍ରତିରୋଧ କରି ପାରିବେ ?

## ପାଠ ୨୧ - ପଲ ମଧ୍ୟରେ ପାପ ପ୍ରତି କିପ୍ରକାର ବ୍ୟବହାର କରାଯିବ

**କ) ବାଇବଲ ଅନୁମୋଦନ ପ୍ରଣାଳୀ – ମାଥିଉ ୧୮ : ୧୫-୧୭**

୧. ଭୁଲ୍ କରିଥିବା ବ୍ୟକ୍ତିଙ୍କୁ ବ୍ୟକ୍ତିଗତ ଭାବେ ଅନୁତାପ କରିବା ନିମନ୍ତେ ପ୍ରବର୍ତ୍ତାନ୍ତୁ।

୨. ଯଦି ସେ ପ୍ରତିରୋଧ କରନ୍ତି, ତେବେ ଦୁଇ ବା ତିନିଜଣ ବ୍ୟକ୍ତିଙ୍କୁ ସାକ୍ଷୀ ସ୍ୱରୂପେ ସଙ୍ଗରେ ନିଅନ୍ତୁ ।

୩. ତଥାପି ସେ ଯଦି ଅନ୍ତର କଠିନ କରନ୍ତି, ମଣ୍ଡଳୀକୁ ଏ ବିଷୟରେ ଜଣାଇ ଦିଅନ୍ତୁ।

୪. ଏ ସମସ୍ତ ସତ୍ତ୍ୱେ ଯଦି ସେ ପ୍ରତିରୋଧ କରନ୍ତି, ତେବେ ସେ ଜଣେ ବିଜାତୀୟ ପାପୀରୂପ ବିବେଚିତ ହେବେ ।

**ଖ) ଶୃଙ୍ଖଳାର / ଶାସନର କାରଣ :**

୧. ଭ୍ରାନ୍ତମତବାଦ ତତ୍ତ୍ୱ – ତିତସ ୧ : ୧୩ ।ସମୟ ସମୟରେ କୌଣସି କୌଣସି ସ୍ଥାନର ଭ୍ରାନ୍ତ ଶିକ୍ଷା ବିଶ୍ୱାସୀମାନଙ୍କୁ ପ୍ରତାରିତ କରେ । ଏ ନିମନ୍ତେ ଜାଗ୍ରତ ହେବା ଆବଶ୍ୟକ ।

୨. ଉନ୍ମୁକ୍ତ ପାପ - ୧ତିମଥି ୫:୨୦

୩. ବ୍ୟଭିଚାର – ୧କରିନ୍ଥୀୟ ୫ : ୧-୫

**ଗ) ପାପରେ ପଡିଯାଇଥିବା ଜଣେ ଭାଇଙ୍କୁ କିପରି ସଂଶୋଧନ କରାଯିବ ?**

୧. ବିନୟତାର ସହ – ୧କରିନ୍ଥୀୟ ୧୦:୧୨

୨. ବିଶ୍ୱସ୍ତତାର ସହ – ମାଥିଉ ୭ :୩-୫

୩. ପ୍ରେମର ସହ – ୧କରିନ୍ଥୀୟ ୧୩:୪

୪. ଧର୍ମଶାସ୍ତ୍ର ସାହାଯ୍ୟରେ

୫. ସାକ୍ଷ୍ୟଦାନ ଓ ଅନୁଭୂତି ସାହାଯ୍ୟରେ

**କାର୍ଯ୍ୟଭାର** - ଆପଣଙ୍କ ମଣ୍ଡଳୀରେ କେହି କ'ଣ ପାପରେ ଜୀବନ କାଟୁଅଛନ୍ତି କି ? ଏପ୍ରକାର ପରିସ୍ଥିତିରେ ଆପଣ କି ପ୍ରକାର ପଦକ୍ଷେପ ଗ୍ରହଣ କରିବେ ?

## ପାଠ ୨୨ – ବିଶ୍ୱାସରୁ ଫେରିଯିବା ବ୍ୟକ୍ତିଙ୍କ ସହ ବ୍ୟବହାର

ଅନେକ ସମୟରେ ଆମେ ଏପରି ବ୍ୟକ୍ତିମାନଙ୍କୁ ଦେଖୁ, ଯେଉଁମାନେ କି ଏକଦା ଜଣେ ଜଣେ ଟାଣୁଆ ଖ୍ରୀଷ୍ଟିୟାନ ଥିଲେ । କିନ୍ତୁ ସେମାନଙ୍କର ଜୀବନରେ ବର୍ତ୍ତମାନ

ଦେଖାଦେଇଛନ୍ତି, ୧କରିନ୍ଥୀୟ ୧୦:୧୨ ଓ ହିତୋପଦେଶ ୧୬:୧୮ ରେ ଉଲ୍ଲିଖିତ ଚେତାବନୀ ସ୍ମରଣ କରନ୍ତୁ । କେହି ହଠାତ୍ ବିଫଳିତ ହେବେ ନାହିଁ । ଅନେକ କ୍ଷୁଦ୍ର କ୍ଷୁଦ୍ର ବିଷୟ କ୍ରମଶଃ ଜୀବନ ମଧ୍ୟରେ ପ୍ରବେଶ କରେ ଓ ଜୀବନରେ ପତନ ସୃଷ୍ଟି କରେ ।

**କ) ବିଶ୍ୱାସରୁ ଫେରିବାର ପ୍ରକୃତ କାରଣ –**

୧. ପ୍ରାର୍ଥନା କରିବାରେ ତ୍ରୁଟି
୨. ବାଇବଲ ଅଧ୍ୟୟନରେ ତ୍ରୁଟି – ୨ତୀମଥି ୨:୧୫
୩. ମଣ୍ଡଳୀ ଉପାସନାରେ ଯୋଗ ଦେବାର ତ୍ରୁଟି – ଏବ୍ରୀ ୧୦:୨୫
୪. ପବିତ୍ରଆତ୍ମାଙ୍କ ବାଧ୍ୟ ହେବାରେ ତ୍ରୁଟି – ଏଫିସୀୟ ୪:୩୦
୫. ଖ୍ରୀଷ୍ଟଙ୍କୁ ସ୍ୱୀକାର କରିବାରେ ତ୍ରୁଟି – ମାଥିଉ ୧୦:୩୩
୬. ଆଲୋକରେ ଗମନ କରିବାରେ ତ୍ରୁଟି – ୧ଯୋହନ ୧:୭

**ଖ) ପଛଘୁଞ୍ଚାର ଫଳାଫଳ**

୧. ଶକ୍ତି, ଶାନ୍ତି, ଖୁସି ଓ ଆନନ୍ଦରେ କ୍ଷତି
୨. ବଚସା ଓ ଅନ୍ଧକାର ପ୍ରତିଦିନର ପଥକୁ ଅନ୍ଧକାରମୟ କରିବ
୩. ପୁରସ୍କାର କ୍ଷୟ ପାଇବ ଓ ବ୍ୟକ୍ତିଟି କ୍ଷତିର ସମ୍ମୁଖୀନ ହେବ
୪. କେହି ହୁଏତ ଏହି ଆତ୍ମାଟି ହରାଇ ନେବା ପାଇଁ ଉଦ୍ୟମ କରିବେ

ଗ) **ପ୍ରତ୍ୟାବର୍ତ୍ତନ ନିମନ୍ତେ ଈଶ୍ୱରଙ୍କ ଆହ୍ୱାନ :** ଯିରିମିୟ ୩:୨୨; ହୋଶେୟ ୧୪:୪ ପ୍ରକୃତ ଖ୍ରୀଷ୍ଟିୟାନ ସ୍ଖଳନ ଘୃଣା କରେ – ଗୀତସଂହିତା ୧୦୧:୩ : "ମୁଁ କୌଣସି ମନ୍ଦ ବିଷୟ ଆପଣା ଦୃଷ୍ଟି ଗୋଚରରେ ରଖିବି ନାହିଁ" ଏବ୍ରୀ ୧୨:୨ରେ ପ୍ରକୃତ ଲକ୍ଷ୍ୟ କରିବାର ବିଷୟ ଲେଖାଯାଏ । ଖ୍ରୀଷ୍ଟ ପାଉଲଙ୍କର ଲକ୍ଷ୍ୟ ଥିଲେ (ଫିଲିପ୍ପୀୟ ୩:୧୪)

**କାର୍ଯ୍ୟଭାର** - ଆପଣଙ୍କ ଗ୍ରାମରେ କ'ଣ କେହି ଏପରି ସ୍ଖଳିତ ଖ୍ରୀଷ୍ଟିୟାନ ଅଛନ୍ତି କି, ଆପଣ ନିଜକୁ ଏ ପ୍ରଶ୍ନ କରନ୍ତୁ । ସେମାନଙ୍କୁ ପୁନର୍ବାର କିପରି ଖ୍ରୀଷ୍ଟଙ୍କ ନିମନ୍ତେ ଲାଭ କରିବେ, ସେଥିପାଇଁ ଯୋଜନା କରନ୍ତୁ । ଆପଣଙ୍କ ମଣ୍ଡଳୀ ସହ ସେମାନଙ୍କ ନିମନ୍ତେ ପ୍ରାର୍ଥନା କରନ୍ତୁ ।

# ପାଠ ୨୩ – ବିବାହ ବିଚ୍ଛେଦ

ମନେ କରନ୍ତୁ , ଆପଣଙ୍କ ମଣ୍ଡଳୀର ଗୋଟିଏ ପରିବାରରେ ବିବାହ ବିଚ୍ଛେଦର ଚିହ୍ନ ପ୍ରତୀୟମାନ, ଆପଣ କ'ଣ କରିବେ ? ସାରା ପୃଥିବୀରେ ବିବାହ ବିଚ୍ଛେଦ ପରିବାରର ଏକ ବଡ ସମାସ୍ୟା । ଏହା ଅତି ଦୁଃଖପୂର୍ଣ୍ଣ, କାରଣ ଏହା ସମାଜର ମୂଳଦୂଆ ଅର୍ଥାତ୍ ଗୃହକୁ ଧ୍ୱଂସ କରିନିଏ । ମଣ୍ଡଳୀ ନିମନ୍ତେ ଏହା ଦୁଇଗୁଣ ଦୁଃଖଦାୟକ, କାରଣ ଖ୍ରୀଷ୍ଟିୟ ଗୃହ ଈଶ୍ୱରଙ୍କ ଦ୍ୱାରା ପ୍ରତିଷ୍ଠିତ ଏକ ପବିତ୍ର ଅନୁଷ୍ଠାନ ଓ ଖ୍ରୀଷ୍ଟଙ୍କ ସହ ତାଙ୍କର ମଣ୍ଡଳୀର ମିଳନର ଏକ ନିଦର୍ଶନ । ତେଣୁ ଶୟତାନ ବିବାହ କ୍ଷେତ୍ରରେ ଆକ୍ରମଣ କରିଥାଏ ।

ଏହାର ଶେଷ ପରିଣାମ କେବଳ ଦୁଃଖମାତ୍ର, ଭଗ୍ନ ପରିବାର, ଆଘାତପ୍ରାପ୍ତ ଓ ଭଗ୍ନ ହୃଦୟ, ପରିବାରବିହୀନ ସନ୍ତାନସନ୍ତତି, କର୍ତ୍ତବ୍ୟ ଭ୍ରଷ୍ଟ ଯୁବା, ନିର୍ଜନତା ଓ ଅଶ୍ରୁ ।

କେବଳ ଗୋଟିଏ ବିଷୟ ନିମନ୍ତେ ବିବାହ ବିଚ୍ଛେଦ ଶାସ୍ତ୍ର ଅନୁମୋଦିତ ଏବଂ ତାହା ବ୍ୟଭିଚାର ଅଟେ (ମାଥିଉ ୧୯:୯) । ଏହାର ଅର୍ଥ ସମ୍ଭବତଃ ଅଭ୍ୟାସଗତ ଭାବେ ଅନ୍ୟମାନଙ୍କ ସହ ଅବୈଧ ଯୌନ ସମ୍ପର୍କ । ତଥାପି ମଧ୍ୟ ବିଚ୍ଛେଦ ନିମନ୍ତେ ଆଦେଶ ଦିଆଯାଏ ନାହିଁ, କେବଳ ଅସ୍ୱାଭାବିକ ଓ ଅତିରିକ୍ତ କ୍ଷେତ୍ରରେ ଏଥି ନିମନ୍ତେ ଅନୁମତି ଦିଆଯାଇଥାଏ ।

ଯେଉଁ ସ୍ୱାମୀ ସ୍ତ୍ରୀମାନଙ୍କ ମଧ୍ୟରେ ସମାସ୍ୟା ଅଛି, ସେମାନଙ୍କୁ ପୁନର୍ମିଳିତ କରିବା ନିମନ୍ତେ ସମସ୍ତ ପ୍ରକାର ଉଦ୍ୟମ କରନ୍ତୁ । ସେଥି ନିମନ୍ତେ କେତେ ଗୁଡିଏ ପ୍ରସ୍ତାବ –

୧. ସ୍ପଷ୍ଟ ଭାବେ ଦର୍ଶାନ୍ତୁ ଯେ, ବିବାହ ସାରା ଜୀବନ ନିମନ୍ତେ ଏକ ବନ୍ଧନ, "କେବଳ ମୃତ୍ୟୁ ଏହାକୁ ଭଗ୍ନ କରିପାରେ" (ମାଥିଉ ୧୯:୬) । ବିବାହରେ ଈଶ୍ୱର ଏକ ଆଶ୍ଚର୍ଯ୍ୟକର୍ମ କରନ୍ତି, ଯେତେବେଳେ ଦୁଇ ଜଣ ବ୍ୟକ୍ତି ଏକ ହୁଅନ୍ତି, ତେଣୁ ଈଶ୍ୱରଙ୍କର ଅଧିକାର ଅଛି ଜଣଙ୍କର ମୃତ୍ୟୁ ଦ୍ୱାରା ଏହି ମିଳନ ଭଙ୍ଗ କରିବା ନିମନ୍ତେ ।

୨. ଯଦି ସନ୍ତାନସନ୍ତତି ଅଛନ୍ତି, ସେମାନଙ୍କର ଭଲ ମନ୍ଦ ଚିନ୍ତା କରିବା ଆବଶ୍ୟକ, କାରଣ ଏ କ୍ଷେତ୍ରରେ ସେମାନେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ।

୩. ବିବାହ ବିଚ୍ଛେଦ ଯେ ସମ୍ପୂର୍ଣ୍ଣ ବିଫଳତାର ଏକ ପ୍ରକାଶ୍ୟ ପରିପ୍ରକାଶ, ଏହା ଦର୍ଶାଇ ଦିଅନ୍ତୁ ।

୪. ପ୍ରତ୍ୟେକ ଜଣଙ୍କୁ ଈଶ୍ୱରଙ୍କ ସହ ସମ୍ପର୍କ ପୁନଃସ୍ଥାପନ କରିବା ନିମନ୍ତେ ବିନୀତ ଅନୁରୋଧ କରନ୍ତୁ । ପରସ୍ପର ବୁଝାମଣା ସହିତ ସ୍ୱୀକାରୋକ୍ତି ଓ ଅନୁତାପ ଯେକୌଣସି ଭଗ୍ନ ସମ୍ପର୍କକୁ ପୁନର୍ବାର ଯୋଡିଦେଇପାରିବ ।

ଯଦି ପୁନଃମିଳନ ସ୍ଥାନ ନିଏ, ଉଭୟ ସ୍ୱାମୀ ଓ ସ୍ତ୍ରୀ "ଭଲ ବା ମନ୍ଦରେ ମୃତ୍ୟୁ ପର୍ଯ୍ୟନ୍ତ କେହି ଆମକୁ ବିଚ୍ଛେଦ ନ କରୁ", ଏହି ଶପଥ ପୁନର୍ବାର ଗାମ୍ଭୀର୍ଯ୍ୟସହ ନେବା ଆବଶ୍ୟକ । ସେମାନଙ୍କୁ ନିରନ୍ତର ପରସ୍ପରକୁ ପ୍ରେମ କରିବା ନିମନ୍ତେ ଉତ୍ସାହିତ କରନ୍ତୁ, କାରଣ ଉଭୟଙ୍କର ପରସ୍ପରଠାରୁ ଯଥେଷ୍ଟ ସ୍ନେହ, ପ୍ରେମ ଆବଶ୍ୟକ । ସେମାନେ ଯେପରି ପରସ୍ପର ମଧ୍ୟରେ ଏକ ପବିତ୍ର ପ୍ରେମ ନିମନ୍ତେ ସର୍ବଦା ଈଶ୍ୱରଙ୍କଠାରେ ନିବେଦନ କରନ୍ତି, ଏ ଆଶ୍ୱାସନା ସେମାନଙ୍କୁ ଦିଅନ୍ତୁ ।

**ଆଲୋଚନା –** ଖ୍ରୀଷ୍ଟିୟ ଗୃହର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉପାଦାନଗୁଡିକ କ'ଣ ? କେଉଁ ପ୍ରଭାବଗୁଡିକ କ୍ଷତିକାରକ ?

## ପାଠ ୨୪ – ବ୍ୟଭିଚାର

ଆତ୍ମିକ ନେତା ବ୍ୟଭିଚାର ପାପ ବିରୁଦ୍ଧରେ ଈଶ୍ୱରଙ୍କ ଚେତାବନୀ ସ୍ପଷ୍ଟ କରିବା ଆବଶ୍ୟକ । ସପ୍ତମ ଆଜ୍ଞା କେବେହେଲେ ବାଦ ଦିଆଯାଇ ନାହିଁ (ଯାତ୍ରା ୨୦:୧୪-୧୭) ।

ଈଶ୍ୱର କିପରି ଭାବେ ବ୍ୟଭିଚାରକୁ ଘୃଣା କରନ୍ତି, ତାହା ଦେଖିବା ଦ୍ୱାରା ଆମେ ବିବାହର ପବିତ୍ରତା ଦେଖିପାରୁ । ବ୍ୟଭିଚାର ନିମନ୍ତେ ଈଶ୍ୱର ମୃତ୍ୟୁଦଣ୍ଡ ଉଭୟଙ୍କ ନିମନ୍ତେ ଆଦେଶ ଦେଇଥିଲେ ବୋଲି ଆପଣଙ୍କର ସ୍ମରଣରେ ଅଛି କି ? (ଲେବୀୟ ୨୦:୧୦) ଆତ୍ମିକ ନେତା ନିଜେ ସମସ୍ତ ପ୍ରକାର ଅବୈଧ ଯୌନ ସମ୍ପର୍କ ଠାରୁ ନିଜକୁ ଦୂରରେ ରଖିବା ଆବଶ୍ୟକ । ଏ ବିଷୟରେ କୌଣସି ପ୍ରଶ୍ନ ନାହିଁ, ବ୍ୟଭିଚାର ଓ ଅବୈଧ ସମ୍ପର୍କ ନରକକୁ କଢାଇ ନିଏ (ହିତୋପଦେଶ ୭:୨୭; ୯:୧୩-୧୭; ୧କରିନ୍ଥୀୟ ୬:୯-୧୦) ।

**ଆଲୋଚନା -** ଆପଣଙ୍କ ଅଞ୍ଚଳର ଖ୍ରୀଷ୍ଟିୟାନମାନେ କ'ଣ ବର୍ତ୍ତମାନର ବଂଶଧରମାନଙ୍କ ମଧ୍ୟରେ ଯୌନ ସମ୍ପର୍କୀୟ ପାପ ହାଲୁକା ଭାବେ ନେଇଛନ୍ତି କି ? ଏହାର ଫଳାଫଳ କି ପ୍ରକାର ?

## ପାଠ ୨୫ – ଗୁଣି ବିଦ୍ୟା

ଏହା ଏକ ଅତି ସାଧାରଣ ବିଷୟ - ଅନେକ ସମୟରେ ପିତାମାତାମାନେ ମଣ୍ଡଳୀ ସମ୍ମୁଖକୁ ବାପ୍ତିସ୍ମ ବା ଉତ୍ସର୍ଗୀକରଣ ନିମନ୍ତେ ଆଣିଥିବା ଶିଶୁର ଲୁଗା ଟିକେ ଉଠିଗଲେ, ଶିଶୁର ଅଣ୍ଟାରେ ଗୋଟିଏ ସୂତା ବନ୍ଧା ହୋଇଥିବାର ଦେଖାଯାଏ । ଏହା ଶାସ୍ତ୍ରାନୁମୋଦିତ ଅଟେ କି ? ଆଦୌ ନୁହେଁ । ଏହା ଗୁଣି ବିଦ୍ୟାର ଏକ ଅସ୍ତ୍ର ସ୍ୱରୂପ ଓ ବାଇବଲ ସ୍ପଷ୍ଟ ରୂପେ କୁହେ

ଯେ, ଗୁଣି କରିବା ବା ତନ୍ତ୍ରବିଦ୍ୟା ବ୍ୟବହାର କରିବା ଅର୍ଥ ମନ୍ଦ ଆତ୍ମାର କାର୍ଯ୍ୟରେ ସମର୍ଥନ ଓ ସାହାଯ୍ୟ କରିବା, ଏହି ପଦଗୁଡ଼ିକ ଦେଖନ୍ତୁ - ଯାତ୍ରା ୨୨:୧୮; ପ୍ରେରିତ ୧୯:୧୮, ୧୯; ଗାଲାତୀୟ ୫:୨୦ ଓ ପ୍ରକାଶିତ ୨୨:୧୫)

ବିଷପାତ୍ର ଓ ଗଣକତାର ଭୟ ଅନେକ ଦେଶକୁ ସୁସମାଚାରର ଆଲୋକ ପ୍ରବେଶ କରିବା ପର୍ଯ୍ୟନ୍ତ ନିମଗ୍ନ କରି ରଖିଥିଲା, ଆଜି ପର୍ଯ୍ୟନ୍ତ ଶୟତାନ ଲୋକମାନଙ୍କୁ ପୁରାତନ ଦେବ ପୂଜକ ବିଧି ସମୂହ ଅବଲମ୍ବନ କରିବା ନିମନ୍ତେ ପ୍ରବର୍ତ୍ତାଇ ଅଛି । କିନ୍ତୁ ଖ୍ରୀଷ୍ଟଙ୍କର ଅନ୍ଧକାର ସହିତ କୌଣସି ପ୍ରକାର ସହଭାଗୀତା ନାହିଁ । ଯେଉଁମାନେ ଗଣକତା ଓ ତନ୍ତ୍ର ବିଦ୍ୟା ଭଳି ବିଭିନ୍ନ ଯାଦୁ ବିଦ୍ୟା ଅଭ୍ୟାସ କରନ୍ତି ସେମାନେ ଜ୍ୱଳନ୍ତା ଗନ୍ଧକ ଦ୍ରବ୍ୟରେ ସ୍ଥାନ ପାଇବେ (ପ୍ରକାଶିତ ୨୧:୮) ।

ପ୍ରତ୍ୟେକ ମନୁଷ୍ୟକୁ ସେ କାହାର ସେବା କରିବ, ତାହା ମନୋନୀତ କରିବା ପାଇଁ ପଡିବ। କାରଣ ସେ ଦୁଇ ମୁନିବର ସେବା କରିବା ସମ୍ଭବପର ନୁହେଁ । ଖ୍ରୀଷ୍ଟଙ୍କୁ ତ୍ରାଣକର୍ତ୍ତା ଓ ପ୍ରଭୁ ରୂପେ ଗ୍ରହଣ କରିବା ପରେ ଏହି ମୂର୍ତ୍ତିସବୁ ପୋଡି ନଷ୍ଟ କରିଦେବା ଆବଶ୍ୟକ ।

**ଆଲୋଚନା -** ଆପଣଙ୍କ ଅଞ୍ଚଳରେ କି ପ୍ରକାର ଗଣକତା ପ୍ରଚଳିତ ? ଏ ସମସ୍ତ ଦୂର କରିବା ନିମନ୍ତେ ଆପଣମାନେ କ'ଣ କରିପାରିବେ ?

## ପାଠ ୨୬ – ମଦ୍ୟପାନ ବିରୁଦ୍ଧରେ ଶିକ୍ଷା ଦେବା କାହିଁକି ଆବଶ୍ୟକ ?

ପ୍ରତ୍ୟେକ ବ୍ୟକ୍ତି ଏ ବିଷୟରେ ଅନୁଭବୀ ଯେ ମଦ୍ୟପାନ ଏକ ଅଭିଶାପ, ଯାହାକି ଜୀବନ ଓ ଗୃହର ବିନାଶର କାରଣ, କିନ୍ତୁ କେତେକ ଭାବନ୍ତି ଯେ, ମଦ୍ୟର ସୁସ୍ୱାଦୁ ପାନୀୟର ପରିମିତ ବ୍ୟବହାର ଚଳନୀୟ, ସେମାନେ ଉଦାହରଣ ସ୍ୱରୂପେ ଯୋହନ ୨:୧-୧୧ରେ ବର୍ଣ୍ଣିତ ବିବାହ ଭୋଜରେ ଯୀଶୁ ଜଳକୁ ଦ୍ରାକ୍ଷାରସରେ ପରିଣତ କରିବା ଘଟନା ଓ ୧ତୀମଥି ୪:୨୩ରେ ପାଉଲଙ୍କର ତୀମଥିଙ୍କୁ ଦ୍ରାକ୍ଷାରସ ଏକ ଔଷଧ ରୂପେ ବ୍ୟବହାର କରିବାର ନିର୍ଦ୍ଦେଶ ଇତ୍ୟାଦି ବିଷୟ ଉଦ୍ଧୃତ କରନ୍ତି ।

ଉପରୋକ୍ତ ଉଭୟ କ୍ଷେତ୍ରରେ ବ୍ୟବହୃତ ମୂଳ ଗ୍ରୀକ୍ ଶବ୍ଦ 'Viros' ଅଟେ ଯାହାର ଅର୍ଥ ଦ୍ରାକ୍ଷାରସ । ଅଥଚ ନିଶାକାରକ ପାନୀୟ ନିମନ୍ତେ ମୂଳ ଗ୍ରୀକ ଶବ୍ଦ 'Shekar' ଅଟେ । ଏ ଦୁଇଟି ଶବ୍ଦ ଲୂକ ୧:୧୫ରେ ବ୍ୟବହାର କରାଯାଇଛି । "ଯେଣୁ ସେ ପ୍ରଭୁଙ୍କ ଛାମୁରେ ମହାନ୍ ହେବ, ସେ ଦ୍ରାକ୍ଷାରସ କି ସୁରା କେବେ ହେଁ ପାନ କରିବ ନାହିଁ ।'
ନିମ୍ନ ଲିଖିତ ଶାସ୍ତ୍ରାଂଶଗୁଡିକ ମଦ୍ୟପାନ ବିଷୟରେ ଈଶ୍ୱରଙ୍କ ନିର୍ଦ୍ଦେଶ ଜଣାଏ (ହିତୋପଦେଶ ୨୦:୧; ୨୩:୨୯-୩୪; ଯିଶାଇୟ ୨୮:୭; ହୋଶେୟ ୪:୧୧;

୧କରିନ୍ଥୀୟ ୬:୧୦ ଓ ଗାଲାତୀୟ ୫:୨୧) । ବାଇବଲରେ ପ୍ରଥମେ ଆଦିପୁସ୍ତକ ୧୯:୨୧ରେ ମଦ୍ୟ ବିଷୟରେ ଲେଖାଯାଏ ଓ ନୋହ ମାତାଲ ହେବା ଦ୍ୱାରା ତାଙ୍କ ପୁତ୍ର ହାମ୍ କି ପ୍ରକାର ବିପଦର ସମ୍ମୁଖୀନ ହୋଇଥିଲେ ତାହା ବର୍ଣ୍ଣନା କରାଯାଏ ।

## କେଉଁ କାରଣ ସମୂହ ହେତୁ ଖ୍ରୀଷ୍ଟିୟାନ ମଦ୍ୟପାନ କରିବା ଉଚିତ ନୁହେଁ

୧. ଖ୍ରୀଷ୍ଟିୟାନର ଶରୀର ପବିତ୍ରଆତ୍ମାଙ୍କର ମନ୍ଦିର ଓ କୌଣସି ଉପାୟରେ ଅପବିତ୍ର ହେବା ଉଚିତ ନୁହେଁ ।

୨. ସେ ଖ୍ରୀଷ୍ଟଙ୍କ ନାମରେ ଜଣେ ସାକ୍ଷୀ ଏବଂ ଯଦି ସେ ଅଳ୍ପ ପାନ କରନ୍ତି, ତା' ହେଲେ ଦୁର୍ବଳ ବ୍ୟକ୍ତି ଅଧିକ ପାନ କରିବା ନିମନ୍ତେ ପ୍ରଲୋଭିତ ହେବେ ।

୩. ସେ ତାହାର ଭାଇର ରକ୍ଷକ, ଆଦି ୪:୯ ଓ ତାହାର ଭାଇର ପବିତ୍ର ଓ ଯଥାର୍ଥ ଜୀବନ ନିମନ୍ତେ ସେ ଅନେକାଂଶରେ ଦାୟୀ ।

ଜଣେ ବ୍ୟକ୍ତି ଖ୍ରୀଷ୍ଟିୟାନ ହେଉ ବା ନ ହେଉ ଅନେକ କାରଣ ଅଛି, ଯେଉଁ ନିମନ୍ତେ ପ୍ରତ୍ୟେକ ବ୍ୟକ୍ତି ମଦ୍ୟପାନଠାରୁ ଦୂରରେ ରହିବା ଆବଶ୍ୟକ ।

୧. ଏହା ଅର୍ଥର ଅପଚୟ - ଦ୍ୱିତୀୟ ବିବରଣ ୨୧:୧୮-୨୧; ହିତୋପଦେଶ ୨୩:୨୦

୨. ସଡକରେ ଅନ୍ୟମାନଙ୍କ ନିରାପତ୍ତା ନିମନ୍ତେ

୩. ମଦ୍ୟପାନ ଗୃହ ଭଗ୍ନ କରିବାରେ ସାହାଯ୍ୟ କରେ

ଉଇଲିୟମ୍ ଗ୍ଲାଡ୍‌ଷ୍ଟୋନ୍ କହିଥିଲେ "ମଦ୍ୟପାନ ଯୁଦ୍ଧ, ମହାମାରୀ ଓ ଦୁର୍ଭିକ୍ଷ ଅପେକ୍ଷା ଅଧିକ କ୍ଷତିକାରକ।"

ଯେହେତୁ ଏକ ପ୍ରକାର ପାନୀୟ ଅନ୍ୟ ପ୍ରକାର ପାନୀୟକୁ ଆଗେଇ ନିଏ, ଅତଏବ ଶାସ୍ତ୍ରାନୁଯାୟୀ ସମସ୍ତ ପରିସ୍ଥିତିରେ ମଦ୍ୟପାନକୁ ସମ୍ପୂର୍ଣ୍ଣ ବିରୋଧ କରିବା ଆବଶ୍ୟକ ।

**ଆଲୋଚନା** – ଖ୍ରୀଷ୍ଟିୟାନ ମଦ୍ୟପାନ ନ କରିବା ନିମନ୍ତେ ଆଉ କିଛି କାରଣ ଅଛି କି ?

## ପାଠ ୨୭ - ଦୁଃଖଭୋଗୀ ଖ୍ରୀଷ୍ଟିୟାନମାନଙ୍କୁ ସାହାଯ୍ୟ କରିବା

ଅନେକ ଉତ୍ତମ ଖ୍ରୀଷ୍ଟିୟାନ ଈଶ୍ୱରଙ୍କ ନିକଟରେ ଡାକ ପକାନ୍ତି, "କାହିଁକି ? ମୋତେ କାହିଁକି ଏତେ ଦୁଃଖ ଯନ୍ତ୍ରଣା ମଧ୍ୟ ଦେଇ ଯିବାକୁ ପଡୁଛି ?" ଅନେକ ସମୟରେ ଆୟୁବଙ୍କ ପରି

ବନ୍ଧୁମାନେ ଅତି କଠିନ ବିଘ୍ନର ପୂର୍ବକ କୁହନ୍ତି ଯେ, ସେମାନଙ୍କ ଜୀବନରେ କୌଣସି ପାପ ହେତୁ ସେମାନେ ଏପରି ଦୁଃଖ ଭୋଗ କରୁଅଛନ୍ତି । ଗୁଣୀ ବା ମନ୍ତ୍ରଜ୍ଞମାନେ ଏପରି ଦୁଃଖ ଓ ଯନ୍ତ୍ରଣାରେ ଥିବା ବ୍ୟକ୍ତିମାନଙ୍କୁ ଏହା ଅନ୍ୟର ଅଭିଶାପ ବୋଲି ମତ ଦିଅନ୍ତି, କିନ୍ତୁ ଖ୍ରୀଷ୍ଟିୟାନ ନିମନ୍ତେ ଜୀବନ ଉଦ୍ଦେଶ୍ୟ ପୂର୍ଣ୍ଣ, କାରଣ ପ୍ରତ୍ୟେକ ଜୀବନ ନିମନ୍ତେ ଈଶ୍ୱରଙ୍କର ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ଅଛି – ରୋମୀୟ ୮ : ୨୮

**କ) ଦୁଃଖକଷ୍ଟ କାହିଁକି ଆସେ ?**

୧. ଅନେକ ସମୟରେ ଏହା ପାପର ଫଳ – ଯୋହନ ୫ : ୧୪ ; ଗଣନା ୧୨ : ୧୦ରେ ମରିୟମ ; ୨ବଂଶାବଳୀ ୧୬ : ୧୨ରେ ରାଜା ଆସା ।

୨. ଯେପରି ଈଶ୍ୱରଙ୍କର କାର୍ଯ୍ୟ ପ୍ରକାଶିତ ହୁଏ – ଯୋହନ ୯ : ୨ ,୩

୩. ଈଶ୍ୱରଙ୍କ ଗୌରବ ନିମନ୍ତେ - ଯୋହନ ୧୧ :୪ ;ଫିଲିପ୍ପୀୟ ୧ : ୨୯

୪. ଶତ୍ରୁର କାର୍ଯ୍ୟ – ଈଶ୍ୱରଙ୍କ ଅନୁମୋଦନକାରୀ ଇଛା ସହ - ଆୟୁବଙ୍କ ପୁସ୍ତକରେ ଆୟୁବ ; ମାର୍କ ୫ : ୧ - ୫ ; ଲୂକ ୧୩ : ୧୬ ; ପ୍ରେରିତ ୧୦:୩୮ ଈଶ୍ୱର ଆପଣଙ୍କର ଶକ୍ତିର ସୀମା ଅର୍ଥାତ୍, ଆପଣଙ୍କ ସହିବା ଶକ୍ତିର ପରିମାଣ ଜାଣନ୍ତି ।

୫. ଶାସନ ଶିକ୍ଷା ଉଦ୍ଦେଶ୍ୟରେ – ଏବ୍ରୀ ୧୨ :୫-୧୩

**ଖ) ଦୁଃଖଭୋଗ ପ୍ରତି ଆମ୍ଭମାନଙ୍କ ପ୍ରତିକ୍ରିୟା**

୧. ଆମେ ଏହା ଗ୍ରହଣ କରିବା ପରିବର୍ତ୍ତେ ଘୃଣା କରିପାରୁ, ଏପ୍ରକାର ମନୋଭାବ ଅଧିକ କଠିନତା ଆଡକୁ ଟାଣିନିଏ ।

୨. ଆମର ହୁଏତ ସହ୍ୟ କରିବାର ଶକ୍ତି ନ ଥାଇ ପାରେ, କିନ୍ତୁ ତାହାଙ୍କର ଅନୁଗ୍ରହ ଆମ୍ଭମାନଙ୍କ ନିମନ୍ତେ ଯଥେଷ୍ଟ – ୨କରିନ୍ଥୀୟ ୧୨ : ୯

୩. ଆମେ ଦୁଃଖର ସହ ଏହା ଗ୍ରହଣ କରୁ ।

୪. ଆମେ ଈଶ୍ୱରଙ୍କ ଇଛା ନିକଟରେ ଆନନ୍ଦର ସହ ଆତ୍ମସମର୍ପଣ କରୁ – ଏହା ସବୁଠାରୁ ବଡ ବିଜୟ ।

**କାର୍ଯ୍ୟଭାର** - ଆପଣଙ୍କ ପଲ ମଧ୍ୟରେ ୩ ରୁ ୭ ଜଣ ଦୁଃଖଭୋଗକାରୀ ବ୍ୟକ୍ତିଙ୍କର ଏକ ତାଲିକା ପ୍ରସ୍ତୁତ କରନ୍ତୁ । ପ୍ରତ୍ୟେକଙ୍କୁ ସାହାଯ୍ୟ କରିବା ନିମନ୍ତେ ଏକ ଯୋଜନା ପ୍ରସ୍ତୁତ କରନ୍ତୁ । ଏହି ସେବାକାର୍ଯ୍ୟରେ ଆପଣଙ୍କ ପଲର ଅନ୍ୟମାନଙ୍କର ସାହାଯ୍ୟ ନିଅନ୍ତୁ ।

# ପାଠ ୨୮ – ରୋଗୀମାନଙ୍କ ନିମନ୍ତେ ସେବାକାର୍ଯ୍ୟ

ଖ୍ରୀଷ୍ଟିୟାନମାନେ ଅନେକ ସମୟରେ ଅସୁସ୍ଥ ହୁଅନ୍ତି ଓ ରୋଗରେ ପଡନ୍ତି । ଏହିପରି ସମୟରେ ଈଶ୍ୱରଙ୍କ ସେବକ ଈଶ୍ୱରଙ୍କ ପ୍ରେମର ଆଶ୍ୱାସନା ଦେଇ ବିଶ୍ୱସ୍ତ ଭାବରେ ସେମାନଙ୍କର ସେବା କରିବା ଆବଶ୍ୟକ ।

**କ) ଈଶ୍ୱର କ'ଣ ସୁସ୍ଥକାରୀ ଆଶ୍ଚର୍ଯ୍ୟକର୍ମ କରି ପାରନ୍ତି ?**

ବାଇବଲରେ ଅନେକ ଆଶ୍ଚର୍ଯ୍ୟକର୍ମ ବିଷୟରେ ବର୍ଣ୍ଣନା କରାଯାଏ । ସବୁଠାରୁ ବଡ ଆଶ୍ଚର୍ଯ୍ୟକର୍ମ ଯୀଶୁଙ୍କର ପୁନରୁତ୍ଥାନ, ଅବଶ୍ୟ ଆହୁରି ଅନେକ ଆଶ୍ଚର୍ଯ୍ୟକର୍ମ ବିଷୟରେ ବାଇବଲରେ ଲେଖାଯାଇଛି । ଆମର ଈଶ୍ୱର ଏକ ଆଶ୍ଚର୍ଯ୍ୟ କର୍ମକାରୀ ଈଶ୍ୱର । ତାହାଙ୍କ ନାମଗୁଡିକ ମଧ୍ୟରେ ଗୋଟିଏ ନାମ ଯିହୋବା ରା'। (ଯାତ୍ରା ୧୫:୨୬) ଅଟେ, ଅର୍ଥାତ୍ 'ମୁଁ ତୁମ୍ଭକୁ ସୁସ୍ଥ କରିଅଛି ' (ଗୀତ ୧୦:୩; ମାଥିଉ ୧୯:୨୬ ଓ ଲୂକ ୧୮:୨୭ ଦେଖନ୍ତୁ । ସେ ଆଜି ମଧ୍ୟ ସବୁଠାରୁ ବଡ ଚିକିତ୍ସକ ।

**ଖ) ରୋଗୀକୁ ତୈଳ ମଖାଇବା - ଯାକୁବ ୫:୧୪-୨୦**

୧. ଅସୁସ୍ଥ ବ୍ୟକ୍ତିମାନେ ପ୍ରାଚୀନମାନଙ୍କୁ ଡାକିବା ଆବଶ୍ୟକ

୨. ପ୍ରାଚୀନମାନେ ବିଶ୍ୱାସର ସହ ପ୍ରାର୍ଥନାପୂର୍ବକ ରୋଗୀକୁ ତୈଳ ମଖାଇବା ଆବଶ୍ୟକ

୩. ପରସ୍ପର ନିକଟରେ ପାପ ସ୍ୱୀକାର କରିବା ବିଷୟରେ ଯାକୁବ କହନ୍ତି

**ଗ) କେତେକ ରୋଗ ସୁସ୍ଥ ହୁଏ ନାହିଁ –**

୧. ପ୍ରେରିତ ୨୮ ଅଧ୍ୟାୟରେ ପାଉଲ ଦୁଇଟି ଆଶ୍ଚର୍ଯ୍ୟକର୍ମ କରିଥିଲେ । କିନ୍ତୁ ସେ ନିଜେ ତିନି ଥର ରୋଗରୁ ସୁସ୍ଥ ହେବା ନିମନ୍ତେ ପ୍ରାର୍ଥନା କରିଥିଲେ, କିନ୍ତୁ ତାଙ୍କର ପ୍ରାର୍ଥନା ଗୃହୀତ ହୋଇ ନ ଥିଲା, ୨କରିନ୍ଥୀୟ ୧୨:୭-୧୦ । ପାଉଲଙ୍କୁ ନମ୍ର କରି ରଖିବା ଏହି ରୋଗର ଏକ ଉଦ୍ଦେଶ୍ୟ ଥିଲା ।

୨. ଯଦି ଆମ୍ଭେମାନେ ସବୁ ସମୟରେ ସୁସ୍ଥ ହେଉ, ତା' ହେଲେ ଆମର ମୃତ୍ୟୁ ହେବ ନାହିଁ । ଖ୍ରୀଷ୍ଟିୟ କର୍ମୀ ରୋଗୀକୁ ଈଶ୍ୱରଙ୍କ ବାକ୍ୟ ଦ୍ୱାରା ଶକ୍ତିଯୁକ୍ତ କରିବା ନିମନ୍ତେ ଆବଶ୍ୟକ । ଯଦି ସେ ମୂର୍ତ୍ତିପୂଜା କରିବାକୁ ପୁନର୍ବାର ମନସ୍ଥ କରନ୍ତି ଓ ଶାରିରୀକ ଭାବେ ଅସୁସ୍ଥ ହେବା ସଙ୍ଗେ ସଙ୍ଗେ ଆତ୍ମିକ ଭାବେ ରୋଗଗ୍ରସ୍ତ ହୁଅନ୍ତି, ତାହା କିପରି ଦୁଃଖ ଓ ପରିତାପର ବିଷୟ ।

ମୃତ୍ୟୁଶଯ୍ୟାରେ କୌଣସି ସାଧୁ ଶାନ୍ତି ଓ ଆନନ୍ଦରେ ଶୋଇଥିବା ଦୃଶ୍ୟ ଆଶୀର୍ବାଦର ନିଦର୍ଶନ । ଯୀଶୁ କହିଥିଲେ "ମୋର ଶକ୍ତି ତୁମ୍ଭମାନଙ୍କ ନିମନ୍ତେ ଯଥେଷ୍ଟ ଏପରିକି ରୋଗରେ ସୁଦ୍ଧା" ।

**ଆଲୋଚନା** – କେଉଁ ଶାସ୍ତ୍ରୀୟ ଅଂଶ ଦ୍ୱାରା ଆପଣ ରୋଗୀମାନଙ୍କୁ ଆଶ୍ୱାସନା ଦେବେ ?

## ପାଠ ୨୯ – ମୃତ୍ୟୁ ସମୟରେ ସେବାକାର୍ଯ୍ୟ

ଜୀବନ ଏକ କ୍ଷଣସ୍ଥାୟୀ ଦୁର୍ବଳ ବିଷୟ । ଏହା ଆଜି ଅଛି କାଲି ନାହିଁ । ପୃଥିବୀରେ ଜନ୍ମ ହୋଇଥିବା ସମସ୍ତ ମନୁଷ୍ୟମାନଙ୍କ ମଧ୍ୟରେ କେବଳ ଏଲୀୟ ମୃତ୍ୟୁକୁ ଏଡାଇ ପାରିଥିଲେ । ଆଜି ଯେଉଁମାନେ ଜୀବିତ ସେମାନଙ୍କ ମଧ୍ୟରୁ ଈଶ୍ୱରଙ୍କ ସନ୍ତାନମାନଙ୍କ (ଅର୍ଥାତ୍ ଯେଉଁମାନେ ତାହାଙ୍କ ଆଗମନ ସମୟରେ ତାହାଙ୍କୁ ମଧ୍ୟାକାଶରେ ଭେଟିବେ) ବ୍ୟତୀତ ଅନ୍ୟ ସମସ୍ତେ ମୃତ୍ୟୁର ସମ୍ମୁଖୀନ ହେବେ – ଏବ୍ରୀ ୯ : ୨୭

ଯେତେବେଳେ ମଣ୍ଡଳୀରେ କୌଣସି ମୃତ୍ୟୁ ଘଟେ, ଖ୍ରୀଷ୍ଟିୟ କର୍ମୀଙ୍କର ସେଠାରେ ଏକ ବିଶେଷ ଦାୟିତ୍ୱ ଅଛି । ପରିବାରବର୍ଗ ଓ ବନ୍ଧୁମାନେ ଗଭୀର ଦୁଃଖ ଓ ଶୋକ ମଧ୍ୟରେ ଥାଆନ୍ତି, କାରଣ ଚିରବିଦାୟ ସବୁବେଳେ ଦୁଃଖଦାୟକ, ଅନ୍ୟ ବିଶ୍ୱାସୀମାନେ ଏହି ଶୋକସନ୍ତପ୍ତ ବ୍ୟକ୍ତିମାନଙ୍କ ସହ ଶୃଙ୍ଖଳିତ ଭାବେ ସମୟ କ୍ଷେପଣ କରିବା, ସେମାନଙ୍କୁ ଖାଦ୍ୟ ଯୋଗାଇବା, ମୃତ ଶରୀରକୁ ପ୍ରସ୍ତୁତ କରିବାରେ ସାହାଯ୍ୟ କରିବା ଓ କବର ଦେବା ନିମନ୍ତେ ପ୍ରସ୍ତୁତିରେ ସାହାଯ୍ୟ କରିବା ଆବଶ୍ୟକ । ଭଗ୍ନ ହୃଦୟ ବ୍ୟକ୍ତିମାନଙ୍କ ନିମନ୍ତେ ଖ୍ରୀଷ୍ଟଙ୍କର ଅନୁକମ୍ପା ପ୍ରକାଶ କରିବା ନିମନ୍ତେ ଯେଉଁମାନେ ରୋଦନ କରନ୍ତି, ସେମାନଙ୍କ ସହ ରୋଦନ କରନ୍ତୁ ।

ଯଦି ମୃତ ବ୍ୟକ୍ତି ଜଣେ ବିଶ୍ୱାସୀ, ତେବେ ଶୋକସନ୍ତପ୍ତ ବ୍ୟକ୍ତିମାନଙ୍କୁ ଆଶ୍ୱାସନା ଦେବା ସହଜସାଧ୍ୟ, କାରଣ ମୃତ ବ୍ୟକ୍ତିର ଆତ୍ମା ଶାନ୍ତି ଓ ଆନନ୍ଦ ମଧ୍ୟରେ ଅଛି । ପ୍ରକୃତରେ, ଜଗତରେ ଯେକୌଣସି ବିଷୟ ଅପେକ୍ଷା ଖ୍ରୀଷ୍ଟଙ୍କ ସହିତ ରହିବା ସବୁଠାରୁ ଉତ୍ତମ । ଅତଏବ ଏହି ମୃତ୍ୟୁକାଳୀନ କାର୍ଯ୍ୟ, ଦୁଃଖଜନକ ବିଦାୟ ପରିବର୍ତ୍ତେ ଏକ ଉତ୍ସବ ହେବା ଆବଶ୍ୟକ ।

ମୃତ୍ୟୁ ସମୟରେ ଖ୍ରୀଷ୍ଟିୟ ନେତା ପରିବାର ମଧ୍ୟରେ କୌଣସି ପୌତ୍ତଳିକ ରୀତିନୀତିର ଦୃଢ ପଦକ୍ଷେପ ନେବା ଆବଶ୍ୟକ । ଖ୍ରୀଷ୍ଟିୟ ସମାଧି କାର୍ଯ୍ୟରେ ଆତ୍ମାଗଣ ନିକଟରେ ବିଳାପ କରିବା (ବାହୁନିବା), ଧନସମ୍ପଦ ପୋଡିବା, ମଦ୍ୟପାନ କରିବା ଓ ବିଭିନ୍ନ ଅନ୍ଧ ବିଶ୍ୱାସର ପ୍ରଥାର କୋଣସି ସ୍ଥାନ ନାହିଁ, କିନ୍ତୁ ଅନେକ ସମୟରେ ଅଖ୍ରୀଷ୍ଟିୟାନ୍ ବନ୍ଧୁ ଓ

ପରିଜନମାନେ ବିଭିନ୍ନ ଆଶାଶୂନ୍ୟ ଓ ଭୟର ବିଷୟ ସମୂହ ପ୍ରବର୍ତ୍ତନ କରିବା ନିମନ୍ତେ ଉଦ୍ୟମ କରନ୍ତି । ଏ ସମସ୍ତର ଦୃଢ ପ୍ରତିରୋଧ କରନ୍ତୁ । ଶରୀର କବରସ୍ଥ ହେବା ପର୍ଯ୍ୟନ୍ତ ଖ୍ରୀଷ୍ଟିୟ ବନ୍ଧୁମାନଙ୍କୁ ସେଠାରେ ରହି ଗୀତ ଗାୟନ, ପ୍ରାର୍ଥନା ଓ ବିଭିନ୍ନ ବିଷୟରେ ସାହାଯ୍ୟ କରିବା ନିମନ୍ତେ ନିୟୋଜିତ କରନ୍ତୁ ।

ଜୀବନ ଯେ ଅନନ୍ତକାଳ ନିମନ୍ତେ ପ୍ରସ୍ତୁତିର ସମୟ – ଏ ସମ୍ପର୍କୀୟ ସାବଧାନତା ସୂଚକ ଉପଦେଶ ଦିଅନ୍ତୁ ।

ଜଣେ ଜ୍ଞାନୀ ବ୍ୟକ୍ତି ତାଙ୍କ ଶିଷ୍ୟମାନଙ୍କୁ ମୃତ୍ୟୁର ପୂର୍ବଦିନ ମୃତ୍ୟୁ ନିମନ୍ତେ ପ୍ରସ୍ତୁତ ହେବାକୁ ଆଜ୍ଞା ଦେଇଥିଲେ । କିନ୍ତୁ ସେମାନେ ଆପତ୍ତି କଲେ, "ଆସନ୍ତା କାଲି ଆମର ମୃତ୍ୟୁ ହୋଇପାରେ ।"

'ଠିକ୍ କଥା', ସେ କହିଲେ, 'ତାହା ହେଲେ ଆଜି ପ୍ରସ୍ତୁତ ହୁଅ' ।

**ଆଲୋଚନା** - ଆପଣଙ୍କ ମଣ୍ଡଳୀରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହେଲେ ଆପଣ କିପରିଭାବେ ସାହାଯ୍ୟ କରିପାରିବେ ?

## ପାଠ ୩୦ – ବାଗ୍‌ଦତ୍ତାରତ ଦମ୍ପତ୍ତିଙ୍କ ନିମନ୍ତେ ପରାମର୍ଶ

ଏକ ବିବାହ ନିର୍ବନ୍ଧ ପୁଅ ଝିଅଙ୍କର ସମାଜ ନିକଟରେ ଏକ ଘୋଷଣା ଯେ, ସେମାନେ ଶୀଘ୍ର ଅର୍ଥାତ୍ ସମ୍ଭବତଃ ଏକ ବର୍ଷ ମଧ୍ୟରେ ବିବାହ କରିବା ନିମନ୍ତେ ଯୋଜନାବଦ୍ଧ । ଉଭୟ ପୁଅ ଝିଅଙ୍କ ପାଇଁ ଏହା ପରସ୍ପର ସହିତ ପରିଚିତ ହେବା, ପୁଣି ସେମାନେ ପ୍ରକୃତରେ ପରସ୍ପର ନିମନ୍ତେ ଉଦ୍ଦିଷ୍ଟ ଓ ପ୍ରସ୍ତୁତ କି ନୁହେଁ, ତାହା ନିର୍ଦ୍ଧାରଣ କରିବା ନିମନ୍ତେ ଏହା ଉପଯୁକ୍ତ ସମୟ । କିନ୍ତୁ ସେମାନେ ସମ୍ପୂର୍ଣ୍ଣ ବିବାହିତ ବ୍ୟକ୍ତିମାନଙ୍କ ପରି ପରସ୍ପରର ସ୍ୱାଧିନତାର ସୁଯୋଗ ନେବା ଉଚିତ ନୁହେଁ । ଭବିଷ୍ୟତର ଆନନ୍ଦ ଓ ସୁଖ ନିମନ୍ତେ ଉଭୟେ ବିବାହ ପର୍ଯ୍ୟନ୍ତ ବିଶୁଦ୍ଧରହିବା ଗୁରୁତ୍ୱପୂର୍ଣ୍ଣ । ବିବାହର ସମସ୍ତ ସୁଯୋଗ ବିବାହ ପର୍ଯ୍ୟନ୍ତ ସଂରକ୍ଷିତ ହେବା ଆବଶ୍ୟକ, ନୋଚେତ୍ ପ୍ରେମ ଘୃଣାରେ ପରିବର୍ତ୍ତିତ ହେବା ଓ ପ୍ରତି ସମ୍ମାନ ମଧ୍ୟ କ୍ଷୁର୍ଣ୍ଣ ହେବାର ଆଶଙ୍କା ରହିଛି – ୨ଶାମୁୟେଲ ୧୩:୧୫

ଏହି ସମୟରେ ଏଫିସୀୟ ୫ ଅଧ୍ୟାୟ ଓ ତିତସ ୨ ଅଧ୍ୟାୟ ସାହାଯ୍ୟରେ ମଣ୍ଡଳୀର ନେତା ଉଭୟ ପୁଅ ଝିଅଙ୍କୁ ଏକ ଖ୍ରୀଷ୍ଟିୟ ଗୃହ ସ୍ଥାପନା କରିବା ନିମନ୍ତେ ନିର୍ଦ୍ଦେଶ ଦେବାର ଉପଯୁକ୍ତ ସମୟ । ଉଭୟେ ପ୍ରତ୍ୟେକ ସମାସ୍ୟା ଓ ଭୁଲ୍ ବୁଝାମଣା ନେଇ ଏକତ୍ର ପ୍ରାର୍ଥନା କରିବା

ଆବଶ୍ୟକ । ସେମାନଙ୍କୁ ଜୀବନ ସାରା ଉଭୟ ବାକ୍ୟ ଓ କାର୍ଯ୍ୟ ମାଧ୍ୟରେ ପରସ୍ପର ପ୍ରତି ସ୍ନେହଁ ବା ପ୍ରେମ ପ୍ରକାଶ କରିବା ନିମନ୍ତେ ଉତ୍ସାହିତ କରନ୍ତୁ ।

ବିବାହ ସବୁଠାରୁ ପୁରାତନ ମାନବୀୟ ଅନୁଷ୍ଠାନ । ପରିତ୍ରାଣ ପରେ ଏହା ଯୁବକ/ଯୁବତୀମାନଙ୍କ ନିମନ୍ତେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ଗ୍ରହଣ । ଏପରି ଏକ ଘଡିସନ୍ଧି ମୂହୂର୍ତ୍ତରେ ଆତ୍ମିକ ନେତା ଦୃଢ ଉପଦେଶ ଓ ସାହାଯ୍ୟ ସମର୍ଥନ ଦେବା ଆବଶ୍ୟକ ।

**ଆନନ୍ଦମୟ ବିବାହର ମୌଳିକ ଉପାଦାନସମୂହ –**

୧. ଖ୍ରୀଷ୍ଟିୟାନମାନେ ଖ୍ରୀଷ୍ଟିୟାନମାନଙ୍କ ସହ ବିବାହ କରିବା ଆବଶ୍ୟକ – ୨କରିନ୍ଥୀୟ ୬:୧୪-୧୭

୨. ଯଥେଷ୍ଟ ପ୍ରାର୍ଥନାପୂର୍ବକ ଈଶ୍ୱରଙ୍କ ଇଛା ଅନୁସନ୍ଧାନ କରନ୍ତୁ

୩. ଅପର ବ୍ୟକ୍ତିଙ୍କୁ ଉତ୍ତମ ରୂପେ ଅର୍ଥାତ୍ ଉଭୟ ଭଲ ଓ ମନ୍ଦ ଗୁଣ ଜାଣିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ତରବରିଆ ବିବାହ ଅନେକ ସମୟରେ ବିପଦ୍‌ଜନକ

୪. ପ୍ରେମ କରିବା ନିମନ୍ତେ ଅପେକ୍ଷା କରନ୍ତୁ । ପ୍ରେମ ମତ୍ତତା ଯଥେଷ୍ଟ ନୁହେଁ । ବିବାହ ସାରା ଜୀବନ ନିମନ୍ତେ ଏବଂ ଏକ ସୁଖୀ ଗୃହ ଗଠନ ନିମନ୍ତେ ଐଶରୀୟ ପ୍ରେମର ଆବଶ୍ୟକତା ରହିଛି ।

୫. ବିବାହ ନିମନ୍ତେ ଉପଯୁକ୍ତ ବୟସ ହେବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ବିବାହ ବୟସ୍କମାନଙ୍କ ନିମନ୍ତେ, ପିଲାମାନଙ୍କ ନିମନ୍ତେ ନୁହେଁ, କାରଣ ଏହାର ଦାୟିତ୍ୱସମୂହ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

୬. ସମସ୍ତ ନୈତିକ ସମାସ୍ୟା ସମାଧାନ ହେବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । କଦାପି କୌଣସି ବ୍ୟକ୍ତିଙ୍କୁ ସଂଶୋଧନ କରିବା ନିମନ୍ତେ ବିବାହ କରନ୍ତୁ ନାହିଁ ।

୭. କନ୍ୟାର ପିତାମାତାଙ୍କ ସମ୍ମତି ନିମନ୍ତେ ଅପେକ୍ଷା କରନ୍ତୁ, ଏହା ଅତି ଗୁରୁତ୍ୱପୂର୍ଣ୍ଣ।

୮. ଏକପ୍ରକାର ଆର୍ଥିକ ନିଶ୍ଚିତତା ନିମନ୍ତେ ଅପେକ୍ଷା କରନ୍ତୁ, ଧନ ନିମନ୍ତେ ନୁହେଁ; କିନ୍ତୁ କିଛି ସୁରକ୍ଷା ନିମନ୍ତେ

୯. ପ୍ରକାଶ୍ୟ ଖ୍ରୀଷ୍ଟିୟ ବିବାହ ଉପରେ ଗୁରୁତ୍ୱ ଦିଅନ୍ତୁ । ଏକ ମୂହୂର୍ତ୍ତ ନିମନ୍ତେ ମଧ୍ୟ ପଳାୟନ ବା ଗୁପ୍ତ ବିବାହ କରିବା ନିମନ୍ତେ ଚିନ୍ତା କରନ୍ତୁ ନାହିଁ । ଏଥି ନିମନ୍ତେ ବିବାହ ସବୁଠାରୁ ଅଧିକ ପବିତ୍ର ।

**କାର୍ଯ୍ୟଭାର –** ଏକ ଆନନ୍ଦପୂର୍ଣ୍ଣ ବିବାହକୁ ଘେନିଯିବା

# ପାଠ ୩୧ – ସନ୍ତାନବିହୀନ ଦମ୍ପତିଙ୍କୁ ପରାମର୍ଶ

ଯେତେବେଳେ ଏକ ବିବାହିତ ଦମ୍ପତି ସନ୍ତାନ ପାଇବା ନିମନ୍ତେ ଆଶା କରନ୍ତି ଏବଂ ଏକ ଶିଶୁର ଆଗମନ ବିନା ବର୍ଷ କଟିଯାଏ, ସେମାନଙ୍କ ନୈରାଶ୍ୟତା ବୃଦ୍ଧି ପାଏ ଓ ଅନେକ ସମୟରେ ଖ୍ରୀଷ୍ଟିୟ ବିଜୟଯୁକ୍ତ ଜୀବନରେ ଆଞ୍ଚ ଆସେ । ସେମାନେ ତାଙ୍କର ବନ୍ଧୁମାନଙ୍କୁ ଉପାସନାଳୟକୁ ସେମାନଙ୍କର ଶିଶୁମାନଙ୍କୁ ନେଇ ବା କୋଳେଇ ଧରି ଆସିବାର ଦେଖନ୍ତି ଓ ପ୍ରଶ୍ନ କରନ୍ତି, "ଈଶ୍ୱର କାହିଁକି ଆମ୍ଭମାନଙ୍କ ପ୍ରାର୍ଥନାର ଉତ୍ତର ଦେଉ ନାହାନ୍ତି ?" କେହି କେହି ତିକ୍ତତା ଅନୁଭବ କରି ମଣ୍ଡଳୀ ପରିତ୍ୟାଗ କରନ୍ତି, କେହି କେହି ଗୁଣି ବିଦ୍ୟା ପ୍ରୟୋଗ କରି ସେମାନଙ୍କର ସର୍ବସ୍ୱ ଶେଷ କରନ୍ତି ଓ ଈଶ୍ୱରଙ୍କ ସହ ସମ୍ପର୍କ ଛିନ୍ନ କରନ୍ତି । ଏହିପରି ନିଃସନ୍ତାନ ଦମ୍ପତିମାନଙ୍କ ନିମନ୍ତେ ଆପଣଙ୍କର ପ୍ରାର୍ଥନା, ପରାମର୍ଶ ଓ ସହଯୋଗ ଆବଶ୍ୟକ, ସେମାନେ ଅନେକ ସମୟରେ ରାହେଲଙ୍କ ପରି କହନ୍ତି, "ମୋତେ ସନ୍ତାନ ଦିଅ, ନ ହେଲେ ମୁଁ ମରିବି" (ଆଦି ୩୦:୧) ]

ହାନ୍ନାଙ୍କର ବନ୍ଧ୍ୟା ଅବସ୍ଥାର ବର୍ଷଗୁଡିକ ଏବଂ ତାଙ୍କର ସ୍ୱାମୀଙ୍କର ସହଯୋଗମୂଳକ ବ୍ୟବହାର ନିଃସନ୍ତାନ ଦମ୍ପତିଙ୍କ ନିମନ୍ତେ ଆଦର୍ଶ ଓ ଆଶୀର୍ବାଦର କାରଣ ହୋଇପାରେ । ହାନ୍ନାଙ୍କର କୌଣସି ସନ୍ତାନ ନ ଥିଲେ । କିନ୍ତୁ ଇଲ୍‌କାନାଙ୍କର ବିଶ୍ୱସ୍ତତା ଅତି ସୁନ୍ଦର ଭାବେ ୧ଶାମୁୟେଲ ୧:୫ ରେ ଦର୍ଶାଯାଏ, 'ଯଦିଓ ସଦାପ୍ରଭୁ ହାନ୍ନାଙ୍କର ଗର୍ଭ ରୁଦ୍ଧ କରିଥିଲେ ସେ ହାନ୍ନାଙ୍କୁ ଅତିଶୟ ପ୍ରେମ କଲେ', ଏକ ନିଃସନ୍ତାନ ସ୍ତ୍ରୀକୁ ତାହାର ପିତାମାତାଙ୍କ ନିକଟକୁ ପାଠାଇ ଦେବାର ଅଧିକାର ତା'ର ସ୍ୱାମୀର ନାହିଁ । ସେ ଜଣେ ଇଲ୍‌କାନା ହେବା ଆବଶ୍ୟକ ।
ଆପଣଙ୍କ ମଣ୍ଡଳୀରେ ଥିବା ହାନ୍ନାମାନଙ୍କ ପାଇଁ ଏହି ସର୍ତ୍ତଗୁଡିକୁ ଦର୍ଶାନ୍ତୁ –

୧. ସେମାନଙ୍କର ପ୍ରାର୍ଥନା ଅବ୍ୟାହତ ରହିବା ଆବଶ୍ୟକ, ଯେପରି ହାନ୍ନା ପ୍ରାର୍ଥନା କରିଥିଲେ । ଈଶ୍ୱର ତାହାଙ୍କର ଗର୍ଭ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ରୁଦ୍ଧ କରିଥିଲେ ଓ ତାଙ୍କ ସମୟରେ ସେ ତାଙ୍କର ବନ୍ଧ୍ୟା ଅବସ୍ଥା ଦୂର କଲେ । ଅବ୍ରହାମ ଓ ସାରାଙ୍କୁ ଈଶ୍ୱର ସେମାନଙ୍କର ବୃଦ୍ଧାବସ୍ଥାରେ/ଅତିରିକ୍ତ ବୟସରେ ଏକ ଶିଶୁ ସନ୍ତାନ ଦେଇଥିଲେ (ଆଦି ୨୧:୨ ; ଗୀତ ୧୧୩:୯) ଏକ ଉତ୍ତମ ପଦ ।

୨. ବ୍ୟସ୍ତ ହୁଅନ୍ତୁ ନାହିଁ, ସଦାପ୍ରଭୁଙ୍କଠାରେ ଆନନ୍ଦ କରନ୍ତୁ । ଆପଣଙ୍କର ସ୍ୱାମୀଙ୍କୁ ରାହେଲ ପରି ବ୍ୟତିବ୍ୟସ୍ତ କରନ୍ତୁ ନାହିଁ, କାରଣ ଯେଉଁ ସମସ୍ତ ଆଶୀର୍ବାଦର ଅଧିକାରୀ ହୋଇ ଅଛନ୍ତି, ସେଥି ନିମନ୍ତେ କୃତଜ୍ଞ ହୁଅନ୍ତୁ ଓ ଆପଣଙ୍କ ମୁଖରେ ଆନନ୍ଦ ପ୍ରକାଶ ପାଇବା ଆବଶ୍ୟକ । ବିଷର୍ଣ୍ଣଭାବ ଆପଣଙ୍କ ସ୍ୱାମୀଙ୍କ ପ୍ରେମ ହ୍ରାସ କରିବ ଓ ଆପଣଙ୍କୁ ଜଣେ ଦୁଃଖପୂର୍ଣ୍ଣ ମନୁଷ୍ୟରେ ପରିଣତ କରିବ ।

୩. ଯଦି ସଦାପ୍ରଭୁ ଆପଣଙ୍କୁ ସନ୍ତାନ ଦିଅନ୍ତି ନାହିଁ, ତଥାପି ଆପଣଙ୍କର ମାତୃ ହୃଦୟ ରହିବା ଓ ଅନ୍ୟ ସନ୍ତାନମାନଙ୍କ ପ୍ରତି ସ୍ନେହ ପ୍ରଦର୍ଶନ କରିବା ଆବଶ୍ୟକ ।

ଅନେକ ପିତୃମାତୃହୀନ ଓ ଅବହେଳିତ ଶିଶୁମାନଙ୍କର ଯତ୍ନ ତତ୍ତ୍ୱ ଆବଶ୍ୟକ । ଏକ ବାଇବଲ କ୍ଲବ ବା ସଣ୍ଡେସ୍କୁଲ୍ ଶ୍ରେଣୀ ଆପଣଙ୍କୁ ଆତ୍ମିକ ସନ୍ତାନ ଗଠନ କରିବାରେ ସୁଯୋଗ ଦେଇ ପାରିବ । ଦେବୋରା "ଇଶ୍ରାୟେଲ ଜାତି ମଧ୍ୟରେ ମାତୃସ୍ଥାନ ପାଇଥିଲେ" (ବିଚାରକର୍ତ୍ତା ୫:୭)

**ଆଲୋଚନା -** ଆପଣଙ୍କ ମଣ୍ଡଳୀର ନିଃସନ୍ତାନ ମା' ମାନେ କିପରି ସେବାକାର୍ଯ୍ୟ କରି ପାରିବେ, ଆଲୋଚନ କରନ୍ତୁ । ଆପଣ କିପରି ସେମାନଙ୍କୁ ଉତ୍ସାହିତ କରିବେ ?

## ପାଠ ୩୨ – ବିଧବାମାନଙ୍କ ନିମନ୍ତେ ସେବାକାର୍ଯ୍ୟ

ଆପଣଙ୍କ ମଣ୍ଡଳୀରେ ହୁଏତ କେହି କେହି ବୟସ୍କା ସ୍ତ୍ରୀ, ବିଧବା ଅଛନ୍ତି, ଯେ କି ଈଶ୍ୱରଙ୍କୁ ପ୍ରେମ କରନ୍ତି ଓ ବିଶ୍ୱସ୍ତତାର ସହ ନିଜର ଦାୟିତ୍ୱ ତୁଲାନ୍ତି, ସେମାନେ ସମୟ ସମୟରେ ନିଜକୁ ଏକାକୀନି ବା ଅବାଞ୍ଛନା ବୋଲି ମନେ କରି ପାରନ୍ତି । ସେମାନେ ମଧ୍ୟ ଈଶ୍ୱରଙ୍କ ସେବାରେ ତାଙ୍କର ଦାନସମୂହ ବ୍ୟବହାର କରିବା ଆବଶ୍ୟକ (୧ପିତର ୪:୧୦), ସେମାନଙ୍କୁ ଏହି ବିଧବାମାନଙ୍କ ବିଷୟରେ କୁହନ୍ତୁ ।

୧. ନୟମୀ ତାଙ୍କ ଜାତିର ସେବିକା କାର୍ଯ୍ୟ କରିଥିଲେ (ଗୀତ ୪:୧୬) ଏବଂ ତାଙ୍କର ବିଶ୍ୱାସ ସମ୍ପର୍କରେ ଆଗାମୀ ବଂଶଧରକୁ ଅବଗତ କରାଇଥିଲେ, ମଣ୍ଡଳୀରେ ଶିଶୁମାନଙ୍କ ଯତ୍ନ ନେବାରେ ସଆନ୍ତ ମା' ମାନେ ବିଶେଷ ସହାୟକ ହୋଇ ପାରନ୍ତି ଓ ତା' ପରିବର୍ତ୍ତେ ସେମାନେ ଶିଶୁମାନଙ୍କଠାରୁ ସ୍ନେହଁ ଆଦର ପାଇବେ ।

୨. ସାରୀଫତ୍‌ର ବିଧବା ଜଣେ ଈଶ୍ୱରଙ୍କ ଲୋକର ଆତିଥ୍ୟ କରିଥିଲେ (୧ରାଜାବଳୀ ୧୭) ବୟସ୍କା ନାରୀମାନେ ଆତିଥ୍ୟ ସତ୍କାରରେ ବିଶେଷ ସହାୟକ ହୋଇ ପାରନ୍ତି ।

୩. ହାନ୍ନା ନାମକ ୮୪ ବର୍ଷ ବୟସ୍କା ବିଧବା "ଦିବାରାତ୍ର ଉପବାସ ଓ ନିବେଦନର ସହ ଈଶ୍ୱରଙ୍କ ଉପାସନା କରିଥିଲେ... ଓ ତାହାଙ୍କ ବିଷୟରେ ଅନ୍ୟମାନଙ୍କୁ କହିଥିଲେ" (ଲୂକ ୨:୩୬-୩୮) । ବୟସ୍କା ସ୍ତ୍ରୀମାନେ ଉତ୍ତମ ପ୍ରାର୍ଥନା ଯୋଦ୍ଧା ହୋଇପାରନ୍ତି ।

୪. ଅନ୍ୟ ଜଣେ ଈଶ୍ୱରଙ୍କୁ "ତାହାଙ୍କର ସର୍ବସ୍ୱ" ଦେଇଥିଲେ (ଲୂକ ୨୧:୪)

୫. ଦର୍କା, ଯେ କି ଅନ୍ୟମାନଙ୍କୁ ଅଶ୍ୱାସନା ଦେଉଥିଲେ ଓ ଅନ୍ୟମାନଙ୍କ ନିମନ୍ତେ ଅଙ୍ଗରଖା ଓ ବସ୍ତ୍ର ସିଲାଇ କରୁଥିଲେ, ସମ୍ଭବତଃ ଜଣେ ବିଧବା ଥିଲେ, କାରଣ ତାଙ୍କ ସହିତ ଯେଉଁମାନେ ବିଳାପ କରୁଥିଲେ, ସେମାନେ ବିଧବା

ଥିଲେ (ପ୍ରେରିତ ୯ :୩୯) । ସେ ଅନ୍ୟମାନଙ୍କ ଆବଶ୍ୟକତାରେ ସାହାଯ୍ୟ କରୁଥିଲେ ।

୬. ଲୋୟୀ ତାଙ୍କର ନାତି ତୀମଥିଙ୍କୁ ସେବାକାର୍ଯ୍ୟ ନିମନ୍ତେ ପ୍ରସ୍ତୁତ କରିବାରେ ବିଶେଷ ଅଂଶ ଗ୍ରହଣ କରିଥିଲେ (୨ତୀମଥି ୧ :୫) ।

ଜୀବନର ଏହି ସମୟଟି ବିଶେଷ ଫଳପ୍ରଦ ହୋଇପାରେ । କେବଳ ଶେଷ ପର୍ଯ୍ୟନ୍ତ ଅପେକ୍ଷା କରି ବସି ରହିବା ଠାରୁ ଏହି ସମୟର ଉପଯୁକ୍ତ ବିନିଯୋଗ କରିବା କେତେ ଉତ୍ତମ!

**ଆଲୋଚନା –** ବିଧବାମାନଙ୍କ ସେବାକାର୍ଯ୍ୟ ସମ୍ପର୍କରେ ଧର୍ମଶାସ୍ତ୍ରରେ ଦିଆଯାଇଥିବା ବିଷୟଗୁଡିକ ପୁନର୍ବାର ବିଚାର ବିଶ୍ଳେଷଣ କରନ୍ତୁ । ଆପଣ କ'ଣ ଅନ୍ୟମାନଙ୍କୁ ଏଥିରେ ଯୋଗ କରିପାରିବେ କି ?

## ପାଠ ୩୩ - ପରିତ୍ରାଣବିହୀନ ସ୍ୱାମୀ ବା ସ୍ତ୍ରୀଙ୍କ ସହ ଖ୍ରୀଷ୍ଟିୟାନ

ବିବାହରେ ଯେଉଁ ସ୍ୱାମୀ ବା ସ୍ତ୍ରୀ ବିଶ୍ୱାସରେ ଏକାଠି ହୁଅନ୍ତି, ସେମାନଙ୍କ ନିମନ୍ତେ ବିଶେଷ ଉତ୍ସାହ ଓ ଯତ୍ନ ଆବଶ୍ୟକ । ସେମାନଙ୍କୁ ଆପଣ ପରାମର୍ଶ ଦେବା ସମୟରେ ନିମ୍ନ ଲିଖିତ ବିଷୟଗୁଡିକ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ ।

୧. ଆପଣଙ୍କ ଆତ୍ମିକ ଅନୁଭୂତିସମୂହ ହେତୁ ଆପଣଙ୍କ ସ୍ୱାମୀ ବା ସ୍ତ୍ରୀଙ୍କ ମଧ୍ୟରେ ବ୍ୟବଧାନ ସୃଷ୍ଟି କରାନ୍ତୁ ନାହିଁ ।

୨. ଆପଣଙ୍କ ସ୍ୱାମୀ ବା ସ୍ତ୍ରୀଙ୍କୁ ନ୍ୟୁନତର ଅନୁଭବ କରିବାକୁ ଦିଅନ୍ତୁ ନାହିଁ ।

୩. ଆପଣଙ୍କ ସ୍ୱାମୀ ବା ସ୍ତ୍ରୀଙ୍କୁ ଅଧିକ ପ୍ରେମ ପ୍ରଦର୍ଶନ କରନ୍ତୁ । ଆପଣଙ୍କ ପ୍ରେମ ଅଧିକ ସ୍ୱଷ୍ଟ ରୂପେ ବ୍ୟକ୍ତ କରନ୍ତୁ । କାରଣ ଈଶ୍ୱରଙ୍କ ପ୍ରେମ ଆପଣଙ୍କ ହୃଦୟରେ ଢଳା ହୋଇଅଛି ।

୪. ଆପଣଙ୍କ ସମାସ୍ୟାଗୁଡିକ ବାହାରର ଲୋକମାନଙ୍କ ସହ ଆଲୋଚନା କରନ୍ତୁ ନାହିଁ।

୫. ଆପଣଙ୍କ ଗୃହରେ ଏକ ଉତ୍ତମ ପରିବେଶ ସୃଷ୍ଟି କରନ୍ତୁ ।

୬. ଜଣେ ସୁଖୀ ମନୁଷ୍ୟ ହୁଅନ୍ତୁ । ଏକ ମୃଦୁତାର ଆତ୍ମା ଆପଣଙ୍କୁ ଆବୋରୁ ।

**ଅଲୋଚନା –** ଏହିପରି ପରିତ୍ରାଣବିହୀନ ସ୍ୱାମୀ ଓ ସ୍ତ୍ରୀଙ୍କ ସହ ମଣ୍ଡଳୀର ନେତା କିପରି ବନ୍ଧୁତ୍ୱ ସ୍ଥାପନ କରିପାରିବେ ? ସେମାନଙ୍କୁ ମଣ୍ଡଳୀ ପ୍ରତି, ଏହାର

ଲୋକମାନଙ୍କ ପ୍ରତି ଓ ଖ୍ରୀଷ୍ଟଙ୍କ ପ୍ରତି ଆକୃଷ୍ଟ କରିବା ପାଇଁ ଆପଣ କେଉଁ କାର୍ଯ୍ୟକ୍ରମ କରି ପାରିବେ ?

## ପାଠ ୩୪ - ପ୍ରଭୁଙ୍କ ଦିନର ପାଳନ

ପ୍ରଭୁଙ୍କର ଦିନ ଅର୍ଥାତ୍ ରବିବାର ଦିନ ପାଳନ ନୂତନ ନିୟମର ଏକ ଚିନ୍ତାଧାରା ଯାହାର ଉତ୍ପତ୍ତି ପୁରାତନ ନିୟମର ବିଶ୍ରାମବାର ପାଳନଠାରୁ ଦେଖାଯାଏ ।

**କ) ବିଶ୍ରାମବାର ଓ ପ୍ରଭୁଙ୍କ ଦିନ ମଧ୍ୟରେ ପାର୍ଥକ୍ୟ**

୧. ବିଶ୍ରାମବାର ସପ୍ତାହର ସପ୍ତମ ଦିନ ଓ ପ୍ରଭୁଙ୍କ ଦିନ ସପ୍ତାହର ପ୍ରଥମ ଦିନ ଅଟେ

୨. ବିଶ୍ରାମବାର ଈଶ୍ୱରଙ୍କ ସୃଷ୍ଟିର ବିଶ୍ରାମର ନିଦର୍ଶନ ; କିନ୍ତୁ ପ୍ରଭୁଙ୍କ ଦିନ ଖ୍ରୀଷ୍ଟଙ୍କ ପୁନରୁତ୍ଥାନର ନିଦର୍ଶନ

୩. ବିଶ୍ରାମବାର ଯିହୂଦୀମାନଙ୍କ ନିମନ୍ତେ, କିନ୍ତୁ ପ୍ରଭୁଙ୍କ ଦିନ ଯୀଶୁଖ୍ରୀଷ୍ଟଙ୍କର ମଣ୍ଡଳୀ ନିମନ୍ତେ

**ଖ) ପ୍ରେରିତିକ ମଣ୍ଡଳୀରେ ସପ୍ତାହର ପ୍ରଥମ ଦିନର ପାଳନ -**

୧. ମାଥିଉ ୨୮:୧ - ଯୀଶୁ ବିଶ୍ରାମବାର ପାଳନ କରିବା ନିମନ୍ତେ କବର ମଧ୍ୟରେ ଦୀର୍ଘ ସମୟ ରହିଲେ ଓ ସପ୍ତାହର ପ୍ରଥମ ଦିନରେ ପୁନରୁତ୍ଥିତ ହେଲେ ।

୨. ପ୍ରେରିତ ୨୦:୭ - ନିୟମିତ ମାଣ୍ଡଳୀକ ଉପାସନା ବିଷୟରେ ଏଠାରେ ବର୍ଣ୍ଣନା କରାଯାଏ

୩. ୧କରିନ୍ଥୀୟ – ୧୬:୨ – ରବିବାର ଦିନ ମଣ୍ଡଳୀ ଉପାସନାରେ ଦାନ ସଂଗ୍ରହ ନିମନ୍ତେ ନିର୍ଦ୍ଦେଶ

୪. ପ୍ରକାଶିତ ୧:୧୦ – ଯୋହନ ପ୍ରଭୁଙ୍କ ଦିନ ବିଷୟରେ କହିଥିଲେ

**ଗ) ପ୍ରଭୁଙ୍କ ଦିନ ପାଳନ କରିବା ନିମନ୍ତେ ଉପଯୁକ୍ତ ଉପାୟ –**

୧. ସଦାପ୍ରଭୁଙ୍କଠାରେ ଆନନ୍ଦ କରନ୍ତୁ । ଏହାକୁ ଉପାସନା, ପ୍ରାର୍ଥନା ଓ ପ୍ରଶଂସାର ଏକ ବିଶେଷ ଦିନ କରନ୍ତୁ ।

୨. ଏହାକୁ ସଦାପ୍ରଭୁଙ୍କୁ ମାନ୍ୟ କରିବାର ଦିନ କରନ୍ତୁ । ଛଅ ଦିନ ଆମେ କାର୍ଯ୍ୟ କରୁ ଓ ଜୀବିକା ନିର୍ବାହ କରୁ, କିନ୍ତୁ ସପ୍ତମ ଦିନ ତାହାଙ୍କର ଅଟେ ।

**ଆଲୋଚନା –** ରବିବାର କେଉଁ ସାଧାରଣ କାର୍ଯ୍ୟକ୍ରମଗୁଡିକ ପ୍ରଭୁଙ୍କ ଦିନ ନିମନ୍ତେ ଉପଯୋଗୀ ନୁହେଁ ।

## ପାଠ ୩୫ - ପିତୃ ଦିବସ

ଈଶ୍ୱର ସ୍ୱାମୀଙ୍କୁ ପରିବାରର ମୁଖ୍ୟ ଭାବେ ସ୍ଥାପନ କରିଅଛନ୍ତି, ଆଦି ୧୮ : ୧୯ ; ଏଫିସୀୟ ୫ : ୨୩ । ଖ୍ରୀଷ୍ଟିୟ ପିତାମାତାମାନେ ପରିବାରର ଯାଜକ ଭାବେ ସେମାନଙ୍କର ଦାୟିତ୍ୱ ତୁଲାଇବା ନିମନ୍ତେ ଉତ୍ସାହ ଓ ପ୍ରେରଣା ପାଇବା ଆବଶ୍ୟକ । ମଣ୍ଡଳୀର ପିତାମାନଙ୍କୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ଏକ ବିଶେଷ ଉପାସନା ରଖିବା ଉତ୍ତମ ବିଷୟ । ଏ ବିଷୟରେ ପୂର୍ବରୁ ଭଲ ଭାବେ ବିଜ୍ଞାପନ ଦିଅନ୍ତୁ ଏବଂ ଘୋଷଣା କରନ୍ତୁ, ଯେପରି ସମସ୍ତ ପିଲା ଏପରିକି ବଡମାନେ ସେମାନଙ୍କ ପିତାଙ୍କ ସହ ବସିବେ । ଜଣେ ପିତା ବାଇବଲ ପାଠ କରନ୍ତୁ । ଅନ୍ୟ ଜଣେ ପ୍ରାର୍ଥନା କରନ୍ତୁ । ଆପଣ ହୁଏତ ସବୁଠାରୁ ବୟସ୍କ ପିତା, ସବୁଠାରୁ କନିଷ୍ଠ ପିତା ଓ ସବୁଠାରୁ ଅଧିକ ସଂଖ୍ୟକ ସନ୍ତାନମାନଙ୍କୁ ପିତାଙ୍କ ଆବିଷ୍କାର କରିପାରିବେ ।

ଏହି ଉପଲକ୍ଷେ ଉପଦେଶରେ ଖ୍ରୀଷ୍ଟଙ୍କୁ ଗୌରବ ଦେଉଥିବା ପିତାଙ୍କ ନିମନ୍ତେ ବାଇବଲ ଅନୁମୋଦିତ ମୌଳିକ ବିଷୟ ପ୍ରତି ଦୃଷ୍ଟି ଆକର୍ଷଣ କରନ୍ତୁ । ସେ ତାଙ୍କର ସ୍ତ୍ରୀ ଙ୍କୁ ଉଭୟ ରୋଗ ଓ ସୁସ୍ଥ ଥିବା ସମୟରେ ପୁଣି ଅଭାବ ଓ ପ୍ରଚୁରତା ଥିବା ସମୟରେ ପ୍ରେମ କରିବା ଆବଶ୍ୟକ (ଏଫିସୀୟ ୫ : ୨୫) ସେ ତାହାଙ୍କ ପ୍ରତି ବିଶ୍ୱସ୍ତ ହେବା ଓ ଦୁଃଖ ସମୟରେ ତାହାଙ୍କୁ ସାନ୍ତ୍ୱନା ଦେବା ଆବଶ୍ୟକ ( ୨ଶାମୁୟେଲ ୧ :୮ )

ଈଶ୍ୱରଙ୍କ ଉଦ୍ଦେଶ୍ୟରେ ପିଲାମାନଙ୍କୁ ତାଲିମ ଦେବା ଓ ଶାସନ କରିବା କ୍ଷେତ୍ରରେ ପରିବାରର ପିତା ପ୍ରତ୍ୟକ୍ଷ୍ୟ ଅଂଶ ଗ୍ରହଣ କରିବା ବାଞ୍ଛନୀୟ (ହିତୋପଦେଶ ୨୨ :୬) , ଦୈନିକ ପାରିବାରିକ ଉପାସନା ନିମନ୍ତେ ଏକ ପାରିବାରିକ ଉପାସନା ବେଦୀ ପ୍ରସ୍ତୁତ କରିବାର ଦାୟିତ୍ୱ ତାହାଙ୍କର, ପିତା ଓ ମାତା ଏକତ୍ର ପ୍ରାର୍ଥନା ଓ କାର୍ଯ୍ୟ କରିବେ, ଯେପରି ସନ୍ତାନମାନେ ଶୀଘ୍ର ପ୍ରଭୁଙ୍କୁ ଗ୍ରହଣ କରିବେ (ମାଥିଉ ୧୯ :୧୩, ୧୫) । ସେ ନିଶ୍ଚିତ ଭାବେ ତାଙ୍କର ସ୍ତ୍ରୀ ଓ ପିଲାମାନଙ୍କୁ ପ୍ରେମ କରିବେ, କିନ୍ତୁ ଖ୍ରୀଷ୍ଟଙ୍କ ନିମନ୍ତେ ତାଙ୍କ ପ୍ରେମ ଆହୁରି ଅଧିକ ହେବା ଆବଶ୍ୟକ । ଖ୍ରୀଷ୍ଟିୟ ପିତା ତାଙ୍କ ଜୀବନରେ ସଦାସର୍ବଦା ଖ୍ରୀଷ୍ଟଙ୍କୁ ଅଗ୍ରାଧିକାର ଦେବା ଆବଶ୍ୟକ (ଲୂକ ୧୪ :୨୬)

**କାର୍ଯ୍ୟଭାର** - ପିତାଙ୍କ ଦିନ ପାଳନ କରିବା ନିମନ୍ତେ ଉପଯୋଗୀ ପ୍ରସଙ୍ଗର ଏକ ତାଲିକା ପ୍ରସ୍ତୁତ କରନ୍ତୁ।

## ପାଠ ୩୬ – ମାଆମାନଙ୍କ ଦିବସ

ଉତ୍ତମ ସ୍ତ୍ରୀମାନେ ଓ ମାଆମାନେ ଈଶ୍ୱରଙ୍କର ମହତ୍ ଦାନ (ହିତୋପଦେଶ ୩୧ :୧୦) । ସ୍ତ୍ରୀମାନେ ପ୍ରଂଶସା ଓ ଉତ୍ସାହ ଋହାନ୍ତି ଏବଂ ମଣ୍ଡଳୀ ସେମାନଙ୍କର ଗୃହର ସେବାକାର୍ଯ୍ୟ ଓ ସେମାନଙ୍କର ସାକ୍ଷ୍ୟକୁ ସମ୍ମାନ ଦେବାକୁ ଯତ୍ନଶୀଳ ହେବା ଆବଶ୍ୟକ ।
ମାଆମାନଙ୍କୁ ସମ୍ମାନିତ କରିବା ସକାଶେ ଉପାସନାରେ ପିଲାମାନଙ୍କ ଦ୍ୱାରା ମାଆମାନଙ୍କ

ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଏକ ଗୀତ ଗାୟନ କରାଯାଇପାରେ ଏବଂ ଏକ ବୟସ୍କ ପିଲା ଦ୍ୱାରା ତାଙ୍କ ମାଆଙ୍କୁ ଶ୍ରଦ୍ଧାଞ୍ଜଳୀ ଦିଆଯାଇପାରେ । ପ୍ରତ୍ୟେକ ପିଲା ତାଙ୍କ ମାଆଙ୍କୁ ଉପହାର ଦେବା ଉଦ୍ଦେଶ୍ୟରେ ଏକ ପୁଷ୍ପଗୁଚ୍ଛ ଆଣିପାରନ୍ତି । ବାଇବଲର ଏକ ସ୍ତ୍ରୀଙ୍କ ଉପରେ ଆଧାରିତ ଏକ ଉପଦେଶ ଦିଆଯାଇପାରେ ।

**କାର୍ଯ୍ୟଭାର -** ଆପଣଙ୍କ ମଣ୍ଡଳୀରେ ମାଆମାନଙ୍କ ଦିବସ ନିମନ୍ତେ ଏକ କାର୍ଯ୍ୟସୂଚୀ ନିର୍ଦ୍ଧାରଣ କରି, କେଉଁମାନେ ଅଂଶଗ୍ରହଣ କରିବେ ଓ ସେମାନେ ପ୍ରତ୍ୟେକ କ'ଣ କରିବେ, ତାହାର ଏକ ତାଲିକା ପ୍ରସ୍ତୁତ କରନ୍ତୁ ।

## ପାଠ ୩୭ - ପାରିବାରିକ ଉପାସନା ବେଦୀ ସ୍ଥାପନ

ଏକ ସଫଳ ଖ୍ରୀଷ୍ଟିୟ ଗୃହର ଗୋପନୀୟ ତଥ୍ୟ ପରିବାରର ଉପାସନା ବେଦୀ ଅଟେ, ଯେଉଁଠାରେ ଖ୍ରୀଷ୍ଟଙ୍କୁ ଗୃହର ମୁଖ୍ୟ ରୂପେ ଚିତ୍ରଣ କରାଯାଏ ଓ ପରିବାରର ସମସ୍ତେ ଈଶ୍ୱରଙ୍କୁ ଉପାସନା କରନ୍ତି ଓ ତାହାଙ୍କ ଠାରୁ ଶିକ୍ଷା କରନ୍ତି ।

ଯଦି ଆପଣ ପାରିବାରିକ ଉପାସନା ବିଷୟରେ ବର୍ଣ୍ଣନା କରନ୍ତି ଓ ତାହା ଆରମ୍ଭ କରିବା ନିମନ୍ତେ ଖ୍ରୀଷ୍ଟିୟାନମାନଙ୍କୁ ଉତ୍ସାହିତ କରନ୍ତି, ତେବେ କେହି କେହି ହୁଏତ ପ୍ରଭାବିତ ହୋଇପାରନ୍ତି, କିନ୍ତୁ ଅନ୍ୟମାନେ କ'ଣ କରିବାକୁ ହେବ, ପ୍ରକୃତରେ ତାହା ବୁଝିପାରନ୍ତି ନାହିଁ, ଏହି ନିମନ୍ତେ ଏପ୍ରକାର ଉପାସନାର ଏକ ପ୍ରଦର୍ଶନ ବାଞ୍ଛନୀୟ । ଏକ ପରିବାରକୁ ମନୋନୀତ କରନ୍ତୁ, ସେମାନଙ୍କୁ ସାକ୍ଷାତ କରି ପାରିବାରିକ ଉପାସନା ବେଦିର ଏକ ଆଦର୍ଶ ଦେଖାଇବା ନିମନ୍ତେ ପିଲାମାନେ କ୍ରମ ଅନୁଯାୟୀ ଶାସ୍ତ୍ର ପାଠରେ ଅଂଶ ଗ୍ରହଣ କରିପାରନ୍ତି ଏବଂ ଛୋଟ ପିଲାମନେ ଏକ ମୁଖସ୍ତ ପଦ କହିପାରନ୍ତି । ସମ୍ଭବତଃ ପରିବାରର ପିତା ପଠିତ ଶାସ୍ତ୍ରପାଠ ଉପରେ କିଛି ମତାମତ ପ୍ରକାଶ କରି ପାରନ୍ତି ଓ ପ୍ରାର୍ଥନାର ସହ ଶେଷ କରି ପାରନ୍ତି, ପରିବାରର ସେହି ସ୍ଥାନରୁ ବିଦାୟ ନେବା ପରେ ପିତାମାତାଙ୍କ ଗୁରୁତ୍ୱ ଓ ପାରିବାରିକ ଉପାସନାରେ ସନ୍ତାନମାନେ ଏକତ୍ରିତ ହେବା ବିଷୟରେ ଆପଣ ଏକ ସଂକ୍ଷିପ୍ତ ଶିକ୍ଷା ଦେଇପାରନ୍ତି ।
ଏହା ଦ୍ୱାରା ଆଦର୍ଶ ପ୍ରଦର୍ଶନ କରିବା ପରିବାର ଶକ୍ତିଯୁକ୍ତ ହେବେ ଓ ଅନ୍ୟାନ୍ୟ ପରିବାରଗୁଡିକ ସେମାନଙ୍କ ଗୃହରେ ପାରିବାରିକ ଉପାସନା ଆରମ୍ଭ କରିବା ନିମନ୍ତେ ପ୍ରଭାବିତ ହେବେ ।

ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ନିମନ୍ତେ ଏହା କେତେ ମୂଲ୍ୟବାନ୍ ।

**କାର୍ଯ୍ୟଭାର –** ଶ୍ରେଣୀ ସାହାଯ୍ୟରେ ଏକ ଆଦର୍ଶ ପାରିବାରିକ ଉପାସନା ବେଦି ପ୍ରଦର୍ଶନ କରନ୍ତୁ ।

# ପାଠ ୩୮ – ସମ୍ପୂର୍ଣ୍ଣ ପରିବାର ସହିତ ଯୋଗାଯୋଗ

ସମ୍ପୂର୍ଣ୍ଣ ପରିବାରକୁ ସ୍ୱର୍ଗୀୟ ପଥରେ ଗମନ କରାଇବା ପାଇଁ ନିର୍ଦ୍ଦେଶ ଦେବା ଆପଣଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସେବାକାର୍ଯ୍ୟଗୁଡ଼ିକ ମଧ୍ୟରୁ ଅନ୍ୟତମ, ଆପଣ ପିତାମାତାମାନଙ୍କୁ ଈଶ୍ୱରଙ୍କ ସତ୍ୟରେ ସେମାନଙ୍କ ପିଲାମାନଙ୍କୁ କଢ଼ାଇ ନେବା ପାଇଁ ଈଶ୍ୱରଙ୍କର ବାଧ୍ୟ ହେବାକୁ ଆଗେଇ ନେବା ଦ୍ୱାରା ଏହା ସମ୍ଭବ ହୋଇ ପାରିବ ।

**ନିମ୍ନରେ କେତେଗୁଡିଏ ପ୍ରସ୍ତାବ :-**

୧. ଈଶ୍ୱରଙ୍କ ବାକ୍ୟର ପରିବେଷ୍ଟନୀ ଦ୍ୱାରା ପିଲାମାନଙ୍କୁ ସୁରକ୍ଷା କରିବା ନିମନ୍ତେ ପିତାମାତାମାନଙ୍କୁ ସେମାନଙ୍କର ଦାୟିତ୍ୱ ସମ୍ପର୍କରେ ପ୍ରକାଶ୍ୟ ଭାବେ ଶିକ୍ଷା ଓ ବ୍ୟକ୍ତିଗତ ଭାବେ ପରାମର୍ଶ ଦିଅନ୍ତୁ (ଦ୍ୱିତୀୟ ବିବରଣ ୬:୬-୯; ହିତୋପଦେଶ ୬:୨୦-୨୩ ଏବଂ ୧୧୯:୧୧)

୨. ପିଲାମାନଙ୍କ ଖ୍ରୀଷ୍ଟିୟାନ୍ ବନ୍ଧୁମାନଙ୍କ ନିମନ୍ତେ ପିତାମାତାମାନେ ସେମାନଙ୍କ ଗୃହ ଓ ଜୀବନ ଉନ୍ମୁକ୍ତ ରଖିବା ନିମନ୍ତେ ସେମାନଙ୍କୁ ଉତ୍ସାହିତ କରନ୍ତୁ । ଅନ୍ୟମାନଙ୍କ ପିଲାମାନଙ୍କ ସକାଶେ ସେମାନେ ଉତ୍ସାହୀ, ଅନୁରକ୍ତ ଓ ସମ୍ପୂର୍ଣ୍ଣ ହୃଦୟବିଶିଷ୍ଟ ଖ୍ରୀଷ୍ଟିୟାନ ଓ ମଣ୍ଡଳୀ ସହଯୋଗକାରୀ ହେବାର ଗୁରୁତ୍ୱପୂର୍ଣ୍ଣ ପ୍ରଦର୍ଶନ କରନ୍ତୁ । ଏକ ଦୃଢ ପରିବାର ଗଠନ ନିମନ୍ତେ ଈଶ୍ୱରଙ୍କ ପ୍ରେମ ନିତାନ୍ତ ଆବଶ୍ୟକ ଯାହାକି ପିତାମାତାଙ୍କ ଅନ୍ତଃ ପ୍ରବେଶ କରେ ।

୩. ଆପଣଙ୍କ ମଣ୍ଡଳୀକୁ ପରିବାରମୂଳକଭାବେ ଗଠନ କରନ୍ତୁ । ବିଶ୍ୱାସୀମାନଙ୍କୁ ଅନ୍ୟ ପରିବାରର ପିଲାମାନଙ୍କ ନିମନ୍ତେ ପ୍ରାର୍ଥନା କରିବାକୁ ଓ ସେମାନଙ୍କୁ ସାହାଯ୍ୟ କରିବାକୁ ଉତ୍ସାହିତ କରନ୍ତୁ, ମଣ୍ଡଳୀର ସମସ୍ତ ବୟସ୍କ ବ୍ୟକ୍ତି ଯେପରି ସମସ୍ତ ଯୁବା ପିଲାମାନଙ୍କ ସହିତ ସୁପରିଚିତ ହେବେ, ସେଥିପାଇଁ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରନ୍ତୁ, ଈଶ୍ୱରଙ୍କ ଲୋକମାନେ ବଂଶ/ପୁରୁଷ ବିଭେଦ ଦ୍ୱାରା ଉତ୍ପୀଡିତ ହେବା ଉଚିତ ନୁହେଁ ।

୪. ବୟଃପ୍ରାପ୍ତ ପିଲାମାନଙ୍କର ପିତାମାତାଙ୍କୁ ଏକ କଠିନ ଯୌତୁକ ପ୍ରଥାର ମନ୍ଦ ପ୍ରଭାବ ବିଷୟରେ ଶିକ୍ଷା ଦିଅନ୍ତୁ । ଅନେକ ଯୁବା ପାପରେ ପଡି ଯାଆନ୍ତି, କାରଣ ଅତିରିକ୍ତ ଯୌତୁକ ଦାବୀ କରିବା ସମୟରେ ପବିତ୍ର ବିବାହକୁ ଅନେକ ବର୍ଷ ପର୍ଯ୍ୟନ୍ତ ବିଳମ୍ବ କରାଇଥାଏ ।

୫. ପିଲାମାନେ ଈଶ୍ୱରଙ୍କ ଏକ ଅତୁଳନୀୟ ଦାନ ଏବଂ ପିଲାମାନଙ୍କୁ ପ୍ରଭୁଙ୍କ ପଥରେ ଆଗେଇ ନେବା ଆପଣଙ୍କ ମଣ୍ଡଳୀର ପିତାମାତାଙ୍କର ଏକ ବିଶେଷ ଆନନ୍ଦର କାରଣ ହେବା ଆବଶ୍ୟକ । କାରଣ ଏହି ଆନନ୍ଦ ଅନନ୍ତକାଳ ସ୍ଥାୟୀ ।

**ଆଲୋଚନା –** ଉପରୋକ୍ତ ଚାରୋଟି ବିଷୟ ଚିନ୍ତା କରନ୍ତୁ । ଆପଣଙ୍କ ମଣ୍ଡଳୀ ନିମନ୍ତେ ଏହା କାର୍ଯ୍ୟକାରୀ ରୂପେ ସାହାଯ୍ୟମୂଳକ ହେବ କି ? ଆପଣ ଅନ୍ୟ କୌଣସି ଚିନ୍ତାଧାରା ଦେଇ ପାରିବେ କି ?

## ପାଠ ୩୯ – ସାଧାରଣ ବିଶ୍ୱାସୀମାନଙ୍କୁ ସେବାକାର୍ଯ୍ୟ ନିମନ୍ତେ ପ୍ରସ୍ତୁତ କରିବା

ସମ୍ଭବତଃ ଆପଣଙ୍କ ମଣ୍ଡଳୀର ନେତୃତ୍ୱ ଦିଗରେ ଆପଣ ସବୁଠାରୁ ଅଧିକ ସକ୍ଷମ ବ୍ୟକ୍ତି । ତେବେ ମଣ୍ଡଳୀର ସମସ୍ତ କାର୍ଯ୍ୟର ଦାୟିତ୍ୱ ଆପଣଙ୍କ ନିଜ ସ୍କନ୍ଧରେ ବହନ କରିବାର ପ୍ରଲୋଭନ ଆପଣଙ୍କ ନିକଟରେ ଦେଖାଯିବ । କିନ୍ତୁ ତାହା ଏକ ଦୁଃଖଜନକ ଭ୍ରାନ୍ତି ହେବ, କାହିଁକି ?

ପ୍ରଥମେ ୧ପିତର ୪:୧୦ ପଢନ୍ତୁ । ଏଠାରେ ଅତି ସ୍ୱଷ୍ଟ ଭାବେ ନିର୍ଦ୍ଦେଶ ଦିଆଯାଇଛି, "ପ୍ରତ୍ୟେକ ଜଣ ଯେଉଁପରି ଅନୁଗ୍ରହ ଦାନ ପାଇଅଛ", ସେହିପ୍ରକାରେ ଈଶ୍ୱରଙ୍କ ବହୁବିଧ ଅନୁଗ୍ରହର ଉତ୍ତମ ଭଣ୍ଡାରଘରିଆ ସ୍ୱରୂପେ ତଦ୍ଦ୍ୱାରା ପରସ୍ପର ସେବା କର ।" ଈଶ୍ୱରଙ୍କ ଠାରେ ବୃଦ୍ଧି ପାଇବା ନିମନ୍ତେ ଆପଣଙ୍କ ଲୋକମାନଙ୍କୁ ସେମାନଙ୍କର ଦାନ ବ୍ୟବହାର କରିବା ପାଇଁ ପଡିବ, ଏଥିନିମନ୍ତେ ଆପଣ ସେମାନଙ୍କୁ ତାଲିମ୍ ଦେବେ ଓ ଉତ୍ସାହ ପ୍ରଦାନ କରିବେ । ଯେଉଁ ପୋଖରୀରୁ ଜଳ ବାହାରକୁ ଯିବାର ପଥ ନାହିଁ, ତାହା ନିଶ୍ଚଳ ହୋଇଯାଏ, ଆପଣଙ୍କ ସାଧାରଣ ଖ୍ରୀଷ୍ଟିୟାନମାନଙ୍କଠାରୁ ଜୀବନ୍ତ ସ୍ରୋତ ବହିଯାଉଥିବା ଆବଶ୍ୟକ ।

ଏକ ସୁସମାଚାର ଦଳ ଗଠନ କରନ୍ତୁ । ଜଣେ ଗୀତର ଦଳପତି ଓ ଅନ୍ୟ ଜଣେ ସାକ୍ଷ୍ୟ ଦେଇପାରନ୍ତି । ଉପାସନା ସେବା ସମୟରେ ସେମାନଙ୍କୁ କାର୍ଯ୍ୟ ଦାୟିତ୍ୱ ଦେଇ ଦିଅନ୍ତୁ । କେତେକଙ୍କୁ ପ୍ରାର୍ଥନା ଦଳ ଦ୍ୱାରା ବା ଗୃହ ବାଇବଲ ଅଧ୍ୟୟନ ଦଳର ଦୟିତ୍ୱ ଦିଅନ୍ତୁ । କେହି ସଣ୍ଡେସ୍କୁଲ୍‌ରେ ଶିକ୍ଷା ଦେଇ ପାରନ୍ତି । ଅନ୍ୟ କେହି ସପ୍ତାହବ୍ୟାପୀ ପିଲାମାନଙ୍କର କ୍ଲବ୍ ପରିଚାଳନା କରିପାରନ୍ତି । ଏକ କଣ୍ଢେଇ ସେବାକାର୍ଯ୍ୟ ଆରମ୍ଭ କରନ୍ତୁ । ଏ ସମସ୍ତ ଅପେକ୍ଷା ଅନ୍ୟମାନଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ ଆକର୍ଷଣ କରିବାର କୌଶଳ ସେମାନଙ୍କୁ ଶିଖାନ୍ତୁ ।

**ଆଲୋଚନା –** ଈଶ୍ୱରଙ୍କ ସେବାକାର୍ଯ୍ୟରେ ଅଂଶଗ୍ରହଣ କରିବା ଦ୍ୱାରା ଈଶ୍ୱରଙ୍କ ପ୍ରତି ଆପଣଙ୍କ ମଣ୍ଡଳୀର ସାଧାରଣ ଲୋକମାନଙ୍କର ପ୍ରେମ ପ୍ରକାଶିତ ହେବାର ଅନ୍ୟାନ୍ୟ ଉପାୟ ଆଲୋଚନା କରନ୍ତୁ ।

## ପାଠ ୪୦ – ମହିଳାମାନଙ୍କ ଦାନର ବ୍ୟବହାର

ଆପଣଙ୍କ ମଣ୍ଡଳୀର ମହିଳାମାନଙ୍କୁ ଈଶ୍ୱରଙ୍କ ସେବାକାର୍ଯ୍ୟ କେବଳ ପର୍ଯ୍ୟବେକ୍ଷଣ

କରିବାର ଦାୟିତ୍ୱ ଦିଅନ୍ତୁ ନାହିଁ । ସେମାନେ ମଧ୍ୟ ଅନେକ ଦାନ ପାଇଅଛନ୍ତି, ଯାହାକି ମଣ୍ଡଳୀ ପ୍ରତି ଆଶୀର୍ବାଦ, ଈଶ୍ୱରଙ୍କ ପାଇଁ ଗୌରବ ଓ ସେମାନଙ୍କ ନିଜ ଜୀବନ ପାଇଁ ଶକ୍ତି ଆଣିଦେବ ।

ଆପଣଙ୍କ ପଲର ମହିଳାମାନଙ୍କୁ ଅଧ୍ୟୟନ କରନ୍ତୁ, ନିମ୍ନଲିଖିତ ସେବାକାର୍ଯ୍ୟଗୁଡିକରେ ସାହାଯ୍ୟ କରି ଈଶ୍ୱରଙ୍କ ସେବା କରିବା ପାଇଁ ସେମାନଙ୍କୁ ପ୍ରସ୍ତୁତ ଓ ସାହାଯ୍ୟ କରିବାକୁ ଯଥାସାଧ୍ୟ ଉଦ୍ୟମ କରନ୍ତୁ :-

**କ) ମହିଳାମାନଙ୍କ ମଧ୍ୟରେ**

୧. ଜଣେ ଦୀକନ ଭାବେ – ରୋଗୀ ବା ଶୋକସନ୍ତପ୍ତଙ୍କୁ ପରିଦର୍ଶନ କରିବା ଦ୍ୱାରା

୨. ପ୍ରାର୍ଥନା ଦଳର ନେତୃତ୍ୱ ନେବା ଦ୍ୱାରା ବା ଆତିଥ୍ୟ କରିବା ଦ୍ୱାରା

୩. ବାଇବଲ ଅଧ୍ୟୟନ ପରିଚାଳନା କରିବା ଦ୍ୱାରା

୪. ଯୁବା ଖ୍ରୀଷ୍ଟିୟାନମାନଙ୍କୁ ସମ୍ଭବତଃ ବଡ ଭଉଣୀ ବା ସାନ ଭଉଣୀ ଭାବେ ଖ୍ରୀଷ୍ଟଙ୍କର ଶିକ୍ଷା କରିବା ଦ୍ୱାରା

**ଖ) ପିଲାମାନଙ୍କ ମଧ୍ୟରେ –**

୧. ସଣ୍ଡେସ୍କୁଲ୍ ଶ୍ରେଣୀରେ ଶିକ୍ଷା ଦେବା ଦ୍ୱାରା

୨. ପ୍ରତିବାସୀ କ୍ଲବ୍‌ରେ ନେତୃତ୍ୱ ନେବା ଦ୍ୱାରା

**ଗ) ଗୃହ ମଧ୍ୟରେ**

୧. ପିଲାମାନଙ୍କୁ ଈଶ୍ୱରଙ୍କ ଅନୁସରଣ କରିବା ନିମନ୍ତେ ଶିକ୍ଷା ଦେବା ଦ୍ୱାରା

୨. ଉଭୟ ପରିତ୍ରାଣବିହୀନ ବ୍ୟକ୍ତିଙ୍କର ଓ ଖ୍ରୀଷ୍ଟିୟାନମାନଙ୍କର ଆତିଥ୍ୟ କରିବା ଦ୍ୱାରା

୩. ସ୍ୱାମୀଙ୍କର ସାହାଯ୍ୟକାରୀ ସ୍ୱରୂପେ ଯଦି ସେ ପରିତ୍ରାଣପ୍ରାପ୍ତ, ତାଙ୍କୁ ଉତ୍ସାହ ଦେବା ଦ୍ୱାରା ଓ ଯଦି ସେ ପରିତ୍ରାଣବିହୀନ, ତାଙ୍କୁ ଖ୍ରୀଷ୍ଟଙ୍କ ନିମନ୍ତେ ଲାଭ କରିବା ପାଇଁ ଉଦ୍ୟମ କରିବା ଦ୍ୱାରା

**ଆଲୋଚନା** - ଆପଣଙ୍କ ପଲର ମହିଳାମାନଙ୍କ ନିମନ୍ତେ ଆଉ କେଉଁ ପ୍ରକାର

# 5

# ପବିତ୍ର ଜୀବନଯାପନ

**ବିଷୟସୂଚୀ :-**


୧. ଈଶ୍ୱରଙ୍କ ପ୍ରତି ଭୟ
୨. ପବିତ୍ରଆତ୍ମାପୂର୍ଣ୍ଣ ଜୀବନ
୩. ଶୟତାନର ପ୍ରତିବାଧା କରିବା
୪. ଈଶ୍ୱରଙ୍କ ଇଛା ଜାଣିବା
୫. ନୀରବତାର ସମୟ (ଈଶ୍ୱରଙ୍କ ସହିତ ସମୟ କାଟିବା)
୬. ପୃଥକୀକୃତ ଜୀବନ
୭. ବ୍ୟକ୍ତିଗତ ଜୀବନ
୮. ଅନ୍ତର୍ନିହିତ ଉଦ୍ଦେଶ୍ୟ
୯. ଜଣେ ନେତାଙ୍କ ଯୋଗ୍ୟତା
୧୦. ବ୍ୟଭିଚାର
୧୧. ଗୃହରେ ନେତୃତ୍ୱ
୧୨. କେବଳ ସତ୍ୟ
୧୩. ଅର୍ଥ
୧୪. ଶୃଙ୍ଖଳିତ ଅଧ୍ୟୟନ
୧୫. ନିଜ ଶରୀରକୁ କାର୍ଯ୍ୟକ୍ଷମ କରି ରଖିବା
୧୬. ଆଳସ୍ୟ
୧୭. ପ୍ରଶଂସା
୧୮. ଯେତେବେଳେ ପ୍ରଲୋଭନ ଆସେ
୧୯. ଅନୁସରଣକାରୀ
୨୦. ବିଜୟ ସୁନିଶ୍ଚିତ

ସେବାକାର୍ଯ୍ୟ ଆପଣ ସଂଯୋଗ କରି ପାରିବେ ।

**ଉପକ୍ରମ –** Portable School ପାଠ୍ୟକ୍ରମ ମାଧ୍ୟମରେ ଏହି ପାଠଗୁଡିକ ଗୁରୁତ୍ୱପୂର୍ଣ୍ଣ ହୋଇପାରେ । କାରଣ – "ହୃଦୟର ପୂର୍ଣ୍ଣତାରୁ ମୁଖ କଥା କୁହେ" (ମାଥିଉ ୧୨:୩୪)

କେବଳ ଏକ ପବିତ୍ର ଜୀବନ ଆତ୍ମିକ ଫଳ ଉତ୍ପନ୍ନ କରିପାରିବ ଏବଂ ଖ୍ରୀଷ୍ଟିୟ କାର୍ଯ୍ୟକାରୀ ତାହାର ଅନ୍ତର୍ନିହିତ ବିଜୟ ନିମନ୍ତେ ଓ ତାହାର ସାକ୍ଷ୍ୟ ନଷ୍ଟ ନ ହେବା ନିମନ୍ତେ ସର୍ବଦା ଜାଗ୍ରତ ରହିବା ଆବଶ୍ୟକ ।

ଏହି ବିଷୟବସ୍ତୁର ପ୍ରସ୍ତୁତିରେ Dr. Doughlas Alban ଙ୍କର 100 Bible Lessons, Rev. R.Stanley ଙ୍କର Preachers and People ଏବଂ Dr. Lilian Stanley ଙ୍କର The Ideal Woman ର ସାହାଯ୍ୟ ନିଆଯାଇଛି ।

# ପବିତ୍ର ଜୀବନଯାପନ

## ପାଠ ୧ – ଈଶ୍ୱରଙ୍କ ପ୍ରତି ଭୟ

ଭୁଲ୍ ଓ ଠିକ୍ ଭୟ । "ଭୟ କର ନାହିଁ" – ଏହି ମୂଲ୍ୟବାନ ସମ୍ବାଦ ପ୍ରାୟ ୫୦ ଥର ବ୍ୟବହୃତ ହୋଇଅଛି । ପୁଣି ବିଭିନ୍ନ ଭାବେ ଏହା ପ୍ରାୟ ୩୬୬ ଥର ବ୍ୟବହୃତ ହୋଇଅଛି । "ଏ ମୁଁ, ଭୟ କରନାହିଁ" । ଆମର ଈଶ୍ୱରଙ୍କ ପ୍ରତି ଭୟ ରହିବା ଉଚିତ ।

ଆୟୁବ ୨୮:୨୮ ; ଗୀତସଂହିତା ୧୯:୯ ; ୨ଶାମୁୟେଲ ; ୨ ବିବରଣ ୬:୧୩

**କ) କେଉଁ କେଉଁ ବିଷୟକୁ ଆମେ ଭୟ କରିବା ଅନୁଚିତ**

୧. ମୂର୍ତ୍ତି ବା ଅନ୍ୟ ଈଶ୍ୱରଗଣ – ୨ରାଜାବଳୀ ୧୭:୩୮
୨. ମନୁଷ୍ୟ – ୧ଶାମୁୟେଲ ୧୫:୨୪ – ଶାଉଲଙ୍କ ଭୟ – ହିତୋପଦେଶ ୨୬:୨୫
୩. ପ୍ରାକୃତିକ ଦୁର୍ବିପାକ – ଯେହେତୁ ଏହା ଆମର ତ୍ରାଣକର୍ତ୍ତାଙ୍କର ଶୀଘ୍ର ପ୍ରତ୍ୟାବର୍ତ୍ତନକୁ ପ୍ରମାଣ କରେ – ଲୂକ ୨୧:୨୫-୨୮
୪. ଆଗାମୀ ଦଣ୍ଡ – ଏବ୍ରୀ ୧୦:୨୭
୫. 'ଭୟ'କୁ ଭୟ କରିବା ଅନୁଚିତ – ଯେହେତୁ ଜଣେ ବିଶ୍ୱାସୀ ଈଶ୍ୱରଙ୍କ ଉପରେ ଆପଣାର ସମସ୍ତ ଭୟ ରଖି ଦେଇଥାଏ – ୧ପିତର ୫:୭

କେବଳ ଏକମାତ୍ର ଭୟ ରହେ ଓ ତାହା ହେଉଛି ସଦାପ୍ରଭୁ ପରମେଶ୍ୱରଙ୍କ ପବିତ୍ର ଭୟ ।

**ଖ) ଈଶ୍ୱରବିଷୟକ ଭୟର ବ୍ୟାଖ୍ୟା**

୧. ଏହା ମନ୍ଦ ବିଷୟକୁ ଘୃଣା କରିବା – ହିତୋପଦେଶ ୮ : ୧୩
୨. ଏହା ବୃଦ୍ଧି – ଗୀତସଂହିତା ୧୧୧:୧୦
୩. ଏହା ସକ ସମ୍ପତ୍ତି – ହିତୋପଦେଶ ୧୫:୧୬; ଯିଶାଇୟ ୩୩:୬
୪. ଏହା ଜୀବନର ଏକ ଉତ୍ସ – ହିତୋପଦେଶ ୧୪:୨୭
୫. ଏହା ପରିଷ୍କୃତ – ଗୀତସଂହିତା ୧୯:୯
୬. ଏହା ଅନନ୍ତକାଳସ୍ଥାୟୀ – ଗୀତସଂହିତା ୧୯:୯
୭. ଏହା ଈଶ୍ୱରପରାୟଣତା – ଏବ୍ରୀ ୧୨:୨୮

**ଗ) ଈଶ୍ୱରଙ୍କୁ ଭୟ କରିବାର ଫଳାଫଳ**

୧. ଏହା ପ୍ରଭୁଙ୍କ ପାଇଁ ଆନନ୍ଦ ଆଣେ – ଗୀତସଂହିତା ୧୪୭:୧୧
୨. ଏହା ଈଶ୍ୱରଙ୍କ ନିକଟରେ ଗ୍ରହଣଯୋଗ୍ୟ କରାଏ – ପ୍ରେରିତ ୧୦:୩୫
୩. ଏଥି ଯୋଗୁଁ ଈଶ୍ୱର ନିଜର ସନ୍ତାନମାନଙ୍କୁ ସାନ୍ତ୍ୱନା କରିଥାନ୍ତି – ଗୀତସଂହିତା ୧୦୩:୧୩
୪. ଏହା ଆଶୀର୍ବାଦ ଆଣିଥାଏ – ଗୀତସଂହିତା ୧୧୨:୧
୫. ଏହା ମନ୍ଦତାରୁ ପୃଥକ୍ ରହିବାରେ ସାହାଯ୍ୟ କରେ – ହିତୋ ୧୬:୬
୬. ଏହା ପ୍ରାର୍ଥନାର ଉତ୍ତର ଆଣିଥାଏ – ଗୀତସଂହିତା ୧୪୫:୧୯
୮. ଏହା ଦୀର୍ଘ ଜୀବନ ଆଣିଥାଏ – ହିତୋପଦେଶ ୧୦:୨୭

**ଆଲୋଚନା -** ଏକ ଭୟାଳୁ ହୃଦୟର ଦୁର୍ବଳତାକୁ ଜୟ କରିବା ନିମନ୍ତେ ଶ୍ରେଣୀରେ ଆଲୋଚନା ହୋଇଛି କି ? ତା'ପରେ ପ୍ରଭୁଙ୍କୁ ଭୟ କରିବା ବିଷୟରେ ଆଲୋଚନା କରନ୍ତୁ ।

## ପାଠ ୨ - ପବିତ୍ରଆତ୍ମାପୂର୍ଣ୍ଣ ଜୀବନ (ଏଫିସୀୟ ୫:୧୮)

ଜଣେ ଖ୍ରୀଷ୍ଟ ବିଶ୍ୱାସୀ ନିଜ ଜୀବନର ନିୟନ୍ତ୍ରଣକୁ ଈଶ୍ୱରଙ୍କ ହସ୍ତରେ ଦେଇ ପବିତ୍ରଆତ୍ମାଙ୍କୁ ଗ୍ରହଣ କଲେ ସେ ଅଧିକରୁ ଅଧିକ ତାଙ୍କୁ ପୂର୍ଣ୍ଣ କରନ୍ତି (ଲୂକ ୧୧:୧୩)

ମୂଳ ଗ୍ରୀକ୍ ଭାଷାର ଅର୍ଥ ଅନୁଯାୟୀ ଏହା ଏକ କ୍ରମାନ୍ୱୟର ବିଷୟ - ପରିପୂର୍ଣ୍ଣ ହୋଇ ଚାଲିବା । ପରିପୂର୍ଣ୍ଣତା ନିୟମିତ ଓ ଅବିରତ ହେବା ପ୍ରୟୋଜନ ।
ପ୍ରେରିତ ପିତର ପ୍ରେରିତ ୨ :୪ରେ ପବିତ୍ରଆତ୍ମାରେ ପୂର୍ଣ୍ଣହୋଇ ପୁଣି ପ୍ରେରିତ ୪ :୮ରେ ଆଉ ଥରେ ପୂର୍ଣ୍ଣ ହୋଇଥିଲେ । ପୁନଶ୍ଚ ପ୍ରେରିତ ୪ :୩୧ରେ ଆଉ ଥରେ ପୂର୍ଣ୍ଣ ହୋଇଥିଲେ । ପ୍ରତ୍ୟେକ ଦିନ ନୂତନ ପୂର୍ଣ୍ଣତାର ପ୍ରୟୋଜନ ଅଛି ।

**କ) ପବିତ୍ରଆତ୍ମାଙ୍କ ଦ୍ୱାରା ପୂର୍ଣ୍ଣ ହେବା ପାଇଁ ସର୍ତ୍ତ**

୧. ପାପକ୍ଷମା – ପ୍ରେରିତ ୨ :୩୮
୨. ପୁତ୍ରତ୍ୱ – ଗାଲାତୀୟ ୪ :୬
୩. ଇଛା – ଯୋହନ ୭ :୩୭-୩୯ ; ଯିଶାଇୟ ୪୪ :୩
୪. ବିଶ୍ୱାସ – ଯୋହନ ୭ :୩୯
୫. ବାଧ୍ୟତା – ପ୍ରେରିତ ୫ :୩୨
୬. ଅପେକ୍ଷା – ଲୂକ ୨୪ :୪୯ ; ପ୍ରେରିତ ୧ :୪ ; ତରବର ହୁଅନ୍ତୁ ନାହିଁ
୭. ପ୍ରାର୍ଥନା – ଲୂକ ୧୧ :୧୩
୮. ବାସ୍ତବତାକୁ ଜୀବନରେ ପ୍ରୟୋଗ କରନ୍ତୁ – ଯୋହନ ୧ :୧୨

**ଖ) ପବିତ୍ରଆତ୍ମାଙ୍କ ଦ୍ୱାରା ପୂର୍ଣ୍ଣତାର ଫଳାଫଳ**

୧. ସାକ୍ଷୀ ହେବା ପାଇଁ ଶକ୍ତି – ପ୍ରେରିତ ୧ :୮
୨. ବିଜୟୀ ଖ୍ରୀଷ୍ଟିୟ ଜୀବନଯାପନ ପାଇଁ ଶକ୍ତି – ପ୍ରେରିତ ୨୦:୨୨-୨୪
୩. ସ୍ୱାଭାବିକ ଭାବେ ଈଶ୍ୱରଙ୍କର ଗୌରବ ହେବ – ଯୋହନ ୧୬ :୧୪

**ଉପସଂହାର -** ଆମେ ଜଳ ଭଣ୍ଡାର ନୋହୁଁ, ମାତ୍ର ପ୍ରଣାଳୀ ଅଟୁ । ଆମେ ଉଚ୍ଛୁଳି ଉଠିବା ଉଚିତ । ଆଶୀର୍ବାଦ ସ୍ୱତଃ ଉଚ୍ଛୁଳି ଆସିବ । ପବିତ୍ରଆତ୍ମାଙ୍କ କାର୍ଯ୍ୟ ସମ୍ପର୍କରେ ବାଇବଲରେ ଦତ୍ତ ଚିତ୍ର :

୧. ଉଚ୍ଛୁଳି ଉଠୁଥିବା ନିର୍ଝର – ଯୋହନ ୪ :୧୪
୨. ଉଚ୍ଛୁଳି ଉଠୁଥିବା ଜଳସ୍ରୋତ - ଯୋହନ ୭ :୩୭-୩୯
୩. ବୃକ୍ଷରେ ଥିବା ପ୍ରଚୁର ରସ – ରୋମୀୟ ୮ :୧୧
୪. ଉଚ୍ଛୁଳି ଉଠୁଥିବା ଜଳ – ଏଫିସୀୟ ୫ :୧୮

**ଆଲୋଚନା -** ବୋଧହୁଏ କେତୋଟି ଶ୍ରେଣୀ ଅନୁଭବ କରିଛନ୍ତି ଯେ ସେମାନେ ପବିତ୍ର ଆତ୍ମାଙ୍କର ପରିପୂର୍ଣ୍ଣତା ପ୍ରାପ୍ତ ହୋଇନାହାନ୍ତି । ଦୋଷ ସ୍ୱୀକାର ଓ ପ୍ରାର୍ଥନା ଏକ ମହାନ୍ ଆଶୀର୍ବାଦର ଏକ କାରଣ ହେବ ।

# ପାଠ ୩ – ଶୟତାନକୁ ପ୍ରତିବାଧା କର

୧ପିତର ୫:୮,୯

ଶୟତାନ ଈଶ୍ୱରଙ୍କର ପ୍ରତ୍ୟେକ ପ୍ରକୃତ ସନ୍ତାନକୁ ଆକ୍ରମଣ କରେ ।

**କ) କିପ୍ରକାରେ ଶୟତାନ ଖ୍ରୀଷ୍ଟିୟାନମାନଙ୍କୁ ଆକ୍ରମଣ କରେ – ୨କରିନ୍ଥୀୟ ୨:୧୧**

୧. ସେ ଆମକୁ ଆଳସ୍ୟପରାୟଣ କରିଦିଏ, ତାକୁ ଧମକ ଦିଅନ୍ତୁ - ଯାକୁବ ୪:୭
୨. କର୍ତ୍ତ୍ୟବ୍ୟର ଗ୍ରପ ଆମକୁ ତଳକୁ ନେଇଯାଏ
୩. ଧୈର୍ଯ୍ୟହୀନତା ଭାବାବେଶ ଓ ଦିବାସ୍ୱପ୍ନ ଦ୍ୱାରା ସେ ଆମକୁ ଦୁର୍ବଳ କରିଦିଏ
୪. ଆମେ ଦୁଃଖରେ ଭାଙ୍ଗି ପଡି ସ୍ୱାର୍ଥପ୍ରବଣ ହୋଇଯାଉ
୫. ସମାଲୋଚନା – ଏହାକୁ ଗ୍ରହଣ କରିବା ପାଇଁ ଆମେ ପ୍ରସ୍ତୁତ ରହିବା ଉଚିତ
୬. ହତୋତ୍ସାହଭାବ
୭. ଆତ୍ମିକ ଗର୍ବଭାବ ନିମନ୍ତେ ପ୍ରଲୋଭନ

**ଖ) କିପ୍ରକାରେ ଶୟତାନକୁ ପ୍ରତିବାଧା କରାଯାଇ ପାରିବ**

୧. ସମାସ୍ୟାଟି ଶୟତାନଆଡୁ ଏକ ଆକ୍ରମଣ ବୋଲି ଜାଣନ୍ତୁ - ଯାକୁବ ୪:୭
୨. ବାଧା ଦିଅନ୍ତୁ, ଯୁଦ୍ଧ କରନ୍ତୁ ଓ ଖଡ୍‌ଗ ବାହାର କରନ୍ତୁ – ଏଫିସୀୟ ୬:୧୧
୩. ଏଫିସୀୟ ୬:୧୦-୧୮ରେ ଥିବା ଅସ୍ତ୍ରର ତାଲିକା କରନ୍ତୁ
୪. ଖ୍ରୀଷ୍ଟଙ୍କୁ ପରିଧାନ କରନ୍ତୁ – ରୋମୀୟ ୧୩:୧୩-୧୪
୫. ଈଶ୍ୱରଙ୍କ ବାକ୍ୟ ବ୍ୟବହାର କରନ୍ତୁ – ମାଥିଉ ୪:୪, ୭ ଓ ୧୦
୬. ଇଛାଶକ୍ତି ବ୍ୟବହାର କରି କୁହନ୍ତୁ "ମୁଁ ପାପ କରିବି ନାହିଁ । ମୋ' ଅନ୍ତରରେ ବାସ କରୁଥିବା ଖ୍ରୀଷ୍ଟଙ୍କ ଶକ୍ତି ଦ୍ୱାରା ମୁଁ ପାପ ଉପରେ ବିଜୟୀ ହୋଇ ଜୀବନ କାଟିବି ।"
୭. ପ୍ରାର୍ଥନା – ଏଫିସୀୟ ୬:୧୮
୮. ଆପଣଙ୍କୁ ଆବୃତ କରିବା ନିମନ୍ତେ ଖ୍ରୀଷ୍ଟଙ୍କ ରକ୍ତ ପାଇଁ ନିବେଦନ କରନ୍ତୁ - ପ୍ରକାଶିତ ୧୨:୧୧ "ଆଉ ସେମାନେ ମେଶଶାବକଙ୍କ ରକ୍ତ ଦ୍ୱାରା ତାକୁ ଜୟ କରିଅଛନ୍ତି ।"

**ଆଲୋଚନା -** ଶୟତାନିକ ଆକ୍ରମଣ ବିଷୟରେ ଆପଣଙ୍କର କ'ଣ ଅନୁଭୂତି ଅଛି ? ଏହାକୁ ପରାସ୍ତ କରିବା ନିମନ୍ତେ ସବୁଠାରୁ ଅଧିକ ଫଳପ୍ରଦ ଉପାୟ କ'ଣ ଅଟେ ?

# ପାଠ ୪ – କିପରି ଈଶ୍ୱରଙ୍କ ଇଛା ଜାଣିବା

ଖ୍ରୀଷ୍ଟିୟାନମାନେ ଏକ ସମାସ୍ୟାର ସମ୍ମୁଖୀନ ହୁଅନ୍ତି ଯେ, ସେମାନେ କିପରି ଈଶ୍ୱରଙ୍କ ଇଛା ଜାଣିବେ । ଈଶ୍ୱରଙ୍କ ପ୍ରତ୍ୟେକ ସନ୍ତାନ ନିମନ୍ତେ ଏକ ନିର୍ଦ୍ଦିଷ୍ଟ ସ୍ୱର୍ଗୀୟ ଯୋଜନା ଅଛି । ଏହା ଆମର ବ୍ୟକ୍ତିତ୍ୱ, ଦକ୍ଷତା, ଆବଶ୍ୟକତା ଓ ବାତାବରଣ ଅନୁଯାୟୀ ପ୍ରସ୍ତୁତ ହୋଇଥାଏ (ଏଫିସୀୟ ୨:୧୦) । ଆପଣଙ୍କ ନିମନ୍ତେ ଈଶ୍ୱରଙ୍କ ଯୋଜନା ସମ୍ପୂର୍ଣ୍ଣ ବ୍ୟକ୍ତିଗତ, ଏହା କେବଳ ନିର୍ଦ୍ଦିଷ୍ଟ ଭାବେ ଆପଣଙ୍କ ପାଇଁ ହିଁ ଅଛି (ଗୀତ ୩୨:୮) । ଏହା ପୁଙ୍ଖାନୁପୁଙ୍ଖଭାବେ ବର୍ଣ୍ଣନା କରି ରଖାଯାଇଛି ( ଗୀତ ୩୭:୨୩) । ଏହା ନିଶ୍ଚିତ ତଥା ନିର୍ଦ୍ଦିଷ୍ଟ (ଯିଶାଇୟ ୩୦:୨୧) । ଆମେ ଯେପରି ତାହାଙ୍କର ଯୋଜନାକୁ ଅନୁସନ୍ଧାନ କରୁ, ତାହା ସେ ଚାହାନ୍ତି (ଗୀତ ୧୪:୩-୮) , ଅର୍ଥାତ୍ ସେ ଚାହାନ୍ତି ଯେପରି ଆମର ଦୈନନ୍ଦିନ ଯୋଜନା ସବୁବେଳେ ଉତ୍ତମ, ଗ୍ରହଣଯୋଗ୍ୟ ଓ ସିଦ୍ଧ ହେବ (ରୋମୀୟ ୧୨:୨) ।

## କ) ନିମ୍ନୋକ୍ତ ବିଷୟ ସଦାବେଳେ ଈଶ୍ୱରଙ୍କ ଯୋଜନାର ଅନ୍ତର୍ଭୁକ୍ତ

୧. ପାପରୁ ପୃଥକୀକୃତ ହୋଇ ପବିତ୍ର ଜୀବନଯାପନ କରିବା – ୧ଥେସଲନିକୀୟ ୪:୩

୨. ପ୍ରାର୍ଥନା ଓ ଧନ୍ୟବାଦ - ୧ଥେସଲନିକୀୟ ୫:୧୭, ୧୮

୩. ଉତ୍ତମ କର୍ମ କରିବା – ୧ପିତର ୨:୧୫

## ଖ) ପରିଚ୍ଳନା ପାଇବାର ପଦ୍ଧତି

୧. ଈଶ୍ୱର ତାହାଙ୍କର ବାକ୍ୟର ପଦସମୂହ ଦ୍ୱାରା ପରିଚ୍ଳନା କରନ୍ତି । ଈଶ୍ୱରଙ୍କ ବାକ୍ୟରେ ପରିପୂର୍ଣ୍ଣ ହୁଅନ୍ତି । ଈଶ୍ୱରଙ୍କ ଇଛା କେବେହେଲେ ତାହାଙ୍କର ବାକ୍ୟର ବିରୋଧ କରେ ନାହିଁ ।

୨. ପବିତ୍ରଆତ୍ମାଙ୍କ ଦ୍ୱାରା ଅନ୍ତରରେ ପ୍ରଦତ୍ତ ନିଶ୍ଚୟତା – ରୋମୀୟ ୮:୧୬; ପ୍ରେରିତ ୧୩:୨; ଯୋହନ ୧୬:୧୩

୩. ପାରିପାର୍ଶ୍ୱିକ ଅବସ୍ଥା ! ଈଶ୍ୱର ଗୋଟିଏ ଦ୍ୱାର ରୁଦ୍ଧ କଲେ ଅନ୍ୟ ଦ୍ୱାର ଉନ୍ମୁକ୍ତ କରନ୍ତି । ଈଶ୍ୱରଙ୍କ ସନ୍ତାନ ପାଇଁ ହଠାତ୍ କୌଣସି ବିଷୟ ଘଟି ନ ଥାଏ ।

୪. ଥରେ ଥରେ ମେଷଲୋମ ବିଛାଇବା ଦ୍ୱାରା (ବିଚାରକର୍ତ୍ତା ୬:୩୭-୩୯) ମାତ୍ର ପାରିପାର୍ଶ୍ୱିକ ଅବସ୍ଥାକୁ ଆମେ ନିଜେ ଯେପରି ସଂଗଠିତ ନ କରୁ, ସେଥିପ୍ରତି ସତର୍କ ହେବାକୁ ହେବ ।

**ଗ) ଈଶ୍ୱରଙ୍କ ଇଚ୍ଛା ଜାଣିବା ପାଇଁ ଜର୍ଜ ମ୍ୟୁଲର୍‌ଙ୍କ ନିୟମ**

୧. ନିଜର ଇଚ୍ଛାକୁ ବଳି ଦେଇ ଦିଅନ୍ତୁ । ନିର୍ଦ୍ଦିଷ୍ଟ ବିଷୟରେ ନିଜର କୌଣସି ମନୋନୟନ ରଖନ୍ତୁ ନାହିଁ । ସମ୍ପୂର୍ଣ୍ଣଭାବେ ନିରପେକ୍ଷ ରୁହନ୍ତୁ ।

୨. ଈଶ୍ୱରଙ୍କ ବାକ୍ୟ ମାଧ୍ୟମରେ ପବିତ୍ରଆତ୍ମାଙ୍କ ଇଚ୍ଛା ଅନୁସନ୍ଧାନ କରନ୍ତୁ ।

୩. ପାରିପାର୍ଶ୍ୱିକ ଅବସ୍ଥାକୁ ଯତ୍ନ ସହକାରେ ଦୃଷ୍ଟି ଦିଅନ୍ତୁ ।

୪. ପରିଚାଳନା ପାଇଁ ପ୍ରାର୍ଥନା କରନ୍ତୁ ।

୫. ଈଶ୍ୱରଙ୍କ ଠାରେ ଅପେକ୍ଷାରେ ରୁହନ୍ତୁ ।

**ଆଲୋଚନା -** ଆପଣ ଈଶ୍ୱରଙ୍କ ଚାଳନା ବିଷୟକ ନିର୍ଦ୍ଦିଷ୍ଟ ଅନୁଭୂତି ପ୍ରାପ୍ତ ହୋଇଛନ୍ତି କି ? ଆପଣ ତାଙ୍କ ଚାଳନାକୁ କିପରି ନିର୍ଦ୍ଧାରଣ କରନ୍ତି ?

## ପାଠ ୫ - ନିରବତାର ସମୟ (ଈଶ୍ୱରଙ୍କ ସହିତ ସମୟ କାଟିବା)

ନିରବତାର ସମୟ ଖ୍ରୀଷ୍ଟିୟାନର ବିଜୟ ଜୀବନଯାପନର ଗୁପ୍ତ ବିଷୟ

**କ) ଅବ୍ରହାମ ପ୍ରାତଃକାଳୀନ ନୀରବତାର ସମୟର ଏକ ଅପୂର୍ବ ଦୃଷ୍ଟାନ୍ତ**

୧. ସେ ପ୍ରାତଃକାଳରେ ଶୀଘ୍ର ଶଯ୍ୟାତ୍ୟାଗ କରୁଥିଲେ । ଏହା ଏକ ଅଭିନବ ଅଭ୍ୟାସ ।

୨. ସେ ଏକ ବିଶେଷ (ନିର୍ଦ୍ଦିଷ୍ଟ) ସ୍ଥାନରେ ଈଶ୍ୱରଙ୍କ ସହ ସାକ୍ଷାତ କରୁଥିଲେ । ଆମେ ମଧ୍ୟ ଏହା କରିବା ଉଚିତ ।

୩. ଈଶ୍ୱର ଯେପରି ତାଙ୍କ ସହ କଥାବାର୍ତ୍ତା କରିବେ, ସେଥିପାଇଁ ଈଶ୍ୱରଙ୍କ ସାକ୍ଷାତରେ ଅପେକ୍ଷା କରି ଛିଡା ହୋଇ ରହୁଥିଲେ ।

**ଖ) ନିରବତାର ସମୟ ନିମନ୍ତେ ଏକ ଯୋଜନ**

୧. ବାଇବଲ । ଏକ ଉପଯୁକ୍ତ ଯୋଜନା ଅନୁଯାୟୀ ବିଶ୍ୱସ୍ତ ଭାବେ ବାଇବଲ ପଢନ୍ତୁ ।

୨. ଈଶ୍ୱରଙ୍କ ବାକ୍ୟରୁ କିଛି ଲେଖିବା ପାଇଁ ଖାତା ଓ କଲମ ।

୩. ପ୍ରାର୍ଥନାର ଅନୁରୋଧ ଓ ଏହାର ଉତ୍ତର ପାଇଁ ଶୂନ୍ୟ ସ୍ଥାନ ଥିବା ଏକ ଖାତା ।

**ଗ) ନିରବତାର ସମୟ ନିମନ୍ତେ ଏକ ଯୋଜନା**

୧. ସମ୍ଭବ ହେଲେ ନିର୍ଦ୍ଦିଷ୍ଟ ସମୟରେ ପ୍ରତ୍ୟେକ ଦିନ ନିରବତାର ସମୟ ରଖନ୍ତୁ ।

୨. ଏକ ଶୃଙ୍ଖଳିତ ଯୋଜନାକୁ ଚକ୍ଷୁ ସମ୍ମୁଖରେ ରଖନ୍ତୁ । ଯଦି ଅଧା ସମୟ ଶାସ୍ତ୍ରପାଠ ଓ ଅଧା ସମୟ ପ୍ରାର୍ଥନାରେ କଟାଇବେ, ତେବେ ଏହା ଉତ୍ତମ ।

୩. ଅବଶ୍ୟ କୌଣସି ଏକ ନିର୍ଦ୍ଦିଷ୍ଟ ନିୟମ କେବଳ ପାଳନ କରିବା ପାଇଁ ଚେଷ୍ଟା କରନ୍ତୁ ନାହିଁ । ଯଦି ପବିତ୍ରଆତ୍ମା ଚାଳନା ଦିଅନ୍ତି, ତେବେ ପ୍ରାର୍ଥନା ଅବିରତଭାବେ କରି ଚାଲନ୍ତୁ । ଯଦି ଈଶ୍ୱରଙ୍କ ବାକ୍ୟରୁ ନୂତନ ସତ୍ୟତା ପ୍ରକାଶିତ ହେଉଥାଏ, ତେବେ ତାହା ପଢି ଚାଲନ୍ତୁ ଓ ସେଥିରେ ପୂର୍ଣ୍ଣ ହୁଅନ୍ତୁ ।

୪. **ଏକ ପରାମର୍ଶ :** ଏକ ସଂକ୍ଷିପ୍ତ ପ୍ରାର୍ଥନା, ବାଇବଲ ଅଧ୍ୟୟନ ଓ ତା'ପରେ ପ୍ରାର୍ଥନା । ଈଶ୍ୱରଙ୍କ ବାକ୍ୟକୁ ଭିତ୍ତି କରି ପ୍ରାର୍ଥନା ଓ ନିବେଦନ କରନ୍ତୁ ।

## ପାଠ ୬ - ପୃଥକୀକୃତ ଜୀବନ

୧ଯୋହନ ୨ : ୧୫

"ଜଗତକୁ ପ୍ରେମ କର ନାହିଁ..." ଏଠାରେ 'ଜଗତ' କହିଲେ କ'ଣ ବୁଝାଯାଏ ? ପରବର୍ତ୍ତୀ ପଦରେ ଏହାର ବ୍ୟାଖ୍ୟା ହୋଇଅଛି । ଏହା ହେଉଛି ଶୟତାନ ଦ୍ୱାରା ନିୟନ୍ତ୍ରିତ ବର୍ତ୍ତମାନ ଜଗତର ପଦ୍ଧତି ।

### କ) ଆମେ ଜାଣୁ କେତେକ ବିଷୟ ଭୁଲ୍ ଅଟେ

୧. ବିଶ୍ୱାସୀ ଓ ଅବିଶ୍ୱାସୀନୀ ମଧ୍ୟରେ ବିବାହ ନିଷେଧ ହୋଇଅଛି – ୨କରିନ୍ଥୀୟ ୬:୧୪-୧୭; ଆମୋଷ ୩:୩

୨. ସମସ୍ତ ପ୍ରକାର ଅଧର୍ମତାରୁ ପୃଥକ୍ ହୁଅନ୍ତୁ । ୨କରିନ୍ଥୀୟ ୬:୧୪; ବ୍ୟବସାୟିକ ଅଂଶୀଦାର ମଧ୍ୟ ଏହାର ଅନ୍ତର୍ଭୁକ୍ତ ଅଟେ

୩. ଅନ୍ଧକାରର ସମସ୍ତ କାର୍ଯ୍ୟରୁ ପୃଥକ୍ ହୁଅନ୍ତୁ – ୨କରିନ୍ଥୀୟ ୬:୧୪

୪. ପୁରାତନ ଶୟତାନ, ବିଲିୟାର ଠାରୁ ପୃଥକ୍ ହୁଅନ୍ତୁ – ୨କରିନ୍ଥୀୟ ୬:୧୫

୫. ଅବିଶ୍ୱାସୀମାନଙ୍କ ଠାରୁ ପୃଥକ୍ ହୁଅନ୍ତୁ – ୨କରିନ୍ଥୀୟ ୬:୧୫

୬. ପ୍ରତିମା ଠାରୁ ପୃଥକ୍ ହୁଅନ୍ତୁ - ୨କରିନ୍ଥୀୟ ୬:୧୬

୭. ଭଣ୍ଡ ଶିକ୍ଷକମାନଙ୍କ ଠାରୁ ପୃଥକ୍ ହୁଅନ୍ତୁ – ୧ତୀମଥି ୬:୫

୮. ଜାଣିଥିବା ସମସ୍ତ ପ୍ରକାର ପାପ ଓ ଅଶୁଚିତାରୁ ପୃଥକ୍ ହୁଅନ୍ତୁ (ମଦ୍ୟ, ନିଶା ଆଦି) – ୧ପିତର ୧:୧୬

### ଖ) କେତେକ ଅନୁକରଣୀୟ ମୌଳିକ ନିୟମ

୧. ଯେକୌଣସି ବିଷୟ ଈଶ୍ୱରଙ୍କ ଠାରେ ମୋର ବିଶ୍ୱାସକୁ ହରାଇବାରେ ସାହାଯ୍ୟ କରେ, ସେଥିରୁ ମୁଁ ନିଶ୍ଚିତଭାବେ ପୃଥକ୍ ହେବି ।

୨. ଯେକୌଣସି ବିଷୟ ମୋର ସାକ୍ଷ୍ୟକୁ ନଷ୍ଟ କରିବ, ସେଥିରୁ ମୁଁ ନିଶ୍ଚିତ ଭାବେ ପୃଥକ୍ ହେବି ।

୩. ଯେକୌଣସି ବିଷୟ ମୋର ନୈତିକତାର ମାନଦଣ୍ଡ ଭାଙ୍ଗି ମୋତେ ପାପ ଆଡକୁ ନେଇଯିବ, ସେଥିରୁ ମୁଁ ନିଶ୍ଚିତ ଭାବେ ପୃଥକ୍ ହେବି ।

୪. ଯଦି ମୋର ବ୍ୟବହାରରେ ମୋର ଭାଇ ଝୁଣ୍ଟି ପଡିବାର ସମ୍ଭବନା ଥାଏ, ତେବେ ମୁଁ ଏହା ନିଶ୍ଚିତ ଭାବେ କରିବି ନାହିଁ – ୧କରିନ୍ଥୀୟ ୮ : ୧୩

୫. ଯେକୌଣସି ବିଷୟ ମୋର ଶରୀରକୁ ଶାରିରୀକ, ମାନସିକ ବା ଭାବପ୍ରବଣଭାବେ ନଷ୍ଟ କରେ, ସେଥିରୁ ମୁଁ ନିଶ୍ଚିତ ବାବେ ପୃଥକ୍ ହେବି ।

୬. ଏହା କ'ଣ ଯୀଶୁଖ୍ରୀଷ୍ଟଙ୍କ ସନ୍ତୋଷଜନକ ? ଯଦି ଏହା ନୁହେଁ, ତେବେ ମୁଁ କେବେହେଲେ ତାହା କରିବି ନାହିଁ – ୧ପିତର ୨ : ୨ ୧

୭. ଏହା କ'ଣ ମୋର ସାକ୍ଷ୍ୟକୁ ଦୃଢ କରିବ ? ନା ଦୁର୍ବଳ କରିପକାଇବ ? ୨କରିନ୍ଥୀୟ ୬ : ୧ ୭

**ଆଲୋଚନା** - ପାପପୂର୍ଣ୍ଣ ଅଭ୍ୟାସଗୁଡ଼ିକରୁ ପୃଥକ୍ ହେବା ନିମନ୍ତେ ଆପଣ ସଂଘର୍ଷ କରୁଛନ୍ତି କି ? ଏବେ ସୁଦ୍ଧା ଦ୍ୱନ୍ଦ୍ୱର କ୍ଷେତ୍ର ଅଛି କି ? ଆପଣ ସେଗୁଡ଼ିକୁ କିପରି ସମାଧାନ କରିପାରିବେ ?

## ପାଠ ୭ – ମେଷପାଳକଙ୍କର ବ୍ୟକ୍ତିଗତ ଜୀବନ

ମେଷପାଳକଙ୍କ ବ୍ୟକ୍ତିଗତ ଜୀବନ ଅଧିକ ଗୁରୁତ୍ୱପୂର୍ଣ୍ଣ ଅଟେ, ଯେହେତୁ ରବିବାର ଦିନ ଲୋକେ ଈଶ୍ୱରଙ୍କ ସମ୍ବାଦ ଶୁଣନ୍ତି ଓ ତାହା ସାରା ସପ୍ତାହ କିପରି ମେଷପାଳକଙ୍କ ଜୀବନରେ କାର୍ଯ୍ୟକାରୀ ହେଉଅଛି, ତାହା ଜଗି ରହି ଦେଖନ୍ତି ।

ବୟସ୍କ ପ୍ରେରିତ ପାଉଲ ଯୁବ ପ୍ରଚାରକ ତୀମଥିଙ୍କୁ ପତ୍ର ଲେଖିଲାବେଳେ ପବିତ୍ର ଜୀବନଯାପନ ଓ ଜୀବନର କର୍ତ୍ତବ୍ୟ ବିଷୟରେ ବାରମ୍ବାର ଉଲ୍ଲେଖ କରିଅଛନ୍ତି । ଯଦି ପ୍ରଚାରକ ନିଜର ପ୍ରଚାର ଅନୁଯାୟୀ ଜୀବନ କାଟୁନାହାନ୍ତି, ତେବେ ଲୋକେ ତାହା ଶୀଘ୍ର ଜାଣିପାରିବେ ।

୧. ମେଷପାଳକ ଜଣେ ଦୟାବାନ ବ୍ୟକ୍ତି ହୋଇଥିବା ଆବଶ୍ୟକ - ଜଣେ ଧାର୍ମିକ ଓ ପବିତ୍ର ବ୍ୟକ୍ତି ହେବା ଉଚିତ ଯାହାଙ୍କ ଜୀବନ ମାଧ୍ୟମରେ ପ୍ରଭୁଯୀଶୁ ଖ୍ରୀଷ୍ଟ ବିକଶିତ ହେବା ଆବଶ୍ୟକ ।

୨. ତାଙ୍କର ସ୍ତ୍ରୀ ଓ ପରିବାର ସହ ସମ୍ପର୍କରେ ସେ ଏକ ଦୃଷ୍ଟାନ୍ତ ହେବା ଆବଶ୍ୟକ। ନିଜର ଭଲ ପାଇଁ ସେ ଏ ବିଷୟରେ ଦୃଷ୍ଟାନ୍ତ ସ୍ୱରୂପ ହେବା ଉଚିତ ।

୩. ସେ ପ୍ରାର୍ଥନାର ମନୁଷ୍ୟ ହେବା ଉଚିତ । ତାଙ୍କର ଲୋକେ ଚାହାନ୍ତି, ଯେପରି ସେ ଦୈନନ୍ଦିନ ଅଧିକ ସମୟ ଏପରିକି ଘଣ୍ଟା ଘଣ୍ଟା ସମୟ ପ୍ରାର୍ଥନାରେ କାଟନ୍ତୁ। ନିଜର ପବିତ୍ରତାକୁ ବଜାୟ ରଖିବା ପାଇଁ ଏହା ତାଙ୍କର ଆବଶ୍ୟକ ଅଟେ । ଈଶ୍ୱରଙ୍କ ଲୋକଙ୍କ ପାଇଁ ଶୟତାନ ଅନେକ ପ୍ରଲୋଭନ ପଠାଇଥାଏ । ସମସ୍ତ ଖାଦ ବାହାରିବା ପର୍ଯ୍ୟନ୍ତ ତାଙ୍କର ସେଠାରେ ରହିବା ଆବଶ୍ୟକ - ଯିଶାଇୟ ୫୨:୧୧

- ସେ ତାଙ୍କ ଲୋକମାନଙ୍କ ପାଇଁ ନିହାତି ପ୍ରାର୍ଥନା କରିବା ଉଚିତ – ୧ଶାମୁୟେଲ ୧୨:୩୩; କଲସୀୟ ୧:୯ । ସେ ନାମ ଧରି ଲୋକମାନଙ୍କ ପାଇଁ ପ୍ରାର୍ଥନା କରିବା ଉଚିତ । ସେ ନାମ ଧରି ତାଙ୍କ ଲୋକମାନଙ୍କୁ ଯେତେଦୂର ସମ୍ଭବ ଜଣଜଣଙ୍କ ନିମନ୍ତେ ପ୍ରାର୍ଥନା କରିବା ଉଚିତ୍।

୪. ସେ ହଜିଯାଇଥିବା ଓ ଆତ୍ମିକଭାବେ ମୃତ ଲୋକଙ୍କ ପାଇଁ ବୋଝଗ୍ରସ୍ତ ହେବା ଉଚିତ – ପ୍ରେରିତ ୨୦:୩୧। "ହେ ସଦାପ୍ରଭୁଙ୍କ ପାତ୍ରବାହକଗଣ, ତୁମ୍ଭେମାନେ ଶୁଚି ହୁଅ।" (ଯିଶାୟ ୫୨:୧୧)

**ଆଲୋଚନା -** କେତେକ ଖ୍ରୀଷ୍ଟିୟ ନେତାଙ୍କ ନାମ ଉଲ୍ଲେଖ କରନ୍ତୁ ଯେଉଁମାନେ କି ଆପଣଙ୍କର ନିମନ୍ତେ ଆଦର୍ଶ ସ୍ୱରୂପ ଅଟନ୍ତି। ସେମାନଙ୍କର ବିଶେଷ ଗୁଣଗୁଡ଼ିକ କ'ଣ ଅଟେ ?

## ପାଠ ୮ - ଅନ୍ତର୍ନିହିତ ଉଦ୍ଦେଶ୍ୟ

ଈଶ୍ୱରଙ୍କ ଦାସ ଉତ୍ତମ ଉଦ୍ଦେଶ୍ୟ ରଖି, ଅର୍ଥାତ୍ ପ୍ରଭୁଙ୍କର ନାମକୁ ଗୌରବାନ୍ୱିତ କରିବା ଉଦ୍ଦେଶ୍ୟରେ କାର୍ଯ୍ୟ କରିବା ଉଚିତ । ଅର୍ଥ ଓ ସମ୍ମାନ ଲାଭ ପାଉଲଙ୍କ ଉଦ୍ଦେଶ୍ୟ ନ ଥିଲା, ମାତ୍ର ମନୁଷ୍ୟମାନେ, ସେମାନଙ୍କ ପରିତ୍ରାଣ, ପୁଣି ସେମାନଙ୍କୁ ଗଢ଼ି ତୋଳିବା ତାହାଙ୍କର ଉଦ୍ଦେଶ୍ୟ ଥିଲା । ପରିସ୍ଥିତିର ଗୁରୁତ୍ୱ ଓ ଆତ୍ମା ପାଇଁ ବୋଝ ହିଁ ତାଙ୍କୁ ଆଗେଇ ନେବା ପାଇଁ ସାହାଯ୍ୟ କରିଥିଲା – ୧କରିନ୍ଥୀୟ ୧:୧୫-୧୮ ।

ମନୁଷ୍ୟମାନେ ଯେପରି ବିଶ୍ୱାସ କରି ପରିତ୍ରାଣ ପାଇବେ, ସେଥିପାଇଁ ସେ ଖିଆପିଆ ମଧ୍ୟ ଭୁଲି ଯିବାକୁ ପ୍ରସ୍ତୁତ ଥିଲେ – ୧କରିନ୍ଥୀୟ ୯:୪ । ସନ୍ଦେହ ମୋଚନ କରିବା ପାଇଁ ସେ

କରିନ୍ଥରେ ଦରମା ନେବା ପାଇଁ ମଧ୍ୟ ମନା କରିଦେଇଥିଲେ ଓ ଅନେକ ଆତ୍ମା ଲାଭ କରିପାରିଲେ । ସେ ବିଭିନ୍ନ ଶ୍ରେଣୀର ଲୋକଙ୍କ ସହ ନିଜକୁ ଖାପଖୁଆଇ ପାରିଥିଲେ – ୧କରିନ୍ଥୀୟ ୯ : ୧୯-୨୩ । ଅଧିକ ଆତ୍ମା ଲାଭ କରିବା ପାଇଁ ସେ ସ୍ୱେଚ୍ଛାରେ ବିବାହ, ଗୃହ ଓ ସନ୍ତାନସନ୍ତତି ଆଦି ଏଡାଇ ଦେଇଥିଲେ ।

ଆଶ୍ଚର୍ଯ୍ୟଜନକ ସମ୍ବାଦ, ସମୟର ସ୍ୱଳ୍ପତା, ମୃତ୍ୟୁର ସନ୍ନିକଟତା, ପୁଣି ଖ୍ରୀଷ୍ଟଙ୍କ ଆଗମନ ଏସମସ୍ତ ତାଙ୍କର ଉଦ୍ଦେଶ୍ୟ ଥିଲା । ପୁଣି ସମସ୍ତ ଈଶ୍ୱରଙ୍କ ଗୌରବ ଉଦ୍ଦେଶ୍ୟରେ ହିଁ କରାଯାଉଥିଲା – କଲସୀୟ ୩:୧୭; ୧କରିନ୍ଥୀୟ ୧୦:୩୧ ।

**ଆଲୋଚନା -** ସେବାକାର୍ଯ୍ୟ ନିମନ୍ତେ ପାଉଲଙ୍କର ବ୍ୟକ୍ତିଗତ ବଳିଦାନଗୁଡ଼ିକ କ'ଣ ଥିଲା ? ସେଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ବୋଲି ଆପଣ ଅନୁଭବ କରୁଛନ୍ତି କି ?

ଏହି ପାଠରେ ଦିଆଯାଇଥିବା ପାଉଲଙ୍କର ଚାରିଗୋଟି ଉଦ୍ଦେଶ୍ୟ ଉପରେ ଆପଣଙ୍କର ମତ ରଖନ୍ତୁ।

## ପାଠ ୯ – ଜଣେ ଆତ୍ମିକ ନେତାଙ୍କର ଯୋଗ୍ୟତା

୧. ନିର୍ଦ୍ଦୋଷ, ତିତସ ୧ :୬ - ଅର୍ଥାତ୍ ସେ ଜଣେ ଉପଯୁକ୍ତ ସମ୍ମାନୀୟ ଉତ୍ତମ ଚରିତ୍ର ତଥା ସ୍ଥିତିର ବ୍ୟକ୍ତି ହୋଇଥିବେ ।

୨. ଏକ ସ୍ତ୍ରୀର ସ୍ୱାମୀ, ତିତସ ୧ :୬ - ଅର୍ଥାତ୍ କେବଳ ଥରେ ବିବାହ କରିଥିବେ।

୩. ତାଙ୍କର ସନ୍ତାନମାନେ ବିଶ୍ୱସ୍ତ ଓ ବାଧ୍ୟ ହୋଇଥିବେ ଓ ତାଙ୍କର ନିୟନ୍ତ୍ରଣରେ ଥିବେ, ତିତସ ୧ :୬ । ଏହା ହିଁ ଏକ ପରୀକ୍ଷା । ଯିଏ ନିଜର ଗୃହକୁ ଉତ୍ତମ ରୂପେ ଶାସନ କରିପାରିବେ ସେ ମଧ୍ୟ ମଣ୍ଡଳୀର ଉପଯୁକ୍ତ ତତ୍ତ୍ୱ ନେଇପାରିବେ ।

୪. ସ୍ୱେଚ୍ଛାଚାରୀ , ତିତସ ୧ :୭ - ଅର୍ଥାତ୍ ନିରଙ୍କୁଶ କ୍ଷମତାପନ୍ନ ନେତା ହୋଇ ନ ଥିବେ ।

୫. ଆଶୁକ୍ରୋଧୀ (କ୍ଷଣକ୍ରୋଧୀ), ତିତସ ୧ :୭ ହୋଇ ନ ଥିବେ । କ୍ରୋଧର ସ୍ଥାନ ଏଠାରେ ନାହିଁ ।

୬. ମଦ୍ୟପୀ ହୋଇ ନ ଥିବେ, ତିତସ ୧ :୭

୭. ବିବାଦପ୍ରିୟ, ତିତସ ୧ :୭; ହୋଇ ନ ଥିବେ । ସଦାବେଳେ ସନ୍ତୁଷ୍ଟ ହୋଇ ରହିବେ, ଅଭିଯୋଗ ମନୋଭାବ ଦୂର କରିବେ ।

୮. କୁତ୍ସିତ ଧନ ଲୋଭର ଅଭିଳାଷୀ ହୋଇ ନ ଥିବେ, ତିତସ ୧ :୭ । ନଚେତ୍ ମଣ୍ଡଳୀର ଭଣ୍ଡାର ତାଙ୍କ ପାଇଁ ଏକ ଫାନ୍ଦ ସ୍ୱରୂପ ହେବ ।

୯. ଆତିଥ୍ୟପ୍ରିୟ, ତିତସ ୧ :୮ ହୋଇଥିବେ । ସହ ବିଶ୍ୱାସୀ ଓ ବିଦେଶୀୟଙ୍କୁ ପ୍ରେମ କରିପାରୁଥିବେ ।

୧୦. ସାଧୁ ଲୋକ ଅନୁରକ୍ତ, ତିତସ ୧ :୮ ହୋଇଥିବେ । ଯାହା ଯାହା ଉତ୍ତମ, ଶୁଚି ଓ ସ୍ୱାସ୍ଥ୍ୟକର (ହିତଜନକ) ତାକୁ ପ୍ରେମ କରୁଥିବେ ।

**ଆଲୋଚନା -** ଏହି ଗୁଣଗୁଡ଼ିକ ମଧ୍ୟରୁ ପ୍ରତ୍ୟେକଟି ବିବେଚନା କରନ୍ତୁ ଏବଂ ଏହା କିପରି ଏକ ମଣ୍ଡଳୀ ନେତାଙ୍କ ଠାରେ ଗୁରୁତ୍ୱପୂର୍ଣ୍ଣ ଅଟେ ତାହା ପ୍ରଦର୍ଶନ କରନ୍ତୁ । ଆପଣ ଏହି ତାଲିକାରେ ଯୋଗ କରିବା ପରି ଆଉ ଅନ୍ୟ କିଛି ବୈଶିଷ୍ଟ୍ୟ ସକଳ ଅଛିକି ?

## ପାଠ ୧୦ – ବ୍ୟଭିଚାର

ଶୟତାନ ଆପ୍ରାଣ ଚେଷ୍ଟା କରିଥାଏ, ଯେପରି ନିଜ କ୍ଷମତାଧୀନ କୌଶଳ ପ୍ରୟୋଗ କରି ଈଶ୍ୱରଙ୍କ ଜଣେ ଦାସର ପତନ ଆଣିଦେବ । ଯେତେବେଳେ ଜଣେ ପ୍ରଭୁଙ୍କର ଦାସ ଈଶ୍ୱରଙ୍କ ସେବାରେ ବହୁ ଉଚ୍ଚରେ ଥିବାବେଳେ ସ୍ଖଳିତ ହୁଅନ୍ତି, ସେତେବେଳେ ଶୟତାନ ଅତି ଆନନ୍ଦିତ ହୁଏ, ଏହାଠାରୁ ଅଧିକ ଆନନ୍ଦଦାୟକ ବିଷୟ ଶୟତାନ ନିମନ୍ତେ ଆଉ କିଛି ନାହିଁ । ପ୍ରଭୁଙ୍କର ଜଣେ ଦାସର ପତନ ଅଧିକ ଭୟଙ୍କର ହେଲେ, ତାଙ୍କ ସହ ଯେଉଁମାନେ ପ୍ରଭୁଙ୍କ ରାସ୍ତାରେ ଚାଲୁଥିଲେ, ସେମାନଙ୍କର ମଧ୍ୟ ପତନ ହୋଇଥାଏ । ଅନେକ ଆତ୍ମିକ ନେତା ସ୍ତ୍ରୀଲୋକଙ୍କ ସହ ସେମାନଙ୍କର ସମ୍ପର୍କ ବିଷୟରେ ସତର୍କ ନ ହୋଇଥିବା ଯୋଗୁଁ ଆତ୍ମିକ ବିଜୟ ଓ ସୁଯୋଗର ପର୍ବତ ଶିଖରରୁ ପରାଜୟର ଉପତ୍ୟକାରେ ପତିତ ହୋଇଅଛନ୍ତି । ଏହା ଏକ ଦୁଃଖଦାୟକ ସତ୍ୟ । ସେମାନଙ୍କ ନିଜ ସେବା ନଷ୍ଟ ହେବା ସଙ୍ଗେ ସଙ୍ଗେ ସେମାନଙ୍କ ଚରିତ୍ର ଅପୂରଣୀୟଭାବେ କ୍ଷତଯୁକ୍ତ ହୋଇଅଛି ଓ ଯୀଶୁ ଖ୍ରୀଷ୍ଟଙ୍କ ମଣ୍ଡଳୀ ଉପହାସିତ ହୋଇଅଛି ।

ଈଶ୍ୱରଙ୍କ ଦାସ ପ୍ରଲୋଭନକୁ ଅବିରତ ଜଗି ରହିବା ଆବଶ୍ୟକ । ପ୍ରତ୍ୟେକ ପ୍ରଲୋଭନକୁ କଢ଼ି ଅବସ୍ଥାରେ ଥିଲାବେଳେ ହିଁ ସେ ନଷ୍ଟ କରିଦେବା ଉଚିତ । ସେ କୌଣସି ସ୍ତ୍ରୀଙ୍କୁ ପରାମର୍ଶ ଦେବାବେଳେ ବା ତାଙ୍କ ସହ ପ୍ରାର୍ଥନା କଲାବେଳେ ତାଙ୍କର ସ୍ତ୍ରୀ ବା ମଣ୍ଡଳୀର ଜଣେ ପ୍ରାଚୀନ ତାଙ୍କ ସଙ୍ଗେ ଯିବା ଆବଶ୍ୟକ ।

ଈଶ୍ୱର ଯେପରି ଶୟତାନର ସମସ୍ତ ଅଗ୍ନିବାଣରୁ ଆପଣଙ୍କୁ ରକ୍ଷା କରନ୍ତି, ସେଥିପାଇଁ ତ ଆପଣ ନିଶ୍ଚିତଭାବେ ପ୍ରାର୍ଥନା କରିବେ, ମାତ୍ର ଆପଣ ମଧ୍ୟ ଯେପରି ପ୍ରତ୍ୟେକ ବିପଦପୂର୍ଣ୍ଣ ସଙ୍କେତ ପ୍ରତି ସତର୍କ ରହିବେ, ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ । ଆମେ ଜାଗି ରହିବା ସଙ୍ଗେ ସଙ୍ଗେ ପ୍ରାର୍ଥନା କରିବା ଉଚିତ ।

**ଆଲୋଚନା -** ସାମଶନ୍ ଏବଂ ଦାଉଦଙ୍କ ବିଷୟରେ ଦେଖନ୍ତୁ, ଏବଂ ନାରୀମାନଙ୍କ ସହ ତାଙ୍କର ଅବୈଧ ସମ୍ପର୍କ କିପରି ତାଙ୍କୁ ମହା ଦୁଃଖ ଆଣିଥିଲା ତାହା ପ୍ରଦର୍ଶନ କରନ୍ତୁ।

## ପାଠ ୧୧ – ଗୃହରେ ନେତୃତ୍ୱ

ପୁଲ୍‌ପିଟ୍‌ରୁ କର୍ତ୍ତବ୍ୟ ବିଷୟ ପ୍ରଚ୍ଚର କରିବା ସଙ୍ଗେ ସଙ୍ଗେ ନିଜ ଗୃହରେ ମଧ୍ୟ ତାହା ପ୍ରୟୋଗ କରିବା ପ୍ରୟୋଜନ । ଏଲୀ ନିଜ ଦୁଷ୍ଟ ପୁଅମାନଙ୍କୁ ନିୟନ୍ତ୍ରଣ କରି ପାରି ନଥିବାର ଦଣ୍ଡିତ ହୋଇଥିଲେ । ଅନ୍ୟ ପକ୍ଷରେ ପ୍ରଥମେ ଅବ୍ରହାମଙ୍କ ସଫଳତାକୁ ସ୍ୱୀକୃତ ଦେବା ପରେ ଯାଇ ଈଶ୍ୱର ତାଙ୍କୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇଥିଲେ ।

୧. ଖ୍ରୀଷ୍ଟିୟ ନେତା ଏକ ଉପଯୁକ୍ତ ସ୍ୱାମୀର ଦୃଷ୍ଟାନ୍ତ ହେବା ଆବଶ୍ୟକ । ତାଙ୍କର ସ୍ତ୍ରୀଙ୍କ ପ୍ରତି ତାଙ୍କର ପ୍ରେମ ଦେଖି ଅନ୍ୟ ସ୍ତ୍ରୀମାନେ ତାଙ୍କୁ ପ୍ରଲୋଭିତ କରିବା ପାଇଁ ସାହସ ପାଇବେ ନାହିଁ । ସେ ଯଦି ନିଜ ସ୍ତ୍ରୀଙ୍କୁ ଜୀବନ ସାଥି ହିସାବରେ ବ୍ୟବହାର କରନ୍ତି, ତେବେ ଏହା ସ୍ତ୍ରୀମାନଙ୍କ ପ୍ରତି ସମ୍ମାନର ଏକ ଦୃଷ୍ଟାନ୍ତ ସ୍ୱରୂପ ହେବ । ଆଉ ଏହା ହିଁ ମଣ୍ଡଳୀର ଏକ ମାନଦଣ୍ଡ ।

୨. ତାଙ୍କ ସନ୍ତାନମାନେ ଏଭଳି ଜୀବନଯାପନ କରିବେ, ଯେପରି ଅନ୍ୟମାନେ ଜାଣିବେ ଯେ, ସେମାନେ ଏକ ପ୍ରେମପୂର୍ଣ୍ଣ ତଥା ଶୃଙ୍ଖଳିତ ଗୃହର ଫଳ ଅଟନ୍ତି – ୧ତୀମଥି ୩:୧୨ ।ସେମାନେ ବାଧ୍ୟ ହେବା ସଙ୍ଗେ ସଙ୍ଗେ ନିୟନ୍ତ୍ରାଣାଧିନ ହେବା ଉଚିତ ।

୩. ସହ ବିଶ୍ୱାସୀ ତଥା ବିଦେଶୀୟଙ୍କ ନିମନ୍ତେ ନେତାଙ୍କ ଗୃହ ଉନ୍ମୁକ୍ତ ରହିବା ଉଚିତ – ତିତସ ୧:୮ । ଏଥିରେ ଈଶ୍ୱରପରାୟଣତା ଥିବା ଉଚିତ, ତେବେ ଖ୍ରୀଷ୍ଟ ଯେ ଗୃହର ଅଧ୍ୟକ୍ଷ୍ୟ ତାହା ଆଗନ୍ତୁକମାନେ ସ୍ୱୀକାର କରିବେ ।

**ଆଲୋଚନା -** ମଣ୍ଡଳୀର ଅନ୍ୟ ଯୁବ ବ୍ୟକ୍ତିଙ୍କ ନିମନ୍ତେ ଉଦାହରଣ ହେବା ନିମନ୍ତେ ଏକ ଖ୍ରୀଷ୍ଟିୟ ନେତାଙ୍କ ପିଲାମାନଙ୍କୁ କେଉଁ ବିଷୟରେ ପ୍ରଭାବିତ କରିବ ?

## ପାଠ ୧ ୨ – କେବଳ ମାତ୍ର ସତ୍ୟ

"ତୁମ୍ଭମାନଙ୍କର 'ହଁ', ହଁ ହେଉ, ଓ ନା', ନା ହେଉ" – ମାଥିଉ ୫:୩୭ "କ୍ଷୁଦ୍ର ଶ୍ୱେତ ମିଥ୍ୟା" ବୋଲି ସେପରି କିଛି ବିଷୟ ଖ୍ରୀଷ୍ଟିୟ କାର୍ଯ୍ୟକାରୀଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ । ସେ ଏପରି ବ୍ୟକ୍ତି ହେବା ପ୍ରୟୋଜନ, ଯାହାଙ୍କୁ ଅନ୍ୟମାନେ ବିଶ୍ୱାସ କରିପାରିବେ ବା ଯାହାଙ୍କ ଉପରେ ଆସ୍ଥା ରଖି ପାରିବେ । ପ୍ରତାରଣା ଉପରେ ପ୍ରଭୁ ଅତି ଦୃଢ଼ ମନ୍ତବ୍ୟ ଦେଇଅଛନ୍ତି – ଗୀତସଂହିତା ୧୦୧:୭ ଦେଖନ୍ତୁ ।

**୧. ଅତିରଞ୍ଜିତ -**
ସୁସମାଚରର ପ୍ରଚାରକମାନେ ଅନେକ ସମୟରେ ଘଟଣାକୁ ଅତିରଞ୍ଜିତ କରି କହିବାର ପାପ କରିଥାନ୍ତି । ବାସ୍ତବ କ୍ଷେତ୍ରରେ କାର୍ଯ୍ୟ ଅତି କ୍ଷୁଦ୍ର ହୋଇଥିଲେ ମଧ୍ୟ ସେମାନେ ବିବରଣୀ ଦିଅନ୍ତି ଯେ, ମହାଜନତା ସଭାରେ ଉପସ୍ଥିତ ଥିଲେ ଓ ଅନେକ ଲୋକ ସିଦ୍ଧାନ୍ତ ନେଇଥିଲେ । ଈଶ୍ୱରଙ୍କୁ ଗୌରବ ଦେବା ପାଇଁ ଏହା କରା ଯାଇ ପ୍ରଚାରକଙ୍କୁ ଗୌରବ ଦେବା ପାଇଁ ଏହା କରାଯାଇଥାଏ ।

**୨. ରକ୍ଷା କରାଯାଉନଥିବା ପ୍ରତିଜ୍ଞାସକଳ -** ଯଦି କୌଣସି କଥା ଦିଆଯାଇଥାଏ, ତେବେ ତାହା ରକ୍ଷା କରିବା ଉଚିତ । ନଚେତ୍, ସେହି କଥା ମିଥ୍ୟାରେ ପରିଣତ ହୁଏ । ମିଥ୍ୟାବାଦୀଙ୍କ ନିମନ୍ତେ ଈଶ୍ୱରଙ୍କର କୌଣସି ଆଶୀର୍ବାଦ ନାହିଁ ।

**ଆଲୋଚନା -** ଏହି ସମସ୍ତ ପଦ ପାଠ କରନ୍ତୁ ଏବଂ ସେଗୁଡ଼ିକ ଉପରେ ଆପଣଙ୍କର ମତ ରଖନ୍ତୁ; ଗୀତ ୧୦୧:୭; ହିତୋ ୧୨:୨୨;୧୯:୫; କଲ ୩:୯;ପ୍ରକା ୨୧:୮

## ପାଠ ୧୩ - ଅର୍ଥ

ଆପଣ ହୁଏତ ଆଶା କରୁଥିବେ, ଏ ଜଗତରେ ଖ୍ରୀଷ୍ଟିୟ କାର୍ଯ୍ୟକାରୀ ଋଣ ପରିଶୋଧ ଦିଗରେ ସମସ୍ତଙ୍କ ଅପେକ୍ଷା ଅଧିକ ସାଧୁ ଓ ବିଶ୍ୱସ୍ତ ଅଟନ୍ତି । ମାତ୍ର ଦୁଃଖର ବିଷୟ ଏହା ଠିକ୍ ନୁହେଁ । ଅନେକ ବ୍ୟବସାୟୀ ପ୍ରଭୁଙ୍କ ଦାସମାନଙ୍କ ଦ୍ୱାରା ପ୍ରତାରିତ ହୋଇଥିବା ଯୋଗୁଁ ସେମାନଙ୍କୁ ଅର୍ଥ ଋଣ ଦେବା ପାଇଁ ବା ଧାର ଦେବା ପାଇଁ ମନା କରନ୍ତି । ପ୍ରଭୁଙ୍କ ନାମ ପ୍ରତି ଅଗୌରବ ଆଣିବା ଖ୍ରୀଷ୍ଟିୟ ନେତା ପକ୍ଷରେ କେତେ ଦୁଃଖର ବିଷୟ ।

ଏ ବିଷୟରେ ପାଉଲଙ୍କର ନିର୍ଦ୍ଦେଶ ସୁସ୍ପଷ୍ଟ ଅଟେ ; ପ୍ରେମ ବିନୁ ଆଉ କାହିଁରେ କାହାଠାରେ ଋଣୀ ହୁଅ ନାହିଁ – ରୋମୀୟ ୧୩:୧୮

ନିଜର ବ୍ୟକ୍ତିଗତ ଅର୍ଥ ପୁଣି ମଣ୍ଡଳୀର ଅର୍ଥ ବ୍ୟବହାର କରିବା ବେଳେ ନେତା ସମ୍ପୂର୍ଣ୍ଣ ସାଧୁ ହେବା ଆବଶ୍ୟକ । ଅର୍ଥ ଦେବା ବିଷୟରେ କଥା ହେଲେ ତାହା ରକ୍ଷା କରିବା ଉଚିତ । ଯଦି ଏହା ନ ହୁଏ, ତେବେ ତାଙ୍କର ସେବା ବିଫଳତାରେ ଶେଷ ହେବ ଏବଂ ପ୍ରଭୁଙ୍କର ନାମ ଅଗୌରବାନ୍ୱିତ ହେବ ।

**ଆଲୋଚନା -** ରୋମୀୟ ୧୨:୧୭ ପାଠ କରନ୍ତୁ । ଆପଣଙ୍କ ମତରେ, ଏହାର ଅର୍ଥ କ'ଣ ? ଆପଣ ଖ୍ରୀଷ୍ଟିୟ ସେବାକାରୀମାନଙ୍କୁ ଜାଣିଛନ୍ତି କି ଯେଉଁମାନେ କି ସେମାନଙ୍କ ଆର୍ଥିକ ମାମଲାରେ ଅସାବଧାନ ଓ ଅବିଶ୍ୱସ୍ତ ଅଟନ୍ତି ? ଖ୍ରୀଷ୍ଟଙ୍କ କାରଣ ଯୋଗୁଁ ହୋଇଥିବା କେଉଁ ଫଳାଫଳ ଏଠାରେ ଦେଖାଯାଇଛି ?

## ପାଠ ୧୪ – ଶୃଙ୍ଖଳିତ ଅଧ୍ୟୟନ

"ଅଧ୍ୟୟନ ପ୍ରତି ଧ୍ୟାନ ଦେବା ପାଇଁ ପ୍ରେରିତ ପାଉଲ ଯୁବ ସେବକ ତୀମଥିଙ୍କୁ ଉତ୍ସାହିତ କରିଥିଲେ । ଯେ କେହି ବାକ୍ୟ ପ୍ରଚାର କରନ୍ତି, ସେ ଅଧ୍ୟୟନ ପାଇଁ ମିଳୁଥିବା ସାହାଯ୍ୟକାରୀ ପୁସ୍ତକାଦି ବ୍ୟବହାର କରି ବାକ୍ୟର ଗଭୀର ଅଂଶକୁ ଯିବା ପ୍ରୟୋଜନ । ଲୋକମାନେ ଯେତେ ଥର ଆପଣଙ୍କ ପାଖରୁ ବାକ୍ୟ ଶୁଣିବେ, ସେତେ ଥର ଅତି କମ୍‌ରେ କିଛି ନୂତନ ବିଷୟ ଶିଖି ପାରିବେ । ବ୍ୟାଖ୍ୟା ପୁସ୍ତକ ଓ ଅଧ୍ୟୟନ ବାଇବଲ ବ୍ୟବହାର କରିବା ସଙ୍ଗେ ସଙ୍ଗେ ସବୁ ଯୁଗର ଓ ସବୁ ସମୟର ଈଶ୍ୱରଙ୍କ ଲୋକମାନଙ୍କ ଲେଖା ବ୍ୟବହାର କରିବା ଉଚିତ ।" ଅଧିକ ଅଧ୍ୟୟନ ଏକ ସମ୍ପୂର୍ଣ୍ଣ ମନୁଷ୍ୟ ତିଆରି କରେ ।"

**ଆଲୋଚନା -** ଈଶ୍ୱରଙ୍କ ବାକ୍ୟରେ ଆପଣଙ୍କୁ ଶକ୍ତିଯୁକ୍ତ କରିଥିବା କେଉଁ ବିଷୟଟି ଆପଣ ଅଧୁନା ପାଠ କରିଛନ୍ତି ? କିଛି ପ୍ରସଙ୍ଗକୁ ପୁନଃଗଣନା କରନ୍ତୁ ।

## ପାଠ ୧୫ - ନିଜ ଶରୀରକୁ କାର୍ଯ୍ୟକ୍ଷମ କରି ରଖିବା

ଶରୀର ଈଶ୍ୱରଙ୍କ ଆତ୍ମାଙ୍କ ମନ୍ଦିର, ତେଣୁ ଏହାର ଉପଯୁକ୍ତ ଯତ୍ନ ନେବା ଉଚିତ (୧କରିନ୍ଥୀୟ ୩:୧୬) । ସୁଷମ ଖାଦ୍ୟ ଖାଆନ୍ତୁ ଓ ଅତ୍ୟଧିକ ମାତ୍ରାରେ ଭୋଜନ କରନ୍ତୁ ନାହିଁ । ଶୀଘ୍ର ବିଛଣାକୁ ଯାଆନ୍ତୁ ଓ ଶୀଘ୍ର ବିଛଣାରୁ ଉଠନ୍ତୁ । ପ୍ରତ୍ୟେକ ଦିନ କିଛି ବ୍ୟାୟାମ କରନ୍ତୁ ।

ଉତ୍ତମ ସ୍ୱାସ୍ଥ୍ୟ ପ୍ରଭୁଙ୍କ କାର୍ଯ୍ୟ ଅଧିକ ବର୍ଷ କରିବା ପାଇଁ ଆପଣଙ୍କୁ ସାହାଯ୍ୟ କରିବ । ସରଳ ଜୀବନଯାପନ ଓ ଉଚ୍ଚ ଚିନ୍ତାଧାରା ଆମର ଲକ୍ଷ୍ୟ ହେବା ଉଚିତ ।

**ଆଲୋଚନା -** ଶାରୀରିକ ସବଳତା ଆଣୁଥିବା କିଛି ଶାରୀରିକ ବ୍ୟାୟାମ ପ୍ରଦର୍ଶନ କରନ୍ତୁ। ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଥିବା ଅନ୍ୟ କାରକ ଗୁଡ଼ିକ ବିଷୟରେ ଆଲୋଚନା କରନ୍ତୁ।

## ପାଠ ୧୬ - ଆଳସ୍ୟ

ପାଉଲ ତାଙ୍କ ଲେଖାର କାରଣ ଦର୍ଶାଇଥିଲେ, "ତୁମେ ଯେ ଶିଥିଳ ହୁଅ ଏହା ଆମେ ଚାହୁଁନା।" ଖ୍ରୀଷ୍ଟିୟ କାର୍ଯ୍ୟକାରୀ ବିଶ୍ୱସ୍ତ ଭାବେ କେତେ ଘଣ୍ଟା ପରିଶ୍ରମ କରୁଅଛନ୍ତି, ତାହା ତଦାରଖ କରିବା ପାଇଁ କେହି ପରିଦର୍ଶକ ନାହାନ୍ତି । ସେ ପୁଲ୍‌ପିଟ୍‌ରୁ ଗୋଟିଏ ସମ୍ବାଦ ବାରମ୍ବାର ପୁନରାବୃତ୍ତି କରିଥାଆନ୍ତି । ସେ ଅଳ୍ପ ସମୟ ପ୍ରାର୍ଥନାରେ କଟାଇଥିବାରୁ ତାଙ୍କ ପ୍ରଚାରରେ କୌଣସି ଶକ୍ତି ନ ଥାଏ । ସେ ଅଳ୍ପ ସମୟ ପରିଦର୍ଶନ ଓ ପରାମର୍ଶ ଦେବାରେ କଟାଉଥିବାରୁ ତାଙ୍କ ପ୍ରଚାରରେ କୌଣସି ଶକ୍ତି ନ ଥାଏ । ସେ ଅଳ୍ପ ସମୟ ପରିଦର୍ଶନ ଓ ପରାମର୍ଶ ଦେବାରେ କଟାଉଥିବାରୁ ଲୋକେ ଭାବନ୍ତି ଯେ ତାଙ୍କର କେହି ପାଳକ ନାହାନ୍ତି।

ଶସ୍ୟ ଅମଳ କରିବାର ସମୟ ଅଛି, ଓ "ଶସ୍ୟ ଅମଳ ସମୟରେ ଯେ ନିଦ୍ରିତ ଥାଏ, ସେହି ପୁତ୍ର ଲଜ୍ଜାଜନକ" (ହିତୋପଦେଶ ୧୦:୫) । ଏବେ ତୁମ୍ଭମାନଙ୍କ ନିଦ୍ରାରୁ ଜାଗ୍ରତ ହେବାର ସମୟ ସନ୍ନିକଟ (ରୋମୀୟ ୧୩:୧୧) । ଆପଣ ଖ୍ରୀଷ୍ଟଙ୍କର ଦାସ, ଏକ ମହାନ୍ ଆହ୍ୱାନର ଅଂଶୀ ଓ ଏକ ଗୌରବମୟ କାର୍ଯ୍ୟର ଦାୟିତ୍ୱ ଆପଣଙ୍କ ଉପରେ ନ୍ୟସ୍ତ ଅଛି । ପ୍ରାତଃ କାଳରେ ସଅଳ ଉଠନ୍ତୁ, ଏକ ଶୃଙ୍ଖଳିତ ନିୟମରେ ସେବା ଓ ଉପାସନା କରନ୍ତୁ । ତେବେ ପ୍ରତ୍ୟେକ ଘଣ୍ଟା ଲାଭପ୍ରଦ ହୋଇପାରିବ । "ହେ ନିଦ୍ରିତ, ଜାଗ!"

**ଆଲୋଚନା -** ଜଣେ ପ୍ରଚାରକ ସହଜରେ ଅଳସୁଆ ହେବା ନିମନ୍ତେ କେଉଁ ଅବସ୍ଥାଗୁଡ଼ିକ ଦାୟୀ ଅଟନ୍ତି ? ଆପଣ ଅଳସୁଆ ପ୍ରଚାରକଗଣଙ୍କୁ ଜାଣିଛନ୍ତି କି ? ସେମାନଙ୍କୁ ସେମାନଙ୍କ ଲୋକମାନେ ସମ୍ମାନ ଦିଅନ୍ତି କି ?

## ପାଠ ୧୭ - ପ୍ରଶଂସା

ଆପଣ କ'ଣ ଏକ ଆତ୍ମିକ ତମସାଚ୍ଛନ୍ନ ସମୟ ମଧ୍ୟ ଦେଇ ଗତି କରୁଛନ୍ତି ? ଆପଣ କ'ଣ ଏକ ପ୍ରବଳ ଅନୁଭୂତି ଯୋଗୁଁ ପରିଶ୍ରାନ୍ତ ହୋଇଯାଇଛନ୍ତି କି ? ଆପଣ କ'ଣ କୌଣସି ବୋଝରେ ଚିନ୍ତାଗ୍ରସ୍ତ ?
ଅନ୍ଧକାରର ସୁଡଙ୍ଗ ଓ ଆତ୍ମିକ ବିଫଳତା ଉପରେ ଜୟୀ ହେବାର ଗୁପ୍ତ ଚାବିକାଠି ହେଲା ପ୍ରଶଂସା । ପ୍ରଶଂସା ହିଁ ଆପଣଙ୍କ ଔଷଧ । ଏହା ଆପଣଙ୍କ ଆତ୍ମା, ପ୍ରାଣ ଓ ଶରୀରରେ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରିବ (ହିତୋପଦେଶ ୧୫:୧୩; ୧୭:୨୨) । ପ୍ରଶଂସା

କରନ୍ତୁ ! ଆପଣଙ୍କ ପରିସ୍ଥିତି ପାଇଁ ଈଶ୍ୱରଙ୍କୁ କି ଅନ୍ୟମାନଙ୍କୁ ନିନ୍ଦା କରିବାରେ ଆପଣଙ୍କ ସମୟ କି ଶକ୍ତି ଅପଚୟ କରନ୍ତୁ ନାହିଁ । ସମସ୍ତ ପ୍ରକାର ବାତାବରଣ ଓ ଅବସ୍ଥାରୁ ଚକ୍ଷୁ ଫେରାଇ ଆଣି ପ୍ରଭୁଙ୍କ ଉପରେ ପକାନ୍ତୁ । ଆପଣଙ୍କ ସମାସ୍ୟାକୁ ପ୍ରଶଂସାରେ ପରିଣତ କରିବାର ସୁଯୋଗ ଆପଣଙ୍କ ପାଖରେ ଅଛି, ଏହା ଦ୍ୱାରା ଆପଣ ଜଗତକୁ ଜଣାଇପାରିବେ ଯେ ଅନ୍ଧକାର ମୁହୂର୍ତ୍ତରେ ମଧ୍ୟ ପ୍ରଶଂସାଯୋଗ୍ୟ ଜଣେ ଅଛନ୍ତି ।
ଆପଣ ଯେତେବେଳେ ପ୍ରାର୍ଥନା କରିବାକୁ ଆଣ୍ଠୁକାନ୍ତି, ସେତେବେଳେ ପ୍ରାର୍ଥନା ଅନୁରୋଧ ଭୁଲିଯାଇ ଗୀତସଂହିତା ୧୦୩ ଭଳି ଦାଉଦଙ୍କ ଯେକୌଣସି ପ୍ରଶଂସା ଗୀତ ପାଠ କରନ୍ତୁ ଓ ଉପାସନା ମାଧ୍ୟମରେ ତାହାଙ୍କର ପ୍ରଶଂସା କରିବାରେ ମନୋନିବେଶ କରନ୍ତୁ । ପୁନଶ୍ଚ କହୁଅଛି, ଆନନ୍ଦ କର ।

**ଆଲୋଚନା** - ୨ ବଂଶାବଳୀ ୨୦:୨୨ ପାଠ କରନ୍ତୁ ଏବଂ ପ୍ରଶଂସାର କେଉଁ ଫଳାଫଳଗୁଡ଼ିକ ଅଛି ତାହା ଲକ୍ଷ୍ୟ କରନ୍ତୁ। ଗୀତସଂହିତାକୁ ସ୍କାନ୍ କରନ୍ତୁ ଏବଂ ଈଶ୍ୱରଙ୍କୁ ଧନ୍ୟବାଦ ଦେବା ନିମନ୍ତେ ଥିବା କାରଣଗୁଡ଼ିକୁ ଲକ୍ଷ୍ୟ କରନ୍ତୁ।

## ପାଠ ୧୮ – ଯେତେବେଳେ ପ୍ରଲୋଭନ ଆସେ

ଈଶ୍ୱରଙ୍କ ଦାସଙ୍କ ନିମନ୍ତେ ପ୍ରଲୋଭନ ଆସିବ । ତେଣୁ ନିଜକୁ ସୁରକ୍ଷା କରିବାର ଇଚ୍ଛା ତାଙ୍କ ଉପରେ ନିର୍ଭର କରେ । ପାପ କରିବା ପାଇଁ ଆପଣଙ୍କ ମଧ୍ୟରେ ଯେତେବେଳେ ଏକ ପାଦ ଆଗେଇବାର ଇଚ୍ଛା ଜାତ ହେବ, ସେତେବେଳେ ପବିତ୍ରଆତ୍ମା ଆପଣଙ୍କୁ ନିମ୍ନୋକ୍ତ ବିଷୟଗୁଡିକ ସ୍ମରଣ କରାଇ ପଛକୁ ହଟାଇ ଦିଅନ୍ତି :

୧. ଈଶ୍ୱରଙ୍କ ବିଷୟରେ ଚିନ୍ତା କରନ୍ତୁ - ଆଦି ୩୯:୯ ; ୧ଶାମୁୟେଲ ୨:୨୨-୨୫ ; ଯାକୁବ ୪:୪
୨. ନିଜ ବିଷୟରେ ଚିନ୍ତା କରନ୍ତୁ – ୧କରିନ୍ଥୀୟ ୬:୧୮ ; ହିତୋପଦେଶ ୬:୩୨
୩. ଆପଣଙ୍କ ସ୍ତ୍ରୀଙ୍କ ବିଷୟରେ ଚିନ୍ତା କରନ୍ତୁ – ମଲାଖି ୨:୧୪-୧୬
୪. ଯାହା ସହିତ ପାପ କରିବା ପାଇଁ ପ୍ରଲୋଭିତ ହେଉଛନ୍ତି, ତାଙ୍କ ବିଷୟରେ ଚିନ୍ତା କରନ୍ତୁ (ମାଥିଉ ୧୮:୬)
୫. ସନ୍ତାନମାନଙ୍କ ବିଷୟରେ ଚିନ୍ତା କରନ୍ତୁ – ଗଣନା ୧୪:୩୩
୬. ପରିବାର ବିଷୟରେ ଚିନ୍ତା କରନ୍ତୁ - ଆଦି ୧୨:୧୭ ; ୨୦:୧୮
୭. ଲଜ୍ଜା ଓ ଅନୁଶୋଚନା ବିଷୟରେ ଚିନ୍ତା କରନ୍ତୁ – ହିତୋପଦେଶ ୫:୧୧-୧୪ ; ୬:୩୨-୩୩

୮. ମଣ୍ଡଳୀ ବିଷୟରେ ଚିନ୍ତା କରନ୍ତୁ - ୧କରିନ୍ଥୀୟ ୫:୧-୬, ୧ଶାମୁୟେଲ ୨:୨୪
୯. ଅଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ଚିନ୍ତା କରନ୍ତୁ – ରୋମୀୟ ୨:୨୨, ୨୪
୧୦. ସୁସମାଚାରର ଶତ୍ରୁମାନଙ୍କ ବିଷୟରେ ଚିନ୍ତା କରନ୍ତୁ - ୨ଶାମୁୟେଲ ୧୨:୧୩-୧୪
୧୧. ଆପଣଙ୍କ ସେବା ବିଷୟରେ ଚିନ୍ତା କରନ୍ତୁ – ବିଚାରକର୍ତ୍ତା ୧୬:୧୯, ୨୦; ୧କରିନ୍ଥୀୟ ୯:୩୭
୧୨. ଈଶ୍ୱରଙ୍କ ବିଚାର ବିଷୟରେ ଚିନ୍ତା କରନ୍ତୁ - ଏବ୍ରୀ ୧୩:୪; ଯିହିଜିକଲ ୧୬:୩୮
୧୩. ଅନନ୍ତକାଳର ବିଷୟରେ ଚିନ୍ତା କରନ୍ତୁ – ଗାଲାତୀୟ ୫:୧୯-୨୧
୧୪. ଶେଷରେ ଆପଣ ବିଜୟୀ ହେଲେ ଭବିଷ୍ୟଦରେ ଯେଉଁ ଗୌରବର ଅଧିକାରୀ ହେବେ, ତାହା ଚିନ୍ତା କରନ୍ତୁ - ପ୍ରକାଶିତ ୧୪:୪

**ଆଲୋଚନା** - ଉପରେ ଦିଆଯାଇଥିବା କେଉଁ କାରଣଗୁଡ଼ିକୁ ଆପଣ ଗୁରୁତ୍ୱପୂର୍ଣ୍ଣ ଭାବନ୍ତି ? କାହିଁକି ?

## ପାଠ ୧୯ - ଅନୁସରଣକାରୀ

ଯେଉଁ ବ୍ୟକ୍ତି ପୁଲ୍‌ପିଟ୍‌ରେ ଛିଡା ହୁଅନ୍ତି, ଲୋକେ ତାଙ୍କର ଉତ୍ତମ ଓ ମନ୍ଦ ଗୁଣ ଉଭୟର ଅନୁକରଣ କରିଥାନ୍ତି । ଆପଣ ଏହାକୁ ପସନ୍ଦ କରି ପାରନ୍ତି ବା ନ ପାରନ୍ତି । ପାଉଲ ଏଫିସୀୟ ୫:୧ରେ କୁହନ୍ତି, "ଈଶ୍ୱରଙ୍କର ଅନୁକାରୀ ହୁଅ ।" ଯଦି ଏହି ପରାମର୍ଶର ଅନୁକରଣ କରାଯାଏ, ତେବେ ସ୍ଖଳନର କୌଣସି ଭୟ ନ ଥାଏ । ମାତ୍ର ମରଣଶୀଳ ମନୁଷ୍ୟ ଏକ ନେତାଙ୍କୁ ଅନୁକରଣ କରିବାକୁ ଚାହେଁ । ଜଣେ ଆତ୍ମିକ ନେତା ତାଙ୍କର ଭଲ ପାଇଁ ଯେଉଁ ଦୃଷ୍ଟାନ୍ତ ରଖିଯାଆନ୍ତି, ସେଥିପାଇଁ ସେ ଦାୟୀ ଅଟନ୍ତି ।

ଈଶ୍ୱରଙ୍କ ସହ ତାଙ୍କର ଗମନାଗମନ ବିଷୟରେ ସେ ଯଦି ସାବଧାନ ହୁଅନ୍ତି, ତେବେ ଅନ୍ୟମାନେ ଧାର୍ମିକତାର ପଥ ଅନୁକରଣ କରିବେ । ମାତ୍ର ସେ ଯଦି ପାପକୁ ହାଲୁକାଭାବେ ନିଅନ୍ତି ଓ ଖ୍ରୀଷ୍ଟିୟ ମାନଦଣ୍ଡରେ ଯଦି ସାମାନ୍ୟଭାବେ ମିଳାମିଶା ଜୀବନଯାପନ କରନ୍ତି, ତେବେ ସେମାନେ ଆହୁରି ଗଭୀର ଭାବେ ପାପରେ ପ୍ରବେଶ କରିବେ । ଯଦି ସେ ହଜିଯାଇଥିବା ଆତ୍ମାଗୁଡିକୁ ଖୋଜି ସେମାନଙ୍କୁ ଜିଣି ପାରନ୍ତି, ତେବେ ଆତ୍ମା ଲାଭ ପ୍ରଶିକ୍ଷଣ ପାଇଁ କେତେବେଳେ ସ୍ୱେଚ୍ଛାରେ ବାହାରି ଆସିବେ । ମାତ୍ର ଯଦି ହଜିଯାଇଥିବା ଆତ୍ମା ପାଇଁ କୌଣସି ଆଗ୍ରହ ପ୍ରକାଶ ନ କରନ୍ତି, ତେବେ ତାଙ୍କର ଲୋକେ ମଧ୍ୟ କେବଳ

ରବିବାର ଦିନ ଖ୍ରୀଷ୍ଟିୟାନ ହେବେ, ବାକ୍ୟ କେବଳ ଶୁଣିବେ, ମାତ୍ର ଏହାର କାର୍ଯ୍ୟକାରୀ ହୋଇପାରିବେ ନାହିଁ । ଯଦି ସେ ଦାନଶୀଳ ହୋଇଥାଆନ୍ତି, ତେବେ କୃପଣ ଖ୍ରୀଷ୍ଟିୟାନମାନେ ପ୍ରଭୁଙ୍କୁ ଦାନ ଦେବାରେ ଆନନ୍ଦ ଅନୁଭବ କରିବେ ।

ପାଉଲ ଥେସଲନିକୀୟ ମଣ୍ଡଳୀର ସଭ୍ୟସଭ୍ୟାମାନଙ୍କୁ କହିଲେ "ତୁମ୍ଭେମାନେ ଆମ୍ଭମାନଙ୍କ ଓ ପ୍ରଭୁଙ୍କ ଅନୁକାରୀ ହୁଅ" (୧କରିନ୍ଥୀୟ ୪:୧୬) ।

**ଆଲୋଚନା -** ଆପଣଙ୍କ ଉଦାହରଣ (ଜୀବନ) କି ପ୍ରକାର ଖ୍ରୀଷ୍ଟିୟାନ ତିଆରି କରିବ ?

## ପାଠ ୨୦ – ବିଜୟ ସୁନିଶ୍ଚିତ

ଅନେକ ପ୍ରଭୁଙ୍କର କାର୍ଯ୍ୟକାରୀ ନିଜକୁ ଅନ୍ୟ ତୁଳନାରେ ନୀଚ ଦୃଷ୍ଟିରେ ଦେଖନ୍ତି । ଏହି ଭୟ ମନୋଭାବ ହୃଦୟ ମଧ୍ୟରୁ ଜାତ ହୁଏ । ଏହା ଫଳରେ ସେମାନେ ପ୍ରଭୁଙ୍କ ପାଇଁ କିଛି କାମ ନ କରି ଶିଥିଳ ହୋଇ ବସି ରୁହନ୍ତି । ସେମାନେ ଯେ ଈଶ୍ୱରଙ୍କ ସେବକ ସେ ପରିଚୟ ଦେବାକୁ ଭୟ କରନ୍ତି । ମାତ୍ର ଈଶ୍ୱର ସେମାନଙ୍କୁ "ସର୍ବୋପରିସ୍ଥ ପରମେଶ୍ୱରଙ୍କ ଦାସ" ବୋଲି ଗଣନା କରନ୍ତି । ଈଶ୍ୱରଙ୍କୁ ସେବା କରିବାରେ ପାଉଲଙ୍କର ଏହି ମନୋଭାବ ଥିଲା (୧ତୀମଥି ୧:୧୧, ୧୨) ।

ଈଶ୍ୱର ଆମକୁ ଶକ୍ତିର ଆତ୍ମା ଦେଇଅଛନ୍ତି । ଗ୍ରୀକ୍‌ରେ ଶକ୍ତି ହେଉଛି 'ଡିନାମାଇଟ୍' (ପ୍ରେରିତ ୧:୮) । ଏହି ସ୍ୱର୍ଗୀୟ ଶକ୍ତି ବିରୁଦ୍ଧରେ କୌଣସି ଶକ୍ତି ଛିଡା ହୋଇପାରିବ ନାହିଁ।

ଈଶ୍ୱର ଆପଣଙ୍କୁ ଯେଉଁ ଶକ୍ତି ଦେଇଅଛନ୍ତି, ତାହାକୁ ନୀଚ ଦୃଷ୍ଟିରେ ଦେଖନ୍ତୁ ନାହିଁ, ହେୟ ଜ୍ଞାନ କରନ୍ତୁ ନାହିଁ । ଅସମ୍ଭବ ବିଷୟକୁ ହାସଲ କରିବା ପାଇଁ ଆଗେଇ ଯାଆନ୍ତୁ । ସାମ୍ନାବ୍ୟ ପ୍ରତ୍ୟେକ ସ୍ଥାନକୁ ଯାଆନ୍ତୁ । ଆପଣ ଯେ ଧନୀ, ଉଚ୍ଚ ଶିକ୍ଷିତ ଲୋକମାନଙ୍କ ନିକଟରେ ପ୍ରଚାର ପହଞ୍ଚାଇ ପାରିବେ ନାହିଁ, ଏହା ଭାବନ୍ତୁ ନାହିଁ।

'ସାନ' ପାଉଲ ଈଶ୍ୱରଙ୍କ ଶକ୍ତିରେ ଭରସା ରଖିଥିବାରୁ ମହାନ୍ କାର୍ଯ୍ୟ କରିପାରିଥିଲେ । ସେହି ଶକ୍ତି ଗ୍ରହଣ କରି କାର୍ଯ୍ୟରେ ଅଗ୍ରସର ହୁଅନ୍ତୁ । ଈଶ୍ୱର ଆପଣଙ୍କ ମଧ୍ୟ ଦେଇ ଯେପରି ତାହାଙ୍କର ମହାନ୍ ଶକ୍ତି ପ୍ରକାଶ କରି ପାରନ୍ତି, ସେଥିପାଇଁ ତାହାଙ୍କୁ ସୁଯୋଗ ଦିଅନ୍ତୁ ।

**ଈଶ୍ୱର ଆପଣଙ୍କୁ ଚାହାନ୍ତି ।**

# 1 ଆନୁଷ୍ଠାନିକ ସମ୍ପର୍କ

ପ୍ରତ୍ୟେକ ଅନୁଷ୍ଠାନର ନିଜସ୍ୱ ବୈଶିଷ୍ଟ୍ୟ ସକଳ ରହିଛି, ପୁଣି ପ୍ରତି ମଣ୍ଡଳୀ ନିମନ୍ତେ ଏହା ଏକ ପାଠ୍ୟକ୍ରମ ଅଟେ । ଏହି ମୁଦ୍ରିତ ପୁସ୍ତକର ପ୍ରତ୍ୟେକ ବିଷୟ ନିମନ୍ତେ ସମ୍ପୂର୍ଣ୍ଣ ବ୍ୟାଖ୍ୟା ଦେବା ସମ୍ଭବ ନୁହେଁ । ଶିକ୍ଷକମାନେ ପ୍ରତ୍ୟେକ ପାଠର ଇତିହାସ ଉପସ୍ଥାପନା କରିବେ ଏବଂ ନିଜ ଦଳର ଭିନ୍ନତାଗୁଡ଼ିକୁ ନିମ୍ନଲିଖିତ ନିର୍ଦ୍ଦେଶାବଳୀ ବ୍ୟବହାର କରିବା ନିମନ୍ତେ ସକ୍ଷମ ହୋଇପାରିବେ ।

ପ୍ରତ୍ୟେକ ପାଠ୍ୟକ୍ରମ ଶେଷରେ, ନୂତନ ଶିକ୍ଷାଦାତା ଆପଣା ସେବାକ୍ଷେତ୍ର ସଂପର୍କିତ ବିଷୟଗୁଡ଼ିକରେ ସୁଶିକ୍ଷିତ ହୋଇଥିବା ଆବଶ୍ୟକ ଏବଂ ଜଣେ ଲେ' ପ୍ରଚାରକ ଭାବରେ ଆପଣାର କାର୍ଯ୍ୟ ଆରମ୍ଭ କରିବା ବିଷୟରେ ଅସୁବିଧା ଅନୁଭବ କରୁନଥିବେ ।

**ଆନୁଷ୍ଠାନିକ ସମ୍ପର୍କ**

ଅଧ୍ୟାୟ ୧ : ଅନୁଷ୍ଠାନ ରକ୍ଷଣାବେକ୍ଷଣର ଇତିହାସ : ଅନ୍ୟ ଅନୁଷ୍ଠାନଗୁଡ଼ିକରୁ ଏହାର ମୂଳ ; ଏହାର ପ୍ରତିଷ୍ଠାତା ଏବଂ ଆଦ୍ୟ ନେତାଗଣ; ଏହାର ଗଠନର କାରଣ ସକଳ ।

ଅଧ୍ୟାୟ ୨ : ଆପଣଙ୍କ ମହାଦେଶ/ଦେଶରେ ଅନୁଷ୍ଠାନର ଇତିହାସ; ଏହାର କାର୍ଯ୍ୟ ପରିସରରେ ଥିବା ଦେଶ / ରାଜ୍ୟଗଣ ; ପ୍ରତି ଦେଶ/ ରାଜ୍ୟରେ ଥିବା ମଣ୍ଡଳୀର ଆକାର; ଏହି ସମସ୍ତ ଅନ୍ୟ ମଣ୍ଡଳୀଗୁଡ଼ିକରେ ଥିବା ନେତାଗଣ ।

ଅଧ୍ୟାୟ ୩,୪,୫ : ଧର୍ମତତ୍ତ୍ୱଗତ ଭିନ୍ନତା; ସେମାନେ ଅନ୍ୟ ଅନୁଷ୍ଠାନଗୁଡ଼ିକ ଠାରୁ କିପରି ଭିନ୍ନ ଅଟନ୍ତି; ସ୍ୱତନ୍ତ୍ର ପ୍ରାଧାନ୍ୟତା ଓ ସେବାକାର୍ଯ୍ୟଗୁଡ଼ିକ; ସେମାନଙ୍କର ଭିନ୍ନତା ନିମନ୍ତେ ଶାସ୍ତ୍ରଗତ ଆଧାର ସକଳ ।

ଅଧ୍ୟାୟ ୬ : ଅନୁଷ୍ଠାନର ଜାତୀୟ ସଂସ୍ଥା; ଏହାର ମୁଖ୍ୟ କାର୍ଯ୍ୟାଳୟ ଏବଂ ଅଫିସର ଗଣ; ଅଫିସରଗଣଙ୍କ ସେବାକାର୍ଯ୍ୟର ସମୟ ସୀମା ଏବଂ ସେମାନଙ୍କର ମନୋନୟନ ପଦ୍ଧତି ।

ଅଧ୍ୟାୟ ୭ : ଅନୁଷ୍ଠାନର ସ୍କୁଲ୍ ଏବଂ ହସ୍‌ପିଟାଲ୍ ଗୁଡ଼ିକ ; ଏଗୁଡ଼ିକରେ ଥିବା ବିଭାଗଗୁଡ଼ିକର ମୁଖ୍ୟମାନେ ; ଏହାର ବାର୍ଷିକ ସମ୍ମିଳନୀଗୁଡ଼ିକ ଏବଂ ଅନ୍ୟ ଜାତୀୟ ସଭାଗୁଡ଼ିକ ।

ଅଧ୍ୟାୟ ୮ : ଏହାର ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟ ଏବଂ ଅଫିସରଗଣ ; ଜିଲ୍ଲା ସ୍ତରୀୟ ସଭା ଏବଂ କ୍ୟାଲେଣ୍ଡର ।

ଅଧ୍ୟାୟ ୯ : ଏହାର ସ୍ଥାନୀୟ ଶିକ୍ଷା ଓ ଚିକିତ୍ସା ସୁବିଧା ସକଳ । ଜିଲ୍ଲାରେ ଥିବା ଗ୍ରାମଗୁଡ଼ିକର ସଂଖ୍ୟା ଏବଂ ପାଳକ କିମ୍ବା ଶିକ୍ଷାଦାତା ଥିବା ଗ୍ରାମ ସଂଖ୍ୟା ।

ଅଧ୍ୟାୟ ୧୦ : ଭବିଷ୍ୟତ ଶିକ୍ଷାଦାତାମାନଙ୍କ ନିମନ୍ତେ ଅନୁଷ୍ଠାନର ତାଲିମ ସ୍କୁଲ୍ ଗୁଡ଼ିକ ।

ଅଧ୍ୟାୟ ୧୧ : ନୂତନ ଶିକ୍ଷାଦାତାଙ୍କ ଅନୁଷ୍ଠାନ ପ୍ରତି ତାଙ୍କ (catechist ଙ୍କ) ଦାୟିତ୍ୱ ସକଳ ; ଆଶା କରାଯାଉଥିବା ସେବା ସକଳ ।

ଅଧ୍ୟାୟ ୧୨ : ଅନୁଷ୍ଠାନର ସମବେତ ଉପାସନା ସମ୍ବନ୍ଧୀୟ ସହାୟକ ବ୍ୟବହାର କରି ବାପ୍ତିସ୍ମ ନିମନ୍ତେ ନୂତନ ବିଶ୍ୱାସୀଙ୍କର ପ୍ରସ୍ତୁତି ।

ଅଧ୍ୟାୟ ୧୩ : ସଭ୍ୟମାନେ ପାପରେ ପତିତ ହେଲେ ଶିକ୍ଷାଦାତା କ'ଣ କରିବା ଉଚିତ ; ଏହି ସମସ୍ୟାର ପ୍ରତିକାର ନିମନ୍ତେ ଅନୁଷ୍ଠାନର କାର୍ଯ୍ୟ ପ୍ରଣାଳୀ ।

ଅଧ୍ୟାୟ ୧୪ : ଶିକ୍ଷାଦାତା କ'ଣ କରିବା ଉଚିତ ଯଦି ସେ ଗୁଣିବିଦ୍ୟା ଅଭ୍ୟାସ କରୁଥିବା ଲୋକ କିମ୍ବା ଆଦିବାସୀ ନେତାଙ୍କ ଦ୍ୱାରା ପ୍ରତିରୋଧିତ ହୁଅନ୍ତି ।

ଅଧ୍ୟାୟ ୧୫ : ବିବାହ ସକଳ କିପରି ପ୍ରସ୍ତୁତି କରାଯାଏ ।

ଅଧ୍ୟାୟ ୧୬ : ମଣ୍ଡଳୀ ଦାନ ନେବା ଓ ଏପରି ଅର୍ଥର ପରିଚାଳନା କରିବା ।

ଅଧ୍ୟାୟ ୧୭ : ଗ୍ରାମଗୁଡ଼ିକରେ ଉପାସନା ଗୃହ ନିର୍ମାଣ କରିବା ।

ଅଧ୍ୟାୟ ୧୮ : ପଡ଼ୋଶୀ ଗ୍ରାମଗୁଡ଼ିକରେ ଉପାସନା କରିବା । ସୁସମାଚାର ଦଳ ।

ଅଧ୍ୟାୟ ୧୯ : ସପ୍ତାହ ବ୍ୟାପୀ ସୁସମାଚାର କାର୍ଯ୍ୟ ଇତ୍ୟାଦି କରିବା ନିମନ୍ତେ ଶିକ୍ଷାଦାତାମାନଙ୍କର ଜିଲ୍ଲାବ୍ୟାପୀ ପ୍ରତିବଦଳ (exchange)ରେ ସହଯୋଗ ।

ଅଧ୍ୟାୟ ୨୦ : ଯଦି ମଣ୍ଡଳୀରେ ଏଡ଼ାଇ ଦିଆଯାଇ ପାରୁନଥିବା ଏକ ସମସ୍ୟା ଉପୁଜେ, ପରାମର୍ଶ ଏବଂ ଉପଦେଶ ନିମନ୍ତେ ଶିକ୍ଷାଦାତା କାହା ନିକଟକୁ ଯିବା ଉଚିତ୍ ?

## BIBLIOGRAPHY


- Alban, Doughlas. *100 Bible lessons:* Gospel Literature Service, Bombay, India
- Balchin, John. *Compact Survey of the Bible.* Bethany House Publishers, Minneapolis, MN.
- Evans, William. *The Great Doctrines of the Bibel and How to Prepare Sermons.* Moody Press. Used by permission.
- McGee, J. Vernon. *Books of the Bible and Briefing the Bible.* Through the Bible Books, Pasadena, CA
- Mead, Henrietta. *What the Bible Is All About.* Regal Books, Div. of Gospel Light, P.O. Box 3875, Ventura. CA 93006. Used by permission.
- Stanley, Dr. Liliance, T*he Ideal Woman,* and Stanley, Rev. R., *Preachers and People.* Blessing books, Post Bag 609, Vellore 632 006, India.


*Great appreciation is expressed*
*to the publishers, of these books*
*who graciously permitted their use*
*in this manual of lessons*
*for Portable Schools.*

ଏସିଆ କିମ୍ବା ଆଫ୍ରିକା ମହାଦେଶରେ ଖୋଲାଖୋଲି ଭାବରେ ସୁସମାଚାର ପ୍ରଚାର ଏବଂ ମତଦାନ ବୃହତ୍ ଧରଣରେ ଅତି କ୍ୱଚିତ୍ ଭାବରେ ଦେଖାଯାଉଥିଲା । ମଣ୍ଡଳୀ ଅଭିବୃଦ୍ଧି ପରିସଂଖ୍ୟାନ ଅନୁଯାୟୀ ତାହା ବିଗତ ଅର୍ଦ୍ଧ ଶତାବ୍ଦୀ ମଧ୍ୟରେ ଏତେ ବୃଦ୍ଧି ହୋଇଛି ଯେ, ତାହା ଆଖିଦୃଶ୍ୟା ହୋଇଛି ।

ଏହା ଆନନ୍ଦର କାରଣ ସତ୍ୟ, କିନ୍ତୁ ଏହି ସତ୍ୟ ଅସମ୍ପୂର୍ଣ୍ଣ ହୋଇଥିବା ସୁସମାଚାର କାର୍ଯ୍ୟକୁ ଚାପି ନ ପକାଉ । ଅନେକ ନୂତନ ଭାବରେ ଗଠନ କରାଯାଇଥିବା ବିଶ୍ୱାସୀମାନଙ୍କର ଦଳଗୁଡିକୁ ମେଷପାଳକଙ୍କର ଆଜ୍ଞା ପାଳନ କରି ସେମାନଙ୍କର ସେବାଯତ୍ନ କରି ବିଶ୍ୱାସରେ ବୃଦ୍ଧି କରାଇବା ନିମନ୍ତେ କେହି ଯତ୍ନବାନ୍ ହେଉ ନାହାନ୍ତି, ଯଦ୍ଦ୍ୱାରା ଏପର୍ଯ୍ୟନ୍ତ ଅନେକ ଗ୍ରାମଗୁଡିକରେ ସୁସମାଚାର ପ୍ରଚାରର ଅଭାବ ଦେଖାଯାଉଛି । ମଣ୍ଡଳୀମାନଙ୍କର ପୁଲ୍‌ପିଟ୍ ପ୍ରଚାର ମଧ୍ୟ ଈଶ୍ୱରଙ୍କ ବାକ୍ୟ ଅଧାରିତ ହୋଇପାରୁନାହିଁ । ମଣ୍ଡଳୀଗୁଡିକରେ ମାଣ୍ଡଳୀକ ଜୀବନ ଦେଖାଯାଏ ନାହିଁ ଏବଂ ଅନେକ ମଣ୍ଡଳୀ ପାଳକବିହୀନ ହୋଇ ପଡି ରହିଥିବାର ଦେଖାଯାଉଛି ।

ଏହି ଅଭାବ ପୂରଣ କରିବା ଉଦ୍ଦେଶ୍ୟରେ ପୋର୍ଟେବଲ୍ ସ୍କୁଲ୍‌ମାନଙ୍କ ଦ୍ୱାରା ମହା ଆନ୍ଦୋଳନ ଜାଇରେ ଦେଶରେ ଶୁଭାରମ୍ଭ କରାଯାଇଥିଲା । ଏହି ଯୋଜନା ଅତି ସରଳ ଏବଂ ସହଜ । ଏହି ନୂତନ ଯୋଜନା ଦ୍ୱାରା ଏକ କ୍ଷୁଦ୍ର ମଣ୍ଡଳୀର ସାଧାରଣ ବିଶ୍ୱାସୀମାନଙ୍କ ଦ୍ୱାରା ଛୋଟ ପ୍ରଚାର ଦଳ ଗଠନ କରାଯାଏ ଏବଂ ଏହି ଛୋଟ ପ୍ରଚାରକ ଦଳ ଆଖ ପାଖରେ ସୁସମାଚାର ପହଞ୍ଚିପାରି ନ ଥିବା ଗ୍ରାମଗୁଡିକୁ ଯିବେ ଏବଂ ସୁସମାଚାରରେ ବିଶ୍ୱାସ କରିବା ଲୋକମାନଙ୍କ ମଧ୍ୟରୁ ଜଣକୁ ମନୋନୀତ କରିବେ, ଯେ କି ଆଠ ସପ୍ତାହର ତାଲିମ କେନ୍ଦ୍ରରେ ଯୋଗ ଦେଇପାରିବେ । ଏହି ପୋର୍ଟେବଲ୍ ସ୍କୁଲ୍‌ର ସମସ୍ତ ଛାତ୍ର ସପ୍ତାହର ଶେଷ ଦିନଗୁଡିକରେ ନିଜ ନିଜ ଘରକୁ ଯାଇପାରିବେ ଏବଂ ନିଜ ନିଜର ଆବଶ୍ୟକୀୟ ଖାଦ୍ୟ ସାମଗ୍ରୀ ଆଣିବାକୁ ସକ୍ଷମ ହେବେ । ଏହି ଦୁଇମାସ ଶେଷ ସୁଦ୍ଧା ସମସ୍ତ ଛାତ୍ର ନିଜ ନିଜର ଗାଁ ଉପାସନା ଦଳର ଲେ' ମ୍ୟାନ୍ ଭାବରେ କାର୍ଯ୍ୟ କରିପାରିବେ ।

ଏହି ସ୍କୁଲ୍‌ର ଆରମ୍ଭ ସମୟରୁ ଛଅ ବର୍ଷ ମଧ୍ୟରେ ଜାଇରେ ଦେଶର ଏଗାର ହଜାର ବିଶ୍ୱାସୀ ଏହି ସ୍କୁଲ୍‌ରେ ତାଲିମପ୍ରାପ୍ତ ହୋଇଅଛନ୍ତି ଏବଂ ନିଜ ନିଜର ଗାଁ ମଣ୍ଡଳୀଗୁଡିକରର ତତ୍ତ୍ୱାବଧାନ କରୁଅଛନ୍ତି ।

ଏହି ପୁସ୍ତକ ଯଦିବା ପୋର୍ଟେବଲ୍ ସ୍କୁଲ୍‌ଗୁଡିକ ନିମନ୍ତେ ପ୍ରସ୍ତୁତ କରାଯାଇଛି, ତଥାପି ଏହା ପାରିବାରିକ ଉପାସନା ଏବଂ ରବିବାର ଉପାସନା ପରିଚାଳନା ନିମନ୍ତେ ବ୍ୟବହାର କରାଯାଇପାରିବ ।

**Orissa Follow-Up**

**At/PO- Kuruda, Balasore-756056**

**Tel No. : 06782-256052**